ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃୟାରୀ ୧୯/୨୦୨୨ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 19/2022 ★★★★

୪୮ଶ ଭାଗ ୮୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-




KP
GROUP
Quality Since 1965
कमला पसन्द
ସିଲ୍‌ଭର କୋଟେଡ୍ ଇଲାଇଚି
KAMLA PASAND
Saffron Blended
SILVER COATED ELAICHI
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME (INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at: f YouTube

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃୟାରୀ ୧୯/୨୦୨୨ | Bhubaneswar, Saturday, February 19/2022 | ପୃଷ୍ଠା-୧




**କାଟିଚ୍‌ଙ୍କ ଇସ୍ତଫା**

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦର ସହକାରୀ କୋଚ୍ ପଦବୀରୁ ଇସ୍ତଫା ଦେଇଛନ୍ତି ସାଇମନ କାଟିଚ୍।

୦୬

୦୫

**ସନ୍ନି ଲିଓନଙ୍କ ପ୍ୟାନ୍ କାର୍ଡରେ ଲୋନ୍**

ଅଭିନେତ୍ରୀ ସନ୍ନି ଲିଓନ ଅନ୍‌ଲାଇନ ଠକେଇର ଶିକାର ହୋଇଛନ୍ତି। କେହି ତାଙ୍କ ପ୍ୟାନ୍ କାର୍ଡ ବ୍ୟବହାର କରି ଋଣ ଉଠାଇଥିବା ସେ ଅଭିଯୋଗ କରିଛନ୍ତି।





ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରକୁ ଦର୍ଶନ ପାଇଁ ଆସିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ.ପାଣ୍ଡିଆନ୍।

# ୩୮ ଜଣଙ୍କୁ ମୃତ୍ୟୁ ଦଣ୍ଡାଦେଶ

**୨୦୦୮ ଅହମଦାବାଦ ସିରିଏଲ୍ ବିସ୍ଫୋରଣ ମାମଲା**

- **ଭାରତୀୟ ନ୍ୟାୟିକ ଇତିହାସରେ ପ୍ରଥମ**
- **୧୧ଙ୍କୁ ଆଜୀବନ ସଜା**

**ଅହମଦାବାଦ,୧୮।୨**

ଗୁଜରାଟର ଅହମଦାବାଦରେ ୨୦୦୮ରେ ଘଟିଥିବା ସିରିଏଲ୍ ବିସ୍ଫୋରଣ ମାମଲାରେ ଶୁକ୍ରବାର ସ୍ୱତନ୍ତ୍ର ଅଦାଲତ ୩୮ ଅପରାଧୀଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଥିବାବେଳେ ଅନ୍ୟ ୧୧ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇଛି। ୨୦୦୮ ଜୁଲାଇ ୨୬ରେ ଅହମଦାବାଦ ସହରର ବିଭିନ୍ନ ସ୍ଥାନରେ ୭୦ ମିନିଟ ମଧ୍ୟରେ ୨୧ଟି ବିସ୍ଫୋରଣ ଘଟିଥିଲା, ଯେଉଁଥିରେ ୫୬ ଜଣଙ୍କ ମୃତ୍ୟୁ ହେବା ସହ ୨୪୬ ଜଣ ଆହତ ହୋଇଥିଲେ। ଆଇପିସିର ଧାରା ୩୦୨ ଏବଂ ବେଆଇନ କାର୍ଯ୍ୟକଳାପ ନିରାକରଣ ଆଇନ (ୟୁଏପିଏ)ର ଧାରା ୧୦ ଏବଂ ୧୬(୧)(୨) ଅନୁଯାୟୀ ସ୍ୱତନ୍ତ୍ର ବିଚାରପତି ଏ.ଆର୍. ପଟେଲ ଦୋଷୀସାବ୍ୟସ୍ତ ୩୮ ଜଣଙ୍କୁ ମୃତ୍ୟୁଦଣ୍ଡ ପ୍ରଦାନ କରିଛନ୍ତି। ଅନୁରୂପ ଅଭିଯୋଗରେ ଅନ୍ୟ ୧୧ ଜଣଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ଦିଆଯାଇଛି। ଉସ୍‌ମାନ ଅଗରବତିୱାଲାଙ୍କ ବ୍ୟତୀତ ଅନ୍ୟ ସମସ୍ତ ଦୋଷୀଙ୍କୁ ୨.୮୫ ଲକ୍ଷ ଟଙ୍କା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଉସ୍‌ମାନଙ୍କୁ ୨୬ଟି ବିଭିନ୍ନ ଅପରାଧ ପାଇଁ ଆଇପିସି, ୟୁଏପିଏ, ବିସ୍ଫୋରକ ସାମଗ୍ରୀ ଆଇନ, ସରକାରୀ ସମ୍ପତ୍ତି ନଷ୍ଟ ରୋକିବା ଆଇନ ଏବଂ ଅସ୍ତ୍ରଶସ୍ତ୍ର ଆଇନରେ ୨.୮୮ ଲକ୍ଷ ଟଙ୍କା ଜରିମାନା କରାଯାଇଛି।

ସମସ୍ତ ୪୯ ଦୋଷୀଙ୍କୁ ମୃତ୍ୟୁଦଣ୍ଡାଦେଶ ଦେବା ଲାଗି ସରକାରୀ ଓକିଲ ଦାବି କରିଥିଲେ। ଅନ୍ୟପକ୍ଷରେ ଅପରାଧୀଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିକୁ ବିଚାରକୁ ନେଇ ଦଣ୍ଡବିଧାନରେ ସେମାନଙ୍କ ପ୍ରତି କୋହଳ ମନୋଭାବ ପ୍ରଦର୍ଶନ କରିବାକୁ ପ୍ରତିପକ୍ଷ ଓକିଲ ଅଦାଲତଙ୍କୁ ଅନୁରୋଧ କରିଥିଲେ। ଅହମଦାବାଦ, ଜୟପୁର, ଗୟା, ତାଲୋଜା, ବେଙ୍ଗାଲୁରୁ ଏବଂ ଭୋପାଳ ଜେଲ୍‌ରେ ଥିବା ସମସ୍ତ ଅପରାଧୀଙ୍କୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଦଣ୍ଡ ଶୁଣାଇବା ପାଇଁ ଅଦାଲତଙ୍କୁ ୨୪ ମିନିଟ ୨୨ ସେକେଣ୍ଡ ସମୟ ଲାଗିଥିଲା।

ଗତ ୮ ତାରିଖରେ ସ୍ୱତନ୍ତ୍ର ଅଦାଲତ ୪୯ ଅପରାଧୀଙ୍କୁ ଦୋଷୀସାବ୍ୟସ୍ତ କରିଥିବାବେଳେ ଅନ୍ୟ ୨୮ ଜଣଙ୍କୁ ତଥ୍ୟ ପ୍ରମାଣ ଅଭାବରୁ ଦୋଷମୁକ୍ତ କରିଥିଲେ। ସେହିପରି ଗୁରୁତର ଅଭିଯୋଗ ଥିବା ଜଣେ ଅଭିଯୁକ୍ତ ରାଜସାକ୍ଷୀ ହୋଇଥିବାରୁ ତାଙ୍କୁ ଅଦାଲତ କ୍ଷମା କରିଦେଇଛନ୍ତି। ହତ୍ୟା, ହତ୍ୟା ଉଦ୍ୟମ, ଅପରାଧ ଷଡ଼ଯନ୍ତ୍ର, ରାଷ୍ଟ୍ର ବିରୋଧରେ ଯୁଦ୍ଧରେ ସାମିଲ ହେବା ଉଦ୍ୟମ, ଦେଶଦ୍ରୋହ, ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତ ରହିବା, ☞ପୃଷ୍ଠା-୨

## ସହରରୁ ନାଇଟ୍ କର୍ଫ୍ୟୁ ହଟିଲା

**ଭୁବନେଶ୍ୱର,୧୮।୨(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ସହରାଞ୍ଚଳରୁ ନାଇଟ କର୍ଫ୍ୟୁ ହଟାଇ ଦିଆଯାଇଛି। ଏ ନେଇ ଶୁକ୍ରବାର ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ରାଜ୍ୟରେ କରୋନା ସଂକ୍ରମଣ ତୃତୀୟ ଲହର ଦେଖାଦେବା ପରେ ରାଜ୍ୟ ସରକାର ପ୍ରଥମେ ରାତି ୯ଟାରୁ ସକାଳ ୫ଟା ଯାଏ ନାଇଟ କର୍ଫ୍ୟୁ ଜାରି କରିଥିଲେ। ସଂକ୍ରମଣ କିଛିମାତ୍ରାରେ କମିବା ପରେ ଏହାକୁ ୧ ଘଣ୍ଟା କୋହଳ କରାଯାଇ ରାତି ୧୦ଟାରୁ ସକାଳ ☞ପୃଷ୍ଠା-୨


NOW OPEN
green trends
UNISEX HAIR & STYLE SALON
upto 40% off
Plot No.-MIG-10A, K-9A, First Floor, Kalinga Nagar, Near DN Regallia Mall, Patrapada, Bhubaneswar - 751019
Ph: 9078426667


## ଆଜି ପୁରୀ ଆସିବେ ରାଷ୍ଟ୍ରପତି



**ପୁରୀ ଅଫିସ, ୧୮।୨**

ଦୁଇଦିନିଆ ପୁରୀ ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ। ଶନିବାର ରାଷ୍ଟ୍ରପତି ଦିଲ୍ଲୀରୁ ସ୍ୱତନ୍ତ୍ର ବିମାନରେ ଆସି ଅପରାହ୍ନ ୨ଟା ୪୫ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ଏହି ଅବସରରେ ବିମାନବନ୍ଦରରେ ରାଷ୍ଟ୍ରପତି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଗୁରୁଦାୟିତ୍ୱ**

# ନିର୍ବାଚନ ଆସିଲେ ଗୁଜବ ହୁଏ

- **ସମ୍ପୂର୍ଣ୍ଣ ସୁସ୍ଥ ଅଛି: ନବୀନ**
- **କୋଭିଡ୍ ନିୟମ ପାଳନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ**
- **ଏକାମ୍ର ପ୍ରକଳ୍ପ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର,୧୮।୨(ବ୍ୟୁରୋ)**

ପଞ୍ଚାୟତ ନିର୍ବାଚନକୁ ନେଇ ରାଜ୍ୟର ରାଜନୈତିକ ବାତାବରଣ ଉଷ୍ମ ରହିଛି। ଏହା ଭିତରେ କିଛିଦିନ ହେବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅସୁସ୍ଥ ଥିବା ନେଇ ସାମାଜିକ ଗଣମାଧ୍ୟମଠାରୁ ଆରମ୍ଭ କରି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଥିଲା। ତେବେ ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାମ୍ନାକୁ ଆସି ଏଭଳି ଗୁଜବରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।

ମୁଖ୍ୟମନ୍ତ୍ରୀ ଶୁକ୍ରବାର ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ କରିବା ସହ ଏକାମ୍ର ପ୍ରକଳ୍ପର ସମୀକ୍ଷା କରିଥିଲେ। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପ୍ରଶ୍ନ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ହସି ହସି କହିଥିଲେ, 'ଯେବେ ନିର୍ବାଚନ ଆସେ, ମୋ ସ୍ୱାସ୍ଥ୍ୟ ଭଲ ନ ଥିବା ନେଇ ଗୁଜବ କରାଯାଏ'। ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଓ ଭଲ ଅଛି। ଓଡ଼ିଶାବାସୀଙ୍କ ସେବା କରୁଛି। ଆମେମାନେ ମନେରଖିବା ଉଚିତ ଯେ ଏବେ ମଧ୍ୟ କୋଭିଡ୍ ରହିଛି। ଆମକୁ କୋଭିଡ୍ ସତର୍କତା ଅବଲମ୍ବନ କରିବା ସହ ମାସ୍କ ପିନ୍ଧିବା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ହାରିବା ଭୟରେ ବିରୋଧୀମାନେ ଏପରି ଗୁଜବ ପ୍ରଚାର କରୁଛନ୍ତି କି ପ୍ରଶ୍ନର ଜବାବରେ ମୁଖ୍ୟମନ୍ତ୍ରୀ କହିଥିଲେ, ଏବେ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ଅଧିକ କିଛି କହିବା ଉଚିତ ହେବନାହିଁ। କିନ୍ତୁ ଏଭଳି ଗୁଜବ ଯେତେବେଳେ ସୃଷ୍ଟି ହୋଇଛି, ବିଜୁ ଜନତା ଦଳ ନିର୍ବାଚନରେ ଆହୁରି ଭଲ ପ୍ରଦର୍ଶନ କରିଛି।

ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଗତ କିଛିଦିନ ହେବ ସାମାଜିକ ଗଣମାଧ୍ୟମରେ ଗୁଜବ ପ୍ରଚାର କରାଯାଉଥିଲା। ଏହାପୂର୍ବରୁ ଜାନୁୟାରୀ ମାସରେ ମଧ୍ୟ ସମାନ ଗୁଜବ ସୃଷ୍ଟି କରାଯାଇଥିଲା। ୨୦୧୯ ନିର୍ବାଚନ ପୂର୍ବରୁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଗୁଜବ ହୋଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟାୟାମ ଭିଡିଓ ସାମ୍ନାକୁ ଆସିଥିଲା ଓ ମୁଖ୍ୟମନ୍ତ୍ରୀ ନିଜେ ପ୍ରଚାର ମୈଦାନକୁ ଓହ୍ଲାଇଥିଲେ।

# ଆଣବିକ ଶକ୍ତି ଦେଖାଇବ ରୁଷିଆ



- **ଆଜି କ୍ରିମିଆ ଉପଦ୍ୱୀପରେ ନ୍ୟୁକ୍ଲିୟର ଡ୍ରିଲ୍**
- **ୟୁକ୍ରେନ୍ ସମର୍ଥନରେ ଆମେରିକା କଂଗ୍ରେସରେ ସଂକଳ୍ପନାମା**

**ମସ୍କୋ/ୱାଶିଂଟନ୍,୧୮।୨**

ୟୁକ୍ରେନ୍ ସହ ରୁଷିଆ ମୁହାଁମୁହିଁ ସ୍ଥିତିରେ ଥିବାବେଳେ ଶନିବାର ନ୍ୟୁକ୍ଲିୟର ଡ୍ରିଲ୍ କରିବାକୁ ଶୁକ୍ରବାର ଏହାର ସେନା ପକ୍ଷରୁ ଘୋଷଣା କରାଯାଇଛି। ଏହାକୁ ୟୁକ୍ରେନ୍ ଆକ୍ରମଣର ପ୍ରାକ୍ ପ୍ରସ୍ତୁତି ବୋଲି ବିଶେଷଜ୍ଞମାନେ କହୁଛନ୍ତି। ଅନ୍ୟପକ୍ଷେ ରୁଷିଆ ବିରୋଧରେ ଆମେରିକା କଂଗ୍ରେସରେ ଏକ ସଂକଳ୍ପନାମା ସର୍ବସମ୍ମତି କ୍ରମେ ଗୃହୀତ ହୋଇଛି। ୟୁକ୍ରେନ୍‌ର ସ୍ୱାଧୀନତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ପ୍ରତି ସୀମାରେ ରୁଷିଆର ସାମରିକ ଉପସ୍ଥିତି ବିପଦ ସୃଷ୍ଟି କରିଥିବା ଏହି ରିଜୋଲ୍ୟୁଶନ୍‌ରେ ନିନ୍ଦା କରାଯାଇଛି।

ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରିମିଆ ଉପଦ୍ୱୀପର କୃଷ୍ଣସାଗରରେ ଶନିବାର ଆଣବିକ ସମରାଭ୍ୟାସ କରାଯିବ। ଏଥିରେ ଅନେକ ଆନ୍ତଃ ମହାଦେଶୀୟ ଦୂରଗାମୀ କ୍ଷେପଣାସ୍ତ୍ର ଓ କ୍ରୁଜ୍ ମିଶାଇଲ୍‌ର ପୁନଃ ପରୀକ୍ଷଣ କରାଯିବ। ପଡ଼ୋଶୀ ୟୁକ୍ରେନ୍ ଉପରେ ରୁଷିଆ କିଛିଦିନ ଭିତରେ ଆକ୍ରମଣ କରିପାରେ ବୋଲି ଗୁରୁବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସତର୍କ କରାଇଥିବାବେଳେ ପୁଟିନ୍‌ଙ୍କ ସେନା ଉପରୋକ୍ତ ବିବୃତି ଦେଇଛି। ୟୁକ୍ରେନ୍‌କୁ ତିନିପଟୁ ପ୍ରାୟ ୧୫୦,୦୦୦ ରୁଷିଆ ସୈନ୍ୟ ଘେରିରହିଛନ୍ତି। ରୁଷିଆ ନିଜର ପ୍ରାୟ ୬୦% ସାମରିକ ବଳ ୟୁକ୍ରେନ୍ ବିରୋଧରେ ନିୟୋଜିତ କରିଥିବା ପାଶ୍ଚାତ୍ୟ ଦେଶଗୁଡ଼ିକ ଆଶଙ୍କା କରିଛନ୍ତି। ଯୁଦ୍ଧ ଯୋଜନା ନାହିଁ ବୋଲି କ୍ରେମ୍‌ଲିନ ସଫେଇ ଦେଉଥିବାବେଳେ ୟୁକ୍ରେନ୍ ତଥା ଅନ୍ୟ ପୂର୍ବ ସୋଭିଏଟ୍ ରାଷ୍ଟ୍ରଗୁଡ଼ିକୁ ଆମେରିକା ଓ ଏହାର ସହଯୋଗୀ ନାଟୋରୁ ବାହାର କରନ୍ତୁ ବୋଲି ମସ୍କୋ ଦାବି କରିଛି। ସେହିପରି ପୂର୍ବ ୟୁରୋପରୁ ନାଟୋ ସୈନ୍ୟଙ୍କୁ ମଧ୍ୟ ହଟାଇବାକୁ ରୁଷିଆ ନିଜ ଦାବି ଦୋହରାଇଛି। ତେବେ ଏହି ଦାବିଗୁଡ଼ିକୁ ୱାଶିଂଟନ ପ୍ରତ୍ୟାଖ୍ୟାନ କରିଛି। ୟୁକ୍ରେନ୍ ସମର୍ଥନରେ ଆମେରିକା କଂଗ୍ରେସର ସିନେଟରମାନେ ଏକାଠି ହୋଇ ସଂକଳ୍ପନାମା ପାରିତ କରିଛନ୍ତି। ସୀମାରେ ରୁଷିଆର ସୈନ୍ୟ ଠୁଳକୁ ଏଥିରେ କଡ଼ା ନିନ୍ଦା କରାଯାଇଛି।


ଏଲଆଇସି ଆଇପିଓ

ପଲିସୀଧାରକଙ୍କ ପାଇଁ ଆରକ୍ଷଣ

ଏଥିରେ ଅଂଶଗ୍ରହଣ କରିବା ପାଇଁ, ପଲିସୀଧାରକଙ୍କୁ ନିମ୍ନଲିଖିତ ମାନଦଣ୍ଡ ପୂରା କରିବା ଦରକାର:

- ନିଗମର ସ୍ଥାନୀୟ ବ୍ୟକ୍ତିଗତ ପଲିସୀଧାରକ, ଯାହା ପାଖରେ 13 ଫେବୃୟାରୀ, 2022 ଏବଂ ବିଡ କିମ୍ବା ଅଫର ଖୋଲିବାର ତାରିଖ ପର୍ଯ୍ୟନ୍ତ ଏକ କିମ୍ବା ଏକାଧିକ ପଲିସୀ ଅଛି, ସେମାନେ ଏଥିପାଇଁ ଯୋଗ୍ୟ ବିବେଚିତ ହେବେ ।*
- **ପଲିସୀଧାରକଙ୍କର PAN ର ସୂଚନା, 28 ଫେବୃୟାରୀ, 2022 ଦିନ କିମ୍ବା ପୂର୍ବରୁ, ନିଗମରେ ଅପଡେଟ ହେବା ଆବଶ୍ୟକ ।**

*ଦୟାକରି 13 ଫେବୃୟାରୀ, 2022 ର ଡ୍ରାଫ୍ଟ ରେଡ ହିଅରିଙ୍ଗ ପ୍ରସପେକ୍ଟସ୍ ମଧ୍ୟ ଦେଖନ୍ତୁ ।

DEMAT ଖାତା ଖୋଲିବାର ପ୍ରକ୍ରିୟା

- ନିକଟସ୍ଥ କମନ୍ ସର୍ଭିସ ସେଣ୍ଟର (ସିଏସସି) ଯାଇ DEMAT ଖାତା ଖୋଲନ୍ତୁ ।

କିମ୍ବା

- DEMAT ଖାତା ଖୋଲିବା ପାଇଁ, ପଞ୍ଜୀକୃତ ଡିପୋଜିଟୋରୀ ପାର୍ଟିସିପେଣ୍ଟସ (ଡିପି) ର ତାଲିକା ଆପଣ ନିମ୍ନରେ ପ୍ରଦତ୍ତ ଯେ କୌଣସି ୱେବସାଇଟରୁ ପ୍ରାପ୍ତ କରିପାରିବେ:

NSDL: https://nsdl.co.in/Open_NSDL_Demat_Account.php
CDSL: https://www.cdslindia.com/DP/dplist.aspx

LIFE INSURANCE CORPORATION OF INDIA is proposing, subject to applicable statutory and regulatory requirements, receipt of requisite approvals, market conditions and other considerations, to undertake an initial public offer of its Equity Shares and has filed the draft red herring prospectus dated February 13, 2022 ("DRHP") read with the corrigendum dated February 15, 2022. The DRHP is available on the websites of SEBI at www.sebi.gov.in, websites of the Stock Exchanges i.e., BSE at www.bseindia.com and NSE at www.nseindia.com, respectively and is also available on the websites of the BRLMs, i.e. Kotak Mahindra Capital Company Limited at https://investmentbank.kotak.com, Axis Capital Limited at www.axiscapital.co.in, BofA Securities India Limited at www.ml-india.com, Citigroup Global Markets India Private Limited at www.online.citibank.co.in/rhtm/citigroupglobalscreen1.htm, Goldman Sachs (India) Securities Private Limited at www.goldmansachs.com, ICICI Securities Limited at www.icicisecurities.com, JM Financial Limited at www.jmfl.com, J.P. Morgan India Private Limited at www.jpmipl.com, Nomura Financial Advisory and Securities (India) Private Limited at www.nomuraholdings.com/company/group/asia/india/index.html and SBI Capital Markets Limited at www.sbicaps.com. Potential investors should note that investment in equity shares involves a high degree of risk and for details relating to such risk, please see the section titled 'Risk Factors' of the RHP, when filed. Potential investors should not rely on the DRHP filed with SEBI for making any investment decision. Specific attention of the investors is invited to "Risk Factors" beginning on page 23 of the DRHP.

This announcement does not constitute an offer of securities for sale in any jurisdiction, including the United States, and any securities described in this announcement may not be offered or sold in the United States absent registration under the U.S. Securities Act of 1933, as amended, or an exemption from such registration. No public offering or sale of securities in the United States is contemplated.

LIC
ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA
LIC/RKS/2021-22/48/ORI

ଆମକୁ ଏଥିରେ ଫଲୋ କରନ୍ତୁ: YouTube LIC India Forever | IRDAI Regn No.: 512
ପ୍ରତି କ୍ଷଣ ଆପଣଙ୍କ ସାଥିରେ

**ଆଜିର ମନ୍ତବ୍ୟ**

"୧୯୪୭ ଦେଶ ବିଭାଜନ ବେଳେ ଶିଖ୍ ଉପାସନା ସ୍ଥଳ କରତାରପୁର ସାହିବ ଭାରତରେ ଥିଲା। ପଞ୍ଜାବଠାରୁ ୬ କି.ମି. ଦୂରରେ ଥିବା କର୍ତ୍ତାରପୁରକୁ ପାକିସ୍ତାନଠାରୁ ଫେରାଇ ଆଣିବାରେ କଂଗ୍ରେସ ବିଫଳ ହୋଇଛି। **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**"

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୩ ଦିନ ହାଲକା ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୮।୨(ବ୍ୟୁରୋ)-ଆସନ୍ତା ୩ ଦିନ ରାଜ୍ୟର କେତେକ ଭାଗରେ ଆକାଶ ମେଘାଚ୍ଛନ୍ନ ରହିବା ସହ ହାଲକା ବର୍ଷା ହେବାର ସମ୍ଭାବନା ରହିଛି। କନ୍ଧମାଳ, ନୟାଗଡ଼, ଗଜପତି, ଗଞ୍ଜାମ, କଟକ, ଢେଙ୍କାନାଳ ଜିଲା ସହ ଦକ୍ଷିଣ ଉପକୂଳ ଓଡ଼ିଶାରେ ମଧ୍ୟମ ଧରଣର କୁହୁଡ଼ି ହେବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଜଲାରେ ମଧ୍ୟ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ରାଜ୍ୟରେ ଏଭଳି ପାଗ ଆସନ୍ତା ୨୧ ତାରିଖ ଯାଏ ରହିବା ନେଇ ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ମେଘୁଆ ପାଗ ଯୋଗୁ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ହ୍ରାସ ଘଟିଛି। ରାଜ୍ୟର ବିଭିନ୍ନ ଭାଗରେ ସର୍ବନିମ୍ନ ତାପମାତ୍ରା ୧୩ ରୁ ୨୧ ଡିଗ୍ରୀ ସେଲସିୟସ ରହିଛି।

# ଗଜପତି ମହାରାଜା କରୋନା ସଂକ୍ରମିତ

## ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିପାରିବେନି

**ଭୁବନେଶ୍ୱର(ବ୍ୟୁରୋ)/ପୁରୀ ଅଫିସ,୧୮।୨**



ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଶୁକ୍ରବାର କରୋନା ସଂକ୍ରମିତ ହୋଇଛନ୍ତି। ତେଣୁ ଶନିବାର ପୁରୀ ଗସ୍ତରେ ଆସୁଥିବା ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ସ୍ୱାଗତ କରିବାକୁ ଗଜପତି ଅନୁପସ୍ଥିତ ରହିବେ ବୋଲି ତାଙ୍କ ବ୍ୟକ୍ତିଗତ ସଚିବ ସୂଚନା ଦେଇଛନ୍ତି। କାର୍ଯ୍ୟସୂଚୀ ଅନୁସାରେ ଶନିବାର ସନ୍ଧ୍ୟା ୫ଘଟିକା ସମୟରେ ରାଷ୍ଟ୍ରପତି ଶ୍ରୀ ମନ୍ଦିର ଦର୍ଶନ ପାଇଁ ଯିବେ। ସେଠାରେ ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ତଥା ଗଜପତି ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥାନ୍ତେ। ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ କୋଭିଡ୍ କଟକଣା ମଧ୍ୟରେ ହେଉଥିବାରୁ ଗଜପତି ଶୁକ୍ରବାର ଆର୍‌ଟିପିସିଆର୍ ଟେଷ୍ଟ କରିଥିଲେ। ଏଥିରୁ ତାଙ୍କର ରିପୋର୍ଟ ପଜିଟିଭ୍ ଆସିଛି। ଗଜପତିଙ୍କ ସଂକ୍ରମଣ ଆସିମ୍ପ୍ଟୋମେଟିକ ରହିଛି। ଏହା ସତ୍ତ୍ୱେ ସେ ୭ଦିନ ପାଇଁ ସଙ୍ଗରୋଧରେ ରହିବେ ବୋଲି ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବିଲକୁ ସଲଖେ ହଳ ଲଙ୍ଗଳ ଲୋ**
**ହିଡ଼କୁ ସଲଖେ କୋଡ଼ି**
**ମୂର୍ଖକୁ ସଲଖେ କହୁଣି ଚିହ୍ନିଲୋ**
**ଛଚିନ୍ଦ୍ରା ସଲଖେ ଗୋଡ଼ି।**

ହଳ ଲଙ୍ଗଳ ସାହାଯ୍ୟରେ ବିଲକୁ ସମତୁଲ କରାଯାଏ। କୋଡ଼ି ସାହାଯ୍ୟରେ ମାଟି ପକାଯାଇ ହିଡ଼କୁ ସିଧା କରାଯାଏ। ସେହିପରି ମୂର୍ଖ ଲୋକଙ୍କୁ ମାଡ଼ରେ ଶାସନ କରାଯିବା ବା ବାଟକୁ ଆଣିବା ଭଳି ଛଚିନ୍ଦ୍ରାରେ ଗୋଡ଼ି ବାନ୍ଧି ତାକୁ ସିଧା କରାଯିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ବୁଢ଼ା କାଳ ପାଠ**
**ଛତୁ ଫୁଟା କାଠ।**

ପ୍ରତ୍ୟେକ କାର୍ଯ୍ୟ ପାଇଁ ଉଚିତ ସମୟ ରହିଥାଏ। ଉଚିତ ସମୟରେ କାର୍ଯ୍ୟାରମ୍ଭ ନ କଲେ ତାହା ଫସର ଫାଟି ଯାଇଥାଏ। ଯଥା ସମୟରେ ବିଦ୍ୟାରମ୍ଭ ନ କଲେ ତାର ସୁଫଳ ମିଳି ନ ଥାଏ। ସେହିପରି କାଠ ପଡ଼ି ପଡ଼ି ସେଥିରେ ଛତୁ ଫୁଟିଗଲେ ତାହା ଆଉ ବ୍ୟବହାର ଉପଯୋଗୀ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଯାହା ବହୁତ ଦିନହେଲା ହୋଇପାରିନି ତାହା ଆଜି ହୋଇଯିବ। ଶିକ୍ଷା କ୍ଷେତ୍ରରେ ସୁନାମ, ପିଲାମାନଙ୍କ ସଫଳତା, ଉନ୍ନତମାନର ଆଲୋଚନା, ପାରିବାରିକ ସଦ୍ଭାବ ସବୁ ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ରାଜନୀତିରେ ଆଶା ପୂରଣ ହେବ। ପରିବାରର ବରାଦି ମୁତାବକ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି।

**ବୃଷ** ଆଜିର ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, ଅଦାଲତ ସମ୍ବନ୍ଧୀୟ କ୍ଷେତ୍ରରେ ସୁଫଳ ପାଇବେ। ନିଜ କାମ ପଛକୁ ପକାଇ ପଡ଼ୋଶୀଙ୍କ କଥାରେ ମୁଣ୍ଡ ପୂରାଇଲେ ସମାଲୋଚିତ ହେବେ। ଯାନ ମରାମତି, ଦୋକାନ ଉନ୍ନତୀକରଣର ଟେନସନ୍ କିଛି ମାତ୍ରାରେ ଲାଗିରହିବ। ଗତକାଲି ଘଟି ଯାଇଥିବା ଘଟଣାର ମୋଡ ବଦଳି ଯାଇପାରେ।

**ମିଥୁନ** ଆଜି ବିତର୍କଜନିତ ଭାଇ କିମ୍ବା ପଡ଼ୋଶୀଙ୍କ ସହ ସମସ୍ୟାମୂଳକ ପରିସ୍ଥିତି ସୃଷ୍ଟି ହେବ। ଆଜି ଯାହା କରିବେ କ୍ଷତି ହେବନି, ମାତ୍ର ଏକ ସଂଘର୍ଷମୟ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ। ପରିବାର କିମ୍ବା ବନ୍ଧୁଙ୍କ ମଧ୍ୟରେ ଆଲୋଚନା ଅସମାପ୍ତ ରହିପାରେ। ଆଗାମୀ ଆନୁଷ୍ଠାନିକ କାମ ପାଇଁ ଆଲୋଚନା କରିବା ମନ୍ଦ ହେବନି।

**କର୍କଟ** କୌଣସି କଥାକୁ ଖାତିର ନ କରି ଆଗକୁ ଆଗକୁ ମାଡ଼ି ଚାଲିବେ। ଆଗରେ କିଛି ନ କହିଲେ ମଧ୍ୟ ପଛରେ କେହି ବହୁତ ସମାଲୋଚନା କରିବେ। ଟଙ୍କା ପଇସା, ନେବା ଆଣିବା, ଦିଆନିଆ କ୍ଷେତ୍ରରେ ସତର୍କ ରହନ୍ତୁ, ନତୁବା କ୍ଷତିରେ ପଡ଼ିବେ। କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ, ଯାହାକି ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ।

**ସିଂହ** ଗତକାଲିଠାରୁ ହାତକୁ ନେଇଥିବା କାମ ଡେରିରେ ସମ୍ପନ୍ନ ହେବ। ପୁତ୍ରକନ୍ୟାହେତୁକ ସମସ୍ୟା ଲାଗି ରହିବା କାରଣରୁ ମାନସିକ ଅଶାନ୍ତି ସୃଷ୍ଟି ହୋଇପାରେ। ଅବଶ୍ୟ କର୍ମକ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ବ୍ୟବସାୟ,ବାଣିଜ୍ୟ, ଜମିଜମା କାରବାର, ନିର୍ମାଣ, ପରିବହନରୁ ଭଲ ଲାଭ ପାଇବେ।

**କନ୍ୟା** ପ୍ରତ୍ୟେକ କ୍ଷେତ୍ରରେ ସମସ୍ତ ପ୍ରକାରର ସୁବିଧା ଥାଇ ମଧ୍ୟ ପ୍ରତ୍ୟେକ କାମରେ ସମସ୍ୟା ଲାଗି ରହିବ। ଥଣ୍ଡା ମିଜାଜ ବଦଳରେ କଡ଼ା ଭାଷାର ପରିଣାମ ଭୋଗିବାକୁ ପଡ଼ିପାରେ। ଶତ୍ରୁତା କରୁଥିବା ଲୋକେ ମଧ୍ୟ ମିତ୍ରତା ସାଜିବା ପାଇଁ ଚେଷ୍ଟିତ ହେବେ। ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇବେ।

**ତୁଳା** ଆଜି ପାରିବାରିକ ସମସ୍ୟାର ସମାଧାନ ଜନିତ ଟେନ୍‌ସନ ଲାଗି ରହିବ। କାମଗୁଡ଼ିକ ସୁରୁଖୁରୁରେ ହୋଇଯିବ ମାତ୍ର ଭ୍ରାତୃ ସମ୍ପର୍କ ଭଲ ରହି ନ ପାରେ। ସଭାସମିତି ଓ ସାମ୍ବାଦିକତା, ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ପରୋକ୍ଷ ଶତ୍ରୁତା କାରଣରୁ ସବୁ ସୁବିଧା ଥିଲେ ମଧ୍ୟ ସୁଯୋଗ ହରାଇବେ।

**ବିଛା** କୌଣସି ଘଟଣାକୁ ଠିକ୍ ଭାବରେ ନ ବୁଝି ସହକର୍ମୀ କ୍ରୋଧ ପ୍ରକାଶ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପ୍ରଶାସନିକ ସ୍ତରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ପାଖରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ।

**ଧନୁ** ଯାହା ଭାବୁଛନ୍ତି ବନ୍ଧୁଙ୍କ ଆଗରେ ଖୋଲାଖୋଲି ପ୍ରକାଶ କରି ପାରିଲେ ଭଲ। ପୁରାତନ ରୋଗର ପୀଡ଼ା ସାମାନ୍ୟ ଅନୁଭବ କଲେ ମଧ୍ୟ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ସଭାସମିତିରେ କିମ୍ବା କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ପରିବାର ମଧ୍ୟରେ ନିଜର ମନୋଭାବକୁ ହଠାତ୍ ପ୍ରକାଶ କରନ୍ତୁ ନାହିଁ।

**ମକର** କର୍ମକ୍ଷେତ୍ରରେ କୁଟନୀତି ପ୍ରୟୋଗକରି ଯେମିତି ଚାହୁଁଛନ୍ତି ସେମିତି କରିବାରେ ସଫଳ ହେବେ। ବନ୍ଧୁଙ୍କ ପରାମର୍ଶ କ୍ରମେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ହୋଇପାରିବ। ତଥାପି ଏହା ସାଙ୍ଗକୁ ଧନହାନି ଓ ପୂର୍ବ ଶତ୍ରୁତାରୁ କଳହକୁ ଏଡି ହେବ ନାହିଁ। ପ୍ରତିଯୋଗିତାରେ ସଫଳତା ଅବଶ୍ୟ ପାଇବେ।

**କୁମ୍ଭ** ଆଜି ଯେଉଁଠି ଯାହା କହିବେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେବା ବଦଳରେ କଷ୍ଟକର ହୋଇପଡ଼ିବ। ନୂଆ ଯୋଜନା କରିବା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମନେ କରିବେ। ନୀଚ ସଂସର୍ଗରୁ ଦୂରେଇ ରହନ୍ତୁ,ଅନ୍ୟଥା ଅନୁତାପ ପାଇଁ ସମୟ ପାଇବେ ନାହିଁ। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ, କିନ୍ତୁ ଋଣ ପରିଶୋଧ କରିବାରେ ପଛେଇଯିବେ।

**ମୀନ** ପରିବାରର ଖର୍ଚ୍ଚ ଭାର କ୍ରମଶଃ ବଢ଼ିଯିବା କାରଣରୁ ଆବଶ୍ୟକତା ପୂରଣ ସକାଶେ ଚିନ୍ତିତ ରହିବେ। ସରକାରୀ ସ୍ତରରୁ କିମ୍ବା ବ୍ୟାଙ୍କରୁ ଋଣ କରିବା ପାଇଁ ଯୋଜନା କରିପାରନ୍ତି। କର୍ମକ୍ଷେତ୍ରରେ ମନ୍ଥର ଗତି ହେତୁ ସଫଳତାରେ ଆଶଙ୍କା ସୃଷ୍ଟି ହୋଇପାରେ। ବ୍ୟବସାୟ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ।

# classifieds Everyday

0674-2580101, 2549302

## real estate

### SALE

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-23189

2BHK flat near Puri Sea Beach Cocopalms Light House Rs.-25lakhs. 9776080988, 9238361409. D-70776

ଭୁବନେଶ୍ୱର ଯାଆଁଳା **NH-5** ରୁ **400** ମିଟର ଦୂରତାରେ ପଟ୍ଟା, **boundary,** ଇଲେକ୍ଟ୍ରିସିଟି ସୁବିଧା ଥାଇ **immediate** ଘର କଲାଭଳି ପ୍ଲଟ୍ **15,60,000/-. 9437691481.** D-71783

ପୁରୀ ଶ୍ରୀମନ୍ଦିର ପାଖରୁ **6** କିଲୋମିଟର ଦୂରରେ ଅତିଶୀଘ୍ର ଘର କରିବା ଯୋଗ୍ୟ ସ୍ଥିତିବାନ୍ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ **700** ଟଙ୍କା, **25** ଫୁଟ ରାସ୍ତା ସହ ଇଲେକ୍ଟ୍ରି, ପାଣି ସୁବିଧା ଅଛି। ଯୋଗାଯୋଗ- **7855949100/ 6370556429.** D-23195

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71944

**30' road** ଘରବାରି ପ୍ଲଟ୍ ପାଚେରି ସହ **Sum Hospital**ରୁ **4K.M.** ଘଙ୍ଗାପାଟଣାରେ ମିଳୁଛି। **Owner- 8249779595.** D-71763

5BHK triplex 52,00,000/- finishing Hanspal, gharabari plot Atala 450/- psqft.- 8093465134, 9668194157. D-70998

ଭୁବନେଶ୍ୱର ଖୋର୍ଦ୍ଧା ମଧ୍ୟରେ ପିତାପଲ୍ଲୀ ଛକ **NH-16**କୁ ଲାଗି ଘରବାରି, **boundary, electrification** ଥାଇ ସୁଲଭ ମୂଲ୍ୟରେ ଜାଗା ବିକ୍ରିହେଉଛି। **9777342153.** D-71795

Gharabari plot, Gohriachhaka, 200m from NH and investment gharabari plot Sundarpada and KEC Gudiapokhari for sale. 9777345831. D-71017

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର ବାଲିଅନ୍ତା-**1100/-,** ସୁନ୍ଦରପଦା- **750/-,** ତମାଣ୍ଡୋ- **1200/-, Limited plot (Bank finance available). 9776846520.** D-71794

Chandrasekharpur ଶ୍ରୀବିହାର କଲୋନୀ ଓ VSS Nagar ହାଟକୁ ଲାଗି ଘରବାରି ପ୍ଲଟ୍ 30ft. road boundary ଥାଇ କିଣନ୍ତୁ। 7788888879. D-71797

ମୋର ନିଜର ପ୍ଲଟ୍ କଳିଙ୍ଗବିହାର **K-4**ରେ, ଘାଟିକିଆରେ **୨୦୦ft.** ରୋଡ୍‌କୁ ଲାଗିକରି ଅଛି ଏବଂ କୋଳଥିଆରେ **readymade plot** ଅଛି। କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ। **9438166196.** D-23192

**Private plot 6000sqft.** ଘରବାରି **(6ft. height boundary) near Sai life style Apartment** ଗୁଡ଼ିଆପୋଖରୀ ଛକ- **48,00,000/-, direct owner- 9937373013.** D-71796

୫୫ ନଂ. ଜାତୀୟ ରାଜପଥଠାରୁ ୪୨୦ ମିଟର ଦୂରରେ ବିରିବାଟୀ କଟକ ସଦର ବ୍ଲକରେ ଘର କରିବା ପାଇଁ ଉପଯୋଗୀ ଜମି ଉପଲବ୍ଧ ଅଛି। ଯୋଗାଯୋଗ- 9861033990. D-23051

ଭୁବନେଶ୍ୱର ଜଟଣୀଗେଟ୍ (sqft.-649/-ରୁ 350/-), Sundarpada Xavier (1200sqft. 3,36,000/), ଜାଆଁଳା (sqft.-649/-). Contact: 8114994259, 8658963803. D-23184

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-23190

ଜାଗା କିଣି ତୁରନ୍ତ ଘର କରନ୍ତୁ ଭୁବନେଶ୍ୱର ନୂଆ ରେଲ୍‌ୱେଷ୍ଟେସନ୍ ପାଖରେ **yellowzone sqft.- 550/-,** ଚନ୍ଦକା **NH** ପାଖରେ ଘରବାଡ଼ି ପ୍ଲଟ୍ **sqft.- 1100/-,** ବାରଙ୍ଗରୁ ତ୍ରିଶୂଳିଆ **NH** ପାଖରେ **sqft.- 1300/-. 7539895510.** D-71780

## construction

Want a dream home on your own plot assistance for construction design and development. Contact: K.K. Construction. 7008268129, 9439143273. D-71334

## to-let

Single room available at 2nd and 3rd floor Bapuji Nagar, Bhubaneswar each @5000/-, Contact: 7008485542. D-71340

Semi Furnished Office space available for rent at Goutam Nagar, Bhubaneswar. 9337117523. D-71338

## healthcare

**Relax, refresh your body, mind at Lotus SPA with best therapies. 8018891951.** D-71863

Newly opening SPA positively health benefits with expert therapist. 8917332216. D-71946

**Relax, Refresh your body, Mind at SAIKRUPA Spa with best therapies. 8984068077.** D-23068

Refreshing your mind and body with the best therapy, 7873794731. D-23024

All types body massage with hiprofile smart lady room service available. 9142145769. D-71337

Take wellness relax body massage by experienced lady therapist. 7008773793. D-71473

Newly open full body massage ladies and gents. 8327740003. D-71864

## AFFIDAVIT

By virtue of an affidavit before the Notary Public, Cuttack 07AA 600483, I Jainab Sheikh, w/o Mukhtar Alam, residing at Gujarpur, Bhairpur, Cuttack, declare that my correct name is Jainab Sheikh but in passport (M4208346) my name recorded as Zainab Sheikh, both names belongs to one person i.e. me. D-23175

## LEGAL NOTICE

ମାନ୍ୟବର ବନ୍ଦୋବସ୍ତ କମିଶନର ଅତିରିକ୍ତ ରିଭିଜନ୍ କୋର୍ଟ ନଂ.-୨ ଅଧିକାରୀଙ୍କ ନ୍ୟାୟାଳୟ ଭୁବନେଶ୍ୱର ଏସ୍.ଆର.ପି.କେସ୍ ନଂ.-୨୨୫/୨୦୧୪ (ଓଡ଼ିଶା ବନ୍ଦୋବସ୍ତ ଆଇନର ଧାରା-୧୫ (ବି) ଅନୁଯାୀୟ)
ଶ୍ରୀ ଲିଙ୍ଗରାଜ ସେଠୀ
.......ବାଦୀ
ବନାମ
ବାବୁଲି ସୁନ୍ଦରା ଓଗେର
......ପ୍ରତିବାଦୀ

ପ୍ରତିବାଦୀ ନଂ.-୧ ବାବୁଲି ସୁନ୍ଦରା, ୨. ଶଙ୍କର ସୁନ୍ଦରା, ୩. ବିଭୂତି ସୁନ୍ଦରା, ପିତା- ୰ଭାଗୀରଥି ସୁନ୍ଦରା, ଗ୍ରାମ/ପୋ.ଅ.- ଅନ୍ଧାରୁଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ନୋଟିସ୍

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆପଣଙ୍କୁ ଉପରୋକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଯୋଗେ ନୋଟିସ୍ ପଠାଯାଇଥିଲା। କିନ୍ତୁ ଏହି ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଅତ୍ର ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପର ବର୍ଣ୍ଣିତ ମୋକଦ୍ଦମା ବାଦୀ ଦାଏର କରିଛନ୍ତି। ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଛି।

ଜମିର ତଫସିଲ

ମୌଜା- ଦାସପୁର, ଥାନା- ଚନ୍ଦକା ନଂ.-୪୫, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ହାଲ ଖାତା ନଂ.- ୬୭, ହାଲ ପ୍ଲଟ୍ ନଂ.-୫୩୯ ଏ.୦.୪୨୫ଡି, ସାବକ ମୌଜା- ଦାସପୁର, ସାବକ ଖାତା ନଂ.-୩୭, ସାବକ ପ୍ଲଟ୍ ନଂ.-୬୨୮, ଏ୦.୨୫୬ଡି, ସାବକ ପ୍ଲଟ୍ ନଂ.-୬୨୯ ଏ.୦.୧୮୮ଡି.

ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ବନ୍ଦୋବସ୍ତ କମିଶନର, ଅତିରିକ୍ତ ରିଭିଜନ କୋର୍ଟ ନଂ.-୨, ଓଡ଼ିଶା ଭୁବନେଶ୍ୱର ବିଭାଗୀୟ ମୁଖ୍ୟ ଦପ୍ତର, ୯ ମହଲାଙ୍କ କାର୍ଯ୍ୟାଳୟରେ ଆସନ୍ତା ତା ୨୧।୦୨।୨୨ରିଖ ଦିବା ଘ୧୧.୩୦ ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଇଅଛି। ଏଣୁ ଉପରୋକ୍ତ ପ୍ରତିବାଦୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏବଂ ଯଦି ପ୍ରତିବାଦୀ ମୃତ ଥିବେ ତାଙ୍କର ଉତ୍ତରାଧିକାରୀ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ। ଅନ୍ୟଥା ଆଇନାନୁମୋଦିତ ପନ୍ଥାରେ ମୋକଦ୍ଦମା ଫଇସଲା କରାଯିବ।

ଅଦାଲତଙ୍କ ଆଦେଶକ୍ରମେ
ବନ୍ଦୋବସ୍ତ କମିଶନର, ଅତିରିକ୍ତ ରିଭିଜନ, କୋର୍ଟ ନଂ.-୨, ଭୁବନେଶ୍ୱର
ଧ-୭୩୧୯୧

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ପ୍ରଥମ ପୃଷ୍ଠାରୁ...**

## ଆଜି ପୁରୀ ଆସିବେ ...

- **ବିମାନବନ୍ଦରରେ ସ୍ୱାଗତ କରିବେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ**
- **ଗସ୍ତ ପର୍ବରୁ ଚୂଡ଼ାନ୍ତ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ, ମକ୍‌ଡ୍ରିଲ**
- **୪ ଥର ଲାଗି କାର୍ଯ୍ୟସୂଚୀରେ ପରିବର୍ତ୍ତନ**

ରାମନାଥ କୋବିନ୍ଦଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସ୍ୱାଗତ କରିବେ। ଏହାପରେ ରାଷ୍ଟ୍ରପତି ସିଧାସଳଖ ପୁରୀ ଗସ୍ତରେ ଆସି ଅପରାହ୍ନ ୫ଟାରୁ ୫.୪୫ ମିନିଟ୍‌ରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବେ। ୨୦ ତାରିଖରେ ଗୌଡ଼ୀୟ ମଠ ଏବଂ ମିଶନର ସଂସ୍ଥାପକ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ୧୫୦ତମ ବର୍ଷ ପୂର୍ତ୍ତି ଆବିର୍ଭାବ ଦିବସ ଉପଲକ୍ଷେ ତ୍ରିବର୍ଷ ବ୍ୟାପୀ ଉଦ୍‌ଘାଟନୀ ଉତ୍ସବରେ ଶରଧାବାଲିରେ ଯୋଗଦେବେ। ରାଷ୍ଟ୍ରପତିଙ୍କ ପୁରୀ ଗସ୍ତର କାର୍ଯ୍ୟକ୍ରମକୁ ନେଇ ଶୁକ୍ରବାର ସୁରକ୍ଷା ବ୍ୟବସ୍ଥାର ଚୂଡ଼ାନ୍ତ ସମୀକ୍ଷା କରାଯାଇଛି। କେନ୍ଦ୍ରାଞ୍ଚଳ ଆଇଜିଙ୍କ ସହ ଅତିରିକ୍ତ ଡିଜି ଓ ପୁରୀ ଏସ୍‌ପି ଏବଂ ବରିଷ୍ଠ ପୋଲିସ ଅଧିକାରୀମାନେ ହେଲିପ୍ୟାଡ୍‌ଠାରୁ ଆରମ୍ଭ କରି ରାଷ୍ଟ୍ରପତିଙ୍କ ରୁଟ୍ ଚାର୍ଟର ପ୍ରତ୍ୟେକଟି ଦିଗକୁ ନେଇ ଶୁକ୍ରବାର ମକଡ୍ରିଲ କରାଯାଇଛି। ଅପରପକ୍ଷେ ରାଷ୍ଟ୍ରପତିଙ୍କ କାର୍ଯ୍ୟସୂଚୀରେ ରାତ୍ରିଯାପନ ନେଇ ପୁନର୍ବାର ପରିବର୍ତ୍ତନ ହୋଇଛି। ହୋଟେଲ ପରିବର୍ତ୍ତେ ରାଷ୍ଟ୍ରପତି ପୁରୀ ରାଜଭବନରେ ରାତ୍ରିଯାପନ କରିବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏହାକୁ ମିଶାଇ ପ୍ରାୟ ୪ ଥର ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟସୂଚୀରେ ପରିବର୍ତ୍ତନ ହୋଇଛି।

ରାଷ୍ଟ୍ରପତି ରାମନାଥ କୋବିନ୍ଦ ତୃତୀୟଥର ପାଇଁ ଶ୍ରୀକ୍ଷେତ୍ର ଗସ୍ତରେ ଆସୁଛନ୍ତି। ଏ ନେଇ ରାଜ୍ୟ ସରକାରଙ୍କଠାରୁ ଜିଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ସମସ୍ତ ପ୍ରକାର ବ୍ୟବସ୍ଥା ସରିଥିବାବେଳେ ଶୁକ୍ରବାର ଅପରାହ୍ନରେ କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳଙ୍କ ସହ ଅତିରିକ୍ତ ଡିଜି ରାଧାକୃଷ୍ଣ ଶର୍ମା, ପୁରୀ ଏସ୍‌ପି କେ.ବିଶାଲ୍ ସିଂ, ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡାଙ୍କ ସମେତ ପୋଲିସ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି। ସୁରକ୍ଷା ଦୃଷ୍ଟିରୁ ୪୦ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ୨୦୦ରୁ ଅଧିକ ଅଫିସର ମୁତୟନ ରହିବେ। ସେହିପରି ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ଅନୁଯାୟୀ ଶନିବାର ଅପରାହ୍ନ ୩.୨୫ରେ ହେଲିପ୍ୟାଡରେ ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର ବିମାନ ଅବତରଣ କରିବା ପରେ ବ୍ଲୁବୁକ୍ ସିକ୍ୟୁରିଟି ଅନୁଯାୟୀ ରାଜଭବନ ଯିବେ। ସେଠାରେ କିଛି ସମୟ ରହି ଶ୍ରୀମନ୍ଦିର ବାହାରିବେ। ୫ଟାରୁ ୫.୪୫ ପର୍ଯ୍ୟନ୍ତ ଶ୍ରୀମନ୍ଦିର ଭିତରେ ମହାପ୍ରଭୁଙ୍କ ଦର୍ଶନ ସାରି ପୁନର୍ବାର ରାଜଭବନ ଯିବେ। ସେହିପରି ୨୦ତାରିଖରେ ଗୌଡ଼ୀୟ ମିଶନ ପକ୍ଷରୁ ଆୟୋଜନ କରାଯାଇଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବେ ରାଷ୍ଟ୍ରପତି ରାମନାଥ କୋବିନ୍ଦ। ୨୦ତାରିଖ ପୂର୍ବାହ୍ନ ୧୦.୩୫ରେ ରାଷ୍ଟ୍ରପତି ପୁରୀ ବଡ଼ଦାଣ୍ଡରେ ଥିବା ଶ୍ରୀଚୈତନ୍ୟ ଗୌଡ଼ୀୟ ମଠ ଯାଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବେ। ସେଠାରୁ ୧୦.୫୦ରୁ ବାହାରି ବ୍ଲୁବୁକ୍ ସିକ୍ୟୁରିଟି ଅନୁଯାୟୀ ଶରଧାବାଲି ଯିବେ। ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଶରଧାବାଲିରେ ଶ୍ରୀଚୈତନ୍ୟ ଗୌଡ଼ୀୟ ମଠର ପ୍ରତିଷ୍ଠାତା ଶ୍ରୀମଦ୍ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବେ। ସେଠାରୁ କାର୍ଯ୍ୟକ୍ରମ ସାରି ରାଷ୍ଟ୍ରପତି ମଧ୍ୟାହ୍ନ ୧୨ଟାରୁ ବାହାରି ପୁନର୍ବାର ୧୨.୧୫ରେ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ତେଣୁ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ହେଲିପ୍ୟାଡଠାରୁ ଶ୍ରୀମନ୍ଦିର ଏବଂ ଗୌଡ଼ୀୟ ମଠରୁ ଶରଧାବାଲି କାର୍ଯ୍ୟକ୍ରମସ୍ଥଳ ପର୍ଯ୍ୟନ୍ତ କିଭଳି ସୁରକ୍ଷା ବ୍ୟବସ୍ଥା ରହିବ ସେନେଇ ପୋଲିସ ପକ୍ଷରୁ ମକଡ୍ରିଲ କରାଯାଇଥିଲା। ତେବେ ବ୍ଲୁ ବୁକ ସିକ୍ୟୁରିଟି ଅନୁଯାୟୀ ରାଷ୍ଟ୍ରପତିଙ୍କ ଗସ୍ତ କାରକେଡ୍ ରିହର୍ସାଲ୍ କରାଯାଇଥିଲା। ସେହିପରି କାର୍ଯ୍ୟକ୍ରମ ସ୍ଥଳକୁ ବୋମା ଅନୁସନ୍ଧାନ ଯନ୍ତ୍ର ସାହାଯ୍ୟରେ କରି ଯାଞ୍ଚ ହୋଇଥିଲା। ଅନ୍ୟପଟେ ଗୌଡ଼ୀୟ ମଠର ପ୍ରତିଷ୍ଠାତା ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ଜୟନ୍ତୀ ମହୋତ୍ସବର ସମାରୋହ ପାଇଁ ମଠ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରଙ୍ଗବେରଙ୍ଗ ଫୁଲ ସହ ବଡ଼ବଡ଼ ହୋର୍ଡିଂରେ ମଠ ସୁସଜ୍ଜିତ ହୋଇଥିବା ବେଳେ ପୁରୀ ସହରକୁ ମଧ୍ୟ କଡ଼ା ସୁରକ୍ଷାବଳୟ ମଧ୍ୟରେ ରଖାଯାଇଛି। ବ୍ଲୁ ବୁକ୍ ସିକ୍ୟୁରିଟି ଅନୁସାରେ ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥା ରହିଥିବାରୁ କାର୍ଯ୍ୟକ୍ରମକୁ ନେଇ ଜିଲାପାଳ ମଠର କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିବା ମଠ ପକ୍ଷରୁ ସୂଚନା ଦିଆଯାଇଛି।

## ସହରରୁ ନାଇଟ୍ ...

୫ଟା ପର୍ଯ୍ୟନ୍ତ ସମସ୍ତ ସହରରେ ଲାଗୁ କରାଯାଇଥିଲା। ଗତ ପାଞ୍ଚ ଦିନ ହେଲା ରାଜ୍ୟରେ ଲଗାତର ଭାବରେ ସଂକ୍ରମଣ ଏକ ହଜାର ତଳେ ରହିଛି। ଏହାକୁ ଦୃଷ୍ଟିରେ ରଖି ଏସ୍ଆରସି ଏଭଳି ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର ରାଜ୍ୟରେ ୬୭୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ୩୮ ଜଣଙ୍କୁ ...

ଆତଙ୍କବାଦୀ କାର୍ଯ୍ୟକଳାପରେ ୪୯ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରାଯାଇଥିଲା। ଭାରତରେ ଏହା ପ୍ରଥମ ଆତଙ୍କବାଦୀ ଆକ୍ରମଣ, ଯେଉଁଠି ହସ୍ପିଟାଲଗୁଡ଼ିକୁ ଟାର୍ଗେଟ କରାଯାଇଥିଲା। ସିଭିଲ୍ ହସ୍ପିଟାଲ ଟ୍ରମା ସେଣ୍ଟର ବାହାରେ ହୋଇଥିବା ଏକ ବିସ୍ଫୋରଣରେ ୩୭ ଜଣଙ୍କ ଜୀବନ ଯାଇଥିଲା। ମୃତକଙ୍କ ମଧ୍ୟରୁ ଅଧିକାଂଶ ରକ୍ତଦାନ କରିବା ପାଇଁ ଆସିଥିଲେ। ସେହିପରି ଅନ୍ୟ ଏକ ବିସ୍ଫୋରଣ ଏଲ୍‌ଜି ହସ୍ପିଟାଲ ପାର୍କିଂ ସ୍ଥାନରେ ଘଟିଥିଲା। ୩୫ ବିଭିନ୍ନ ମାମଲାକୁ କୋର୍ଟ ଏକତ୍ର ଶୁଣାଣି କରିଥିଲେ। ସେଥିରୁ ୨୦ଟି ଅହମଦାବାଦରେ ଏବଂ ୧୫ଟି ସୁରଟରେ ରୁଜୁ ହୋଇଥିଲା। ସିରିଏଲ୍ ବିସ୍ଫୋରଣ ପାଇଁ ଇଣ୍ଡିଆନ ମୁଜାହିଦିନ (ଆଇଏମ୍) ଆତଙ୍କବାଦୀ ସଂଗଠନ ନିଜକୁ ଦାୟୀ କରିଥିଲା। ଏହା ୨୦୦୨ ଦଙ୍ଗାର ପ୍ରତିଶୋଧ ବୋଲି ଆଇଏମ୍ କହିଥିଲା। ଷ୍ଟୁଡେଣ୍ଟସ୍ ଇସ୍‌ଲାମିକ ମୁଭ୍‌ମେଣ୍ଟ ଅଫ୍ ଇଣ୍ଡିଆ (ସିମି)ର କେତେଜଣ ପୂର୍ବତନ ସଦସ୍ୟ ଆଇଏମ୍ ଗଠନ କରିଥିବା ପୋଲିସ ଦାବି କରିଥିଲା। ଦୀର୍ଘ ବିଚାର ପ୍ରକ୍ରିୟାରେ ୧,୧୬୩ ସାକ୍ଷୀ ବିଭିନ୍ନ ସମୟରେ ୯ ଜଣ ବିଚାରପତିଙ୍କ ସମ୍ମୁଖରେ ସାକ୍ଷ୍ୟ ପ୍ରଦାନ କରିଥିଲେ। ସେମାନଙ୍କ ମଧ୍ୟରୁ ୨୬ ମୁଖ୍ୟ ସାକ୍ଷୀଙ୍କ ପରିଚୟ ସୁରକ୍ଷା ଦୃଷ୍ଟିରୁ ଗୋପନ ରଖାଯାଇଥିଲା। ପ୍ରଥମ ଥର ପାଇଁ କୌଣସି ଅଦାଲତ ଗୋଟିଏ ମାମଲାରେ ସର୍ବାଧିକ ୩୮ ଜଣ ଅପରାଧୀଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି। ଏହା ପୂର୍ବରୁ ୧୯୯୮ରେ ତାମିଲନାଡୁର ଟାଡା କୋର୍ଟ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ହତ୍ୟା ମାମଲାରେ ସମସ୍ତ ୨୬ ଜଣଙ୍କୁ ମୃତ୍ୟୁଦଣ୍ଡାଦେଶ ଶୁଣାଇଥିଲେ।

## ସଂକ୍ଷେପରେ

### ୨ ଦେଶୀ ପିସ୍ତଲ ଜବତ, ଜଣେ ଗିରଫ

ବରଗଡ଼ ଅଫିସ୍,୧୮।୨: ବରଗଡ଼ ଜିଲାର ଗାଇସିଲେଟ ବ୍ଲକରେ ଶୁକ୍ରବାର ପଞ୍ଚାୟତ ନିର୍ବାଚନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ରହିଥିଲା। ମତଦାନ ସରିବା ପରେ ଅପରାହ୍ନରେ ଗାଇସିଲେଟ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପଦ୍ମପୁର ନେହେରୁ ଗଳିର ନୀଳାଞ୍ଚଳ ବୁଡ଼େକ(୨୭)। ତାଙ୍କ ପାଖରୁ ୨ଦେଶୀ ପିସ୍ତଲ ଏବଂ ଗୋଟିଏ ବାଇକ୍ (ନଂ.ଓଆର୧୫କେ/୯୨୫୮) ଜବତ କରାଯାଇଛି। ଏ ନେଇ ପଦ୍ମପୁର ଥାନାରେ ଏକ ମାମଲା (ନଂ.୪୪/୨୨) ରୁଜୁ ହୋଇଛି।ଶୁକ୍ରବାର ଗାଇସିଲେଟ ଥାନାର ଏକ ପୋଲିସ ଟିମ୍ ନିର୍ବାଚନ ଡ୍ୟୁଟିରେ ପାଟ୍ରୋଲିଂ କରୁଥିଲେ। ଅପରାହ୍ନ ପ୍ରାୟ ୧ଟାରୁ ୨ଟା ମଧ୍ୟରେ ଗିରଫ ଅଭିଯୁକ୍ତ ଜଣକ ସ୍ଥାନୀୟ ଉମ୍ରାଡ଼ ସ୍କୁଲ ପାଖରେ ବାଇକ୍ ଯୋଗେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିଲେ। ପୋଲିସ ଯାଞ୍ଚ କରିବାରୁ ତାଙ୍କ ପାଖରୁ ଦେଶୀ ପିସ୍ତଲ ଜବତ କରାଯାଇଥିଲା ବୋଲି ପଦ୍ମପୁର ଏସ୍‌ଡ଼ିପିଓ ବିଭୂତି ଭୂଷଣ ଭୋଇ ସୂଚନା ଦେଇଛନ୍ତି ।

### ନିୟମ ଭାଙ୍ଗିଲେ ପ୍ରିଜାଇଡିଂ ଅଫିସର

ଖୋର୍ଦ୍ଧା ଅଫିସ/ ବେଗୁନିଆ, ୧୮।୨(ଡି.ଏନ୍.ଏ.): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଅବାଧ, ମୁକ୍ତ ଏବଂ ସ୍ୱଚ୍ଛ ପାଇଁ ରାଜ୍ୟ ନିର୍ବାଚନ କମିଶନର ଗୁରୁତ୍ୱ ଦେଇଛନ୍ତି। ତେବେ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ବେଳେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ପଞ୍ଚାୟତର ୭ନମ୍ବର ବୁଥରେ ଜଣେ ବୃଦ୍ଧାଙ୍କୁ ସହାୟତା ଆଳରେ ପ୍ରଜାଇଡିଂ ଅଫିସର ନିଜେ ଭୋଟ ଦେଇଥିବା ଦେଖିବାକୁ ମିଳିଛି। ଏହି ଘଟଣା ପ୍ରଚାରିତ ହେବା ପରେ ବୁଥ୍‌କେନ୍ଦ୍ରରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରାୟ ୧ଘଣ୍ଟା ମତଦାନ ବନ୍ଦ ରହିଥିଲା। ଥାନା ଅଧିକାରୀ ଓ ଜିପିଓ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ସମ୍ପୃକ୍ତ ବୃଦ୍ଧା ଆଉଥରେ ମତ ସାବ୍ୟସ୍ତ କରିଥିଲେ। ପରେ ମତଦାନ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

# ମୁମୂର୍ଷୁ ଅବସ୍ଥାରେ ଦୀପକ ଉଦ୍ଧାର

**ସମିତିସଭ୍ୟା ପ୍ରାର୍ଥୀଙ୍କ ସ୍ୱାମୀ ନିଖୋଜ ମାମଲା**

■ଜଙ୍ଗଲରେ ଭୋକଉପାସରେ ରଖିଥିଲେ ଦୁର୍ବୃତ୍ତ

ଢେଙ୍କାନାଳ ଅଫିସ୍, ୧୮।୨

ସମିତିସଭ୍ୟା ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସ୍ତ୍ରୀଙ୍କ ପାଇଁ ପ୍ରଚାର ମଇଦାନକୁ ନ ଓହ୍ଲାଇବାକୁ ମିଳିଥିଲା ଚେତାବନୀ। ହେଲେ ଏହାକୁ ଖାତିର ନ କରି ସ୍ୱାମୀଧର୍ମ ନିଭାଇଥିଲେ ଦୀପକ କୁମାର ଦାଶ ଓରଫ୍ ଚିନ୍ମୟ। ସ୍ତ୍ରୀ ଭାରତୀ ରଥଙ୍କୁ ଜିତାଇବା ଲାଗି ଢେଙ୍କାନାଳ ସଦର ବ୍ଲକ ସାଙ୍କୁଲେଇ ପଞ୍ଚାୟତରେ କରିଥିଲେ ଜୋର୍‌ଦାର ପ୍ରଚାର। ଏହି ଘଟଣା ବିପକ୍ଷ ଗୋଷ୍ଠୀଙ୍କ ମଧ୍ୟରୁ କେତେକଙ୍କ ଚକ୍ଷୁଶୂଳ ହେଲା। ବୁଧବାର ରାତିରେ ବନ୍ଧୁକ ମୁନରେ ତାଙ୍କୁ କେତେଜଣ ଅଜଣା ବ୍ୟକ୍ତି ଅପହରଣ କରିନେଇଥିଲେ। ଦୁର୍ବୃତ୍ତମାନେ ୨ଦିନ ଧରି ତାଙ୍କୁ ଏକ ନିଛାଟିଆ ଜଙ୍ଗଲରେ ଭୋକଓପାସରେ ରଖିଥିଲେ। ଢେଙ୍କାନାଳ ସହର ଉପକଣ୍ଠ ରାମେଶ୍ୱରପୁର ଓଭରବ୍ରିଜ୍ ନିକଟରୁ ଶୁକ୍ରବାର ସକାଳେ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ହୋଇଥିବା ଦୀପକ ପୋଲିସ ଆଗରେ ଏଭଳି ବୟାନ ରଖିଛନ୍ତି। ତେବେ ତାଙ୍କ ଆଖିରେ ପଟି ବନ୍ଧାଯାଇଥିବାରୁ ସେ ଜଙ୍ଗଲରୁ ଓଭର ବ୍ରିଜ୍ ନିକଟକୁ କେମିତି ଆସିଲେ ତାହା ଜାଣି ନ ଥିବା କହିଛନ୍ତି। ଉଦ୍ଧାର ପରେ ଦୀପକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ପରେ ତାଙ୍କୁ ପରିବାରକୁ ହସ୍ତାନ୍ତର କରାଯାଇଛି।



ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀପକଙ୍କ ଚିକିତ୍ସା ଚାଲିଛି।

ଗତ ବୁଧବାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ଶେଷଦିନରେ ଦୀପକ ଏବଂ ଭାରତୀ ନିଜ ସମର୍ଥକଙ୍କ ସହିତ ମିଶି ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ଭୋଟଭିକ୍ଷା କରିଥିଲେ। ରାତି ପ୍ରାୟ ୮ଟାରେ ଭାରତୀଙ୍କୁ ଘର ସମ୍ମୁଖରେ ଛାଡ଼ି ସେ କୌଣସି କାର୍ଯ୍ୟରେ ସ୍କୁଟିରେ ବେବର୍ତ୍ତାକାଟେଣୀ ଅଭିମୁଖେ ବାହାରି ଯାଇଥିଲେ। ୯ଟାରେ ଖାଇବା ପାଇଁ ଭାରତୀ ତାଙ୍କୁ ଫୋନ କରିଥିଲେ ହେଁ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ରାତି ୧୦ଟାରେ ପୁଣିଥରେ ଫୋନ୍ କରିବାରୁ ତାଙ୍କ ମୋବାଇଲ ସୁଇଚ୍ ଅଫ୍ ଥିଲା। ଏହା ପରେ ପରିବାର ଲୋକ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସହିତ ପିସିଆର୍ ଭ୍ୟାନକୁ ସୂଚନା ଦେଇଥିଲେ। ବିଳମ୍ବିତ ରାତିରେ ଢୋଲପଶି-ସାଙ୍କୁଲେଇ ରାସ୍ତାରୁ ଦୀପକ ବ୍ୟବହାର କରୁଥିବା ସ୍କୁଟି ଠାବ କରାଯାଇଥିଲା। ଗାଡ଼ିରେ ରକ୍ତଛିଟା ଲାଗିଥିବାରୁ ପରିବାର ଲୋକେ ଭୟ ଆତଙ୍କ ମଧ୍ୟରେ ଥିଲେ। ଏ ନେଇ ସଦର ଥାନାରେ ନଂ.୧୧/୧୨ରେ ଏକ ନିଖୋଜ ମାମଲା ରୁଜୁ ହୋଇଥିଲା। ସ୍ୱାମୀଙ୍କୁ ସୁରକ୍ଷିତ ଭାବେ ଛାଡ଼ି ଦେବାକୁ ସ୍ତ୍ରୀ ଭାରତୀ ଅପହରଣକାରୀଙ୍କୁ ଆକୁଳ ନିବେଦନ କରିଥିଲେ।

ଏ ସମ୍ପର୍କରେ ସଦର ଥାନାଧିକାରୀ ଅଭିନବ ଡାଲୁଆ କୁହନ୍ତି, ଘଟଣାର ତଦନ୍ତ ଚାଲିଛି। ଏଭଳି କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଦୀପକ ଘରକୁ ଫେରିବା ପରେ ସବୁ ଆଶା ଆଶଙ୍କାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଏହାକୁ ନେଇ ପରିବାର ସଦସ୍ୟ ଖୁସିବ୍ୟକ୍ତ କରିଛନ୍ତି।

# ଭୋଟ କେନ୍ଦ୍ରରେ ଅବ୍ୟବସ୍ଥା, ଉତ୍ତେଜନା

■ପୋଲିସ ସହ ଧସ୍ତାଧସ୍ତି

■ବଳପୂର୍ବକ ହଟାଇଲା ପୋଲିସ

ସମ୍ବଲପୁର,୧୮।୨(ବ୍ୟୁରୋ)

ସମ୍ବଲପୁର ଜିଲାର ମାନେଶ୍ୱର ଓ ନାକଟିଦେଉଳ ବ୍ଲକରେ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଶେଷ ହୋଇଛି। ମାନେଶ୍ୱର ବ୍ଲକ ସାହସପୁର ଭୋଟ କେନ୍ଦ୍ରରେ ଅବ୍ୟବସ୍ଥା ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଅପରାହ୍ନ ୧ଟା ପରେ ଶତାଧିକ ଭୋଟର କେନ୍ଦ୍ର ଭିତରକୁ ଯିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ପୋଲିସ ବଳପୂର୍ବକ ସେମାନଙ୍କୁ ଭୋଟ କେନ୍ଦ୍ର ସମ୍ମୁଖରୁ ହଟାଇଥିଲା। ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି ଓ ଅନ୍ୟ ପୋଲିସ ଅଧିକାରୀ ପହଞ୍ଚିଥିଲେ ମଧ୍ୟ ଭୋଟରମାନେ ସେମାନଙ୍କ ଆଗରେ ଅସନ୍ତୋଷ ଜାହିର କରିଥିଲେ। ପରେ ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ।

ଭୋଟରମାନେ ଅଭିଯୋଗ କରିଥିଲେ, ସକାଳୁ ଆସିଥିଲେ ମଧ୍ୟ ଭୋଟ୍ କେନ୍ଦ୍ର ଭିତରେ ଜାଗା ନ ଥିବାରୁ ବାହାରେ ଛିଡା ହୋଇ ହଇରାଣ ହେବାକୁ ପଡିଛି। ଗୋଟିଏ ବୁଥ୍‌ରେ ପ୍ରାୟ ୭୪୬ ଭୋଟର ଥିବାରୁ ମତଦାନରେ ବିଳମ୍ବ ହୋଇଥିଲା। ପୁଣି ବୃଦ୍ଧ, ଦିବ୍ୟାଙ୍ଗମାନଙ୍କ ପାଇଁ କୌଣସି ସୁବିଧା କରାଯାଇ ନ ଥିଲା। ସେମାନଙ୍କୁ ବାହାରେ ଧାଡିରେ ଛିଡା ହେବାକୁ ପଡିଥିଲା। ଏପରିସ୍ଥଳେ ଅପରାହ୍ନ ୧ଟାରେ ଗେଟ୍ ବନ୍ଦ କରି ଭିତରକୁ ଯିବାକୁ ଦେଇ ନ ଥିଲେ ବୋଲି ଅଭିଯୋଗ କରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ଭିତରେ ଯେଉଁମାନେ ଅଛନ୍ତି ସେମାନେ ଭୋଟ ଦେଇପାରିବେ ବୋଲି କୁହାଯିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଅନ୍ୟପଟେ ଦୁର୍ବୃତ୍ତମାନେ ଜାଣିଶୁଣି ସମୟସୀମା ଅତିକ୍ରମ ପରେ ଭିତରକୁ ପ୍ରବେଶ କରିବାକୁ ଯୋଜନା କରୁଥିଲେ। ତେଣୁ ବୁଥ୍ କ୍ୟାପଚରିଂ କିମ୍ବା ଭିତରେ ଜୋର ଜବରଦସ୍ତି ଭୋଟ ଦେବାକୁ ଯୋଜନା କରୁଥିଲେ ବୋଲି ଆଲୋଚନା ହେଉଛି। ଏ ସମ୍ପର୍କରେ ଅତିରିକ୍ତ ଏସ୍‌ପି ମହାନ୍ତି କହିଛନ୍ତି, ବଳପୂର୍ବକ କେତେଜଣ ଯୁବକ ଭୋଟ କେନ୍ଦ୍ର ଭିତରକୁ ପ୍ରବେଶ କରୁଥିଲେ। ସମୟ ଶେଷ ହେବା ପରେ ସେମାନେ କେନ୍ଦ୍ର ଭିତରକୁ ଆସି ଗଣ୍ଡଗୋଳ କରିବାକୁ ପ୍ରାୟାସ କରୁଥିଲେ। ତେଣୁ ଗେଟ ବାହାରୁ ସେମାନଙ୍କୁ ପ୍ରବେଶ କରିଦିଆଗଲା ନାହିଁ । କେଉଁ କାରଣରୁ ସେମାନେ ଏଭଳି କଲେ ତାହା ତଦନ୍ତ କରାଯାଉଛି। ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ସାହସପୁର ମତଦାନ କେନ୍ଦ୍ରରେ ଉତ୍ତେଜନାମୂଳକ ପରିସ୍ଥିତି ।

# ମତଦାନ ବେଳେ ଉତ୍ତେଜନା

**୪ ଖବରଦାତାଙ୍କୁ ଆକ୍ରମଣ, କ୍ୟାମେରା ଭଙ୍ଗାରୁଜା**

ଚାନ୍ଦବାଲି, ୧୮।୨(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଗୋପୀନାଥପୁର ପଞ୍ଚାୟତ ହଳଦିଆ ଗ୍ରାମର ୧୨ ଓ ୧୩ ନଂ. ବୁଥ୍‌ରେ ଶୁକ୍ରବାର ପଞ୍ଚାୟତ ନିର୍ବାଚନ ପାଇଁ ମତଦାନ ଚାଲିଥିବା ବେଳେ ଉତ୍ତେଜନା ଦେଖାଦେଇଥିଲା। ଏହାର ଖବର ସଂଗ୍ରହ କରିବାକୁ ଯାଇଥିବା ବୈଦ୍ୟୁତିକ ଗଣମାଧ୍ୟମର ୪ ଖବରଦାତାଙ୍କୁ ଆକ୍ରମଣ କରାଯାଇଥିବା ନେଇ ବାଂଶଡ଼ା ଥାନାରେ ଅଭିଯୋଗ ହୋଇଛି। ମରଣାନ୍ତକ ଆକ୍ରମଣ ସହ ଗାଡ଼ି, ମୋବାଇଲ ଓ କ୍ୟାମେରା ଭାଙ୍ଗି ଦିଆଯାଇଥିବା ଏତଲାରେ ଉଲ୍ଲେଖ ରହିଛି। ଅଭିଯୋଗ ଅନୁଯାୟୀ, ମତଦାନ ଆରମ୍ଭର କିଛି ସମୟ ପରେ ଏଭଳି ଘଟଣା ଘଟିଥିଲା। ଉକ୍ତ ଭୋଟଗ୍ରହଣ କେନ୍ଦ୍ରରେ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ପ୍ରବର୍ତ୍ତାଉଥିବା ବେଳେ କେତେଜଣ ଗଣମାଧ୍ୟମ ପ୍ରତିନିଧି ଏହାର ଭିଡିଓ ଉତ୍ତୋଳନ କରିଥିଲେ। ଏହା ଦେଖି ଉତ୍ୟକ୍ତ ଲୋକେ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ଏଥିରେ ଜଣେ ମହିଳା ଖବରଦାତାଙ୍କ ସମେତ ୪ଜଣ ଆହତ ହୋଇଛନ୍ତି। ରିପୋର୍ଟ ଲେଖାହେବା ବେଳକୁ ଏନେଇ ଥାନାରେ ମାମଲା ରୁଜୁ ହୋଇନାହିଁ। ତେବେ ଭଦ୍ରକ ଅତିରିକ୍ତ ଏସ୍‌ପି ଯତିନ ପଣ୍ଡା ଘଣ୍ଟେଶ୍ୱର ଗସ୍ତରେ ଥିବାବେଳେ ଆକ୍ରମଣର ଶିକାର ହୋଇଥିବା ଏହି ୪ଜଣ ତାଙ୍କୁ ଭେଟି ଏ ସମ୍ପର୍କରେ ଜଣାଇଛନ୍ତି। ଶନିବାର ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଏସ୍‌ପି ପଣ୍ଡା ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ଭିଜିଲାନ୍ସ ଜାଲରେ ଯନ୍ତ୍ରୀ

ସୁନାବେଡା/କୋରାପୁଟ/ଜୟପୁର,୧୮।୨(ସ୍ୱ.ପ୍ର./ନିପ୍ର.)-

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁନାବେଡା ପୌରପରିଷଦର ସହକାରୀ ଯନ୍ତ୍ରୀ ମନୋଜ କୁମାର ପାତ୍ରଙ୍କ ଘର ଉପରେ ଶୁକ୍ରବାର ଭିଜିଲାନ୍ସର କୋରାପୁଟ ଡିଭିଜନ ପକ୍ଷରୁ ଚଢାଉ ହୋଇଛି। ୬ଜଣିଆ ଟିମ୍ ଅତିରିକ୍ତ ଅଧୀକ୍ଷକ ସୁରେନ୍ଦ୍ର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ୬ଟି ସ୍ଥାନରେ ଏକକାଳୀନ ଚଢାଉ କରିଥିଲେ। ଡିଏସ୍‌ପି ଅନନ୍ତ ପ୍ରସାଦ ମଲ୍ଲିକଙ୍କ ନେତୃତ୍ୱରେ ଇନ୍ସପେକ୍ଟର ଆର୍.ବିଜୟ କୁମାର, ଅନୁଭା ଦାସଙ୍କ ସହ ୫ଜଣ ଡିଏସ୍‌ପି, ୮ଜଣ ଇନ୍ସପେ୍‌କ୍ଟର ଦୁଇ ଭାଗରେ ବିଭକ୍ତ ହୋଇ ମନୋଜଙ୍କ ସରକାରୀ ବାସଭବନ ଓ କାର୍ଯ୍ୟାଳୟରେ ଚଢାଉ କରିଥିଲେ। ଏଥିସହ ପାରଳାଖେମୁଣ୍ଡି ବି.ସିତାପୁରସ୍ଥିତ ତାଙ୍କ ପୈତୃକ ବାସଭବନ, ଭୁବନେଶ୍ୱର ପୋଖରୀପୁଟ କୋନିକା ଆପାର୍ଟମେଣ୍ଟରେ ଥିବା ଘର, ବ୍ରହ୍ମପୁର ଶକ୍ତିନଗର ୪ର୍ଥ-ଲେନ୍‌ରେ ଥିବା ଦୁଇ ମହଲା କୋଠା ଓ ବ୍ରହ୍ମପୁରରେ ଥିବା ସମ୍ପର୍କୀୟଙ୍କ ଘରେ ମଧ୍ୟ ଚଢାଉ କରାଯାଇଛି। ଭୁବନେଶ୍ୱର ଆପାର୍ଟମେଣ୍ଟରେ ତାଲା ପଡ଼ିଥିବାରୁ ଭିଜିଲାନ୍ସର ୪ଜଣିଆ ଟିମ୍ ତାଙ୍କୁ ନେଇ ଭୁବନେଶ୍ୱର ଯାଇଛନ୍ତି। କୋରାପୁଟରେ ମଧ୍ୟ ତାଙ୍କର ୩ଟି ପ୍ଲଟ୍ ଥିବାର ପ୍ରମାଣ ଭିଜିଲାନ୍ସ ହାତରେ ଲାଗିଛି । ଏଥିସହ ମନୋଜଙ୍କର ଭୁବନେଶ୍ୱରରେ ଗୋଟିଏ ପ୍ଲଟ୍, ବ୍ରହ୍ମପୁରରେ ଗୋଟିଏ ପ୍ଲଟ୍ ଠାବ ହୋଇଛି। ବର୍ତ୍ତମାନ ସୁଦ୍ଧା ତାଙ୍କର କାର, ବ୍ୟାଙ୍କ ଜମା ଓ ଏଲଆଇସିର ଆନୁମାନିକ ମୂଲ୍ୟ ୧ କୋଟି ୬୮ ଲକ୍ଷ ଟଙ୍କା ବୋଲି ଆକଳନ କରାଯାଇଛି । ଏଥିସହ ତାଙ୍କର ୧ ଲକର୍ ମଧ ଯାଞ୍ଚ କରାଯିବାର ଯୋଜନା ରହିଛି। ସୂଚନାଯୋଗ୍ୟ, ସମ୍ପୃକ୍ତ ସହକାରୀ ଯନ୍ତ୍ରୀ ଦୀର୍ଘ ୬ବର୍ଷରୁ ଊର୍ଦ୍ଧ୍ୱ ହେଲା କୋରାପୁଟ ପୌରପରିଷଦରେ କାର୍ଯ୍ୟରତ ଥିଲେ। ପ୍ରାୟ ୩ ବର୍ଷ ହେବ ସେ ସୁନାବେଡା ପୌରପରିଷଦର ସହକାରୀ ଯନ୍ତ୍ରୀଭବେ ଅସ୍ଥାୟୀ ଦାୟିତ୍ୱରେ ଥିଲେ। ପରେ ତାଙ୍କର ଖୋର୍ଦ୍ଧା ଜିଲାକୁ ବଦଳି ହୋଇଥିଲା। ବର୍ଷେ ହେଲା ସେ ପୁଣି ସୁନାବେଡା ପୌରପରିଷଦକୁ ସ୍ଥାୟୀ ସହକାରୀ ଯନ୍ତ୍ରୀ ଭାବେ ଫେରିଥିଲେ। ଚଢାଉ ସମୟରେ ତାଙ୍କ ଅଫିସ ଓ ସରକାରୀ ବାସଭବନରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି। ଅଧିକ ଯାଞ୍ଚ ଜାରି ରହିଥିବା ସୂଚନା ମିଳିଛି।



# ବଳାତ୍କାରୀଙ୍କୁ ୩ ବର୍ଷ ଜେଲ

**ପୀଡ଼ିତାଙ୍କୁ ୫ଲକ୍ଷ ସହାୟତା ଦେବାକୁ ନିର୍ଦ୍ଦେଶ**

ବ୍ରହ୍ମପୁର ଅଫିସ,୧୮।୨

ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ ଅନୁପ ରଞ୍ଜନ ପଟ୍ଟନାୟକ ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲା ଶୁଣାଣି କରିଥିଲେ। ପ୍ରମାଣ ମିଳିଥିବାରୁ କାଲୁ ବେହେରା (୩୨)ଙ୍କୁ ସେ ୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିପରି ୭ ହଜାର ଟଙ୍କା ଜରିମାନା ଦେବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୩ ମାସ ଜେଲ ଦଣ୍ଡରେ ଦଣ୍ଡିତ ହେବେ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ପୀଡ଼ିତାଙ୍କୁ ୫ଲକ୍ଷ ଆର୍ଥିକ ସହାୟତା ରାଶି ପ୍ରଦାନ କରିବାକୁ ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ଜଜ ନିର୍ଦ୍ଦେଶ ଦେଇଥିବା ସ୍ୱତନ୍ତ୍ର ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ୨୦୧୫ ସେପ୍ଟେମ୍ବର ୮ ତାରିଖ ରାତିରେ ନାବାଳିକା ଜଣକ ଘରେ ଶୋଇଥିବା ବେଳେ ତାଙ୍କୁ ଅପହରଣ କରାଯାଇଥିଲା। ପରିବାର ଲୋକ ଝିଅକୁ ଖୋଜାଖୋଜି କରିବା ପରେ ଶେଷରେ କେ.ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ୯ମାସ ପରେ ପୀଡ଼ିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ କାଲୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଚିକିଟି ଏସଡ଼ିପିଓ ପ୍ରକାଶ ଚନ୍ଦ୍ର ଜେନା କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। କିଛି ମାସ ପରେ ଅଭିଯୁକ୍ତ କାଲୁଙ୍କୁ ଜାମିନ ମିଳିଥିଲା। ଏହି ମାମଲାର ବିଚାର ବେଳେ ଅଭିଯୁକ୍ତ କାଲୁଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଉକ୍ତ ଚାର୍ଜସିଟ ଓ ୧୪ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଅଭିଯୁକ୍ତଙ୍କୁ ଜଜ ଉପରୋକ୍ତ ଦଣ୍ଡାଦେଶ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ପିପି ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ସମିତିସଭ୍ୟ ପ୍ରାର୍ଥୀଙ୍କୁ ପିଟିଲେ ଗ୍ରାମବାସୀ

**ଚିକିଟିରେ ନିର୍ବାଚନ ପରବର୍ତ୍ତୀ ହିଂସା**

ଚିକିଟି,୧୮।୨(ଡି.ଏନ୍.ଏ.)- ଗଞ୍ଜାମ ଜିଲା ଚିକିଟି ବ୍ଲକ ସୁନାପୁର ପଞ୍ଚାୟତର ଜଣେ ସମିତିସଭ୍ୟ ପ୍ରାର୍ଥୀଙ୍କୁ ଶୁକ୍ରବାର ସନ୍ଧ୍ୟାରେ ଗ୍ରାମବାସୀ ପିଟିଛନ୍ତି। ପ୍ରାର୍ଥୀ ଜଣଙ୍କ ୪ଟି ବାଇକ୍‌ରେ କେତେଜଣ ଅସାମାଜିକ ଯୁବକଙ୍କୁ ଧରି ଗାଁକୁ ଆସି ଗାଳିଗୁଲଜ କରିଥିଲେ। ସୁନାପୁର ଗାଁବାସୀ ଏକାଠି ହୋଇ ସମ୍ପୃକ୍ତ ପ୍ରାର୍ଥୀଙ୍କ ସମେତ ସହକର୍ମୀଙ୍କୁ ଧରି ପିଟିଛନ୍ତି। ପରେ ସମସ୍ତେ ଦୌଡ଼ି ଚାଲିଯାଇଥିଲେ। ତେବେ ଏ ସମ୍ପର୍କରେ ମେରାଇନ୍ ଥାନା ପୋଲିସ ପାଖରେ କୌଣସି ଖବର ନ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ନିର୍ବାଚନ ପୂର୍ବରୁ ସୁନାପୁର ପଞ୍ଚାୟତ ପାତି ସୁନାପୁରରେ ଗରିବ ମତ୍ସ୍ୟଜୀବୀଙ୍କ ୩୦ ଲକ୍ଷ ଟଙ୍କାର ଜାଲକୁ କେହି ପୋଡ଼ିଦେଇଥିଲେ। ଏ ସମ୍ପର୍କରେ ମେରାଇନ୍ ଥାନାରେ ଏତଲା ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇ ନ ଥିବା ମତ୍ସଜୀବୀ ଅଭିଯୋଗ କରିଛନ୍ତି।

**LIC** ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟ 'ଜୀବନ ପ୍ରକାଶ'
ଅଇଁଠାପାଲି, ସମ୍ବଲପୁର- ୭୬୮୦୦୪
Ph. 0663- 2541093, E-mail Id: estate.sambalpur@licindia.com

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ ଦ୍ୱାରା ସର୍ବସାଧାରଣ ଏବଂ ବିଶେଷ କରି ଭାରତୀୟ ଜୀବନ ବୀମା ନିଗମର ସମସ୍ତ ବୀମାଧାରକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ରେଢ଼ାଖୋଲ ସ୍ଥିତ ସେଟେଲାଇଟ କାର୍ଯ୍ୟାଳୟ ଆମ ନୂତନ କାର୍ଯ୍ୟାଳୟକୁ **ତା.୨୧.୦୨.୨୦୨୨** ରିଖରେ ସ୍ଥାନାନ୍ତରିତ ହେବାକୁ ଯାଉଛି

**ପୁରୁଣା ଅଫିସ ଠିକଣା:-** **ଏଲଆଇସି ଅଫ୍ ଇଣ୍ଡିଆ**,ସେଟେଲାଇଟ କାର୍ଯ୍ୟାଳୟ, ରେଢ଼ାଖୋଲ, ଖୁସି ମୋବାଇଲ ନିକଟସ୍ଥ, ମୁଖ୍ୟ ରାସ୍ତା, ରେଢ଼ାଖୋଲ, ଜିଲା-ସମ୍ବଲପୁର, ପିନ-୭୬୮୧୦୬, ଓଡ଼ିଶା

**ନୂତନ ଅଫିସ ଠିକଣା:-** **ଏଲଆଇସି ଅଫ୍ ଇଣ୍ଡିଆ**, ସେଟେଲାଇଟ କାର୍ଯ୍ୟାଳୟ, ରଥ ସାହି, କାନରା ବ୍ୟାଙ୍କ ନିକଟସ୍ଥ, ସା.ପୋ-ରେଢ଼ାଖୋଲ, ଜିଲା-ସମ୍ବଲପୁର, ପିନ- ୭୬୮୧୦୬, ଓଡ଼ିଶା

ତା: ୧୯.୦୨.୨୦୨୨ ସ୍ୱା/- ବରିଷ୍ଠ ମଣ୍ଡଳ ପ୍ରବନ୍ଧକ

**sidbi**
ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ

**କାର୍ଯ୍ୟାଳୟ ପରିସର ଆବଶ୍ୟକ କରୁଅଛି**

ସିଡ୍‌ବି ଭୁବନେଶ୍ୱରଠାରେ ଲିଭ ଏବଂ ଲାଇସେନ୍ସ/ଲିଜ୍ ଭିତ୍ତିରେ କାର୍ଯ୍ୟାଳୟ ପରିସର ନିମନ୍ତେ ପ୍ରସ୍ତାବ ଆମନ୍ତ୍ରଣ କରୁଅଛି। ପରିସର ତଳମହଲାରେ ହେବା ସହିତ ପ୍ରମୁଖ ସ୍ଥାନରେ ଥିବା ଆବଶ୍ୟକ ଓ ପରିସରର କାର୍ପେଟ କ୍ଷେତ୍ରଫଳ ଆନୁମାନିକ ୮୪-୧୧୧ ବର୍ଗମିଟର (୯୦୦-୧୨୦୦ ବର୍ଗଫୁଟ) ହେବା ଆବଶ୍ୟକ। ପରିସର ନିର୍ମାଣ ସହିତ ତୁରନ୍ତ ଉପଲବ୍ଧ ହେଉଥିବା ଦରକାର। ବିସ୍ତୃତ ବିଜ୍ଞାପନ ଆବଶ୍ୟକ ଫର୍ମାଟ ସହିତ ସିଡ୍‌ବିର ୱେବସାଇଟ **www.sidbi.in** ତଥା ସେଣ୍ଟ୍ରାଲ ପବ୍ଲିକ ପ୍ରକ୍ୟୋରମେଣ୍ଟ (CPP) ପୋର୍ଟାଲ ରୁ ଡାଉନଲୋଡ୍ କରିପାରିବେ କିମ୍ବା **ଶ୍ରୀ ଗିରିଶ କୁମାର ମେହେର, ସହାୟକ ମହାପ୍ରବନ୍ଧକ, ସିଡ୍‌ବି, ଫ୍ଲାଟ୍ ନଂ. ୪ଏ୦୦୧, ଚତୁର୍ଥ ମହଲା, କଲ୍ୟାଣୀ ଆପାର୍ଟମେଣ୍ଟ, ୟୁନିଟ୍-୮, ଭୁବନେଶ୍ୱର-୭୫୧୦୧୨, ମୋବାଇଲ୍ ନଂ. ୯୮୧୯୮୩୮୫୦୪, ଇ-ମେଲ୍: girish@sidbi.in** ଏବଂ **bhubaneswar@sidbi.in**ଙ୍କ ଠାରୁ ପ୍ରାପ୍ତ କରିପାରିବେ। ଟେଣ୍ଡର ଡକୁମେଣ୍ଟରେ ଯେକୌଣସି ପରିବର୍ତ୍ତନା/ପରିବର୍ତ୍ତନ ଗୁଡ଼ିକ କେବଳ ସିଡ୍‌ବିର ୱେବସାଇଟ/ସିପିପି ପୋର୍ଟାଲରେ ପ୍ରକାଶ ପାଇବ। ପ୍ରସ୍ତାବ ଦାଖଲ କରିବାର ଅନ୍ତିମ ତାରିଖ **୧୧ ମାର୍ଚ୍ଚ ୨୦୨୨** ଅପରାହ୍ଣ **୧୫:୦୦** ଘଟିକା ପର୍ଯ୍ୟନ୍ତ। ବ୍ରୋକରମାନଙ୍କୁ କୌଣସି କମିଶନ ଦିଆଯିବ ନାହିଁ।

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

Tender Notice No. TPWODL/PM/O/SU/ 097

TP Western Odisha Distribution Limited, invites tender (2part bidding) from eligible vendors for the following package :

**Rate Contract for Supply of Polycarbonate Meter Box (for poly phase meter)**

Interested bidders to submit Tender Participation Fee and Authorization Letter through email on or before **28th February 2022, 1500 Hrs**, after which link from e-Tender system shall be shared.

For detailed tender documents of the above mentioned tender, please visit Tender section on website **www.tpwesternodisha.com**. Further details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

Sd /- **Chief-Contracts and Stores**

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଦାନଗଦି**

**ଘୋଷଣା ପତ୍ର**

**ସଂଖ୍ୟା ୯୧୮, ତାରିଖ ୧୭।୦୨।୨୦୨୨**

No.C-1941:ଏତଦ୍ୱାରା ଚାନ୍ଦିଆ ଗ୍ରାମପଞ୍ଚାୟତର ୱାର୍ଡ ସଂଖ୍ୟା ୭ ଓ ୮ ରେ ଅବସ୍ଥାନ କରୁଥିବା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ରାଜ୍ୟ ନିର୍ବାଚନ କମିଶନ, ଓଡ଼ିଶା ତାଙ୍କ ପତ୍ର ସଂଖ୍ୟା- ୨୯୧୧/ତା.୧୬।୦୨।୨୦୨୨ରେ ଚାନ୍ଦିଆ ଗ୍ରାମପଞ୍ଚାୟତର ୱାର୍ଡ ସଂଖ୍ୟା ୭ ଓ ୮ରେ ଆଗରୁ ଥିବା ବୁଥକୁ ପରିବର୍ତ୍ତନ କରିବାକୁ ଅନୁମୋଦନ କରିଛନ୍ତି । ତେଣୁ ଏହି ନିର୍ଦ୍ଦେଶ ଅନୁସାରେ ଚଳିତ ନିର୍ବାଚନରେ ଏହି ବୁଥ ଦୁଇଟିକୁ ଚାନ୍ଦିଆ ପ୍ରାଥମିକ ବିଦ୍ୟାଳୟରୁ ପରିବର୍ତ୍ତନ କରି ଚାନ୍ଦିଆ ଅସ୍ଥାୟୀ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ କରାଯିବ କାରଣ ଚାନ୍ଦିଆ ପ୍ରାଥମିକ ବିଦ୍ୟାଳୟ ଥିବା ଅଞ୍ଚଳଟିକୁ ଟାଟା ଷ୍ଟିଲ କର୍ତ୍ତୃପକ୍ଷ ତାଙ୍କ ଅକ୍ତିଆରକୁ ନେଇ ପାଚେରି ନିର୍ମାଣ କରିସାରିଛନ୍ତି ।

ଏଣୁ ଆପଣମାନେ ଏହି ପରିବର୍ତ୍ତନରେ ସାମିଲ ହୋଇ ଶାନ୍ତି ଓ ଶୃଙ୍ଖଳା ସହିତ ପଞ୍ଚାୟତ ନିର୍ବାଚନକୁ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ପ୍ରଶାସନ ସହିତ ସହଯୋଗ କରିବାକୁ ବିଶେଷ ଅନୁରୋଧ ।

ସ୍ୱା/-ମଣ୍ଡଳ ଉନ୍ନୟନ ଅଧିକାରୀ
ତଥା ନିର୍ବାଚନ ଅଧିକାରୀ, ଦାନଗଦି
OIPR-19188/11/0004/2122

**Government of Odisha**
**Office of Special Relief Commissioner**
No. 1172/R&DM(DM) Dt.18.02.2022
RDM-RLF-ACCT-0063-2021

**QUOTATION CALL NOTICE**

No. F-307:- Sealed Quotations in plain paper/ letter pad are invited in the prescribed format given below from intending registered Firms/ Suppliers located at Bhubaneswar having valid GSTIN Number for supply of office article/ stationery etc. for official use in Office of the Special Relief Commissioner, Revenue & Disaster Management Department. The intending Firms/ Suppliers may submit the bid along with other supporting documents to the Office of the Special Relief Commissioner, Rajiv Bhawan by date 4.3.2022 at 4.00 P.M. through the Registered Post/ Speed Post.

The prescribed quotation is available in the website www.odisha.gov.in (link:- http://odisha.gov.in/tender & http://srcodisha.nic.in (http://srcodisha.nic.in/tender.php).

The authority reserves every right to reject all or any of the tender without assigning any reason thereof.

**Sd./- Joint Special Relief Commissioner**
OIPR-24003/11/0021/2122

**INSTITUTE OF MATHEMATICS & APPLICATIONS**
(Science & Technology Dept., Govt. of Odisha)
Bhubaneswar- 751029
Website: www.iomaorissa.ac.in

**TENDER NOTICE**

No.IMA/02/125/2022 Date:18.02.2022

No.CAD-2970:- Two bids (technical bid & the price bid) quotations are invited for supply of **Air Conditioner Machine with Stabilizer, Water Purifier, Sofa Set, Book Shelve, Steel Almirah** etc. from eligible firms/ vendors. Sealed bids in the prescribed tabular format along with supporting documents may be sent to the undersigned on or before 07.03.2022. Bids received beyond the above scheduled date and time shall not be considered. Authority reserves the right to cancel / reject all or any of the bids without assigning any reason thereto. Detailed of the tender is available in the IMA website: www.iomaorissa.ac.in.

**Sd./- Registrar**
OIPR-28006/11/0010/2122

**National Entrance Screening Test (NEST) 2022**

Admission to 5-year Integrated MSc Programmes in Biology, Chemistry, Mathematics, and Physics at NISER (Bhubaneswar) and UM-DAE CEBS (Mumbai)
(Autonomous institutions under the Department of Atomic Energy, Government of India)

The National Entrance Screening Test (NEST) is a compulsory test for admission to the 5-year Integrated MSc programme in basic sciences - Biology, Chemistry, Mathematics and Physics - at National Institute of Science Education and Research (NISER), Bhubaneswar and University of Mumbai - Department of Atomic Energy Centre for Excellence in Basic Sciences (UM-DAE CEBS), Mumbai. NEST 2022 will be conducted in around 115 towns and cities all over India on **June 18, 2022 (Saturday).**

**The candidates admitted to the programme are eligible to receive an annual scholarship of Rs 60,000 through DISHA program of Department of Atomic Energy, Government of India. In addition, the scholarship recipients receive a grant of Rs.20,000 per annum for summer internship. Candidates selected by DST for the INSPIRE-SHE program are endorsed for INSPIRE scholarship by NISER and CEBS.**

For detailed information on NEST 2022 application procedure and previous years' question papers please visit NEST 2022 website: **www.nestexam.in**

**Application:**
Through ONLINE portal ONLY.
Visit **www.nestexam.in** to apply.
Online portal opens on Feb. 21, 2022, & closes on May 18, 2022

**Examination:**
ONLINE/computer based ONLY.
Date of examination: June 18, 2022 (Saturday)
Time: 9:00 AM - 12:30 PM (1st session)
2:30 PM - 6:00 PM (2nd session)
**Results announcement : July 05, 2022**

**Address for correspondence :**
The Chief Coordinator, NEST 2022
UM-DAE CEBS, Nalanda Building,
University of Mumbai, Vidyanagari Campus,
Kalina, Santacruz (E), Mumbai 400098, India
E-mail: **nest@cbs.ac.in**
Website: **www.nestexam.in**

**Fees structure and mode of payment :**

| | |
|---|---|
| Male (General and OBC categories): | Rs.1200/- |
| Male (SC and ST categories) : | Rs.600/- |
| Female (all categories): | Rs.600/- |
| Divyangjan candidates: | Rs.600/- |

Pay ONLY via Net banking/ Credit card/ Debit card

ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡ଼ିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। -ଶ୍ରୀଅରବିନ୍ଦ



# ଗୁରୁଦାୟିତ୍ୱ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଚଳିତ ଆର୍ଥିକବର୍ଷ ବଜେଟ ଉପସ୍ଥାପିତ ହୋଇଯାଇଛି। ବାସ୍ତବରେ ଏହାର ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଜଟିଳତା ଥିଲେ ମଧ୍ୟ ଏହା ଏବେ ଆରମ୍ଭ ହେଉଛି। ଦେଖିବାକୁ ଗଲେ ବିନିବେଶ କ୍ଷେତ୍ରରେ ବହୁ କିଛି କରିବାର ଆବଶ୍ୟକତା ରହିଛି। ଡିପାର୍ଟମେଣ୍ଟ ଅଫ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ୍ ପବ୍ଲିକ୍ ଆସେଟ୍ ମ୍ୟାନେଜ୍‌ମେଣ୍ଟ ବା ନିବେଶ ଏବଂ ସାର୍ବଜନୀନ ସମ୍ପତ୍ତି ପରିଚାଳନା ବିଭାଗ (ଡିଆଇପିଏଏମ୍) ସଚିବ ତୁହିନ କାନ୍ତ ପାଣ୍ଡେ ଏହା ଉପରେ ସଚେତନ ରହିଛନ୍ତି। ଏଣୁ ବିନିବେଶ ପ୍ରକ୍ରିୟା ଶୀଘ୍ର ତ୍ୱରାନ୍ୱିତ ହେବା ଦରକାର। ସରକାର ଚଳିତ ଆର୍ଥିକବର୍ଷରେ ବିନିବେଶ କ୍ଷେତ୍ରରେ ୭୮,୦୦୦ କୋଟି ଟଙ୍କାର ସଂଶୋଧିତ ବଜେଟ ଆଣିଛନ୍ତି, ଯାହା ଗତ ବର୍ଷ ବଜେଟ ଏଷ୍ଟିମେଟ ୧.୭୫ ଲକ୍ଷ କୋଟି ଟଙ୍କାରୁ ଯଥେଷ୍ଟ କମ୍ ଏବଂ ହ୍ରାସ ହାର ୫୫ ପ୍ରତିଶତରୁ ଅଧିକ । ତେବେ ସରକାର ୨୦୨୨-୨୩ ପାଇଁ ଟାର୍ଗେଟ ୬୫,୦୦୦ କୋଟି ଟଙ୍କା ରଖିଛନ୍ତି। ଗତ ବର୍ଷର ଟାର୍ଗେଟ କେବଳ ଏଲ୍‌ଆଇସିରେ ୫ ପ୍ରତିଶତ ଶେୟାର ଦ୍ୱାରା ହିଁ ପୂରଣ ହୋଇପାରିବ। ବିନିବେଶ ପ୍ରକ୍ରିୟାରେ ରହିଛି ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ବିପିସିଏଲ୍), ପଓ୍ୱନ ହଂସ ଆଣ୍ଡ୍ ରାଷ୍ଟ୍ରୀୟ ଇସ୍ପାତ୍ ନିଗମ ଲିମିଟେଡ୍ (ଆର୍‌ଆଇଏନ୍‌ଏଲ୍) । ଏହାର ବିନିବେଶ ପାଇଁ ପାଣ୍ଡେ ଓ ତାଙ୍କ ଟିମ୍ ଉପରେ ଗୁରୁ ଦାୟିତ୍ୱ ରହିଛି। ପୁନଶ୍ଚ ଏହି ଦୁଇ କର୍ପୋରେଶନର ଅଂଶଧନ ବିକ୍ରି ଓ ବଜେଟ ମଧ୍ୟରେ ବଡ଼ ଅନ୍ତର ରହିବ। ସମ୍ଭବତଃ, ବିନିବେଶ ଟାର୍ଗେଟର ମଧ୍ୟମ ଏଷ୍ଟିମେଟରୁ ଜଣାପଡୁଛି ଯେ ସେମାନେ ଦୁଇ କର୍ପୋରେଶନର ବିନିବେଶରୁ ସଫଳତା ପାଇବା ଲାଗି ଉଚ୍ଚାକାଂକ୍ଷୀ ଥିଲେ।

### ଲାଟେରାଲ ଏଣ୍ଟ୍ରିରେ ତତ୍ପରତା

ସରକାର ପ୍ରାଇଭେଟ୍ ସେକ୍ଟର୍‌ରୁ ବିଶେଷଜ୍ଞମାନଙ୍କୁ ଆଣି ବିଭିନ୍ନ ମନ୍ତ୍ରଣାଳୟରେ ନିଯୁକ୍ତି (ଲାଟେରାଲ ଏଣ୍ଟ୍ରି )ଦେଉଛନ୍ତି। ୨୦୧୯ରେ ସରକାର ପ୍ରଥମେ ଲାଟେରାଲ ଏଣ୍ଟ୍ରି ଧାରା ଆରମ୍ଭ କରିଥିଲେ। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଅନୁଯାୟୀ, ଲାଟେରାଲ ନିଯୁକ୍ତି ଆଧାରରେ ନିର୍ଦ୍ଦେଶକ ପଦବୀ ଲାଗି ୧୯ରୁ ଅଧିକ ପ୍ରାର୍ଥୀଙ୍କୁ ଚୟନ କରାଯାଇଥିଲା। ସେମାନେ ଏବେ ବିଭିନ୍ନ ପଦବୀରେ କାର୍ଯ୍ୟ କରୁଛନ୍ତି। ତେବେ ୨୦୧୯ରେ ପ୍ରଥମ ପର୍ଯ୍ୟାୟ ଲାଟେରାଲ ନିଯୁକ୍ତି ନୈରାଶ୍ୟଜନକ ରହିଥିଲା। ସେତେବେଳେ ୯ ଜଣଙ୍କ ମଧ୍ୟରୁ ଦୁଇଜଣ ଶୀଘ୍ର ଇସ୍ତଫା ଦେଇଥିଲେ। ଅନ୍ୟପକ୍ଷରେ ଚଳିତ ବର୍ଷ ସରକାର ଲାଟେରାଲ ଏଣ୍ଟ୍ରି ପ୍ରୋଗ୍ରାମରେ ବିଭିନ୍ନ ମନ୍ତ୍ରଣାଳୟ ପାଇଁ ୩୧ ଜଣଙ୍କୁ ସୁପାରିସ କରିଛନ୍ତି। ଏମାନଙ୍କ ମଧ୍ୟରୁ ୬ ଜଣଙ୍କୁ ଅର୍ଥ ମନ୍ତ୍ରଣାଳୟ ଲାଗି ସୁପାରିସ କରାଯାଇଛି। ଏମାନଙ୍କ ମଧ୍ୟରେ ପ୍ରମୁଖ ତିନିଜଣ ହେଉଛନ୍ତି ଡିପାର୍ଟମେଣ୍ଟ ଅଫ୍ ଇକୋନୋମିକ ଆଫେୟାର୍ସରେ ରାଜୀବ ସକ୍‌ସେନା, ଡିପାର୍ଟମେଣ୍ଟ ଅଫ୍ ଫାଇନାନ୍ସ ସର୍ଭିସରେ ସୌରଭ ମିଶ୍ର ଏବଂ ଡିପାର୍ଟମେଣ୍ଟ ଅଫ୍ ରେଭିନ୍ୟୁରେ ବାଲ୍‌ସୁବ୍ରମଣ୍ୟମ କ୍ରିଷ୍ଣମୂର୍ତ୍ତି । ଯୁଗ୍ମ ସଚିବ ପଦବୀ ପାଇଁ ସାମୁଏଲ ପ୍ରବୀଣ କୁମାର ( କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ),ମନୀଶ ଚଢା(ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ), ଅମର ଦୁବେ (ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ)ଏବଂ ଦିନେଶ ଦୟାନନ୍ଦ ଜଗଦଲେ (ନୂତନ ଓ ପାରମ୍ପରିକ ଶକ୍ତି ମନ୍ତ୍ରଣାଳୟ)ଙ୍କୁ ସୁପାରିସ କରାଯାଇଛି । ପ୍ରାଇଭେଟ ସେକ୍ଟରୁ ଆସିଥିବା ବିଶେଷଜ୍ଞମାନଙ୍କୁ ଚୁକ୍ତି ଆଧାରରେ ନିଯୁକ୍ତି ଦିଆଯାଇଥିବାବେଳେ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ଯେଉଁମାନେ ଆସିଛନ୍ତି ସେମାନଙ୍କୁ ଡେପୁଟେଶନରେ ନିଯୁକ୍ତି ଦିଆଯାଇଛି।

### ପୁନର୍ବାର ବିବାଦରେ

କେରଳର ଆଇଏଏସ୍ ଅଧିକାରୀ ଏମ୍ ଶିବଶଙ୍କର ଆତ୍ମକଥାକୁ ନେଇ ଏକ ପୁସ୍ତକ ରଚନା କରିଛନ୍ତି। ସେ ଚୋରା ସୁନା କାରବାରରେ ଛନ୍ଦି ହୋଇ ନିଲମ୍ବିତ ହୋଇଥିଲା ଓ ଗତ ମାସରେ ତାଙ୍କୁ ପୁଣି ଚାକିରିକୁ ଫେରାଇ ଅଣାଯାଇଥିଲା। ସରକାରଙ୍କ ଏଭଳି ନିଷ୍ପତ୍ତି ଭୁଲ୍ ଓ ଏହା ଗ୍ରହଣୀୟ ନୁହେଁ ବୋଲି ଅନେକ କହୁଛନ୍ତି। ସାରକଥା ହେଉଛି ଶିବଶଙ୍କରଙ୍କ ମାମଲା ଏବେ ବି ଚର୍ଚ୍ଚାରେ ରହିଛି। ଏହି ବାବୁ ଜଣକ ସରକାରଙ୍କ ସନ୍ଦେହ ଘେରରେ ରହିଥିବା ଅନୁମାନ କରାଯାଏ। ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି ଏବଂ ଶିବଶଙ୍କର ଆତ୍ମକଥା ଲେଖିବାକୁ ପୂର୍ବରୁ ବିଧିବଦ୍ଧ ଭାବେ ମଞ୍ଜୁରୀ ମାଗି ନ ଥିଲେ ବୋଲି ଅଭିଯୋଗ ଉଠୁଛି। ଏବେ ତାଙ୍କୁ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟର ପ୍ରମୁଖ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ତାଙ୍କ ପୁସ୍ତକରେ ବିଚାରାଧୀନ ମାମଲା ଉପରେ କିଛି ଉଲ୍ଲେଖ କରାଯାଇନାହିଁ ବୋଲି ପ୍ରକାଶ କରିବା ସହ ତାଙ୍କ ବିରୋଧରେ ଉଠୁଥିବା ଅଭିଯୋଗର ଦୃଢ ପ୍ରତିବାଦ କରିଛନ୍ତି । ଏହା ବ୍ୟତୀତ ତାଙ୍କୁ ଚୋରା ସୁନା କାରବାର ମାମଲା ସହ ଯୋଡ଼ିବାର କୌଣସି କାରଣ ନାହିଁ ବୋଲି କହିଛନ୍ତି। କିନ୍ତୁ ଏବକାର ଘଟଣାକୁ ନେଇ ରାଜ୍ୟ ସରକାର ଶିବଶଙ୍କରଙ୍କ ଦାବିକୁ ମାନିନେବା ସମ୍ଭାବନା ନାହିଁ। ସ୍କାଣ୍ଡାଲ ପ୍ରକାଶ ପାଇବାବେଳେ ଯେହେତୁ ଏହି ବାବୁ ଜଣକ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଥିଲେ , ସେଥିପାଇଁ ମୁଖ୍ୟମନ୍ତ୍ରୀ ପିନାରୟୀ ବିଜୟନ ପ୍ରଶ୍ନର ସମ୍ମୁଖୀନ ହେଉଛନ୍ତି। ଏବେ ଯାହା ଜଣାପଡୁଛି ଶିବଶଙ୍କରଙ୍କ ଲିଖିତ ଆତ୍ମକଥାକୁ ପିନାରୟୀ ସମର୍ଥନ କରୁଛନ୍ତି। କିନ୍ତୁ ଯଦି କେରଳରେ ବାବୁ କରିଡରରେ ଏହି ମାମଲା ଲାଗି ରହେ ତେବେ ଏଭଳି ଦୃଷ୍ଟିକୋଣରେ ଶୀଘ୍ର ପରିବର୍ତ୍ତନ ହୋଇପାରେ ବୋଲି କୁହାଯାଉଛି।

Email: dilipcherian@gmail.com

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | 1 | | | | 4 | | | |
| | 2 | | 7 | | | | | |
| | | | | 8 | | | | |
| 6 | | | 3 | | | | | |
| | 4 | | | | 1 | | 2 | |
| | | | 4 | | | | 5 | 7 |
| | | | | 3 | | 6 | 1 | 9 |
| 3 | 7 | 1 | | | | | | |
| 9 | 6 | | | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 1 | 6 | 4 | 3 | 8 | 5 | 9 |
| 8 | 3 | 6 | 5 | 2 | 9 | 7 | 1 | 4 |
| 5 | 4 | 9 | 1 | 8 | 7 | 2 | 3 | 6 |
| 6 | 5 | 8 | 9 | 7 | 2 | 1 | 4 | 3 |
| 3 | 9 | 7 | 4 | 6 | 1 | 5 | 8 | 2 |
| 4 | 1 | 2 | 3 | 5 | 8 | 9 | 6 | 7 |
| 1 | 8 | 3 | 7 | 9 | 4 | 6 | 2 | 5 |
| 9 | 6 | 4 | 2 | 1 | 5 | 3 | 7 | 8 |
| 7 | 2 | 5 | 8 | 3 | 6 | 4 | 9 | 1 |

ଗତକାଲିର ଉତ୍ତର

# ଚିନ୍ତାକରି ଲାଭ ନାହିଁ



ରଞ୍ଜନ କୁମାର ଦାସ

ଡାକ୍ତରଖାନାକୁ ଯାଇଥିଲି ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ । କାନ୍ଦବୋବାଳି ଶୁଭିଲା। ଭାବିଲି ଇଏତ ଡାକ୍ତରଖାନାରେ ନିୟମିତ କଥା । ହୁଏତ କିଏ ମରି ଯାଇଥିବ। ତା'ର ସ୍ୱଜନବର୍ଗ କାନ୍ଦୁଥିବେ। କିଛି ତରୁଣ ତରୁଣୀ ସେଠି ଏକାଠି ହୋଇଥାନ୍ତି। ସେମାନଙ୍କୁ ପଚାରିଲି କ'ଣ ହୋଇଛି। ଯାହା ଜାଣିଲି ଘଟଣାଟି ପ୍ରେମଜନିତ। ପ୍ରେମିକାର ପ୍ରତାରଣା ସହି ନ ପାରି ବିଚରା ପିଲାଟି ତା'ର ଶିରାପ୍ରଶିରା ସବୁ ବ୍ଲେଡରେ କାଟି ଦେଇଛି। ପ୍ରଚୁର ରକ୍ତସ୍ରାବ ଯୋଗୁ ପିଲାଟି ଚେତାଶୂନ୍ୟ ଅବସ୍ଥାରେ ଅଛି। ବୁଝିବାକୁ ବାକି ରହିଲା ନାହିଁ ଯେ ସେ ପିଲାଟି ଆତ୍ମହତ୍ୟା ପାଇଁ ଉଦ୍ୟମ କରୁଥିଲା। ଏବେ ଦିନେ ଫେସ୍‌ବୁକ୍‌ରେ ପିଲାଟିଏ ତା'ର ଆତ୍ମହତ୍ୟାକୁ ଲାଇଭ୍ କରିଦେବାର ଖବର ଟିଭିରେ ଦେଖଉଥିଲା। ନିତିଦିନିଆ ସଂସାରରେ ଏମିତି ଅନେକ ଘଟଣା ଆମ ଦୃଷ୍ଟିକୁ ଆସେ। କିଏ ପ୍ରେମରେ ପ୍ରତାରିତ ହୋଇ ତ କିଏ ପରିବାରର ବୋଝ ମୁଣ୍ଡେଇ ନ ପାରି, କିଏ ପୁଣି ଚାକିରି, ବ୍ୟବସାୟରେ ଆର୍ଥିକ ଓ ସାମାଜିକ ପ୍ରତିଷ୍ଠା ହରେଇ ନିଜକୁ ସମ୍ଭାଳି ନ ପାରି ଆତ୍ମହତ୍ୟା କରିବାକୁ ବସେ। ଅନେକ ଲୋକ ଆତ୍ମହତ୍ୟା ଭଳି ଗୁରୁତର ପଦକ୍ଷେପ ନ ନେଲେ ବି ଭିତରେ ଭିତରେ ଭାଙ୍ଗି ପଡ଼ନ୍ତି। ନିଜକୁ ସମ୍ଭାଳି ପାରନ୍ତି ନାହିଁ। ଫଳସ୍ୱରୂପ ଯାହା ଯେତିକି ବାକିଥାଏ ତାହା ବି ନଷ୍ଟ ହୋଇଯାଏ।

କହିବା ବାହୁଲ୍ୟ ଯେ, ଆମ ଚାରିପଟେ ପ୍ରତିଦିନ ନାନା ଘଟଣା ଘଟେ। ତା' ଭିତରୁ ଅନେକ ଘଟଣା ଆମ ଇଚ୍ଛା ମୁତାବକ ଘଟେ ନାହିଁ। ଅନେକ କିଛି ଆମ ଇଚ୍ଛା ବିରୋଧରେ ମଧ୍ୟ ଘଟେ। ବେଳେବେଳେ ପ୍ରକାରାନ୍ତରେ କହିଲେ ଏଇଆ ହେବ ଯେ ଆମେ ଚାହୁଁଥିବା ଜିନିଷଟି ଘଟେ ନାହିଁ। ପୁଣି ବେଳେବେଳେ ଆମେ ଚାହୁଁ ନ ଥିବା ଘଟଣା ଘଟେ। ଏ ଉଭୟ ଘଟଣାକ୍ରମ ଆମକୁ କଷ୍ଟ ଦିଏ। ଅନେକ କ୍ଷେତ୍ରରେ ଆମେ ଚାହିଁଲେ ମଧ୍ୟ ସେ ସବୁକୁ ଅଟକେଇ ପାରିବା ନାହିଁ ବା ତା'ର ଗତିପଥ ଓ ବେଗ ବଦଳେଇ ମଧ୍ୟ ପାରିବା ନାହିଁ । ଘଟଣାଟିଏ ଯେତେବେଳେ ଘଟେ ତାକୁ ନେଇ ଅନ୍ୟମାନଙ୍କର କ୍ରିୟା, ପ୍ରତିକ୍ରିୟା, ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ସୃଷ୍ଟି ହୁଏ। କୋଉଠି ତରୁଣ ସ୍ୱାମୀଟିଏ ମରିଗଲେ, ବୋହୂଟିକୁ କେହି ସମବେଦନା ପ୍ରକାଶ କରନ୍ତି ତ କେହି କେହି ପୁଣି ତାକୁ ଦାୟୀ କରନ୍ତି। କହନ୍ତି ଏଇଟା ଡାହାଣୀଟା। ପିଲାଟିଏ ପରୀକ୍ଷାରେ ଖରାପ କରିଦେଲେ ଦୋଷ ଆସିଯାଏ ମା'ବାପାଙ୍କ ଉପରେ। ଲୋକେ କହନ୍ତି ବାପା ଟଙ୍କା ପଇସା, ଅଫିସ, ବେପାର ପଛରେ ଧାଇଁଲା ପିଲାର ପଢ଼ା ଉପରେ ଧ୍ୟାନ ଦେଲାନି। ମାଆ ତ ସବୁବେଳେ ବସି ସିରିଅଲ ଦେଖିଲା। ନାନା ଲୋକ ନାନା କଥା କୁହନ୍ତି। ଏସବୁ କଥା ବେଢ଼ି ଉପରେ କୋରଡ଼ାମାଡ଼ ଭଳି ଲାଗେ। ତାକୁ ସମ୍ଭାଳିବା ମଧ୍ୟ ଆହୁରି ଜଟିଳ ହେଇପଡ଼େ। ତଥାପି ଆମେ ସମ୍ଭାଳିବା ପାଇଁ ଅଣ୍ଟାଭିଡ଼ୁ। ଆମେ ଭାବୁ ଯେ ଯାକୁ ଆମେ ନ ସମ୍ଭାଳିଲେ ଆଉ କିଏ ସମ୍ଭାଳିବ ? କେବେକେବେ ଆମେ ସଫଳ ହେଉ ତ କେତେବେଳେ ହେଉ ବିଫଳ। ବାରମ୍ବାର ବିଫଳତା ଆମର ଧୈର୍ଯ୍ୟକୁ ଭାଙ୍ଗିଦିଏ। ବିଶ୍ୱାସକୁ ଦୋହଲେଇ ଦିଏ। ଆମେ ଯେ ପାରିଲୁ ନାହିଁ ଏ କଥାଟି ଆମ ମଞ୍ଜକୁ ବାଧେ। ନିଜ ଅପାରଗତା ନିଜ ବ୍ୟକ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟିକରେ। ଆମେ ଅନ୍ୟ କାହାକୁ ସାମ୍ନା କରିବାର ବା ନିଜ ବିଫଳତାର କୈଫିୟତ ଦେବାର ନୈତିକ ସାହସ କ୍ରମେ କ୍ରମେ ହରେଇବସୁ। ଭିତରେ ଭିତରେ ଦିନକୁ ଦିନ ଘୁଣଖିଆ ଖମ୍ବପରି ଆହୁରି ଆହୁରି ଭାଙ୍ଗିପଡୁ, ଭୁଶୁଡ଼ିପଡୁ। ଯେତେଯେତେ ଅଧିକ ଚିନ୍ତାକରୁ ସେ ବିଷୟରେ ସେ ଚିନ୍ତା ଆମକୁ ଆହୁରି ଦୁର୍ବଳ କରେ । ସେଥିପାଇଁ କୁହାଯାଏ ଲୁଣ ଖାଏ ହାଣ୍ଡି ଚିନ୍ତା ଖାଏ ଗଣ୍ଡି।

ଚିନ୍ତାକରି ସତରେ କ'ଣ ବା ହୁଏ? ନା ଘଟିଥିବା ଜିନିଷକୁ ବଦଳେଇ ହୁଏ, ନା ପୁଣି ଯାହା ଅବଶ୍ୟମ୍ଭାବୀ ତାକୁ? ଥରେ ପ୍ରତାରଣା କରି ଚାଲିଯାଇଥିବା ପ୍ରେମିକା ଆଉ କ'ଣ ଫେରିଆସେ? ଉଠି ନ ଥିବା ଲଟେରି, ହାତରୁ ଖସି ଯାଇଥିବା ସୁଯୋଗ ଆଉ କ'ଣ ଫେରେ? ଦୁର୍ଭାଗ୍ୟର ଦିନ ସବୁ ଯାହା ବିତିଯାଇଥାଏ ତାହା କ'ଣ ଆଉ ଥରେ ମୁହଁରେ ଫେରାଇ ଆଣିପାରେ ହସ? ତେଣୁ ଅତୀତର ଅନ୍ଧମୁହାଣି ଭିତରେ ଘାଣ୍ଟି ହେବା ଅପେକ୍ଷା ସେ ପୁରୁଣା ସମ୍ପର୍କ, ସେ ପୁରୁଣା ଦିନକୁ ଝୁରି ହେବା ଅପେକ୍ଷା ସେସବୁଥିରୁ ନିଜକୁ ମୁକ୍ତ କରିବାରେ ହିଁ ବିଜ୍ଞତା ଥାଏ। ଯେଉଁ ବୋଝକୁ ଆଉ ବୋହି ହୋଇ ନ ଥାନ୍ତା, ତାକୁ ସେଇଠି ପରିତ୍ୟାଗ କରିବା ହିଁ ଯାତ୍ରାର ନିୟମ ହେଲେ ଯାତ୍ରା ସହଜସାଧ୍ୟ ହୁଏ। ସବୁ ଅନାବଶ୍ୟକ ବୋଝକୁ ବୋହିବା ପାଇଁ ଶରୀରକୁ ଓ ଆତ୍ମାକୁ ଅଯଥା କଷ୍ଟ ଦେବାରେ ମାନେ କିଛି ନ ଥାଏ। ପଞ୍ଜୁରିରେ ଥିବା ପକ୍ଷୀଙ୍କର ମୋହ ପାଇଁ ତାଙ୍କୁ ବାନ୍ଧି ରଖିଲେ ସେମାନେ ଯେ ପୋଷା ଏ କଥା ପ୍ରମାଣିତ କରିହେବ ନାହିଁ। ପଞ୍ଜୁରି ଖୋଲି ସବୁ ପକ୍ଷୀଙ୍କୁ ଉଡ଼େଇଦେଲେ ଯେଉଁ ପକ୍ଷୀଟି ଶେଷରେ ଫେରି ଆସିବ ସେ ହିଁ ସବୁଠୁ ପୋଷା ବୋଲି ବୁଝିବାକୁ ହେବ। ପୃଥିବୀର ସବୁ ସମ୍ପର୍କକୁ, ସବୁ ଘଟଣାକୁ, ସବୁ ଭବିଷ୍ୟତକୁ ନିଜ ନିୟନ୍ତ୍ରଣାଧୀନ କରିହେବ ନାହିଁ ଏ କଥା ଧ୍ରୁବସତ୍ୟ। ତେଣୁ ସମସ୍ତଙ୍କୁ ଛାଡ଼ି ଦିଆଯାଉ ଯେ ଯାହା ବାଟରେ। ଯାହା ଭବିତବ୍ୟ ତାହା ଘଟିବ। ଯେଉଁ ସମ୍ପର୍କ ସୁଦୃଢ଼ ତାହା ନିଶ୍ଚୟ ଫେରିଆସିବ ତା'ର ପୁରୁଣା ଅଗଣାକୁ। ଯିଏ ଚାଲିଗଲା ଆଉ ଫେରିବ ନାହିଁ ତା' ପାଇଁ ଲୁହ ଝରାଇବାରେ ଅର୍ଥ କିଛି ନ ଥାଏ। ତା' ପାଇଁ ଚିନ୍ତାକରି ଲାଭ ନାହିଁ। ତାକୁ ବରଂ କ୍ଷମା କରାଯାଉ, ମୁକ୍ତ କରାଯାଉ ସବୁ ଦାୟରୁ ଓ ଦେୟରୁ। ସମୟ ଆସିବ ସେ ନିଜେ ହିଁ ହେଜିବ।

ଆମେ ଅନ୍ୟମାନଙ୍କୁ ବଦଳେଇ ପାରିବା କି ନାହିଁ ତାହା ଜଣାନାହିଁ। ଅନ୍ୟମାନେ ଆମ ନିୟନ୍ତ୍ରଣରେ ନାହାନ୍ତି। ସେମାନଙ୍କ ଆଚରଣ, ବ୍ୟବହାର ଉପରେ ଆମର ନିୟନ୍ତ୍ରଣ ନାହିଁ। ତେଣୁ ସେଥିପାଇଁ ଆମେ ବ୍ୟସ୍ତ ବିବ୍ରତ ହୋଇ କି ଲାଭ ମିଳିବ? ଅନ୍ୟ କାହା ପାଇଁ ନିଜ ଦେହକୁ, ମନକୁ, ଆତ୍ମାକୁ କଷ୍ଟ ଦେଇ କ'ଣ ପ୍ରମାଣିତ କରିବାକୁ ଚାହୁଁ ଆମେ? ଏୟା ଯେ ଆମେ ତୁମକୁ ଏତେ ଭଲ ପାଉଥିଲୁ, ତୁମେ ପ୍ରତାରଣା ଦେଇଗଲ? ଯେଉଁ ଲୋକ ଭଲ ପାଇବାର ମୂଲ୍ୟ ନ ବୁଝି ଚାଲିଯାଏ ତାକୁ ବୁଝେଇବାର ଆଉ କି ଅର୍ଥ ଥାଏ?

ଗୀତାର ବାଣୀ ମନେପଡୁଛି। ଯାହା ଆସିବାର ଥିବ ଆସିବ, ଯାହା ଯିବାର ଥିବ ଯିବ। ଯାହା ଅଯାଚିତ ଭାବେ ଆସିଲା ସେଥିପାଇଁ ଉଲ୍ଲସିତ ହେବାର ନାହିଁ କି ଯାହା ଅପ୍ରତ୍ୟାଶିତ ଭାବେ ଚାଲିଯିବ ସେଥିପାଇଁ ବ୍ୟଥିତ ହେବାର ଆବଶ୍ୟକତା ନାହିଁ। ବହିଯିବା ପାଣିକୁ ସହଜେ ଅଟକେଇ ହୁଏ ନାହିଁ। ତେଣୁ ବନ୍ଧ ବାନ୍ଧିଲା ପରେ ବି ଯାହା ଅଟକି ବହିଯିବ ତାହା ଆମ ପାଇଁ ନୁହେଁ, ବରଂ ଆଉ କାହା କ୍ଷେତ ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ଧରିନେଇ ମନକୁ ବୁଝେଇବାକୁ ପଡ଼ିବ। ସେଇଭଳି ଯେଉଁ ମୌସୁମୀ ଆସିଲା ନାହିଁ କି ଆମ ରାଜ୍ୟରେ ବର୍ଷିଲା ନାହିଁ ତାହା ହୁଏତ ଅନ୍ୟ କେଉଁ ପୁଣ୍ୟବନ୍ତ ରାଜ୍ୟରେ ବର୍ଷିଥିବ ବୋଲି ଭାବି ନେବାକୁ ପଡ଼ିବ। ମୌସୁମୀ ସବୁଦିନେ ଆମକୁ ଆଡ଼କରି ରହିବ ନାହିଁ। ସେ ପୁଣି ଦିନେନା ଦିନେ ଆସିବ ଓ ବର୍ଷିବ ଏ ବିଶ୍ୱାସ ବି ମନ ଭିତରେ ରଖିବାକୁ ହେବ।

କେହି କେହି ଏ ନିବନ୍ଧ ପଢ଼ି କହିପାରନ୍ତି ମୁଁ ଅତ୍ୟନ୍ତ ଭାଗ୍ୟବାଦୀ। ଭାଗ୍ୟକୁ ଏତେ ପ୍ରାଧାନ୍ୟ ନ ଦେଇ କର୍ମକୁ ପ୍ରାଧାନ୍ୟ ଦେବା ଉଚିତ ବୋଲି ସେମାନେ କହିପାରନ୍ତି। ମୁଁ ତ ସେଇ କଥା ହିଁ ପ୍ରକାରାନ୍ତେ କହୁଛି। ଇଡି ଯାଇଥିବା କ୍ଷୀର ପାଇଁ ରୋଦନ ନ କରି ଭବିଷ୍ୟତରେ କେମିତି ତାହା ଇଡି ନ ଯିବ ସେଥିପାଇଁ ନିଜକୁ ପ୍ରସ୍ତୁତ କରିବା ଦରକାର। ପଞ୍ଜୁରିରୁ ଉଡ଼ି ଯାଇଥିବା ଚଢ଼େଇଟି ପାଇଁ ଚିନ୍ତା ନ କରି ଭବିଷ୍ୟତରେ ଆଉ ଗୋଟିଏ ଚଢ଼େଇ ଆଣିଲେ ସେ କେମିତି ଛାଡ଼ିକି ଉଡ଼ି ନ ଯିବ ସେଭଳି ତାକୁ ପୋଷା ମନେଇବାର ଅଛି। ଏଥର ପରୀକ୍ଷାରେ ଫେଲ୍ ହୋଇଗଲେ ସେଥିପାଇଁ ବିବ୍ରତ ନ ହୋଇ ଆଉ ଥରକୁ କେମିତି ଭଲ କରିହେବ ତା'ର କର୍ମଖସଡ଼ା ପ୍ରସ୍ତୁତ କରିବା ଦରକାର। ଉଜୁଡ଼ି ଯାଇଥିବା ସଂସାର, ପୋକ ଲାଗିଯାଇଥିବା ଧାନକ୍ଷେତ ପାଇଁ ନିଜକୁ ଦାୟୀକରି ଆତ୍ମହତ୍ୟା ନ କରି କେମିତି ସେ ପାଉଁଶ ତଳୁ ଫିନିକ୍ସ ପକ୍ଷୀ ଭଳି ପୁଣି ନବଜୀବନ ନେଇ ଉଠିବାକୁ ପଡ଼ିବ ତାକୁ ଶିଖିବାକୁ ହେବ। ବାରମ୍ବାର ଉଠିବା ଓ ପଡ଼ିବା, ପଡ଼ିବାରୁ ପୁଣି ଉଠିବା ହିଁ ତ ଜୀବନ। ଉଠୁ ଉଠୁ ଠିଆହେବା, ଠିଆ ହଉ ହଉ ଚାଲିବା, ଚାଲୁ ଚାଲୁ ଦୌଡ଼ିବା, ଦୌଡୁ ଦୌଡୁ ଚାମ୍ପିୟନ ହେବା ହିଁ ତ ଜୀବନ!

**ନିର୍ଦ୍ଦେଶକ, ସଂସ୍କୃତି ବିଭାଗ**
**ମୋ- ୯୪୩୭୨୮୬୫୧୨**

# ତିରିଶ ଓ ଦୁଇଟଙ୍କିଆ ଚାଉଳର ଖେଳ



ତୁଷାରକାନ୍ତ

୧୮୯୯ ଜାନୁୟାରୀ ୨୬ରେ ତତ୍କାଳୀନ କଟକ ତଥା ଅଧୁନା ଜଗତ୍‌ସିଂହପୁର ଜିଲା ଅନ୍ତର୍ଗତ ବାଗଲପୁରର ଏକ ସ୍ୱଚ୍ଛଳ ପରିବାରରେ ଜନ୍ମଗ୍ରହଣ କରିଥିବା ଗୌରାଙ୍ଗ ଚରଣ ଦାସ, ସ୍ୱାଧୀନତା ଜରିଆରେ ଦେଶର ସମସ୍ତେ ସ୍ୱଚ୍ଛଳରେ ଚଳିବାକୁ ସୁଯୋଗ ପାଇବା ଲକ୍ଷ୍ୟରେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ, ଗ୍ରାମର ଆଉ ସତରଜଣ ଯୁବକ ତଥା ଆଖପାଖର ଆଉ ଅନେକଙ୍କୁ ସେଥିପ୍ରତି ଆକୃଷ୍ଟ କରିପାରିଥିଲେ। ରାଜାମାନଙ୍କ ଦ୍ୱାରା ଶୋଷଣ ଓ କଷଣରୁ ପ୍ରଜାମାନଙ୍କୁ ଉଦ୍ଧାର କରିବାକୁ ଗଠିତ 'ପ୍ରଜାମଣ୍ଡଳ ଆନ୍ଦୋଳନ'ରେ ସେ ଯୋଗଦେଇଥିଲେ। ସେହି ଶୋଷଣ ଓ କଷଣର ସ୍ୱରୂପ, ବିପ୍ଳବୀ କବି ରବି ସିଂଙ୍କ 'ମଣିଷ' କବିତାର ଗୋଟିଏ ପଦରେ ଅତି ଚମତ୍କାର ଭାବେ ବର୍ଣ୍ଣିତ ଅଛି, ଯାହା ହେଉଛି ;

'ରକତେ ଗୋଳାଇ ଚୂନବାଲି ,
ମୁଣ୍ଡର ଝାଳକୁ ତୁଣ୍ଡେ ମାରି,
ମୁଠାଏ ତ ଚୁଡ଼ା- ପିଠିରେ କୋରଡ଼ା(ଚାବୁକମାଡ଼)
ଯତନନଗର କେତେ ବଡ଼,
ମଣିଷକୁ ଥରେ ପଢ଼ ପଢ଼ା।'

(ଯତନନଗର- ଢେଙ୍କାନାଳ ରାଜାଙ୍କର ଅନ୍ୟତମ ରାଜପ୍ରାସାଦ ଯାହା ଅନ୍ବେଷହୁତେ ସବୁ ରାଜଶାସନରେ ଅନୁସୃତ ହେଉଥିଲା)।

ଏପରି ଶୋଷଣ ଓ କଷଣ ବିରୋଧରେ 'ପ୍ରଜାମଣ୍ଡଳ ଆନ୍ଦୋଳନ'ରେ ଯୋଗଦେଇ ଦାସ ଢେଙ୍କାନାଳ ରାଜାଙ୍କ ପୋଲିସଙ୍କଠାରୁ ନିର୍ଘାତ ମାଡ଼ ଖାଇ ମୃତବତ ପଡ଼ି ରହନ୍ତେ, ପୋଲିସ ସେ ମରି ଯାଇଛନ୍ତି ଭାବି ପଳେଇଥିଲେ। ପାହାନ୍ତିଆ ଥଣ୍ଡା ପବନରେ ତାଙ୍କ ଚେତା ଫେରିଥିଲା ଓ ସେ ଆସି ପୁଣି ସେହି ତଥା ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ। ବୟସ ବଢ଼ିବା ପରେ ସେହି ମାଡ଼ର ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା ଓ ଥମ୍ବୋସିସ୍ ରୋଗରେ ଆକ୍ରାନ୍ତ ହୋଇ ତାଙ୍କର ୧୯ ଫେବୃୟାରୀ ୧୯୭୨ରେ ମୃତ୍ୟୁ ହୋଇଥିଲା ।

ଗାନ୍ଧିଜୀଙ୍କଠାରୁ ଆରମ୍ଭ କରି ଦାସଙ୍କ ସମେତ ଦେଶର ଯେଉଁ ଲକ୍ଷ ଲକ୍ଷ ଲୋକ ସ୍ୱାଧୀନତା ପାଇଁ ଅନେକ କଷ୍ଟ ଓ ତ୍ୟାଗ ସ୍ୱୀକାର କରିଥିଲେ,ସ୍ୱାଧୀନତା ପ୍ରାପ୍ତି ଯେ ସେମାନଙ୍କ ଈପ୍ସିତ ତଥା ଗାନ୍ଧିଜୀଙ୍କ ବର୍ଣ୍ଣିତ 'ରାମରାଜ୍ୟ'ଟିଏ ସୃଷ୍ଟି କରିପାରିଲା ନାହିଁ,



ଗୌରାଙ୍ଗ ଚରଣ ଦାସଙ୍କ ପୁଣ୍ୟତିଥି ଅବସରରେ

ତାହା ହିଁ ଇତିହାସର ସବୁଠାରୁ ବଡ଼ ବିଡ଼ମ୍ବନା।

ଏଇଠି ମନେପଡୁଛି ହିନ୍ଦୀଭାଷାର କବି ସୁଦାମା ପାଣ୍ଡେ 'ଧୁମିଲ'ଙ୍କ କବିତ'ରୁଟି ଓ ସଂସଦ'ରୁ ପଦଟିଏ, ଯାହା ଆମ ଓଡ଼ିଆ ଭାଷାରେ ହେଉଛି ;

'ଜଣେ ବ୍ୟକ୍ତି ରୁଟି ବେଲୁଛନ୍ତି,
ଜଣେ ବ୍ୟକ୍ତି ରୁଟି ଖାଉଛନ୍ତି,
ଜଣେ ତୃତୀୟ ବ୍ୟକ୍ତି ଅଛନ୍ତି,
ଯିଏ ନା ରୁଟି ବେଲୁଛନ୍ତି,
ନା ରୁଟି ଖାଉଛନ୍ତି,
ସେ କେବଳ ରୁଟି ସହ ଖେଳୁଛନ୍ତି,
ମୁଁ ଯେତେ 'ସେ ତୃତୀୟ ବ୍ୟକ୍ତି କିଏ' ବୋଲି
ପଚାରିଲେ ବି, ମୋ ଦେଶର ସଂସଦ ଚୁପ ରହୁଛି',

ଯାହା ଦେଶର ସଂସଦ ଓ ରାଜ୍ୟ ବିଧାନସଭା କାର୍ଯ୍ୟକ୍ରମରେ ଶତକଡ଼ା ଶହେ ପ୍ରତିଫଳିତ ହେଉଛି।

ଗାନ୍ଧିଜୀଙ୍କ 'ପ୍ରକୃତି ସମସ୍ତଙ୍କ ଚଳିବା ପାଇଁ ଯଥେଷ୍ଟ ଦେଇଛି, ଲୋଭର ପରିପୂରଣ ପାଇଁ ନୁହେଁ'କୁ ଗ୍ରହଣ କରା ନ ଯାଇ ତଥା ନିର୍ବାଚନକୁ ଅତ୍ୟନ୍ତ ଖର୍ଚ୍ଚବହୁଳ କରେଇ ଦିଆଯାଇଥିବା ପରିପ୍ରେକ୍ଷୀରେ, ପ୍ରବଳ ଚାନ୍ଦାଦାତାମାନଙ୍କର ଋଣ ଓ ସୁଧ ପରିଶୋଧ କରିବା ପରେ ଆଉ ଆପାତତଃ କିଛି ବଳୁ ନ ଥିବାରୁ, ସେମାନେ ସଂସଦ ଓ ବିଧାନସଭାଗୁଡ଼ିକରେ କ'ଣ ବା ଉତ୍ତର ଦିଅନ୍ତେ!

ପୁଣି ମନେପଡୁଛି, ଉର୍ଦ୍ଦୁ ସାୟରୀ ରଚନାର କିମ୍ବଦନ୍ତୀ ପୁରୁଷ ମିର୍ଜା ଘାଲିବଙ୍କ ରଚିତ ସାୟରୀଟିଏ, ଯାହା ଆମ ଓଡ଼ିଆ ଭାଷାରେ ହେଉଛି ;

'ଯଦି ତୁମେ ଭାବୁଛ ଯେ , ମୁଁ ତୁମ ପ୍ରତିଶ୍ରୁତି
ଉପରେ ଭରସା କରି ବଞ୍ଚି ରହିଛି,
ତେବେ ତୁମେ ଭ୍ରମରେ ଅଛ, କାରଣ ସେପରି
ହୋଇଥିଲେ ତ ମୁଁ କେବେଠାରୁ ଖୁସିରେ
ମରି ସାରନ୍ତିଣି'

ଯାହା ଏବେ ବି କାମ ଦେଉଛି ଓ ନେତାମାନଙ୍କ ପ୍ରତିଶ୍ରୁତିରେ ଜନତା ମସ୍‌ଗୁଲ। ଗାନ୍ଧିଜୀ/ ଜୟପ୍ରକାଶଜୀଙ୍କ ଅନୁଗତମାନେ ବାରମ୍ବାର ନିଜ କର୍ମ ଦ୍ୱାରା ଜନତାଙ୍କ ବିଶ୍ୱାସଭଙ୍ଗ କରାଇଥିବାରୁ (ଯାହାକୁ Crisis of Confidence ବୋଲି କୁହାଯାଏ), 'ସମସ୍ତେ ସେଇଆ ଓ ନିଜ ସ୍ୱାର୍ଥ ପାଇଁ ବ୍ୟସ୍ତ'କୁ ଏକମାତ୍ର ସତ୍ୟ ରୂପେ ଜନତା ଗ୍ରହଣ କରି ସାରିଛନ୍ତି। ତେଣୁ ସେମାନେ 'ତିରିଶ ଟଙ୍କା ଦେଇ କିଲେ ଚାଉଳ କିଣିବାକୁ ସକ୍ଷମ ହେବାକୁ ସରକାରଙ୍କୁ ବାଧ୍ୟ ନ କରି', ସରକାରଙ୍କ ସୃଷ୍ଟ 'ଦୁଇଟଙ୍କିଆ ଚାଉଳ ବିକ୍ରୟ କେନ୍ଦ୍ର' ଆଗରେ ଲାଗୁଥିବା ଧାଡିରେ ମିଶିବାକୁ ବାଡିଆପିଟା ଓ ଗାନ୍ଧିଜୀଙ୍କ 'ନ୍ୟାସ ସମ୍ପତ୍ତି ତତ୍ତ୍ୱ'ର ପରିଣତି ହୋଇଛି ଦେଶର ସମୁଦାୟ ସମ୍ପତ୍ତିର ବିରାଟ ଭାଗ କତିପୟଙ୍କ ହାତରେ ଠୁଳ ହେବା।

**ମୋ- ୮୮୯୫୮୫୭୩୧୮**

## ପାଠକ ଶ୍ରେଷ୍ଠ ବିଚାରକ

### ମଣ୍ଡିରେ ସମସ୍ୟା

ମହାଶୟ,

ଦେଢ଼ବର୍ଷ ମଣ୍ଡିରେ ଚାଷୀ ରଜିଷ୍ଟ୍ରେଶନଠୁ ଆରମ୍ଭକରି ଧାନ ରଖିବା ତଥା ଧାନ ବିକ୍ରୟ ପର୍ଯ୍ୟନ୍ତ ପ୍ରତି କ୍ଷେତ୍ରରେ ଅନିୟମିତତା ବଢ଼ିଚାଲିବା ଲକ୍ଷ୍ୟ କରାଯାଉଛି। ମଣ୍ଡିରେ ଧାନ ରଖିବା ପାଇଁ ସ୍ଥାନର କ୍ରମାଙ୍କ କ୍ରମାନୁସାରେ ଟୋକନରେ ଦର୍ଶାଯାଇ ନ ଥିବାରୁ ଓ ମଣ୍ଡିରେ 'ବେପାରୀପୋଷଣ' ନୀତିଟି ବଳବତ୍ତର ରହିଥିବାରୁ ସୋସାଇଟି କର୍ତ୍ତୃପକ୍ଷଙ୍କ ସହଯୋଗରେ ଏମାନେ ସମସ୍ତ ସୁଯୋଗ ଓ ସୁବିଧା ଅନାୟାସରେ ପାଇବା ଦେଖାଯାଉଛି। ପୁନଶ୍ଚ କେଉଁଠି ସୋସାଇଟି ସେକ୍ରେଟାରି ଚାଷୀଙ୍କୁ ଟୋକନ ନ ଦେଇ ଯେଉଁ ତାରିଖରେ ମଣ୍ଡିକୁ ଧାନ ଆଣିବାକୁ କହୁଛନ୍ତି ସେହି ତାରିଖରେ ମଣ୍ଡି ଖାଲି ନ ଥିବା ଦେଖାଯାଉଛି। ଏହାଦ୍ୱାରା କେଉଁଠି ଚାଷୀଙ୍କୁ ମାସେ ଅବଧି ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ସ୍ଥାନଟିଏ ମିଳିବା କଷ୍ଟକର ହେବ। ଦେଖାଯାଉଛି, ଅଧିକନ୍ତୁ ସୋସାଇଟିକୁ ଆସୁଥିବା ରେଜିଷ୍ଟ୍ରେଶନ ଓ ଟୋକନ ଲିଷ୍ଟ ଚାଷୀଙ୍କ ଅବଗତି ନିମନ୍ତେ ମଣ୍ଡିସ୍ଥିତ ନୋଟିସ୍ ବୋର୍ଡରେ ପ୍ରକାଶ କରାଯାଉ ନ ଥିବାରୁ ଦୁର୍ନୀତିକୁ ବେଶ୍ ଖୋରାକ ଯୋଗାଉଛି। ସୁତରାଂ ସରକାର ଚାଷୀଙ୍କ ହିତାର୍ଥେ ଉପରୋକ୍ତ ବିଷୟଗୁଡ଼ିକ ପ୍ରତି ଧ୍ୟାନ ଦିଅନ୍ତୁ ଓ ସ୍ଥାୟୀ ପ୍ରତିକାର କରନ୍ତୁ ।

**-ରାଜକୁମାର ସାମଲ, ଅରେଇ, ଯାଜପୁର**

### ୟୁକ୍ରେନ୍ ଓ ବିଶ୍ୱ ସମୁଦାୟ

ସୋଭିଏଟ୍ ସଂଘରୁ ଅଲଗା ହୋଇଥିବା ଅନ୍ୟ ଏକ ରାଷ୍ଟ୍ର ୟୁକ୍ରେନ୍ ଏବେ ବିଶ୍ୱର ଆଖଡ଼ାଘର ଉପୃତ୍ତିସ୍ଥଳ ପାଲଟିବାକୁ ଯାଉଛି। ଏହି ଦେଶକୁ ରୁଷିଆ ଚାରିପଟୁ ଘେରିଯାଇଛି। ଆମେରିକା ସମେତ ନାଟୋ ଦେଶ ୟୁକ୍ରେନ୍ ସପକ୍ଷରେ କୁଦି ପଡ଼ିଛନ୍ତି। ତୈଳ ସମ୍ପଦଭରା ୟୁକ୍ରେନ୍ ନାଟୋର ସଦସ୍ୟ ରାଷ୍ଟ୍ର ଯେପରି ନ ହୁଏ ସେଥିନେଇ ରଣନୀତି ଚାଲୁ ରଖିଛି ରୁଷିଆ। ଏପର୍ଯ୍ୟନ୍ତ ଆମେରିକା ନାଲିଆଖିକୁ ଫୁ କରିଛନ୍ତି ରୁଷିଆ ରାଷ୍ଟ୍ରପତି ପୁଟିନ୍। ଅଲଗା ହୋଇଥିବା ଅନ୍ୟ ଏକ ରାଷ୍ଟ୍ର ବେଲାରୁଷ ରୁଷିଆ ସପକ୍ଷରେ ଥିବାବେଳେ ଯୁଦ୍ଧ ଲାଗିଲେ ଚାଇନା ରୁଷିଆ ସପକ୍ଷରେ କୁଦିବା ସମ୍ଭାବନା ଶହେରୁ ଶହେ ଅଛି। ତୃତୀୟ ବିଶ୍ୱଯୁଦ୍ଧର ଶୀତଳ ଯୁଦ୍ଧ ସମୟରେ ଆସିଥିଲା। କିନ୍ତୁ ସମୟ ସୁଅରେ ଅପସରି ଯାଇଥିଲା। ଏହି ରାଷ୍ଟ୍ରର ଘଡ଼ିସନ୍ଧି ସମୟରେ ବିଶ୍ୱ ସମୁଦାୟ ଦୁଇଭାଗ ନ ହୋଇ ଏକ ହୋଇ ରହିବା ଜରୁରୀ।

**-ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ବୟସ କମ୍ ହେଲେ ମଧ୍ୟ ଦୃଢ଼ ଇଚ୍ଛାଶକ୍ତି ବଳରେ ସଫଳତା ପାଇବାରେ କିଛି ଅସୁବିଧା ନ ଥାଏ ବୋଲି ପ୍ରମାଣ କରିଛନ୍ତି ଜଣେ ସଫଳ କୁନି ପରିବେଶକର୍ମୀ ପ୍ରସିଦ୍ଧି ସିଂ। ପ୍ରସିଦ୍ଧି ରହୁଛନ୍ତି ଚେନ୍ନାଇର ମହିନ୍ଦ୍ରା ୱାର୍ଲ୍ଡ ସିଟିରେ। ତାଙ୍କ ବୟସ ଏବେ ୯ ବର୍ଷ। ଏହି ବୟସରେ ସେ ହଜାର ହଜାର ଗଛ ଲଗାଇ ୨୦ଟି ମିନି ଜଙ୍ଗଲ ସୃଷ୍ଟି କରିପାରିଛନ୍ତି। କେବଳ ଏତିକି ନୁହେଁ, 'ପ୍ରସିଦ୍ଧି ଫରେଷ୍ଟ ଫାଉଣ୍ଡେଶନ' ନାମରେ ଏକ ଜଙ୍ଗଲ ପ୍ରତିଷ୍ଠା କରି ତାହାକୁ ସେ ଚଳାଉଛନ୍ତି। ତାଙ୍କୁ ୪ ବର୍ଷ ହୋଇଥିବାବେଳେ ଚେନ୍ନାଇରେ ଦେଖିଥିଲେ ଏକ ପ୍ରଳୟଙ୍କରୀ ବାତ୍ୟା। ବାତ୍ୟାରେ ବହୁ ଗଛ ନଷ୍ଟ ହୋଇଯାଇଥିଲା, ଯାହା ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ପରେ ଗଛ ଲଗାଇବାର ସଙ୍କଳ୍ପ ନେଇ ସେ ତାଙ୍କ ଅଭିଯାନ ଚଳାଇଛନ୍ତି। ଉକ୍ତ ଫାଉଣ୍ଡେଶନ ଦ୍ୱାରା ଏହିସବୁ କାର୍ଯ୍ୟ କରୁଛନ୍ତି। ନିଜ ଜନ୍ମମାଟିରେ ସେ ୨୦ଟି ମିନି ଜଙ୍ଗଲ କରିସାରିଲେଣି। ସେ ସବୁ ଗଛ ଲଗାଇବା ସହ ତାହାର ଯତ୍ନ ବି ନେଉଛନ୍ତି। ମାତ୍ର ୨ ବର୍ଷ ବୟସରେ ପରିବେଶକୁ ଭଲ ପାଇବା ଆରମ୍ଭ ହୋଇଥିଲା ବୋଲି କହନ୍ତି ପ୍ରସିଦ୍ଧି। ଏବେ ସେହି ଭଲପାଇବା ତାଙ୍କୁ ସଫଳତା ଆଣିଦେଇଛି। ପ୍ରତିଦିନ ସେ ସବୁ ଜଙ୍ଗଲକୁ ଯାଆନ୍ତି ଓ ସେଠାରେ ଗଛଗୁଡ଼ିକୁ ନିରୀକ୍ଷଣ କରନ୍ତି। ଏବେ ସେହି ସବୁ ଜଙ୍ଗଲରେ ବହୁ ପ୍ରଜାତିର ପ୍ରଜାପତି ଓ ପକ୍ଷୀ ରହିବା ଆରମ୍ଭ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୯ ଫେବୃୟାରୀ ୧୯୯୭**

- ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ତାଙ୍କ କ୍ୟାବିନେଟ୍‌ରୁ ଗୃହନିର୍ମାଣ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ଆଫସରଉଦ୍ଦିନ ଅହମ୍ମଦ ଖାଁଙ୍କୁ ବରଖାସ୍ତ କରିଛନ୍ତି।
- ପ୍ରବୀଣ ଅର୍ଥନୀତିଜ୍ଞ ଅଶୋକ ମିତ୍ର ଓ ମରାଠୀ ସାହିତ୍ୟିକ ଗଙ୍ଗାଧର ଗାଡଗିଲ୍‌ଙ୍କ ସମେତ ୨୧ ଜଣ ଖ୍ୟାତନାମା ଲେଖକଙ୍କୁ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ।
- ବିଶିଷ୍ଟ ସଙ୍ଗୀତଜ୍ଞ ତଥା ତବଲା ବାଦକ ପଦ୍ମଭୂଷଣ ଜ୍ଞାନ ପ୍ରକାଶ ଘୋଷଙ୍କ ୮୫ ବର୍ଷ ବୟସରେ ପରଲୋକ।

### ଚିରନ୍ତନୀ

ତା' ଲାଗି ଅଙ୍ଗେ ଭସ୍ମ ବହିଲି ଶିରରେ ଜଟା
ଚିର ଗଇରିକ ରଙ୍ଗ ଧରିଲା ପରାଣ ଗୋଟା
ଅନ୍ତର ତଳୁଁ ଝରିପଡ଼େସଦା ବେଦନା-ମସୀ
ଏ ଦେହ ପରାଣ ଘେନି ସେ ନାଗରୀ ଖେଳଇ ହସି।
-(ମାନସୀ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ବୋର୍ଡ଼ରୁ ଇସ୍ତଫା ଦେଲେ ରାକେଶ ଗାଙ୍ଗୱାଲ

**ନୂଆଦିଲ୍ଲୀ:** ଦେଶର ପ୍ରମୁଖ ଘରୋଇ ବିମାନସେବା ପ୍ରଦାନକାରୀ କମ୍ପାନୀ ଇଣ୍ଡିଗୋ ତଥା ଇଣ୍ଟର ଗ୍ଲୋବ୍ ଆଭିଏଶନର ଅଣ କାର୍ଯ୍ୟନିର୍ବାହୀ, ଅଣ ସ୍ୱାଧୀନ ନିର୍ଦ୍ଦେଶକ ରାକେଶ ଗାଙ୍ଗୱାଲ ଶୁକ୍ରବାର ବୋର୍ଡ଼ରୁ ଇସ୍ତଫା ନେଇ ଏକ ପତ୍ର କମ୍ପାନୀ ନିକଟକୁ ପଠାଇଛନ୍ତି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ସେ ମଧ ଚିଠିରେ ଉଲ୍ଲେଖ କରିଛନ୍ତି। ସେହିଭଳି ଆସନ୍ତା ୫ ବର୍ଷ ମଧରେ ସେ ତାଙ୍କର ସମସ୍ତ ଅଂଶଧନକୁ ଧୀରେ ଧୀରେ ହ୍ରାସ କରିବେ ବୋଲି ଗାଙ୍ଗୱାଲ ତାଙ୍କ ଇସ୍ତଫାପତ୍ରରେ ମଧ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଏମ୍‌ଏସ୍‌ଏମ୍‌ଇ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୮।୨: ସିବିଲ ର୍ୟାଙ୍କ୍ ପକ୍ଷରୁ ଅଣୁ, କ୍ଷୁଦ୍ର ଓ ମଧମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ବର୍ଗକୁ ନେଇ ସର୍ବଭାରତୀୟ ସ୍ତରରେ ଏକ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଟ୍ରାନ୍ସୟୁନିୟନ ଓ ଫିଁକି ମଧରେ ଏକ ସହଯୋଗିତା ସ୍ଥାପନ କରାଯାଇଛି। ଟ୍ରାନ୍ସୟୁନିୟନ ସିବିଲ୍‌ର ସିଓଓ ହର୍ଷାଲା ଚାନ୍ଦୋରକର କହିଛନ୍ତି, ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ହେଉଛି ଭାରତୀୟ ଅର୍ଥନୀତିର ମୂଳଦୁଆ ଏବଂ ଏହା ଅଭିବୃଦ୍ଧିକୁ ଆଗକୁ ବଢ଼ାଉଛି। ଭାରତରେ କେବଳ ଏକତୃତୀୟାଂଶ ଏମ୍‌ଏସ୍‌ଏମ୍‌ଇଙ୍କୁ ସଂଗଠିତ ଋଣ ବ୍ୟବସ୍ଥାର ସେବା ମିଳୁଛି। ଫିଁକିର ଡେପୁଟି ସେକ୍ରେଟାରି ଜେନେରାଲ ଜ୍ୟୋତି ଭିଜ୍ କହିଛନ୍ତି, ଦେଶର ଆର୍ଥିକ ଭିତ୍ତିଭୂମିର ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଟ୍ରାନ୍ସୟୁନିୟନ ସିବିଲ୍ ସହିତ ଏମ୍‌ଏସ୍‌ଏମ୍‌ଇ ବିକାଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଲାଗି ସହଯୋଗିତା ସ୍ଥାପନ କରିଥିବାରୁ ଫିଁକି ଅତ୍ୟନ୍ତ ଆନନ୍ଦିତ।

### ରିଅଲ୍‌ମିର ନୂତନ ଉତ୍ପାଦ

ଭୁବନେଶ୍ୱର,୧୮।୨:ସ୍ମାର୍ଟଫୋନ୍ ବ୍ରାଣ୍ଡ ରିଅଲ୍‌ମି ପକ୍ଷରୁ ଏହାର ନୂଆ ୟୁଥ୍ ଫ୍ଲାଗ୍‌ଶିପ୍ ସ୍ମାର୍ଟଫୋନ୍ ରିଅଲ୍‌ମି ୯ ପ୍ରୋ ୫ଜି ଓ ରିଅଲ୍‌ମି ୯ ପ୍ରୋ+ ୫ଜିର ଶୁଭାରମ୍ଭ କରାଯାଇଛି। ଏ ସମ୍ପର୍କରେ ରିଅଲ୍‌ମି ଗ୍ରୁପ୍‌ର ଅଧକ୍ଷ ମାଧବ ସେଠ୍ କହିଛନ୍ତି, ଉଭୟ ସ୍ମାର୍ଟଫୋନ୍‌ରେ ଉନ୍ନତ କ୍ୟାମେରା ରହିଛି ଓ ଏହା ନୂତନ ୫ଜି ପ୍ରୋସେସର ଦ୍ୱାରା ସୁସଜ୍ଜିତ ରହିଛି। ଆମର ଉପଭୋକ୍ତାମାନଙ୍କ ନିକଟରେ ଏହା ଏକ ଅତୁଳନୀୟ ଅନୁଭୂତି ପ୍ରଦାନ କରିବ। ଉଭୟ ମଡେଲ ଅତ୍ୟାଧୁନିକ ଜ୍ଞାନକୌଶଳ ସହ ଯୁବବର୍ଗଙ୍କ ଆବଶ୍ୟକତା ପୂରଣ କରିବା ଦିଗରେ ବେଶ୍ ସହାୟକ ହେବ। ଏଥିରେ କ୍ୟାମେରା ଓ ମେମୋରି ସହିତ ଡିସ୍‌ପ୍ଲେକୁ ଅଧିକ ଗୁରୁତ୍ୱ ଦିଆଯାଇଛି।

# ୪୫%କୁ ବୃଦ୍ଧି ପାଇବ ଡିଜିଟାଲ ବଜାର

**ଗ୍ରୁପ୍‌ଏମ୍ ଇଣ୍ଡିଆର ଟିୱାଇଏନ୍‌ୱାଇ-୨୦୨୨ ରିପୋର୍ଟ**
- ବିଜ୍ଞାପନ ବ୍ୟୟ ପାଇଁ ଡିଜିଟାଲ୍ ହେବ ବଡ଼ ମାଧମ
- ଭାରତ ବିଶ୍ୱର ନବମ ବୃହତ୍ ବଜାର ଚାହିଦା

ନୂଆଦିଲ୍ଲୀ,୧୮।୨



ପ୍ରଶାନ୍ତ କୁମାର   ସିଦ୍ଧାର୍ଥ ପରାଶର   ତୁଷାର ବ୍ୟାସ

ଗ୍ରୁପ୍‌ଏମ୍ ଇଣ୍ଡିଆ ପକ୍ଷରୁ ନିକଟରେ ୨୦୨୨ ବର୍ଷ ଲାଗି ବିଜ୍ଞାପନ ବ୍ୟୟର ଏକ ଆକଳନ ରିପୋର୍ଟ ପ୍ରକାଶ କରାଯାଇଛି। କମ୍ପାନୀର କହିବା ଅନୁଯାୟୀ କୌଣସି ଏକ ଉତ୍ପାଦକୁ ଗ୍ରାହକଙ୍କ ନିକଟରେ ପରିଚିତ କରାଇବା ପାଇଁ ସରକାରୀ ସ୍ୱୀକୃତିପ୍ରାପ୍ତ ଗଣମାଧମ ସଂସ୍ଥାର ସହାୟତା ନିଆଯାଇଥାଏ। ଏଭଳି କିଛି ଯୋଜନା ଓ ଏହାର ଆବଶ୍ୟକତାକୁ ନଜରରେ ରଖି କମ୍ପାନୀଗୁଡ଼ିକ ସେମାନଙ୍କ ପ୍ରଡକ୍ଟ ଓ ବ୍ରାଣ୍ଡ ଲାଗି କିଛି ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା ବିଜ୍ଞାପନ କ୍ଷେତ୍ରରେ ଖର୍ଚ୍ଚ ପାଇଁ ଯୋଜନା କରିଥାନ୍ତି। ଏଭଳି କିଛି ସୂଚନା କମ୍ପାନୀର ରିର୍ପୋଟ କାର୍ଡ ଶୀର୍ଷକ 'ଦିସ୍ ଇୟର,ନେକ୍ସଟ୍ ଇୟର' (ଟିୱାଇଏନ୍‌ୱାଇ)ରେ ରହିଛି। ଏହି ବିଜ୍ଞାପନ ଖର୍ଚ୍ଚ (ଆଡେକ୍ସ) ଆକଳନ ରିପୋର୍ଟ ଅନୁସାରେ ମିଳିଥିବା ତଥ୍ୟ ଅନୁଯାୟୀ ୨୦୨୨ରେ ବିଜ୍ଞାପନ ବାବଦକୁ ୨୨% ବ୍ୟୟ ବୃଦ୍ଧି ପାଇବ। ମୋଟ ବିଜ୍ଞାପନ ବ୍ୟୟ ଏହି ସମୟରେ ୧,୦୭,୯୮୭ କୋଟି ଟଙ୍କା ରହିବ ବୋଲି ଆକଳନ କରାଯାଇଛି। ବିଶ୍ୱର ଶ୍ରେଷ୍ଠ ୧୦ଟି ବଜାର ମଧରେ ଭାରତ ନବମ ବୃହତ୍ ବଜାର ଭାବେ ଗଣାଯିବ ବୋଲି ଉକ୍ତ ରିପୋର୍ଟରେ ଆକଳନ କରାଯାଇଛି। ଏ ସମ୍ପର୍କରେ ଗ୍ରୁପ୍‌ଏମ୍ ସାଉଥ୍ ଏସିଆର ସିଇଓ ପ୍ରଶାନ୍ତ କୁମାର କହିଛନ୍ତି, କୋଭିଡ୍ ମହାମାରୀ ଯୋଗୁ ଡିଜିଟାଲ କ୍ଷେତ୍ର ପ୍ରତି ବିଜ୍ଞାପନଦାତାମାନଙ୍କ ଆଗ୍ରହ ବଢ଼ିଛି। ସେହିଭଳି ଇ-କମର୍ସ ଓ ଟେଲିକମ୍ କମ୍ପାନୀଗୁଡ଼ିକ ମଧ ଅର୍ଥନୀତିକୁ ଆଗକୁ ବଢ଼ାଇବା ପାଇଁ ଏହାର ସହଯୋଗ ମଧ ନେଇପାରନ୍ତି। ସେହିଭଳି ଏହି ଅଭିବୃଦ୍ଧିରେ ଏଫ୍‌ଏମ୍‌ସିଜି ଓ ଅଟୋମୋବାଇଲ କ୍ଷେତ୍ର ଗୁଡ଼ିକର ମଧ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି କମ୍ପାନୀର ସଭାପତି (ଗ୍ରୋଥ୍ ଆଣ୍ଡ ଟ୍ରାନ୍ସଫର୍ମେଶନ) ତୁଷାର ବ୍ୟାସ କହିଛନ୍ତି, ୨୦୨୨ରେ ବିଜ୍ଞାପନ ପାଇଁ ଡିଜିଟାଲ କ୍ଷେତ୍ର ସବୁଠାରୁ ବଡ଼ ମାଧମ ଭାବେ ଉଭାହେବ। ବର୍ତ୍ତମାନ ସମୟରେ ଏହାର ଚାହିଦା ବୃଦ୍ଧି ପାଇଥିବାରୁ ୪୫% ଶେୟାର ଏହା ଭାଗରେ ପଡିବ ବୋଲି ଆକଳନ କରାଯାଉଛି। ସେହିପରି ୨୦୨୨ରେ ଡିଜିଟାଲ କ୍ଷେତ୍ର ପ୍ରାୟ ୩୩% ବୃଦ୍ଧି ହେବାର ସମ୍ଭାବନା ରହିଥିବା ସେ କହିଛନ୍ତି। ଅପରପକ୍ଷରେ କମ୍ପାନୀର ସଭାପତି (ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ପ୍ରାଇସିଂ) ସିଦ୍ଧାର୍ଥ ପରାଶର କହିଛନ୍ତି, ୨୦୨୨ରେ ଡିଜିଟାଲ କ୍ଷେତ୍ର ଆଶାତୀତ ଭାବେ ବୃଦ୍ଧି ପାଇବ। ବିଶେଷକରି ବର୍ତ୍ତମାନର ଚାହିଦାକୁ ଲକ୍ଷ୍ୟକଲେ ଏହାର ଭାଗ ପ୍ରାୟ ଅଧିକ ରହିବ। ଯଦିଓ ବିଜ୍ଞାପନର ବଡ଼ ଭାଗ ଡିଜିଟାଲ କ୍ଷେତ୍ର ହାସଲ କରିବ, ତଥାପି ଓଏଚ୍ ଓ ସିନେମା କ୍ଷେତ୍ରରେ ମଧ ଉନ୍ନତି ଦେଖିବାକୁ ମିଳିବ। ଏପରିକି ଓଟିଟି ମାଧମରେ ଏହାର ଚାହିଦା ବୃଦ୍ଧି ହେବ।

# ମିନର୍ଭା ଅଟୋମୋବାଇଲ୍ସର ନୂତନ ଶୋ'ରୁମ୍ ଉଦ୍‌ଘାଟିତ



**ମହିନ୍ଦ୍ରାର ନୂତନ ଆଉଟ୍‌ଲେଟ୍**

ବଲାଙ୍ଗୀର,୧୮।୨

ଦେଶର ପ୍ରମୁଖ ଅଟୋ ଶିଳ୍ପ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ମଲ୍ଟି ବ୍ରାଣ୍ଡ ୟୁଜ୍‌ଡ (ବ୍ୟବହାର) କାର୍ ଡିଭିଜନ, ମହିନ୍ଦ୍ରା ଫାଷ୍ଟ ଚଏସ୍‌ର ନୂତନ ଆଉଟ୍‌ଲେଟ ଗୁରୁବାର ବଲାଙ୍ଗୀର ଠାରେ ଶୁଭାରମ୍ଭ କରାଯାଇଛି। କମ୍ପାନୀର ସ୍ୱୀକୃତିପ୍ରାପ୍ତ 'ମିନର୍ଭା ଅଟୋମୋବାଇଲ୍ସ' ସହାୟତାରେ ଏହି ନୂତନ ଶୋ'ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମିନର୍ଭା ପରିବାରର ମୁଖ୍ୟ ପରେଶ ମେହେର ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିନର୍ଭା ଅଟୋମୋବାଇଲ୍ସର ନିର୍ଦ୍ଦେଶକ ବ୍ରିଜେଶ ମେହେର ଏବଂ ଅନିମେଶ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ସମସ୍ତ ବ୍ରାଣ୍ଡର ୪ଚକିଆ ଯାନର କ୍ରୟବିକ୍ରୟ ସାଙ୍ଗକୁ ବୀମା ଓ ଆର୍‌ଟିଓ ସମ୍ପର୍କିତ ବିଭିନ୍ନ ସୁବିଧା ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି। ସେହିଭଳି ଏଠାରେ ମହିନ୍ଦ୍ରାର ସାର୍ଟିଫାଏଡ୍ ଗାଡ଼ିଗୁଡ଼ିକୁ ୱାରେଣ୍ଟି ସହ ବିକ୍ରି କରାଯାଇଥାଏ ବୋଲି ଶୋ'ରୁମ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଭୁବନେଶ୍ୱରରେ ଲାଟ୍ ଲିଭ୍‌ର ୧ମ ଏକ୍ସକ୍ଲୁସିଭ ଷ୍ଟୋର

**୪ହଜାରରୁ ଊର୍ଦ୍ଧ୍ୱ ଫ୍ୟାଶନ ଲାଇଫ୍ ଷ୍ଟାଇଲ୍ ଉପଲବ୍ଧ**

ଭୁବନେଶ୍ୱର,୧୮।୨



ବର୍ତ୍ତମାନର ଜଟିଳ ସମୟ ମଧ୍ୟରେ ସହରବାସୀଙ୍କୁ ଗୋଟିଏ ଛାତ ତଳେ ସମସ୍ତ ପ୍ରକାର ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇଦେବା ଲକ୍ଷ୍ୟ ନେଇ କମ୍ପାନୀ ଭୁବନେଶ୍ୱରରେ ତା'ର ପ୍ରଥମ 'ଲାଟ୍ ଲିଭ୍' ଏକ୍ସକ୍ଲୁସିଭ୍ ଷ୍ଟୋରର ଶୁଭାରମ୍ଭ କରିଛି। ଗୁରୁବାର ସ୍ଥାନୀୟ କଳ୍ପନା ଛକସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ ପରିସରରେ ଏହାର ନୂତନ ଷ୍ଟୋର ଉଦ୍‌ଘାଟନ ହୋଇଯାଇଛି। ଏହି ଅବସରରେ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ଷ୍ଟୋରରେ ୪ହଜାରରୁ ଊର୍ଦ୍ଧ୍ୱ ଫ୍ୟାଶନ ଲାଇଫ୍ ଷ୍ଟାଇଲ୍‌ର ସାମଗ୍ରୀ ଉପଲବ୍ଧ ରହିଛି। ଯେଉଁଥିରେ ଫ୍ୟାଶନ, ବିୟୁଟି, ଷ୍ଟେଶନେରି, ଡିଜିଟାଲ, କିଚେନ୍, ଗିଫ୍ଟ, ପିଲାଙ୍କ ଆନୁଷଙ୍ଗିକ ସହ ଘର ଉପକରଣ ସାମଗ୍ରୀ ରହିଛି। ସେହିପରି ୨ଶହରୁ ଊର୍ଦ୍ଧ୍ୱ କ୍ଲାସିକ ସାମଗ୍ରୀ ମଧ ଏଠାରେ ଉପଲବ୍ଧ । ଏହି ଅବସରରେ ଷ୍ଟୋରର ନିର୍ଦ୍ଦେଶକ ସିଲ୍ଲା ରାମାରାଓ ଓ ନିର୍ଦ୍ଦେଶିକା ସିଲ୍ଲା ସରୋଜା କହିଛନ୍ତି, ସାରା ଦେଶରେ 'ଲାଟ୍ ଲିଭ୍'ର ୩୦ରୁ ଊର୍ଦ୍ଧ୍ୱ ଶାଖା ରହିଥିବାବେଳେ ଭୁବନେଶ୍ୱରରେ ଏହା ପ୍ରଥମ ଷ୍ଟୋର ଭାବେ ଗ୍ୟାଲେରିଆ ପରିସରରେ ଆରମ୍ଭ କରାଯାଇଛି। ଏଠାରେ ସମସ୍ତ ପ୍ରକାର ସାମଗ୍ରୀ ସୁଲଭ ମୂଲ୍ୟରେ ଗ୍ରାହକଙ୍କୁ ଯୋଗାଇଦିଆଯିବ ବୋଲି ସରୋଜା କହିଛନ୍ତି। ଆଗାମୀ ଦିନରେ ଓଡ଼ିଶାର ପ୍ରମୁଖ ସହରଗୁଡ଼ିକରେ ଏହାର ଶାଖା ଖୋଲିବା ଯୋଜନା ରହିଛି। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ବ୍ରାଣ୍ଡ ମୁଖ୍ୟ ଛାୟା ଠାକେରଙ୍କ ସମେତ ଅନ୍ୟ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ସାମ୍‌ସଙ୍ଗ ଏସ୍୨୨ ସିରିଜ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୧୮।୨

ଦେଶର ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ ସାମ୍‌ସଙ୍ଗ୍ ପକ୍ଷରୁ ଭାରତରେ ଏହାର ପ୍ରିମିୟମ ଫ୍ଲାଗ୍‌ଶିପ 'ଗ୍ୟାଲାକ୍ସି ଏସ୍୨୨ ଅଲ୍‌ଟ୍ରା, ଗ୍ୟାଲାକ୍ସି ଏସ୍୨୨+ ଏବଂ ଗ୍ୟାଲାକ୍ସି ଏସ୍୨୨' ସିରିଜ୍‌ର ଶୁଭାରମ୍ଭ କରାଯାଇଛି। ଏହି ପ୍ରିମିୟମ ସ୍ମାର୍ଟଫୋନ ପାଇଁ ନୂତନ ମାନକ ସ୍ଥିର କରିବା ଲାଗି ଗ୍ୟାଲାକ୍ସି ଏସ୍୨୨ ଅଲ୍‌ଟ୍ରା ଏସ୍ ସିରିଜର ପ୍ରୋ-ଗ୍ରେଡ୍ କ୍ୟାମେରା ଓ କାର୍ଯ୍ୟଦକ୍ଷତା ସହିତ ନୋଟ୍ ସିରିଜର ଅତୁଳନୀୟ ଶକ୍ତି ଏବଂ ଆଇକନିକ ଏସ୍-ପେନ୍‌କୁ ଏକତ୍ର କରିଛି । ଏକ ବୋଲ୍ଡ ତଥା ସ୍ଥାୟୀ ଡିଜାଇନ ସହ ନିର୍ମିତ ଗ୍ୟାଲାକ୍ସି ଏସ୍୨୨ ଏବଂ ଏସ୍୨୨+ ରେ ଅତ୍ୟାଧୁନିକ ବୁଦ୍ଧିମାନ ଇମେଜ ପ୍ରୋସେସିଂ ସହିତ ଡାଇନାମିକ କ୍ୟାମେରା ଆଦି ରହିଛି । ଏ ସମ୍ପର୍କରେ ସାମ୍‌ସଙ୍ଗ୍ ଇଣ୍ଡିଆର ହେଡ୍ ଅଫ୍ ପ୍ରଡକ୍ଟ ମାର୍କେଟିଂ ଆଦିତ୍ୟ ବାବର କହିଛନ୍ତି, ଗ୍ୟାଲାକ୍ସି ଏସ୍୨୨ ସିରିଜର ଶୁଭାରମ୍ଭ ସହିତ ଗ୍ରାହକଙ୍କ ଆବଶ୍ୟକତା ପୂରଣ ଦିଗରେ କାର୍ଯ୍ୟ କରିବୁ। ସେହିଭଳି ଏହାର ପ୍ରି-ବୁକିଂ ୨୩ ଫେବୃୟାରୀରୁ ଭାରତରେ ଉପଲବ୍ଧ ହେବ ।

# ଆମ୍ରିରେ କ୍ରୀଡ଼ା ପୁନର୍ବାସ ଓ ଫିଟ୍‌ନେସ କେନ୍ଦ୍ର

ଭୁବନେଶ୍ୱର,୧୮।୨

ଆମ୍ରି ହସ୍ପିଟାଲ ଓ ଭାରତୀୟ କ୍ରୀଡ଼ା ବିଜ୍ଞାନର ମିଳିତ ସହଯୋଗରେ ଏକ ଉନ୍ନତମାନର କ୍ରୀଡ଼ା ପୁନର୍ବାସ ଓ ଫିଟ୍‌ନେସ ସେଣ୍ଟରର ଶୁଭାରମ୍ଭ କରାଯାଇଛି। ଏହା ଜରିଆରେ ସ୍ପୋର୍ଟସ ମେଡିସିନ, ସ୍ପୋର୍ଟସ ଫିଜିଓଥେରାପି, ସ୍ପୋର୍ଟସ ସର୍ଜରି, ଏକ୍ସରସାଇଜ ଫିଜିଓଲୋଜି, ବ୍ୟକ୍ତିଗତ ପ୍ରଶିକ୍ଷଣ, ସ୍ପୋର୍ଟସ ସାଇକୋଲୋଜି, ସ୍ପୋର୍ଟସ ୱେଲନେସ ଓ ରେକୋଭରି ପାଇଁ ଉତ୍ସର୍ଗୀକୃତ ରହିଛି। ଏହି ଟିମ୍‌ରେ ସ୍ପୋର୍ଟସ ମେଡିସିନ ସ୍ପେଶାଲିଷ୍ଟ, ସ୍ପୋର୍ଟସ ସର୍ଜନ, ସ୍ପୋର୍ଟସ ଫିଜିଓଥେରାପିଷ୍ଟ, ସ୍ପୋର୍ଟସ ସାଇକୋଲୋଜି ଓ ସ୍ପୋର୍ଟସ ନ୍ୟୁଟ୍ରିସନ ସ୍ପେଶାଲିଷ୍ଟମାନେ ସାମିଲ ରହିଛନ୍ତି। ଓଡ଼ିଶା ଓ ପୂର୍ବ ଭାରତର ପ୍ରଥମ ସ୍ପୋର୍ଟସ ମେଡିସିନ ସେଣ୍ଟର ଅର୍ଥୋସ୍କୋପିକ ଓ ସ୍ପୋର୍ଟସ ସର୍ଜନ ଡା. ସାର୍ଥକ ପଟ୍ଟନାୟକଙ୍କ ପରିକଳ୍ପନାର ଉତ୍ସ ବୋଲି ସୂଚନା ମିଳିଛି। ଡା. ସାର୍ଥକ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଦୀର୍ଘ ଦିନର ଅଭିଜ୍ଞତା ଓ ଅନେକ ସଫଳତା ପାଇଥିବା ଜଣାପଡିଛି। ସେ ବର୍ତ୍ତମାନ ଆମ୍ରି ହସ୍ପିଟାଲରେ ସ୍ପୋର୍ଟସ ମେଡିସିନ ବିଶେଷଜ୍ଞ ଓ ବରିଷ୍ଠ ପରାମର୍ଶଦାତା, ଅର୍ଥୋସ୍କୋପିକ ଓ ସ୍ପୋର୍ଟସ ସର୍ଜନ ଭାବେ କାର୍ଯ୍ୟ କରୁଛନ୍ତି। ଏ ସମ୍ପର୍କରେ ଆମ୍ରି ହସ୍ପିଟାଲର ଭିପି ତଥା ୟୁନିଟ୍ ହେଡ୍, ନୀଳାଞ୍ଜନା ମୁଖାର୍ଜୀ କହିଛନ୍ତି, ଆମ୍ରି ସ୍ପୋର୍ଟସ ଆଘାତ ପାଇଁ ଅତ୍ୟାଧୁନିକ ଚିକିତ୍ସା ସେବା ପ୍ରଦାନ କରିଥାଏ। ଏଥିରେ ଔଷଧ କିମ୍ବା ଅସ୍ତ୍ରୋପଚାର ଦରକାର ହୋଇ ନ ଥାଏ। ପ୍ରତ୍ୟେକ କ୍ଷେତ୍ରରେ ଏହାର ଆବଶ୍ୟକତା ନାହିଁ, ଉପଯୁକ୍ତ ଔଷଧ ଓ ପୁନର୍ବାସ ଦ୍ୱାରା ଚିକିତ୍ସା କରାଯାଏ। ସେହିଭଳି ମେଡିକାଲ ଅଧୀକ୍ଷକ ଡ. ସିଦ୍ଧାର୍ଥ ମିଶ୍ର କହିଛନ୍ତି, ସ୍ପୋର୍ଟସ ମେଡିସିନ, ବ୍ୟାୟାମ ଓ ସ୍ୱାସ୍ଥ୍ୟ ଯତ୍ନ ପ୍ରୋତ୍ସାହନ ଓ କ୍ରୀଡ଼ା ବିଜ୍ଞାନର ମୂଲ୍ୟାୟନ, କ୍ରୀଡ଼ା ପ୍ରଦର୍ଶନ ଓ ବୁଝାମଣା ମଧ୍ୟରେ ବିଜ୍ଞାନ ଓ ଅଭ୍ୟାସ ମଧ୍ୟରେ ପାର୍ଥକ୍ୟ ଦୂର ହୋଇଥାଏ।

**MISSING**



ନାମ: ଶାନ୍ତିଲତା ମାଝୀ, ବୟସ: ୫୨ବର୍ଷ, ତାରିଖ: ୦୧।୦୨।୨୦୨୨, ସମୟ: ସକାଳ ୮ଘଟିକା, ନିଖୋଜ ସ୍ଥାନ: ପାହାଳ, ଭୁବନେଶ୍ୱର, ଫୋନ୍ ନଂ.- 7205781448, 9438689362, 9668264078, 8658516702 ପାହାଳ ଥାନା କିମ୍ବା ନିକଟସ୍ଥ ପୋଲିସ୍ ଷ୍ଟେସନ୍‌କୁ ଯୋଗାଯୋଗ କରନ୍ତୁ। ଓ.ଆଇ.ସି- 9438411083.
ଧ-୨୩୧୫୮

## ଫୁର୍‌ସତ୍

# ଶିକ୍ଷକ ନ ଥିବା ସ୍କୁଲ



**ଲକ୍ଷ୍ନୌ:** ଏମିତି ଏକ ସ୍କୁଲ ଯେଉଁଠି ନା ଅଛନ୍ତି ଶିକ୍ଷକ ନା ପ୍ରିନ୍ସିପାଲ। ଅଛନ୍ତି କେବଳ ଛାତ୍ରୀଛାତ୍ର। କଥାଟା ଶୁଣିଲେ ସମସ୍ତଙ୍କୁ ହୁଏତ ଅଡୁଆ ଲାଗିପାରେ। କିନ୍ତୁ ଏଭଳି ଏକ ଭିନ୍ନ ଧରଣର ସ୍କୁଲରେ ପାଠପଢ଼ି ପିଲାମାନେ ବେଶ୍ ସଫଳତା ହାସଲ କରି ପାରିଛନ୍ତି। ଉତ୍ତରପ୍ରଦେଶ ବୁନ୍ଦେଲଖଣ୍ଡ ଅଞ୍ଚଳର ମହୋବାରେ ଏହି ଭିନ୍ନ ଧରଣର ସ୍କୁଲ ଖୋଲିଛି , ଯାହାର ନାଁ ରହିଛି ତିରଥ୍ ସାଗର ସ୍କୁଲ। ସେଠାରେ ଛାତ୍ରୀଛାତ୍ରଙ୍କୁ କୌଣସି ଶିକ୍ଷକ ପାଠ ପଢାନ୍ତି ନାହିଁ। ସେଠାରେ କୌଣସି ନିର୍ଦ୍ଦିଷ୍ଟ ସମୟ ନିର୍ଘଣ୍ଟ ଅଥବା ପାଠ୍ୟକ୍ରମ ବି ନାହିଁ। ଖାଲି ସେତିକି ନୁହେଁ, ଏଠି କୌଣସି ସ୍ୱତନ୍ତ୍ର ଆଇନ ମଧ ତିଆରି କରାଯାଇନି। ଏହି ସ୍କୁଲରେ ପିଲାମାନେ ହିଁ ପରସ୍ପରକୁ ପାଠ ପଢାନ୍ତି। ଅର୍ଥାତ୍ ଯେଉଁ ପିଲାମାନେ ଗଣିତରେ ଅଧିକ ଦକ୍ଷ ସେମାନେ ସେହି ବିଷୟରେ ଦୁର୍ବଳ ଥିବା ପିଲାଙ୍କୁ ପାଠ ପଢ଼ାନ୍ତି। ସେହିଭଳି ଅନ୍ୟ ସବୁ ବିଷୟରେ ଏହି ସୂତ୍ରରେ ହିଁ ପାଠ ପଢ଼ା ହୋଇଥାଏ। ମହୋବାର କିଛି ସ୍ଥାନୀୟ ପିଲା ଏକାଠି ହୋଇ ତିଆରି କରିଛନ୍ତି ଏଭଳି ଏକ ସ୍କୁଲ। ଏହି ସ୍କୁଲ ମାଧମରେ ବହୁ ମେଧାବୀ ପିଲା ସୃଷ୍ଟି ହୋଇ ପାରୁଛନ୍ତି। ତେଣୁ ବିଭିନ୍ନ କ୍ଷେତ୍ରରେ ହିଁ ସେମାନେ ସଫଳତା ହାସଲ କରିପାରୁଛନ୍ତି। ଏଠି ଛାତ୍ରମାନେ ପ୍ରତିଦିନ ନିଜ ହିସାବରେ ଏକ ବିଷୟ ଉଠାଇଥାନ୍ତି ଯେଉଁଥିରେ କି ଅଧିକାଂଶ ଭଲଭାବେ ବୁଝିପାରି ନ ଥାନ୍ତି। ଏହାପରେ ସମସ୍ତେ ମିଶି ସେହି ବିଷୟରେ ଚର୍ଚ୍ଚା କରି ସମସ୍ୟା ସମାଧାନ କରିଥାନ୍ତି। ଅର୍ଥ ଖର୍ଚ୍ଚ କରି କୋଚିଂ ନେଇ ପାରୁ ନ ଥିବା ପିଲାମାନଙ୍କ ପାଇଁ ଏଭଳି ଏକ ସ୍କୁଲ ବେଶ୍ ସହାୟକ ହୋଇପାରୁଛି।

# ସଲମାନଙ୍କ ଦୀର୍ଘ ଜୀବନ କାମନା କଲେ ରାଖୀ



**ମୁମ୍ବାଇ:** ବଲିଉଡ ଡ୍ରାମା କୁଇନ ରାଖୀ ସାୱନ୍ତଙ୍କ ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ରାଖୀ କହିଛନ୍ତି ହେ ଭଗବାନ, ସଲମାନଙ୍କ ପୂର୍ବରୁ ମୋତେ ଉଠେଇନିଅ। ସଲମାନ ମୋତେ ଖୁବ ସାହାଯ୍ୟ କରିଛନ୍ତି। ତାଙ୍କ ସାହାଯ୍ୟରେ ମୁଁ ମୋ ମାଆଙ୍କ ଚିକିତ୍ସା କରାଇ ପାରିଛି। ସେ କେବଳ ମୋତେ ନୁହେଁ, ଅନେକଙ୍କୁ ସାହାଯ୍ୟର ହାତ ବଢାଇଛନ୍ତି। ମୋର ବାକି ଆୟୁଷ ତାଙ୍କୁ ମିଳୁ କହି ରାଖୀ ସଲମାନଙ୍କ ଦୀର୍ଘ ଜୀବନ କାମନା କରିଛନ୍ତି ।

# ସନ୍ନି ଲିଓନଙ୍କ ନାମରେ ଋଣ



**ମୁମ୍ବାଇ:** ଅନ୍‌ଲାଇନ ଠକାମିର ଶିକାର ହୋଇଛନ୍ତି ବଲିଉଡ୍‌ର ବୋଲ୍ଡ ଅଭିନେତ୍ରୀ ସନ୍ନି ଲିଓନ। ତାଙ୍କର ପ୍ୟାନ୍ କାର୍ଡ ବ୍ୟବହାର କରି କେହି ଋଣ ଉଠାଇଥିବା ଜାଣିବାକୁ ପାଇଛନ୍ତି ସେ। ଏଣୁ ତାଙ୍କ ସିବିଲ ସ୍କୋର ଖରାପ ହୋଇଯାଇଛି। ଟୁଇଟରରେ ଏନେଇ ସୂଚନା ଦେବା ସହ ଅଭିନେତ୍ରୀ ଧନୀ ଆପ୍ ବିରୋଧରେ ଅଭିଯୋଗ କରିଥିଲେ। ତାଙ୍କ ଅଜାଣତରେ କେହି ପ୍ୟାନ୍ ନଂ ବ୍ୟବହାର କରି ୨ହଜାର ଟଙ୍କା ଋଣ ନେଇଥିବା ଟୁଇଟ କରି କହିଥିଲେ ଅଭିନେତ୍ରୀ। ଏହାପରେ ମାମଲା ବେଶ୍ ଭାଇରାଲ ହୋଇଥିଲା। କିଛି ସମୟ ଏଭଳି ଚାଲିବା ପରେ ସନ୍ନି ନିଜେ ଟୁଇଟ୍‌କୁ ଡିଲିଟ କରିଦେଇଥିଲେ। ହେଲେ ତାଙ୍କର ଅଭିଯୋଗ ପାଇ କମ୍ପାନୀ ସମସ୍ୟାର ସମାଧାନ କରିଛନ୍ତି। ଏହାପରେ ସନ୍ନି ତାଙ୍କୁ ଧନ୍ୟବାଦ ମଧ ଜଣାଇଛନ୍ତି।

**CLASSIFIED DISPLAY** — ALL EDITION - B/W (Everyday)
MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**GALAXY TOWER**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

**BALAJI FINANCE**
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

ଲୋନ୍ ଲୋନ୍ ଲୋନ୍
ଗୁରୁକୃପା ଫାଇନାନ୍ସ ଦ୍ୱାରା ଲୋନ୍ ।
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ।
0% ସୁଧ, 35% ରିହାତି ।
ମାର୍କଶିଟ୍, ପ୍ରପର୍ଟି, ବିଜ୍‌ନେସ୍, ହୋମ୍ ଲୋନ୍, ଏଗ୍ରୀକଲ୍ଚର ଏବଂ ସମସ୍ତ ଲୋନ୍ ମାତ୍ର ୫୨୦ ଟଙ୍କାରେ ।
9870683762

**BIDISHA FINANCE**
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, କୃଷି, ଗାଈ, ଛେଳି, ମାଛଚାଷ ଓ କୁକୁଡ଼ା ପାଳନ ଇତ୍ୟାଦି ପାଇଁ ସମସ୍ତ ପ୍ରକାର LOAN 2% ସୁଧରେ ଯୋଗାଇ ଦିଆଯାଉଛି। ଅନ୍‌ଲାଇନ୍ ସୁବିଧା, Agent ପାଇଁ Call:
M.: 8280679245, 7653803952
Asrayagad, Gulaijang, Gajapati

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**CAREER APPOINTMENT** ON EVERY WEDNESDAY & SATURDAY
B/W : ₹. 350 per sq.cm, Colour : ₹. 400 per sq.cm
PAY FOR 1, GET 1 FREE
For Bookings Call : 0674-2580385 Email : advt@dharitri.com

In need of a **private online/offline tutor** to teach to use computer, must also know about the use of **iOS**, interested candidates can mail their name, and mobile no. and photo, at <amardeepredhand@gmail.com>
I will call back on your mobile no.

**ଆବଶ୍ୟକ** ଭୁବନେଶ୍ୱରସ୍ଥିତ ଏକ ଗେଷ୍ଟ ହାଉସ୍ ପାଇଁ ଅଭିଜ୍ଞ କର୍ମଚାରୀ ଦରକାର ।
- FRONT OFFICE ASST. (Male)-2 Nos. Qual: Hotel Mgmt. with knowledge in Computer
- TOURIST CAR DRIVER- 5 nos. (with badge and Heavy Licence.)
- RESTAURANT SERVICE BOY-2 Nos.
- ହାଉସ୍ କିପର (ଅଭିଜ୍ଞ ମହିଳା/ପୁରୁଷ)-୨ ଜଣ
- ୱେଟର- ୪ ଜଣ

WALK-IN-INTERVIEW at Residency 24x7, 13 West, Ashok Nagar, (Behind Khadi Niketan), BBSR (10 AM to 5 PM) 9938329002
ଯୋଗ୍ୟ ପ୍ରାର୍ଥୀଙ୍କୁ ଉତ୍ତମ ଦରମା ଦିଆଯିବ।

ଭୁବନେଶ୍ୱର ଡୁମୁଡୁମା ସ୍ଥିତ ଏକ ପ୍ରତିଷ୍ଠିତ ଲେଡିସ୍ ଟେଲର (ବୁଟିକ୍) ନିମନ୍ତେ ପାର୍ଟ ଟାଇମ୍ ଏବଂ ଫୁଲ୍ ଟାଇମ୍ ପାଇଁ **କଟିଙ୍ଗ୍ ମାଷ୍ଟର୍** (ପୁରୁଷ ଓ ମହିଳା) ଆବଶ୍ୟକ । ଦରମା: ୧୫୦୦୦-୨୫୦୦୦ ହଜାର । ଅଧିକ ସୂଚନା ପାଇଁ ଦୟାକରି ଯୋଗାଯୋଗ କରନ୍ତୁ:
8652065464 / 6370027823

**Wanted Sales Executive (2 Nos)**
For a company in Bhubaneswar having good knowledge in sales (With good Salary).
Call : 7978449576

**URGENTLY REQUIRED**
Area Manager, Sales Manager, Sales Executive, Accountant for opening Franchise Mode Chain Store of Appliance Product.
Contact: 7008485542

भुवनेश्वर में मिल रही हैं जॉब्स शानदार
अकाउंट्स, बैक ऑफिस, टेलीकॉलर, डेटा एंट्री की जॉब्स के लिए अप्लाई करो यार|
Companies : HDFC, Max Life, Bajaj, Reliance, Policy Bazar
कुल पद: 1283 | पगार: ₹15,000 - ₹30,000
तो अबकी बार सीधा HR से करो बात: 080-47185518
apna

**WANTED**
LADY OFFICE ASSISTANT
Free Accommodation & 10,000/-, Nakhara, Cuttack, Good Hand Writing & Good Personality
Contact:7809525452

See Career Appointment on every Wednesday & Saturday

**RECRUITMENT FOR FOLLOWING POSTS**
**Functional Area : Engineer (Mechanical)**
**Qualification:** Bachelors Degree in Mechanical Engineering or Diploma holder, **Age Limit:** 30 Plus, **Job / Experience:** Minimum 5 years' experience in Construction / Engineering.
**Functional Area : Engineer (Electrical)**
**Qualification:** Bachelors Degree in Electrical Engineering or Diploma holder, **Age Limit:** 30 Plus, **Job / Experience:** Minimum 5 years' experience in Operation / Maintenance / Erection / Construction / Engineering. Engineering Instrumentation & Control, Power System Panel, Power Electronics, Power Engineering.
**Interested Candidates send their CV at mmplald@mmplsand.com** along with copy of self-attested educational certificate, experience certificate, last drawn salary slip. Applicant should be willing to work in Silica Sand beneficiation project situated at Prayagraj.
**Shortlisted candidates will be called for interview.**

# ଭାରତ ସିରିଜ ବିଜୟୀ

**କୋଲକାତା, ୧୮।୨**

ୱେଷ୍ଟଇଣ୍ଡିଜ ବିପକ୍ଷରେ ଟି୨୦ ସିରିଜ ବିଜୟୀ ହୋଇଛି ଟିମ୍ ଇଣ୍ଡିଆ। ଶୁକ୍ରବାର ଅନୁଷ୍ଠିତ ସିରିଜର ଦ୍ୱିତୀୟ ମ୍ୟାଚରେ ଭାରତ ୮ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଭାରତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୬ ରନ କରିଥିଲା। ନିକୋଲସ ପୁରନ ଓ ରୋଭମାନ ପଓ୍ୱେଲଙ୍କ ବିସ୍ଫୋରକ ବ୍ୟାଟିଂ ସତ୍ତ୍ୱେ ୱେଷ୍ଟଇଣ୍ଡିଜ ୨୦ ଓଭରରେ ୩ ଉଇକେଟ ହରାଇ ୧୭୮ ରନ କରିବାକୁ ସକ୍ଷମ ହୋଇଥିଲା। ୩ ମ୍ୟାଚ ବିଶିଷ୍ଟ ସିରିଜରେ ୨-୦ରେ ଅଗ୍ରଣୀ ସହ ଭାରତ ଏହାକୁ ଆଗୁଆ ଜିତି ନେଇଛି। ୧୮୭ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ୱେଷ୍ଟଇଣ୍ଡିଜ ଓପନିଂ ଯୋଡ଼ିରେ ୩୪ ରନ ସଂଗ୍ରହ କରିଥିଲା। କାଏଲ ମେୟର୍ସ (୯ ରନ)ଙ୍କୁ ଆଉଟ କରି ଭାରତକୁ ପ୍ରଥମ ସଫଳତା ଦେଇଥିଲେ ଯୁଜବେନ୍ଦ୍ର ଚହଲ। ଅନ୍ୟତମ ଓପନର ବ୍ରେଣ୍ଡନ କିଙ୍ଗଙ୍କୁ ଆଉଟ କରିଥିଲେ ଯୁବ ସ୍ପିନର ରବି ବିଷ୍ଣୋଇ। ନିକୋଲସ ପୁରନ ଓ ପଓ୍ୱେଲ ଦୃଢ଼ତାର ସହ ଭାରତୀୟ ବୋଲରଙ୍କୁ ମୁକାବିଲା କରି ୱେଷ୍ଟଇଣ୍ଡିଜର ବିଜୟ ସମ୍ଭାବନା ଉଜ୍ଜୀବିତ କରିଥିଲେ। ତୃତୀୟ ଉଇକେଟ ଯୋଡ଼ିରେ ଦୁହେଁ ୬୦ ବଲ୍‌ରୁ ୧୦୦ ରନ ଯୋଗ କରିଥିଲେ। ପୁରନ ୪୧ ବଲ୍‌ରୁ ୫ ଚୌକା ଓ ୩ ଛକା ସହାୟତାରେ ୬୨ ରନ କରି ୧୯ତମ ଓଭରରେ ଭୁବନେଶ୍ୱର କୁମାରଙ୍କ ବଲ୍‌ରେ ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଶେଷ ଓଭରରୁ ବିଜୟ ପାଇଁ ୱେଷ୍ଟଇଣ୍ଡିଜକୁ ୨୫ ରନ ଆବଶ୍ୟକ ହେଉଥିଲା। ମାତ୍ର ଦଳ ୧୬ ରନ କରିବାକୁ ସକ୍ଷମ ହୋଇଥିଲା। ପଓ୍ୱେଲ ୩୬ ବଲ୍‌ରୁ ୪ ଚୌକା ଓ ୫ ଛକା ସହାୟତାରେ ୬୮ ରନରେ ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ଭୁବନେଶ୍ୱର କୁମାର, ଯୁଜବେନ୍ଦ୍ର ଚହଲ, ରବି ବିଷ୍ଣୋଇ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଦ୍ୱିତୀୟ ଓଭରରେ ଇଶାନ କିଶନଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଅଧିନାୟକ ରୋହିତ ଶର୍ମାଙ୍କ ସହ କ୍ରିଜରେ ଯୋଗଦେଇ ବିରାଟ କୋହଲି ଇନିଂସ ସମ୍ଭାଳିଥିଲେ।



ଶଟ୍ ଖେଳିବା ଅବସରରେ ବିରାଟ କୋହଲି।

**ରିଷଭ ପନ୍ତ ମ୍ୟାନ୍ ଅଫ୍ ଦି ମ୍ୟାଚ୍**

ଦ୍ୱିତୀୟ ଉଇକେଟରେ ୩୬ ବଲ୍‌ରୁ ୪୯ ରନ ଯୋଗ ହେବାପରେ ରୋହିତ ବ୍ୟକ୍ତିଗତ ୧୯ (୧୮ ବଲ, ୨ ଚୌକା, ୧ ଛକା) ରନ କରି ରଷ୍ଟନ ଚେଜ୍‌ଙ୍କ ଶିକାର ହୋଇଥିଲେ। ଫର୍ମରେ ଥିବା ସୂର୍ଯ୍ୟକୁମାର ଯାଦବ ମାତ୍ର ୮ ରନ କରି ଆଉଟ ହେବା ଭାରତୀୟ ଦଳକୁ ଶକ୍ତ ଧକ୍କା ପହଞ୍ଚାଇଥିଲା। କୋହଲି କିନ୍ତୁ ଆତ୍ମବିଶ୍ୱାସର ସହ ପ୍ରତିପକ୍ଷ ବୋଲରଙ୍କୁ ମୁକାବିଲା କରି ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୪୧ ବଲ୍‌ରୁ ୭ ଚୌକା ଓ ୧ ଛକା ସହାୟତାରେ ୫୨ ରନ କରିଥିବାବେଳେ ରଷ୍ଟନ ଚେଜ୍‌ଙ୍କ ଟର୍ନ କରୁଥିବା ଏକ ବଲ୍‌କୁ ଭୁଲ୍ ଲାଇନ୍‌ରେ ଖେଳିବାକୁ ଯାଇ ବୋଲ୍ଡ ହୋଇ ଯାଇଥିଲେ। ରିଷଭ ପନ୍ତ ଓ ଭେଙ୍କଟେଶ ଆୟାର ଦ୍ରୁତ ହାରରେ ରନ ସଂଗ୍ରହ କରି ୫ମ ଉଇକେଟରେ ୩୫ ବଲ୍‌ରୁ ୭୬ ରନର ପାର୍ଟନରଶିପ୍ ଗଢ଼ି ଭାରତକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ। ୧୮ ବଲ୍‌ରୁ ୪ ଚୌକା ଓ ୧ ଛକା ସହାୟତାରେ ୩୩ ରନ କରିଥିବାବେଳେ ଭେଙ୍କଟେଶ୍ ଦ୍ରୁତ ବୋଲର ରୋମାରିଓ ଶେଫର୍ଡଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ। ଅର୍ଦ୍ଧଶତକ ହାସଲ ସହ ଅପରାଜିତ ରହିଥିଲେ ରିଷଭ। ସେ ୨୮ଟି ବଲ୍‌ର ସମ୍ମୁଖୀନ ହୋଇ ୭ ଚୌକା ଓ ୧ ଛକା ସହାୟତାରେ ୫୨ ରନ କରିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ରଷ୍ଟନ ଚେଜ୍ ସର୍ବାଧିକ ୩ଟି ଓ ଶେଲଡନ କଟ୍ରେଲ ଓ ରୋମାରିଓ ଶେଫର୍ଡ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୮୬/୫ (ବିରାଟ କୋହଲି-୫୨, ରିଷଭ ପନ୍ତ-୫୨*, ଭେଙ୍କଟେଶ ଆୟାର-୩୩, ରଷ୍ଟନ ଚେଜ୍-୩/୨୫, ଶେଲଡନ କଟ୍ରେଲ-୧/୨୦, ରୋମାରିଓ ଶେଫର୍ଡ-୧/୩୪)। ୱେଷ୍ଟଇଣ୍ଡିଜ ୨୦ ଓଭରରେ ୧୭୮/୩ (ନିକୋଲସ ପୁରନ-୬୨, ରୋଭମାନ ପଓ୍ୱେଲ-୬୮*, ଭୁବନେଶ୍ୱର କୁମାର-୧/୨୯, ରବି ବିଷ୍ଣୋଇ-୧/୩୦, ଯୁଜବେନ୍ଦ୍ର ଚହଲ-୧/୩୧)।

# କାଟିଚ୍‌ଙ୍କ ଇସ୍ତଫା, ଚର୍ଚ୍ଚାରେ ସନରାଇଜର୍ସ

**ନୂଆଦିଲ୍ଲୀ, ୧୮।୨ (ପି.ଟି.):** ଅଷ୍ଟ୍ରେଲିଆର ପୂର୍ବତନ ବ୍ୟାଟର ସିମନ କାଟିଚ୍ ସହକାରୀ କୋଚ୍ ପଦବୀରୁ ଇସ୍ତଫା ପ୍ରଦାନ ପରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଫ୍ରାଞ୍ଚାଇଜ୍ ସନରାଇଜର୍ସ ହାଇଦ୍ରାବାଦ (ଏସ୍ଆର୍ଏଚ୍) ଭୁଲ କାରଣରୁ ଆଉ ଥରେ ଚର୍ଚ୍ଚାର ପରିସରକୁ ଆସିଛି। କେତେଜଣ ଖେଳାଳିଙ୍କୁ ଦଳ ଅଯଥା ଅଧିକ ମୂଲ୍ୟରେ କ୍ରୟ କରାଯାଇଥିବାରୁ ସେ ଅସନ୍ତୁଷ୍ଟ ଥିଲେ। ଖେଳାଳି ନିଲାମ କାର୍ଯ୍ୟ ଶେଷ ହେବା ପରେ ସେ ଇସ୍ତଫା ଦେଇଥିବା କୁହାଯାଉଛି। ଟମ୍ ମୁଡି ଓ ମୁଥୟା ମୁରଲୀଧରନଙ୍କ ଅଧ୍ୟକ୍ଷତାରେ ଗଠିତ କୋଚିଂ ଗ୍ରୁପ୍‌ରେ କାଟିଚ୍‌ଙ୍କ ବ୍ୟତୀତ ୱେଷ୍ଟଇଣ୍ଡିଜ କିମ୍ବଦନ୍ତୀ ବ୍ରାଏନ ଲାରା ଓ ଭାରତର ପୂର୍ବତନ ବ୍ୟାଟର ହେମାଙ୍ଗ ବଦାନୀଙ୍କୁ ଏଥିରେ ସାମିଲ କରାଯାଇଥିଲା। 'ଅଷ୍ଟ୍ରେଲିଆନ'ରେ ପ୍ରକାଶିତ ରିପୋର୍ଟ ଅନୁସାରେ ଆଇପିଏଲ ଖେଳାଳି ନିଲାମ ପୂର୍ବରୁ ଆଲୋଚନା କରାଯାଇ ଏକ ରଣନୀତି ପ୍ରସ୍ତୁତ କରାଯାଇଥିଲା। ମାତ୍ର ଦୁଇଦିନିଆ ନିଲାମିରେ ତାହାକୁ କାର୍ଯ୍ୟକାରୀ କରାଯାଇ ନ ଥିଲା। ଏସ୍ଆର୍ଏଚ୍ ନିକୋଲାସ ପୁରନ (୧୦.୭୫କୋଟି ଟଙ୍କା), ୱାଶିଂଟନ ସୁନ୍ଦର (୮.୭୫ କୋଟି) ଓ ରାହୁଲ ତ୍ରିପାଠୀ (୮.୫୦ କୋଟି) ଭଳି ଖେଳାଳିଙ୍କୁ ଅଧିକ ମୂଲ୍ୟରେ କ୍ରୟ କରିଛି। ହାଇଦ୍ରାବାଦ କେତେ କ୍ଷେତ୍ରରେ ଗୁଣବତ୍ତା ପ୍ରତି ଧ୍ୟାନ ନ ଦେଇ ବିଡ୍ ପ୍ରତିଯୋଗିତାରେ ସାମିଲ ହୋଇ ଅଧିକ ମୂଲ୍ୟରେ ଖେଳାଳିଙ୍କୁ କ୍ରୟ କରିଛି। ବାମହାତୀ ସ୍ପିନ୍ ବୋଲିଂ ଅଲରାଉଣ୍ଡର ଅଭିଷେକ ଶର୍ମାଙ୍କୁ ୬.୭୫ କୋଟି ଟଙ୍କାରେ କ୍ରୟ କରି ଏସ୍ଆର୍ଏଚ୍ ଅନେକଙ୍କୁ ଚକିତ କରିଦେଇଛି। ଆଇପିଏଲ୍‌ର ଏହି ସଂସ୍କରଣରେ ଅଭିଷେକଙ୍କୁ ଜଣେ ଓପନର ଭାବେ ଖେଳାଯାଇପାରେ ବୋଲି ଅନୁମାନ କରାଯାଉଛି। ୨୧ବର୍ଷୀୟ ଏହି ଖେଳାଳି ଜଣକ ଲିଗ୍‌ର ୪ଟି ସିଜନରେ କିଛି କରି ଦେଖାଇପାରି ନାହାନ୍ତି। ପୁରନଙ୍କ ବିଡ୍ ଅନେକଙ୍କୁ ବ୍ୟଥିତ କରିଛି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଗତ ସିଜନରେ ତାଙ୍କର ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। ଏସ୍ଆର୍ଏଚ୍ ରିଟେନଶନ ତାଲିକାରେ ରହିଥିବା ଖେଳାଳିଙ୍କ ମଧ୍ୟରୁ ୩ ଜଣଙ୍କୁ ନେଇ ଚର୍ଚ୍ଚା ହେଉଛି। ଦଳ ଗତ ସିଜନରେ ଏହାର ଶ୍ରେଷ୍ଠ ପ୍ରଦର୍ଶନକାରୀ ସ୍ପିନ ବୋଲର ରଶିଦ ଖାଁଙ୍କୁ ରିଟେନଶନରେ ନ ରଖି ବର୍ତ୍ତମାନ କହୁଣିରେ ଆଘାତପ୍ରାପ୍ତ ଥିବା ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନଙ୍କୁ ରଖିଛି। ଫ୍ରାଞ୍ଚାଇଜ୍ ଆହୁରି ମଧ୍ୟ କଶ୍ମୀରର ଦୁଇ ୟଙ୍ଗଷ୍ଟର ପେସର



ସିମନ କାଟିଚ୍

ଉମରାନ ମଲିକ ଓ ବିଗ୍ ହିଟର ଅବଦୁଲ ସମାଦ ପ୍ରତ୍ୟେକଙ୍କୁ ୪ କୋଟି ଟଙ୍କା ବିନିମୟରେ ରିଟେନଶନ ଖେଳାଳି ହିସାବରେ ଦଳରେ ରଖିଛି। ସେହିପରି ରୋମାରିଓ ଶେଫର୍ଡଙ୍କୁ ୭.୭୫ କୋଟି ଟଙ୍କାରେ କ୍ରୟ କରିଛି। କ୍ୟାରିବିୟନ ପ୍ରିମିୟର ଲିଗ୍ (ସିପିଏଲ)ରେ ପ୍ରଦର୍ଶନକୁ ଭିତ୍ତି କରି ଦଳ ତାଙ୍କୁ କ୍ରୟ କରିଛି। ସୂଚନାଯୋଗ୍ୟ, ଗତବର୍ଷ ଡେଭିଡ୍ ୱାର୍ନରଙ୍କଠାରୁ ଅଧିନାୟକ ପଦ ପ୍ରତ୍ୟାହାର କରି ଏସ୍ଆରଏଚ୍ ମ୍ୟାନେଜମେଣ୍ଟ ବିବାଦ ଘେରକୁ ଟାଣି ହୋଇଯାଇଥିଲା। ୟୁଏଇରେ ଆଇପିଏଲ୍ ଦ୍ୱିତୀୟ ପର୍ଯ୍ୟାୟରେ ତାଙ୍କ ଭଳି ଖେଳାଳିଙ୍କୁ ଚୂଡ଼ାନ୍ତ ଏକାଦଶରୁ ବାଦ୍ ଦିଆଯାଇଥିଲା। ୨୦୧୬ରେ ଏହି ଅଷ୍ଟ୍ରେଲୀୟଙ୍କ ନେତୃତ୍ୱରେ ଥରେ ମାତ୍ର ଆଇପିଏଲ୍ ଟାଇଟଲ ଜିତିଛି।

**ମହିଳା କ୍ରିକେଟ**

# ସିରିଜ ହାରିଲା ଭାରତ

**କୁଇନ୍ସଟାଉନ, ୧୮।୨ (ପି.ଟି.):** ଭାରତ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ ମହିଳା କ୍ରିକେଟ ମ୍ୟାଚରେ ନ୍ୟୁଜିଲାଣ୍ଡ ୩ ଉଇକେଟରେ ଜିତି ନେଇଛି। ଏଥିସହିତ ଦଳ ୩-୦ରେ ଅଗ୍ରଣୀ ସହ ୫ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ହାତେଇ ନେଇଛି। ଏଠାରେ ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୪୯.୩ ଓଭରରେ ୨୭୯ ରନ କରି ଅଲଆଉଟ ହୋଇଯାଇଥିଲା। ଭ୍ରମଣକାରୀ ଦଳ ପକ୍ଷରୁ ଶାଭିନେନି ମେଘନା (୬୧), ଶେଫାଳୀ ବର୍ମା (୫୧) ଓ ଅଲରାଉଣ୍ଡର ଦୀପ୍ତି ଶର୍ମା (୬୯*) ପ୍ରମୁଖ ଅର୍ଦ୍ଧଶତକ ହାସଲ କରିଥିଲେ। ନ୍ୟୁଜିଲାଣ୍ଡ ୪୯.୧ ଓଭରରେ ୭ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଘରୋଇ ଦଳର ଟପ୍ ସ୍କୋରର ଆମେଲି କେର ୮୦ ବଲ୍‌ରୁ ୬୭ ରନ ସଂଗ୍ରହ କରିଥିଲେ। ଲରେନ ଡାଉନ୍ ୬୪ ରନ କରି ଅପରାଜିତ ରହିଥିଲେ। କ୍ରମାଗତ ଦ୍ୱିତୀୟ ଗେମ୍‌ରେ ଭାରତୀୟ ବୋଲରମାନେ ପ୍ରଭାବହୀନ ମନେ ହୋଇଥିଲେ। ବିପକ୍ଷ ଦଳର ବ୍ୟାଟରମାନଙ୍କୁ ନିୟନ୍ତ୍ରଣରେ ରଖିବାରେ ବିଫଳ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ଇନିଂସ: ୪୯.୩ ଓଭରରେ ୨୭୯/ଅଲଆଉଟ (ଦୀପ୍ତି ଶର୍ମା-୬୯*, ଶାଭିନେନି ମେଘନା-୬୧; ହାନ୍ନା ରୋଇ-୨/୫୨, ରେଜମେରୀ ମେର୍-୨/୪୩)। ନ୍ୟୁଜିଲାଣ୍ଡ ଇନିଂସ: ୪୯.୧ ଓଭରରେ ୨୮୦/୭ (ଆମେଲି କେର୍-୬୭, ଲରେନ ଡାଉନ-୬୪*, ଆମି ସାଟରଓ୍ୱେଟ୍-୫୯; ଝୁଲଣ ଗୋସ୍ୱାମୀ-୩/୪୭)।

# ସର୍ବଭାରତୀୟ ଟାଏକୋଣ୍ଡୋ ଚୟନ ପ୍ରକ୍ରିୟା



ଚୟନ ପ୍ରକ୍ରିୟାରେ ଭାଗ ନେବାପାଇଁ ମନୋନୀତ ଓଡ଼ିଶା ପ୍ରତିଯୋଗୀ।

**ଭୁବନେଶ୍ୱର, ୧୮।୨ (କ୍ରୀଡ଼ା ପ୍ରତିନିଧି)**

ଆସନ୍ତା ଫେବୃୟାରୀ ୨୧ରୁ ୨୬ ପର୍ଯ୍ୟନ୍ତ ଔରଙ୍ଗାବାଦରେ ସର୍ବଭାରତୀୟ ଟାଏକୋଣ୍ଡୋ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ। ଏଥିରେ ଭାରତର ସମସ୍ତ ରାଜ୍ୟରୁ ଉଭୟ କ୍ୟାରୋଗୀ ଏବଂ ପୁମସେ କ୍ରୀଡ଼ାବିତ୍‌ମାନେ ଅଂଶଗ୍ରହଣ କରିବେ। ଏହି ସର୍ବଭାରତୀୟ ଚୟନ ପ୍ରକ୍ରିୟାରେ ଭାଗ ନେବା ପାଇଁ ଓଡ଼ିଶାର ସତ୍ୟ ପ୍ରକାଶ ମହାନ୍ତି, ମଧୁସ୍ମିତା ମହାନ୍ତି, ଜଗନ୍ନାଥ ବେହେରା, ଏସ୍. ସମରଜିତ ଚକ୍ର, ଶାଶ୍ୱତୀ ନାୟକ, ହରପ୍ରିୟା ମହାକୁଡ, ଶିଲା ଦାସ, ଆକାଶଦୀପ ପଣ୍ଡିତ, ଅଖିଳ ପରିଡା, ଭବାନୀ ଶଙ୍କର ମହାନ୍ତ, ସାହିଲ ସୌରଭ ସିଂ, ସ୍ୱଦେଶ ରଞ୍ଜନ ରାଉତ, ଭାଗୀରଥି କର, ପ୍ରକାଶ କୁମାର ଦିଗଲ ଏବଂ ତୁଷାର କୁମାର ଦିଗଲ ପ୍ରମୁଖ ମୁଖ୍ୟ କୋଚ୍ ରାଜେଶ କୁମାର ଜେନାଙ୍କ ସହ ଔରଙ୍ଗାବାଦ ଯାତ୍ରା କରିଛନ୍ତି। ରାଜ୍ୟ ଟାଏକୋଣ୍ଡୋ ସଂଘର ମୁଖ୍ୟ ଗୋପାଳ ଚନ୍ଦ୍ର ରାୟ, ଚେୟାରମ୍ୟାନ ହରି ପ୍ରସାଦ ପଟ୍ଟନାୟକ, ଉପଦେଷ୍ଟା ଦେବେନ୍ଦ୍ର କୁମାର ସାହୁ, ସଭାପତି ସୁନ୍ଦର ମଣି ପଟେଲ ଏବଂ ସମ୍ପାଦକ ଚିନ୍ମୟ ବେହେରା ପ୍ରମୁଖ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କଳିଙ୍ଗରେ ସ୍ପେନ ବିପକ୍ଷ ମ୍ୟାଚ ବିନା ଦର୍ଶକରେ ହେବ



**ଭୁବନେଶ୍ୱର, ୧୮।୨ (କ୍ରୀଡ଼ା ପ୍ରତିନିଧି):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚଳିତ ମାସ ୨୬ ଓ ୨୭ ତାରିଖରେ ଭାରତ ଓ ସ୍ପେନ୍ ମଧ୍ୟରେ ଉଭୟ ମହିଳା ଓ ପୁରୁଷ ବିଭାଗରେ ଏଫ୍ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ ଅନୁଷ୍ଠିତ ହେବ। ଏହି ମ୍ୟାଚ ଦୁଇଟି ବିନା ଦର୍ଶକରେ ଅନୁଷ୍ଠିତ ହେବ ବୋଲି ହକି ଇଣ୍ଡିଆ ପକ୍ଷରୁ ଶୁକ୍ରବାର ପ୍ରକାଶ କରାଯାଇଛି। ତେବେ ଏହି ଦୁଇଦିନ ମ୍ୟାଚର ସିଧା ପ୍ରସାରଣ ହେବ। ପରବର୍ତ୍ତୀ ପର୍ଯ୍ୟାୟରେ ମାର୍ଚ୍ଚ ୧୨ ଓ ୧୩ରେ ଜର୍ମାନୀ ବିପକ୍ଷରେ ଭାରତର ଉଭୟ ମହିଳା ଓ ପୁରୁଷ ଦଳ ଖେଳିବେ। ସେହିପରି ମାର୍ଚ୍ଚ ୧୯ ଓ ୨୦ରେ ଭାରତୀୟ ପୁରୁଷ ଦଳ ଆର୍ଜେଣ୍ଟିନାକୁ ଭେଟିବା କାର୍ଯ୍ୟସୂଚୀ ରହିଛି। ଏପ୍ରିଲ ୨ ଓ ୩ରେ ଭାରତୀୟ ମହିଳା ଓ ପୁରୁଷ ଦଳ ଇଂଲଣ୍ଡ ବିପକ୍ଷରେ ଏଠାରେ ଖେଳିବ। ତେବେ ଫେବୃୟାରୀ ଶେଷ ଭାଗରେ କରୋନା ସଂକ୍ରମଣର ତର୍ଜମା କରାଯିବା ପରେ ମାର୍ଚ୍ଚ ମାସରେ ହେବାକୁଥିବା ମ୍ୟାଚ ପାଇଁ ଦର୍ଶକ ଅନୁମତି ମିଳିବ କି ନାହିଁ ତାହା ସ୍ପଷ୍ଟ ହେବ।

# ସାଇ, ଓଡ଼ିଶା ପୋଲିସ, ସ୍ପୋର୍ଟ୍ସ ଓଡ଼ିଶା ବିଜୟୀ

**ଭୁବନେଶ୍ୱର, ୧୮।୨ (କ୍ରୀଡ଼ା ପ୍ରତିନିଧି)**

**ଓଡ଼ିଶା ଓମେନ୍ସ ଲିଗ୍**

ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ୍) ଫୁଟବଲ ଟୁର୍ନାମେଣ୍ଟରେ ଶୁକ୍ରବାର ୩ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ସାଇ, ଓଡ଼ିଶା ପୋଲିସ, ସ୍ପୋର୍ଟ୍ସ ଓଡ଼ିଶା ବିଜୟ ହାସଲ କରିଛି। କ୍ୟାପିଟାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ପୂର୍ବାହ୍ନ ମ୍ୟାଚରେ ସାଇ ଏସ୍‌ଟିସି ୧-୦ ଗୋଲରେ ଇଷ୍ଟକୋଷ୍ଟ ରେଲୱେକୁ ପରାସ୍ତ କରିଛି। ଏଠାରେ ଅପରାହ୍ନରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ପୋଲିସ ବୃହତ୍ ୬-୦ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବକୁ ହରାଇ ଦେଇଛି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶା ୩-୦ ଗୋଲରେ ଓଜିପି କ୍ଲବକୁ ପରାସ୍ତ କରିଛି। ୨୦ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ସାଇ ଏସ୍‌ଟିସି-ସ୍ପୋର୍ଟ୍ସ ଓଡ଼ିଶା, କ୍ୟାପିଟାଲ ଗ୍ରାଉଣ୍ଡରେ ଓଡ଼ିଶା ପୋଲିସ-ଇଷ୍ଟକୋଷ୍ଟ ରେଲୱେ ଓ ରାଇଜିଂ ଷ୍ଟୁଡେଣ୍ଟ-ଓଜିପି କ୍ଲବ ମଧ୍ୟରେ ମ୍ୟାଚ ଖେଳାଯିବ।



କ୍ୟାପିଟାଲ ଗ୍ରାଉଣ୍ଡରେ ଶୁକ୍ରବାର ଓଡ଼ିଶା ପୋଲିସ ଓ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଭାରତୀୟ ଦଳର ଅଭିଯାନ ଶେଷ

**ଶାହା ଆଲମ (ମାଲେସିଆ), ୧୮।୨(ପି.ଟି.):** ବ୍ୟାଡ୍‌ମିଣ୍ଟନ ଏସିଆ ଟିମ୍ ଚାମ୍ପିୟନଶିପ୍‌ରେ ଭାରତର ଅଭିଯାନ ଶେଷ ହୋଇଛି। ପୁରୁଷ ଓ ମହିଳା ଦଳ ସେମାନଙ୍କ ମ୍ୟାଚ ହାରିଯିବା ଦ୍ୱାରା ଉଭୟେ ନକ୍‌ଆଉଟ ରାଉଣ୍ଡ ପ୍ରବେଶରେ ବିଫଳ ହୋଇଛନ୍ତି। ପୁରୁଷ ଦଳ ୩ଥର ଚାମ୍ପିୟନ ଇଣ୍ଡୋନେସିଆଠାରୁ ପରାଜିତ ହୋଇଥିବା ବେଳେ ମହିଳା ଦଳ ଜାପାନଠାରୁ ୧-୪ରେ ହାରିଯାଇଛି। ପୁରୁଷ ଦଳ ପୂର୍ବରୁ କୋରିଆଠାରୁ ୦-୫ରେ ପରାସ୍ତ ହୋଇଥିବା ବେଳେ ହଂକଂ ବିପକ୍ଷରେ ୩-୨ରେ ବିଜୟ ଲାଭ କରିଥିଲା। ଗତଥରର ଚାମ୍ପିୟନ ଇଣ୍ଡୋନେସିଆ ବିପକ୍ଷ ମ୍ୟାଚ ଜିତିପାରିଥିଲେ ସେମାନେ ନକ୍ ଆଉଟ ପର୍ଯ୍ୟାୟରେ ପ୍ରବେଶ କରିପାରିଥାନ୍ତେ। ଗ୍ରୁପ୍ ପର୍ଯ୍ୟାୟରେ ଭାରତ ଇଣ୍ଡୋନେସିଆ ଓ କୋରିଆ ପଛକୁ ତୃତୀୟ ସ୍ଥାନରେ ରହିଥିବା ବେଳେ ହଂକଂ ଅନ୍ତିମ ସ୍ଥାନରେ ରହିଥିଲା। ମହିଳା ଦଳ ମଧ୍ୟ ନକ୍‌ଆଉଟରେ ପ୍ରବେଶ ପାଇଁ ଏକ ବିଜୟ ଆବଶ୍ୟକ କରୁଥିଲା। କିନ୍ତୁ ଜାପାନ ଏକ ଶକ୍ତିଶାଳୀ ଦଳ ଥିଲା। ପୂର୍ବରୁ ଆୟୋଜକ ମାଲେସିଆଠାରୁ ୨-୩ରେ ହାରିଯାଇଥିଲା।

# ସର୍ବଭାରତୀୟ ବେସାମରିକ ଫୁଟ୍‌ବଲ, କ୍ୟାରମ ଖେଳାଳି ଚୟନ

**ଭୁବନେଶ୍ୱର, ୧୮।୨ (ସ୍ପୋର୍ଟ୍ସ ବ୍ୟୁରୋ):** ସର୍ବଭାରତୀୟ ବେସାମରିକ ଫୁଟ୍‌ବଲ ଓ କ୍ୟାରମ ପ୍ରତିଯୋଗିତା ଲାଗି ଖେଳାଳି ଚୟନ ଆସନ୍ତା ରବିବାର ଅନୁଷ୍ଠିତ ହେବ। ନୂଆଦିଲ୍ଲୀସ୍ଥିତ ଛତ୍ରଶାଲ ଷ୍ଟାଡିୟମରେ ଆସନ୍ତା ମାର୍ଚ୍ଚ ୧୦ରୁ ୧୫ ସର୍ବଭାରତୀୟ ବେସାମରିକ ଫୁଟ୍‌ବଲ ପ୍ରତିଯୋଗିତା ହେବ। ଏଥିପାଇଁ ଚୟନ ପ୍ରକ୍ରିୟା ସ୍ଥାନୀୟ ୟୁନିଟ-୬ ଫୁଟ୍‌ବଲ ଗ୍ରାଉଣ୍ଡରେ ରବିବାର ସକାଳ ୮ଟା ୩୦ରେ ଅନୁଷ୍ଠିତ ହେବ। ସେହିପରି ନୂଆଦିଲ୍ଲୀଠାରେ ସର୍ବଭାରତୀୟ କ୍ୟାରମ ପ୍ରତିଯୋଗିତା ମାର୍ଚ୍ଚ ୧୧ରୁ ୧୫ ପର୍ଯ୍ୟନ୍ତ ହେବ। ଏଥିପାଇଁ ଚୟନ ପ୍ରକ୍ରିୟା ରବିବାର ସ୍ଥାନୀୟ ରାଜୀବ ଭବନ ନିକଟସ୍ଥ ଓଏସ୍ଏସ୍ଏ ହାଉସ୍-୨ଠାରେ ସକାଳ ୧୦ଟାରେ ହେବ।







ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃୟାରୀ ୧୯/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Saturday, February 19/2022 | ପୃଷ୍ଠା-୧



**ବିପତ୍ତି ଆଣିବ ଯୁଦ୍ଧ: ଜାତିସଂଘ**

ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଲାଗିରହିଥିବା ଉତ୍ତେଜନା ଯୁଦ୍ଧର ରୂପ ନେଲେ ବିପତ୍ତି ଆସିବ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ସତର୍କ କରାଇଛନ୍ତି।

୦୩

୦୮

**ରାଜେଶ ଧୂପରଙ୍କ ଅର୍ଦ୍ଧଶତକ**

ରାଜେଶ ଧୂପରଙ୍କ ଅର୍ଦ୍ଧଶତକ ସହାୟତାରେ ଓଡ଼ିଶା ଅହମଦାବାଦରେ ଚାଲିଥିବା ଗୋଆ ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ପ୍ରଥମ ଇନିଂସ ଅଗ୍ରଣୀଲାଭ କରିଛି।



# ଥମୁନି ଭୋଟ ଗଣ୍ଡଗୋଳ

**ପଞ୍ଚାୟତ ନିର୍ବାଚନ**

- ଶେଷ ହେଲା ଦ୍ୱିତୀୟ ପର୍ଯ୍ୟାୟ ଭୋଟ
- ବିଭିନ୍ନ ସ୍ଥାନରେ ବୁଥ୍ ଜବରଦଖଲ, ଗଣ୍ଡଗୋଳ
- ୧୮୬ ଜିଲା ପରିଷଦ ଜୋନର ୭୪୭ ପ୍ରାର୍ଥୀଙ୍କ ଭାଗ୍ୟ ବାଲଟ ବାକ୍ସରେ ସିଲ୍
- ୭୧ ପ୍ରତିଶତ ମତଦାନ
- ମତଦାନ ଶାନ୍ତିପୂର୍ଣ୍ଣ: ନିର୍ବାଚନ କମିଶନର

ଭୁବନେଶ୍ୱର,୧୮।୨(ବ୍ୟୁରୋ)

ଚଳିତ ପଞ୍ଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶୁକ୍ରବାର ଶେଷ ହୋଇଛି। ପୋଲିସ ମହାନିର୍ଦ୍ଦେଶକ ସୁନିଲ ବଂଶଲଙ୍କ ତାଗିଦ ସତ୍ତ୍ୱେ ନିର୍ବାଚନୀ ହିଂସା ଥମୁନାହିଁ। ରାଜ୍ୟର ବିଭିନ୍ନ ଜିଲାରେ ବୁଥ୍ ରିଗିଂ, ବାଲଟ ପେପର ନେଇଯିବା, ଭୋଟ ବାକ୍ସକୁ ପୋଖରୀକୁ ଫିଙ୍ଗିବା, ବୁଥ୍ ଜବରଦଖଲ, ଗାଡ଼ି ଭଙ୍ଗାରୁଜା, ମାରପିଟ, ପୋଲିଂ କର୍ମଚାରୀଙ୍କୁ ଆକ୍ରମଣ ଭଳି ଘଟଣା ଦେଖିବାକୁ ମିଳିଛି।

ଯାଜପୁର ଜିଲା ଦଶରଥପୁର ବ୍ଲକ୍ କନିକାପଡ଼ା ପଞ୍ଚାୟତର କନିକାପଡ଼ା ସ୍କୁଲରେ ମତଦାନ ଚାଲିଥିବା ବେଳେ କେତେକ ଦୁର୍ବୃତ୍ତ ବାଲଟ ପେପର ଛଡ଼ାଇ ନେଇଥିବା ବେଳେ ଦଶରଥପୁର ପଞ୍ଚାୟତ ୯ ନଂ. ବୁଥ୍‌ର ଭୋଟ ବାକ୍ସକୁ ପୋଖରୀରେ ଫିଙ୍ଗି ଦେଇଛନ୍ତି। ସେହିପରି ବଡ଼ଚଣା ବ୍ଲକର ନଳିପୁର ନୋଡ଼ାଲ ବିଦ୍ୟାଳୟରେ ବୁଥ୍ ଜବରଦଖଲ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସେଠାରେ ହିଂସାକାଣ୍ଡ ଓ ରାସ୍ତାରୋକୋ କରାଯାଇଛି। ସେହିପରି ଉକ୍ତ ବ୍ଲକର ଭରତପୁର ପଞ୍ଚାୟତରେ ନିର୍ବାଚନକୁ ନେଇ ଗୋଷ୍ଠୀ ସଂଘର୍ଷ ହୋଇଛି। ଏହି ଘଟଣାରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି।

ଜଗତ୍‌ସିଂହପୁର ଜିଲାରେ ମଧ୍ୟ ନିର୍ବାଚନ ହିଂସା ଦେଖିବାକୁ ମିଳିଛି। ଜଗତ୍‌ସିଂହପୁର ବ୍ଲକର ଡିଅପଟସରା ସ୍କୁଲ, ଢୋଲବନ୍ଧ ସ୍କୁଲରେ ହୋଇଥିବା ବୁଥ୍‌ରେ ନିର୍ବାଚନୀ ହିଂସାକାଣ୍ଡ ଘଟିଛି। କେତେଜଣ ଅସାମାଜିକ ବ୍ୟକ୍ତି ଜୋରଜବରଦସ୍ତି ଭୋଟଗ୍ରହଣ କେନ୍ଦ୍ରରେ ପଶି ବାଲଟ ପେପର ଚିରିବା ସହ ଭୋଟ ବାକ୍ସ ନେଇ ଯାଇଥିଲେ। ଗଣ୍ଡଗୋଳରେ ୫ ଜଣ ଆହତ ହୋଇଛନ୍ତି। କଟକ ଜିଲା ବାରଙ୍ଗ ବ୍ଲକ୍ କୁରାଙ୍ଗପ୍ରଧାନ ପଞ୍ଚାୟତ କୁରୁଣ୍ଡି ବୁଥ୍‌ରୁ କେତେଜଣ ଦୁର୍ବୃତ୍ତ ଭୋଟ୍ ବାକ୍ସ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଏତଲା ହୋଇଛି।

କେବଳ ସେତିକି ନୁହେଁ, ପ୍ରିଜାଇଡିଂ ଅଫିସରଙ୍କ ନାମରେ ମଧ୍ୟ ସଙ୍ଗିନ ଅଭିଯୋଗ ହୋଇଛି। ନୂଆପଡ଼ା ଜିଲା କୋମନା ବ୍ଲକ୍ ପାଏର ଗାଁର ୩ ନମ୍ବର ବୁଥ୍‌ରେ ମତଦାନ ପରେ ପ୍ରିଜାଇଡିଂ ଅଫିସର ସରକାରୀ ଗାଡ଼ିରେ ଭୋଟ ବାକ୍ସକୁ ନ ରଖି ନିଜ ଗାଡ଼ିରେ ନେଇ ଯାଉଥିଲେ। ଏ ସମ୍ପର୍କରେ ପାଏର ଗାଁର ଲୋକମାନେ ଜାଣିପାରି ପ୍ରିଜାଇଡିଂ ଅଫିସରଙ୍କ ଗାଡ଼ିକୁ ଘେରି ଯାଇଥିଲେ। ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକମାନେ ପ୍ରିଜାଇଡିଂ ଅଫିସରଙ୍କ କାର ଭଙ୍ଗାରୁଜା କରିଥିଲେ। ମତଦାନ ସରିଥିଲେ ମଧ୍ୟ ପୋଲିଂ ପାର୍ଟିକୁ ଲୋକମାନେ ଛାଡ଼ି ନ ଥିଲେ। ସମାନ ଘଟଣା ଘଟିଛି କଟକ ସଦର ଥାନା ବାରଙ୍ଗ ବ୍ଲକ କୁରାଙ୍ଗପ୍ରଧାନ ପଞ୍ଚାୟତ ଅଧୀନ ବୁଥ୍ ନମ୍ବର ୧୧ରେ। ମତଦାନ ଶେଷ ପରେ ପ୍ରିଜାଇଡିଂ ଅଫିସର ପ୍ରଭାତ କୁମାର ରଥ ନିଜ ବାଇକ୍‌ରେ ଭୋଟ ବାକ୍ସ ନେଇଯିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ସେହିପରି ଖୋର୍ଦ୍ଧାର ସାରୁଅ ଏବଂ ବାଘମାରୀ ବୁଥ୍‌ରେ ପ୍ରିଜାଇଡିଂ ଅଫିସର ଭୋଟରଙ୍କ ପଛପଟେ ଛିଡ଼ା ହୋଇ ମତଦାନ ଦେଖୁଥିଲେ। ଏମିତିକି ବୟସ୍କ ଲୋକମାନଙ୍କ ପାଇଁ ବାଲଟ ପେପରରେ ଷ୍ଟାମ୍ପ ମାରି ବାକ୍ସରେ ପକାଉଥିବା ଅଭିଯୋଗ ହୋଇଛି।

ଦ୍ୱିତୀୟ ପର୍ଯ୍ୟାୟରେ ୩୦ ଜିଲାର ୬୮ ବ୍ଲକର ୧୮୬ ଜିଲା ପରିଷଦ ଜୋନର ୧୫୧୪ ପଞ୍ଚାୟତରେ ଭୋଟ ଗ୍ରହଣ ହୋଇଛି। ୧୮୬ ଜିଲା ପରିଷଦ ଜୋନରେ ୭୪୭ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ମୋଟ ୨୦,୪୩୬ ବୁଥ୍‌ରେ ପ୍ରାୟ ୬୨.୧ ଲକ୍ଷ ଭୋଟର ଅଛନ୍ତି। ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ଣ ୧ଟାରେ ଶେଷ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ମଧ୍ୟ ପ୍ରବଳ ଉତ୍ସାହ ☞ପୃଷ୍ଠା-୫



ଜର୍ମାନୀର ଏମ୍‌ଡେନ୍‌ରୁ ବାହାରିଥବା 'ଫେଲିସିଟି ଏସ୍' ନାମକ ମାଲବାହୀ ଜାହାଜ ଉତ୍ତର ଆଟ୍‌ଲାଣ୍ଟିକ୍ ସାଗରରେ ଯାଉଥିବାବେଳେ ସେଥିରେ ଘଟିଥିବା ଅଗ୍ନିକାଣ୍ଡ।

# ସମୁଦ୍ରରେ ଜଳିଗଲା ଜାହାଜ

## କାର୍ଗୋ ଶିପ୍‌ରେ ଥିଲା ୪,୦୦୦ ଦାମୀ କାର୍

ଲିସ୍‌ବନ୍,୧୮।୨

ଫକ୍ସୱାଗନ୍ ଗ୍ରୁପ୍‌ର ପ୍ରାୟ ୪ ହଜାର ଦାମୀ କାର୍ ନେଇ ଉତ୍ତର ଆଟ୍‌ଲାଣ୍ଟିକ୍ ସାଗରରେ ଯାଉଥିବା ଏକ କାର୍ଗୋ ଶିପ୍ ବୁଧବାରଠାରୁ ଜଳୁଛି। ଏହି ବିଶାଳକାୟ ଜାହାଜଟି ଏବେ ପର୍ତ୍ତୁଗାଲର ଆଜୋରେସ୍ ଉପକୂଳରେ ଗତିହୀନ ଅବସ୍ଥାକୁ ଚାଲିଆସିଛି। ସେଥିରେ ଥିବା ୨୨ ନାବିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

ଫେବୃୟାରୀ ୧୦ରେ 'ଫେଲିସିଟି ଏସ୍' ନାମକ ମାଲବାହୀ ଜାହାଜ ଜର୍ମାନୀର ଏମ୍‌ଡେନ୍‌ରୁ ବାହାରିଥିଲା। ଏହା ବୁଧବାର ଆମେରିକାସ୍ଥିତ ରୋଡ୍ ଦ୍ୱୀପର ଡାଭିସ୍‌ଭିଲେରେ ପହଞ୍ଚିବାର ଥିଲା। ତେବେ ପର୍ତ୍ତୁଗାଲର ଆଜୋରେସ୍‌ଠାରୁ ୨୦୦ ମାଇଲ ଦୂର ଟେର୍‌ସିରା ଦ୍ୱୀପର ନିକଟତର ହୋଇଥିବାବେଳେ ଜାହାଜରେ ହଠାତ୍ ନିଆଁ ଲାଗିଯାଇଥିଲା। ପର୍ତ୍ତୁଗାଲ ନୌସେନା ଓ ବାୟୁସେନା ପକ୍ଷରୁ ହେଲିକପ୍ଟର ଜରିଆରେ ସମସ୍ତ କ୍ରିଉ ମେମ୍ବରଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ଉଦ୍ଧାର ହୋଇଥିବା ନାବିକମାନଙ୍କୁ ନିକଟସ୍ଥ ଫାଇଅଲ୍ ଦ୍ୱୀପର ଏକ ହୋଟେଲରେ ରଖାଯାଇଥିବା ପର୍ତ୍ତୁଗାଲର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ୬୫୦ ଫୁଟ୍ ଲମ୍ବ ଓ ୬୦,୦୦୦ ଟନ୍ ଓଜନ ବିଶିଷ୍ଟ ଜାହାଜରେ ନିଆଁ କିପରି ଲାଗିଲା ତାହା ସ୍ପଷ୍ଟ ହୋଇନାହିଁ। ଅଟୋମେଟିଭ୍ ୱେବ୍‌ସାଇଟ୍ 'ଦି ଡ୍ରାଇଭ୍'ରୁ ମିଳିଥିବା ସୂଚନାନୁସାରେ ଫକ୍ସୱାଗନ୍ ଗ୍ରୁପ୍‌ର ପ୍ରାୟ ୪,୦୦୦ କାର୍ ଏହି ଜାହାଜରେ ଥିଲା। ସେଥିରୁ ୧୮୯ ହେଉଛି ବେଣ୍ଟଲେସ୍। ସେହିପରି ୧,୧୦୦ ପୋର୍ଶେ କାର୍ ସମେତ ବହୁ ସଂଖ୍ୟକ ଅଡି ଓ ଲାମ୍ବୋର୍ଘିନି ଗାଡ଼ି ମଧ୍ୟ ସେଥିରେ ଥିଲା ବୋଲି ଗୁରୁବାର ରାତିରେ କମ୍ପାନୀ ପକ୍ଷରୁ ଏକ ବିବୃତିରେ ସୂଚନା ଦିଆଯାଇଛି।

ପ୍ରକାଶ ଯେ, ପାନାମାରେ ପଞ୍ଜୀକୃତ 'ଫେଲିସିଟି ଏସ୍' (ଆଇଏମ୍‌ଓ: ୯୨୯୩୯୧୧, ଏମ୍‌ଏମ୍‌ଏସ୍‌ଆଇ ୩୭୧୪୨୭୦୦୦) ମାଲବାହୀ ଜାହାଜ ୨୦୦୫ରେ ଜଳାବତରଣ କରିଥିଲା। ୩ଟି ଫୁଟ୍‌ବଲ ପଡ଼ିଆ ଆୟତନର ଏହି ଜାହାଜ ମାଲ ପରିବହନରେ ନିୟୋଜିତ ଥିଲା। ଏହା ପୂର୍ବରୁ ୨୦୧୯ରେ ମଧ୍ୟ ଫକ୍ସୱାଗନ୍ ଗ୍ରୁପ୍‌ର ପ୍ରାୟ ୨,୦୦୦ ବିଳାସପୂର୍ଣ୍ଣ କାର୍‌କୁ ନେଇ ଯାଉଥିବା ଜାହାଜ 'ଗ୍ରାଣ୍ଡ ଆମେରିକା'ରେ ଅଗ୍ନିକାଣ୍ଡ ଘଟିଥିଲା। ସେତେବେଳେ ସେହି ମାଲବାହୀ ଜାହାଜଟି ବୁଡ଼ିଯାଇଥିଲା।

## ପୌର ନିର୍ବାଚନ: ଇଭିଏମ୍ ପରିଚାଳନା ପାଇଁ ମାଷ୍ଟର ଟ୍ରେନର ନେଲେ ପ୍ରଶିକ୍ଷଣ

**ଭୁବନେଶ୍ୱର,୧୮।୨(ବ୍ୟୁରୋ):** ଆସନ୍ତା ଏପ୍ରିଲ ମାସରେ ପୌର ନିର୍ବାଚନ ହେବ। ଏଥିପାଇଁ ଶୁକ୍ରବାରଠାରୁ ରାଜ୍ୟ ନିର୍ବାଚନ କମିଶନର ପକ୍ଷରୁ ଇଭିଏମ୍ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ପ୍ରତ୍ୟେକ ଜିଲାର ମାଷ୍ଟର ଟ୍ରେନରଙ୍କୁ ଏକ୍ସପର୍ଟମାନେ ଇଭିଏମ୍ ପରିଚାଳନା ବାବଦରେ ତାଲିମ ପ୍ରଦାନ କରିବେ। ପ୍ରଥମ ପର୍ଯ୍ୟାୟରେ ଅନୁଗୋଳ, ବାଲେଶ୍ୱର, ବଲାଙ୍ଗୀର, ବରଗଡ଼, ବୌଦ୍ଧ, କଟକ, ଦେବଗଡ଼, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତ୍‌ସିଂହପୁର, ଯାଜପୁର, ଝାରସୁଗୁଡ଼ା ଓ କଳାହାଣ୍ଡି ମାଷ୍ଟର ଟ୍ରେନରମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଶନିବାର ଆଉ ୧୫ ଜିଲାର ମାଷ୍ଟରଟ୍ରେନରଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏଥର ପୌର ନିର୍ବାଚନରେ ନୋଟାର ବ୍ୟବହାର ସାଙ୍ଗକୁ ଅଧ୍ୟକ୍ଷ/ ମେୟର ପଦ ପାଇଁ ପ୍ରତ୍ୟକ୍ଷ ନିର୍ବାଚନ ହେବ। ପ୍ରତି ବୁଥ୍‌ରେ ୨ଟି ଇଭିଏମ୍ ରହିବ। ଇଭିଏମ୍‌ର ବିସ୍ତୃତ ପରିଚାଳନା ବାବଦରେ ପ୍ରଶିକ୍ଷଣ ଦିଆଯାଉଛି। ରାଜ୍ୟର ୪୮ଟି ପୌର ପରିଷଦ, ୫୯ଟି ଏନ୍ଏସି ଓ ୩ଟି ମହାନଗର ନିଗମର ୧୯୩୧ ୱାର୍ଡର ୪୫୮୪ ବୁଥ୍‌ରେ ମତଦାନ ହେବ।

# ୩ ପୋଲିସ ମୃତ

## ପାପଡ଼ାହାଣ୍ଡି: ପୋଲିଂ ଗାଡ଼ି ଦୁର୍ଘଟଣାଗ୍ରସ୍ତ

ନବରଙ୍ଗପୁର/ପାପଡ଼ାହାଣ୍ଡି, ୧୮।୨(ବି.ପ୍ର./ଡି.ଏନ୍.ଏ.)

ନିର୍ବାଚନ ଡ୍ୟୁଟି ପାଇଁ ପୋଲିସଙ୍କୁ ନେଇ ଯାଉଥିବା ଏକ ବସ୍ ଶୁକ୍ରବାର ରାତିରେ ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ଅଧୀନ ସୋରିଷପଦରଠାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ପ୍ରାୟ ୨୦ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ପାପଡାହାଣ୍ଡି ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ମୃତକଙ୍କ ମଧ୍ୟରୁ ୨ଜଣଙ୍କ ପରିଚୟ ମିଳିଛି। ସେମାନେ ହେଲେ ଖାତିଗୁଡ଼ା ଥାନାର ରବି ବିଷୋୟୀ, ନବରଙ୍ଗପୁର ଥାନାର ସି.ଏଚ୍. ଶେଷାରାଓ ଓ ଡଙ୍ଗରଭେଜା ଫାଣ୍ଡିର ଜଗବନ୍ଧୁ ଗୌଡ଼।

ସୂଚନାନୁଯାୟୀ, ୨୦ ତାରିଖରେ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଗୋଟିଏ ବସ୍ (ଓଡ଼ି-୦୫କେ-୦୧୦୫)ରେ ନବରଙ୍ଗପୁର ରିଜର୍ଭ ଅଫିସରୁ ପ୍ରାୟ ୩୬ଜଣ ପୋଲିସ (ଗ୍ରାମରକ୍ଷୀ ଓ ଗୃହରକ୍ଷୀ) କୋଷାଗୁମୁଡା ଯାଉଥିଲେ। ଏହି ସମୟରେ ପାପଡାହାଣ୍ଡି ସୋରିଷପଦର ନିକଟ ବୁଲାଣିଆ ରାସ୍ତାରେ ବସ୍‌ଟି ଓଲଟି ପଡିଥିଲା। ଫଳରେ ସମସ୍ତ ପୋଲିସ କର୍ମଚାରୀ ବସ୍ ତଳେ ଚାପିହୋଇ ଯାଇଥିଲେ। ଏଥିରେ ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ହୋଇଯାଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ବସ୍‌କୁ ଉଠାଯାଇଛି। ପାପଡ଼ାହାଣ୍ଡି ଥାନାଧିକାରୀ ପୋଲିସ ଓ ଦମକଳ ବାହିନୀ ସହ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଛନ୍ତି। ନବରଙ୍ଗପୁର ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ପାପଡାହାଣ୍ଡି ତହସିଲଦାର ଯୋଗେଶ୍ୱର ଭୋଇ, ପାପଡ଼ାହାଣ୍ଡି ଏସ୍‌ଡିପିଓ ☞ପୃଷ୍ଠା-୫

# ରାଜ୍ୟରେ ୬ କୋଟି ଟପିଲା ଟିକାକରଣ

ଭୁବନେଶ୍ୱର, ୧୮।୨ (ବ୍ୟୁରୋ)



ଟିକାକରଣ କ୍ଷେତ୍ରରେ ପୁଣି ରେକର୍ଡ ସ୍ଥାପନ କରିଛି ଓଡ଼ିଶା। କରୋନାରୁ ରକ୍ଷା ପାଇବା ପାଇଁ ୨୦୨୧ ଜାନୁୟାରୀରୁ ରାଜ୍ୟରେ ଟିକାକରଣ ଆରମ୍ଭ ହୋଇଥିଲା। ଏହା ମଧ୍ୟରେ ରାଜ୍ୟରେ ୬ କୋଟି ୨୮ ହଜାର ୬୩ ଡୋଜ୍ ଟିକା ଦିଆଯାଇଥିବା ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେଥିମଧ୍ୟରୁ ୩ କୋଟି ୨୬ଲକ୍ଷ ୧୪୬ ପ୍ରଥମ ଡୋଜ୍ ଓ ୨କୋଟି ୬୬ଲକ୍ଷ ୬୬ ହଜାର ୨୭୯ଟି ଉଭୟ ଡୋଜ୍ ଟିକା ଦିଆଯାଇଛି। ସେହିପରି ରାଜ୍ୟରେ ଏଯାବତ୍ ୭ଲକ୍ଷ ୬୧ହଜାର ୬୩୮ଜଣ ପ୍ରିକସନ୍ ଡୋଜ୍ ନେଇଥିବା ସୂଚନା ଦିଆଯାଇଛି। ଟିକାକରଣରେ ରାଜ୍ୟର ଏହି ସଫଳତାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ସମ୍ପୃକ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ସାବାସି ଦେଇଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି।

ସୂଚନାଯୋଗ୍ୟ, କରୋନା ଲଢ଼େଇରେ ଟିକା ସବୁଠୁ ବଡ଼ ଅସ୍ତ୍ର ପାଲଟିଛି। ସଂକ୍ରମଣରୁ ରକ୍ଷା ପାଇବା ପାଇଁ ରାଜ୍ୟରେ କୋଭିଶିଲ୍ଡ ଓ କୋଭାକ୍ସିନ ଟିକା ଦିଆଯାଉଛି। ଇତିମଧ୍ୟରେ ମହାମାରୀର ତୃତୀୟ ଲହର ଜାରି ରହିଛି। ତେବେ ଏହା ବିରୋଧରେ ରାଜ୍ୟ ସରକାର ନିରନ୍ତର ଲଢ଼େଇ ଜାରି ରଖିଥିବାବେଳେ ଗତ ଜାନୁୟାରୀରୁ ଦୁଇ ଡୋଜ୍ ନେଇଥିବା ନିର୍ଦ୍ଦିଷ୍ଟ ବର୍ଗଙ୍କୁ ବୁଷ୍ଟର ଡୋଜ୍ ଟିକାକରଣ ମଧ୍ୟ ଆରମ୍ଭ କରାଯାଇଛି। ଦ୍ୱିତୀୟ ଡୋଜ୍ ନେବାର ୯୦ ଦିନ ପରେ ବୁଷ୍ଟର ଡୋଜ୍ ପାଇଁ ଅନୁମତି ରହିଛି। ତେବେ ପ୍ରଥମ ପର୍ଯ୍ୟାୟରେ ବରିଷ୍ଠ ନାଗରିକ, ସ୍ୱାସ୍ଥ୍ୟକର୍ମୀ, ସମ୍ମୁଖ ଯୋଦ୍ଧାଙ୍କୁ ବୁଷ୍ଟର ଡୋଜ୍ ପ୍ରଦାନରେ ଅଗ୍ରାଧିକାର ଦିଆଯାଉଛି। ଏହାପରେ ଅନ୍ୟ ବର୍ଗର ଲୋକଙ୍କୁ ମଧ୍ୟ ଏହା ଦିଆଯିବାର ରହିଛି। ସେହିପରି ଭୁବନେଶ୍ୱରରେ ପୂର୍ବରୁ କେବଳ କୋଭାକ୍ସିନ୍‌ର ବୁଷ୍ଟର ଡୋଜ୍ ଦିଆଯାଉଥିବାବେଳେ ଏଣିକି କୋଭିଶିଲ୍ଡ ବୁଷ୍ଟର ଡୋଜ୍ ପ୍ରଦାନ କରାଯିବ। ଭୁବନେଶ୍ୱରର ୟୁନିଟ୍-୯ ୟୁପିଏଚ୍‌ସି ଏବଂ ଚନ୍ଦ୍ରଶେଖରପୁର ୟୁପିଏଚ୍‌ସିକୁ ଏଥିପାଇଁ ଚୟନ କରାଯାଇଛି। କୋଭିଶିଲ୍ଡର ଉଭୟ ଡୋଜ୍ ନେଇଥିବା ଭୁବନେଶ୍ୱର ଯୋଗ୍ୟ ନାଗରିକମାନେ ଏହି ପ୍ରିକସନ ଡୋଜ୍ ନେଇ ପାରିବେ। ଏଥିପାଇଁ ହିତାଧିକାରୀମାନେ କୋ-ୱିନ୍ ପୋର୍ଟାଲରେ ସ୍ଲଟ୍ ବୁକ୍ କରି ପାରିବେ କିମ୍ବା ସିଧାସଳଖ କେନ୍ଦ୍ରକୁ ଯାଇ ରେଜିଷ୍ଟ୍ରେଶନ କରାଇ ଟିକା ନେଇ ପାରିବେ ବୋଲି ସୂଚନା ଦିଆଯାଇଛି।



**ଭରତପୁରରେ ଗୋଷ୍ଠୀ ସଂଘର୍ଷ, ୨ ଗୁରୁତର**

ଚଣ୍ଡିଖୋଲ,(ଡି.ଏନ.ଏ.): ବଡ଼ଚଣା ବ୍ଲକ ଭରତପୁର ପଞ୍ଚାୟତରେ ନିର୍ବାଚନକୁ ନେଇ ଶୁକ୍ରବାର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଓ ଢେଲାମାଡ଼ ହୋଇଛି। ଉକ୍ତ ଗ୍ରାମରେ ନିର୍ବାଚନ ସରିବା ପରେ ସାମାନ୍ୟ ବଚସାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଟେକା ପଥର ମାଡ଼ ହୋଇଥିଲା। ଗଣ୍ଡଗୋଳ ଯୋଗୁ ଉଭୟ ପକ୍ଷରୁ ଜଣେ ବୃଦ୍ଧା ଓ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ କୌଣସି ଏତଲା ହୋଇ ନ ଥିବା ବାଲିଚନ୍ଦ୍ରପୁର ଥାନାଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ମହିଳାଙ୍କ ଆକସ୍ମିକ ମୃତ୍ୟୁ

**ପାଣିକୋଇଲି,୧୮।୨(ଡି.ଏନ.ଏ.):** ପାଣିକୋଇଲି ଥାନା କରଦା ପଞ୍ଚାୟତ ବର୍ତ୍ତମଣା ଗ୍ରାମରେ ଶୁକ୍ରବାର ଜଣେ ମହିଳାଙ୍କ ଆକସ୍ମିକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ନଟବର ମଲିକଙ୍କ ସ୍ତ୍ରୀ ସଞ୍ଜୁ(୪୫)। ସକାଳେ ସଞ୍ଜୁ ଜଳଖିଆ ଖାଇବା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ପକ୍ଷରୁ ତାଙ୍କୁ ଯାଜପୁରରୋଡ୍ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଏନେଇ ଏକ ଅପମୃତ୍ୟୁ ମାମଲା ନଂ.୪/୨୨ ରୁଜୁ ହୋଇଛି।

### ବିଟ୍ ହାଉସ ଘେରିଲେ ବରଯାତ୍ରୀ

**ଚଣ୍ଡିଖୋଲ/ଛତିଆ,୧୮।୨(ଡି.ଏନ.ଏ.):** ବୈରୀ ଥାନା ଅଧୀନ ଛତିଆ ବଜାରରେ ବରଯାତ୍ରୀ ଦଳକୁ ମାଡ଼ ମରାଯାଇଛି। ଏଥିସହିତ ମହିଳାଙ୍କୁ ଅସୌଜନ୍ୟ ବ୍ୟବହାର କରାଯାଇଛି। ଏହାର ପ୍ରତିବାଦରେ ବରଯାତ୍ରୀଙ୍କ ପକ୍ଷରୁ ଛତିଆ ପୋଲିସ ବିଟ୍ ହାଉସ ଘେରାଉ କରାଯାଇଥିଲା। ପୋଲିସ ବରଯାତ୍ରୀଙ୍କୁ ବୁଝାଶୁଝା କରିବା ସହିତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ଶୁକ୍ରବାର ଭୁବନେଶ୍ୱର ଚକେଇସିଆଣିରୁ ବରଯାତ୍ରୀ ଦଳ ଛତିଆସ୍ଥିତ ସାଇମଣ୍ଡପକୁ ଆସିଥିଲେ। ସେମାନେ ଶୋଭାଯାତ୍ରାରେ ବଜାର ଦେଇ ଯାଉଥିବା ସମୟରେ କେତେଜଣ ମଦ୍ୟପ ଯୁବକ ସେମାନଙ୍କ ସହ ସାମିଲ ହୋଇଥିଲେ। ତେବେ ସେମାନେ ପ୍ରତିବାଦ କରିବାରୁ ଯୁବକମାନେ ବରଯାତ୍ରୀଙ୍କୁ ମାଡ଼ ମାରିଥିଲେ। ଏହି ଘଟଣାକୁ ନେଇ ବରପକ୍ଷ ବିବାହରେ ଆଉ ସାମିଲ ହେବାକୁ ମନା କରି ଦେଇଥିଲେ। ଶେଷରେ ବରପକ୍ଷ ଓ କନ୍ୟାପକ୍ଷ ମଧ୍ୟରେ ବୁଝାମଣା ହୋଇ ସନ୍ଧ୍ୟାରେ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିବା ସୂଚନା ମିଳିଛି।

# ୨ ଘଣ୍ଟା ଜାତୀୟ ରାଜପଥ ଅବରୋଧ

## ବଡ଼ଚଣାରେ ନିର୍ବାଚନୀ ହିଂସା

**ଚଣ୍ଡିଖୋଲ,୧୮।୨(ଡି.ଏନ.ଏ.)**

ବଡ଼ଚଣା ବ୍ଲକରେ ନିର୍ବାଚନକୁ ନେଇ ବିଭିନ୍ନ ସ୍ଥାନରେ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହୋଇଛି। ଉକ୍ତ ବ୍ଲକର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନଳୀପୁରଠାରେ ଜଣେ ଯୁବକଙ୍କୁ ମାଡ଼ ମାରିବା ଅଭିଯୋଗରେ ଉତ୍ତ୍ୟକ୍ତ ଲୋକେ ନଳୀପୁରଠାରେ ୨ ଘଣ୍ଟାକାଳ ୫୩ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, ଡିଏସ୍‌ପି ସଂଗ୍ରାମ ଟୁଡ୍ଡୁ, ଏସ୍‌ଡିପିଓ ଚିନ୍ମୟ ନାୟକ, ତହସିଲଦାର ପ୍ରଦୀପ କୁମାର ସେଠୀ, ବାଲିଚନ୍ଦ୍ରପୁର ଥାନାଧିକାରୀ ରମାକାନ୍ତ ମୁଦୁଲି, ଧର୍ମଶାଳା ଥାନାଧିକାରୀ ରାକେଶ ତ୍ରିପାଠୀ, ଜେନାପୁର ଥାନାଧିକାରୀ ଉମାକାନ୍ତ ନାୟକ ପ୍ରମୁଖ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯିବାର ପ୍ରତିଶ୍ରୁତି ଦେଇଥିଲେ।


ଉତ୍ତ୍ୟକ୍ତ ଲୋକେ ରାଜପଥ ଅବରୋଧ କରିଛନ୍ତି।

ଏହାପରେ ଆନ୍ଦୋଳନକାରୀ ରାସ୍ତା ଅବରୋଧରୁ ଓହରି ଯାଇଥିଲେ।

ପୋଲିସ ସୂଚନା ମୁତାବକ, ନଳୀପୁର ନୋଡାଲ ବିଦ୍ୟାଳୟରେ ମତଦାନ ବୁଥ୍ ହୋଇଥିଲା। ତେବେ ସେଠାରେ ୨ ନମ୍ବର ବୁଥ୍ ଜବରଦଖଲ ହେଉଥିବା ନେଇ ଖବର ମିଳିବା ପରେ ନଳୀପୁର ଗ୍ରାମର ସେକ୍ ଫର୍ଜୁଲ ହକ୍ ସେଠାକୁ ଯାଇଥିଲେ। ସେକ୍ ଫର୍ଜୁଲ ହକ୍ ସରପଞ୍ଚ ପ୍ରାର୍ଥୀ ହୋଇଥିବା ଅବଦୁଲ ଗନିଙ୍କ ସମର୍ଥକ ହୋଇଥିବାରୁ ସେ ଯାଇ ବୁଥ୍ ଜବରଦଖଲକୁ ବିରୋଧ କରିଥିଲେ। ତେବେ ସେଠାରେ ଅନ୍ୟତମ ସରପଞ୍ଚ ପ୍ରାର୍ଥୀ ରଶ୍ମିରଞ୍ଜନ ବଳ ଓ ତାଙ୍କ ସାନଭାଇ ମିହିର ରଞ୍ଜନ ବଳ, ପୂର୍ବତନ ସରପଞ୍ଚ ମନ୍ମଥକେଶରୀ ସାହେବରାୟ ଓ ଜ୍ୟୋତିରଞ୍ଜନ ବଳ ପ୍ରମୁଖ ଫର୍ଜୁଲଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହାର ପ୍ରତିବାଦରେ ଅବଦୁଲ ଗନିଙ୍କ ହଜାର ହଜାର ସମର୍ଥକ ଜାତୀୟ ରାଜପଥ ଅବରୋଧ କରିବା ସହ ଟାୟାରଜାଳି ପ୍ରତିବାଦ କରିଥିଲେ। ୨ ନମ୍ବର ବୁଥକୁ ଜୋର ଜବରଦସ୍ତ ରଶ୍ମିରଞ୍ଜନ ବଳ ଓ ତାଙ୍କ ସମର୍ଥକ ଦଖଲ କରିଥିବା ଆନ୍ଦୋଳନକାରୀ ଅଭିଯୋଗ କରିଥିଲେ। ତେଣୁ ତୁରନ୍ତ ପୁନଃମତଦାନ କରିବାକୁ ଦାବି କରିଥିଲେ। ପ୍ରିଜାଇଡିଂ ଅଫିସର ଯଦି ବୁଥ ଦଖଲ ନେଇ ଅଭିଯୋଗ କରନ୍ତି ତେବେ ନିର୍ବାଚନ କମିଶନ ପୁନଃ ମତଦାନ ନେଇ ନିଷ୍ପତ୍ତି ନେବେ ବୋଲି ପ୍ରଶାସନିକ ଅଧିକାରୀ ସୂଚନା ଦେଇଥିଲେ।


ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ମତଦାନବେଳେ ଯାଜପୁର ଜିଲା ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତର ଏକ ବୁଥ୍ କ୍ୟାପଚରିଂର ଦୃଶ୍ୟ।

# ଭୋଟବାକ୍ସ ସିଲ୍ ଖୋଲା ନେଇ ଉତ୍ତେଜନା

**ଚଣ୍ଡିଖୋଲ,୧୮।୨(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଅଧୀନ ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ମହାବିଦ୍ୟାଳୟକୁ ଅସ୍ଥାୟୀ ଭୋଟବାକ୍ସ ସଂରକ୍ଷଣ କେନ୍ଦ୍ର କରାଯାଇଛି। ତେଣୁ ଏଠାକୁ ଭୋଟ ବାକ୍ସ ଆସୁଛି। ଶୁକ୍ରବାର ଭୋଟ ଶେଷପରେ ଉକ୍ତ ବ୍ଲକ ଚମ୍ପାପୁର ପଞ୍ଚାୟତ ଗୋପୀନାଥପୁର ଗ୍ରାମର ୩ ନଂ. ବୁଥ୍ ଭୋଟ ବାକ୍ସକୁ ପୋଲିଂ ଅଧିକାରୀ ଆଣିଥିଲେ। ତେବେ କେନ୍ଦ୍ରରେ ବାକ୍ସ ଖୋଲି ଅଦଳବଦଳ କରାଯାଇଥିବା ଭାଜପା କର୍ମୀ ଅଭିଯୋଗ କରିଥିଲେ। ଫଳରେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ନିୟନ୍ତ୍ରଣ କରିବାକୁ ଯାଇ ମୃଦୁ ଲାଠି ଚାଳନା କରିଥିଲା। ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ସ୍ଥିତି ଶାନ୍ତ ପଡ଼ିଥିଲା।

ଭୋଟବାକ୍ସ ଖୋଲାଥିବାବେଳେ ଏହା ନିକଟରେ ପୋଲିଂ ଅଧିକାରୀ ଛିଡ଼ା ହେବା ଦେଖି ଭାଜପା କର୍ମୀ ହୋହଲ୍ଲା କରିଥିଲେ।


ଅସ୍ଥାୟୀ ଭୋଟବାକ୍ସ ସଂରକ୍ଷଣ କେନ୍ଦ୍ରରେ ପ୍ରଶାସନିକ ଅଧିକାରୀ ଲୋକଙ୍କୁ ବୁଝାଉଛନ୍ତି।

ଖବର ପାଇ ଶତାଧିକ କର୍ମୀ ଘଟଣାସ୍ଥଳରେ ରୁଣ୍ଡ ହୋଇ ଭୋଟବାକ୍ସରେ ଜାଲିଆତି ହୋଇଥିବା ଅଭିଯୋଗ କରି ଜଣେ ପୋଲିଂ ଅଧିକାରୀଙ୍କୁ ମାଡ଼ ମାରିଥିଲେ। ଭାଜପା ନେତା ଅମର ନାୟକ ପହଞ୍ଚିବା ପରେ ପରିସ୍ଥିତି ଆହୁରି ଉତ୍ତେଜନା ମୂଳକ ହୋଇଥିଲା। ପୋଲିସ ବୁଝାଶୁଝା କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ଲୋକେ କିଛି ଶୁଣି ନ ଥିଲେ। ଜିଲା ପ୍ରଶାସନ ପକ୍ଷରୁ ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେଉରିଆ, ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, ତହସିଲଦାର ପ୍ରଦୀପ କୁମାର ସେଠୀ, ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ ପ୍ରମୁଖ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଶେଷରେ ପୁନଃ ର୍ବାର ଉପସ୍ଥିତ ଲୋକଙ୍କ ସମ୍ମୁଖରେ ଭୋଟବାକ୍ସ ସିଲ କରାଯାଇ ସଂରକ୍ଷଣ କକ୍ଷକୁ ନିଆଯାଇଥିଲା। ତେବେ ପରିବହନ ସମୟରେ ଭୋଟ ବାକ୍ସ ଖୋଲି ଯାଇଥିବା ନେଇ ଦାୟିତ୍ୱରେ ଥିବା ଅଧିକାରୀ ସଫେଇ ଦେଇଛନ୍ତି।

## ଝାଲପଡ଼ା ପଞ୍ଚାୟତ ନିର୍ବାଚନୀ ହିଂସା: ୫ କୋର୍ଟଚାଲାଣ

**ଯାଜପୁର ସଦର,୧୮।୨(ଡି.ଏନ.ଏ.)**

ପ୍ରଥମ ପର୍ଯ୍ୟାୟ ମତଦାନବେଳେ ଯାଜପୁର ବ୍ଲକ ଅଧୀନ ଝାଲପଡ଼ା ପଞ୍ଚାୟତର ନୀଳକଣ୍ଠପୁରଠାରେ ନିର୍ବାଚନୀ ହିଂସା ହୋଇଥିଲା। ଏହି ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଭ୍ରମର ମଲ୍ଲିକ, କୀର୍ତ୍ତନ ମଲ୍ଲିକ, କବିନ୍ଦ୍ର ମଲ୍ଲିକ, ରାଜେଶ ମଲ୍ଲିକ ଓ ପ୍ରଭାକର ଯେନା। ଅଭିଯୁକ୍ତ ବୁଥ୍ ଜବରଦଖଲ କରୁଥିବା ଖବରପାଇ ଉଚ୍ଚ ପଦସ୍ଥ ପୋଲିସ୍ ଅଧିକାରୀ ଓ ସଦରଥାନା ଅଧିକାରୀ ମାନସ ରଞ୍ଜନ ଚକ୍ର ପହଞ୍ଚିଥିଲେ। ଏହି ସମୟରେ ଲୋକେ ପୋଲିସ୍ ଓ ପୋଲିସ୍ ଗାଡିକୁ ଢେଲା, ପଥର ଫିଙ୍ଗିଥିଲେ। ଏହାଦ୍ୱାରା ୩ଟି ପୋଲିସ୍ ଗାଡ଼ି ଭାଙ୍ଗିଥିଲା। ୨ ପୋଲିସ କର୍ମଚାରୀ ଆହତ ହୋଇଥିଲେ।

# ଆତ୍ମହତ୍ୟା କଲେ ସରପଞ୍ଚ ପ୍ରାର୍ଥୀଙ୍କ ଭାଇ

## ଭୋଟର ଛଳନା କରିଥିବା ଆଶଙ୍କା

**ଦଶରଥପୁର,୧୮।୨(ଡି.ଏନ.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଚାଲିଥିବାବେଳେ ଯାଜପୁର ଜିଲାରେ ଏକ ଦୁଃଖଦ ଘଟଣା ଘଟିଛି। ଭୋଟର ଛଳନା କରିଥିବା ଆଶଙ୍କାକରି ଜଣେ ସରପଞ୍ଚ ପ୍ରାର୍ଥୀଙ୍କ ଭାଇ ରଶି ଲଗାଇ ଆତ୍ମହତ୍ୟା କରିଥିବା ସମ୍ପୃକ୍ତ ପରିବାର ପକ୍ଷରୁ ସୂଚନା ମିଳିଛି। ସେ ହେଲେ ଦଶରଥପୁର ବ୍ଲକ୍ କମାରଡିହି ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ସୁବାସ ସେଠୀଙ୍କ ସାନଭାଇ ସୁଶାନ୍ତ ସେଠୀ। ମତଦାନ ଚାଲିଥିବାବେଳେ ନିଜ ଘର ପଛପଟ ବାଡ଼ି ଚାକୁଣ୍ଡା ଗଛରେ ସୁଶାନ୍ତ ରଶି ଲଗାଇ ଦେଇଥିଲେ। ପରିବାରଲୋକେ ତାଙ୍କୁ ଉଦ୍ଧାରକରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମଙ୍ଗଳପୁର ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମିଳିଥିବା ସୂଚନା ଅନୁଯାୟୀ, କମାରଡ଼ିହି ପଞ୍ଚାୟତ ଲାଗି ସୁବାସ ସାହିବାସୀଙ୍କ ପ୍ରତିଶ୍ରୁତି ପାଇ ପ୍ରାର୍ଥୀ ହୋଇଥିଲେ। ମାତ୍ର ଯେଉଁମାନେ ସୁବାସଙ୍କୁ ନିର୍ବାଚନରେ ଛିଡ଼ା କରାଇଥିଲେ ସେମାନଙ୍କ ମଧ୍ୟରୁ ବହୁ ଭୋଟର ସୁବାସଙ୍କ ବିପକ୍ଷରେ ଛିଡ଼ା ହୋଇଥିବା ପ୍ରାର୍ଥୀଙ୍କ ସହ ବୁଲିଥିଲେ। ତେଣୁ ଭାଇ ହାରିଯିବା ଆଶଙ୍କାକରି ସୁଶାନ୍ତ ଭାରସାମ୍ୟ ହରାଇଥିଲେ। ଏନେଇ ପୋଲିସର କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।




ଧରିତ୍ରୀ DHARITRI
ଶନିବାର, ୧୯ ଫେବୃୟାରୀ, ୨୦୨୨

## ସଂକ୍ଷେପରେ

### ହିଜାବ ବିବାଦ: ଚାକିରି ଛାଡ଼ିଲେ ଅଧ୍ୟାପିକା

ବେଙ୍ଗାଲୁରୁ,୧୮।୨: କର୍ନାଟକର ଶିକ୍ଷାନୁଷ୍ଠାନଗୁଡ଼ିକରେ ହିଜାବକୁ ନେଇ କିଛିଦିନ ହେଲା ବିବାଦ ଲାଗି ରହିଥିବାବେଳେ ଏହାର ପ୍ରତିବାଦରେ ତୁମ୍‌କୁରୁସ୍ଥିତ ଜୈନ୍ ପିୟୁ କଲେଜର ଜଣେ ଅଧ୍ୟାପିକା ଚାକିରିରୁ ଇସ୍ତଫା ଦେଇଛନ୍ତି। ଗତ ସପ୍ତାହରେ କର୍ନାଟକ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷାନୁଷ୍ଠାନ ପରିସରରେ ଛାତ୍ରୀଛାତ୍ର ଓ ଶିକ୍ଷକ କେହି ଧର୍ମୀୟ ପ୍ରତୀକ ନ ପିନ୍ଧିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଜୈନ ପିୟୁ କଲେଜର ଇଂଲିଶ ଅଧ୍ୟାପିକା ଥିବା ଚାନ୍ଦିନୀ ନାଜ୍ କହିଛନ୍ତି, ସେ ୩ ବର୍ଷ ହେଲା ଏଠାରେ ଅତିଥି ଅଧ୍ୟାପିକା ଭାବେ କାର୍ଯ୍ୟ କରିଆସୁଛନ୍ତି। କେବେ ସେ କୌଣସି ଅସୁବିଧା ଅନୁଭବ କରି ନ ଥିଲେ। ଗୁରୁବାର ସକାଳେ ପ୍ରିନ୍ସିପାଲ ସମସ୍ତ ଶିକ୍ଷକଙ୍କୁ ଡାକି ହିଜାବ କିମ୍ବା କୌଣସି ଧର୍ମୀୟ ପ୍ରତୀକ ବସ୍ତ୍ର ନ ପିନ୍ଧିବା ପାଇଁ ନିର୍ଦ୍ଦେଶ ଆସିଥିବା କହିଥିଲେ। ଏଭଳି କଟକଣା ତାଙ୍କ ଆତ୍ମସମ୍ମାନ ବିରୋଧରେ ଯାଉଥିବାରୁ ସେ ଇସ୍ତଫା ଦେଇଥିବା କହିଛନ୍ତି। ହିଜାବ ବିନା ସେ କଲେଜରେ କାମ କରିପାରିବେ ନାହିଁ ବୋଲି କହିଥିବାର ଭିଡିଓ ବାର୍ତ୍ତା ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

**ଲଶ୍କରକୁ ଗୋପନ ଦସ୍ତାବିଜ୍ ହସ୍ତାନ୍ତର**

### ଆଇପିଏସ୍ ଅଫିସର ଗିରଫ

ନୂଆଦିଲ୍ଲୀ,୧୮।୨: ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବାର ସହଯୋଗୀଙ୍କୁ ଗୁରୁତ୍ୱପୂର୍ଣ୍ଣ ଗୋପନ ଦସ୍ତାବିଜ୍ ହସ୍ତାନ୍ତର କରିବା ଅଭିଯୋଗରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଏହାର ପୂର୍ବତନ ଏସ୍‌ପି ତଥା ଆଇପିଏସ୍ ଅଫିସର ଅରବିନ୍ଦ ଦିଗ୍‌ବିଜୟ ନେଗୀଙ୍କୁ ଶୁକ୍ରବାର ଗିରଫ କରିଛି। ନେଗୀ ୨୦୧୧ ବ୍ୟାଚ୍‌ର ଆଇପିଏସ୍ ଅଫିସର ଭାବେ ପଦୋନ୍ନତି ପାଇଥିଲେ। ଗୋପନ ତଥ୍ୟ ପ୍ରଘଟ କରିବା ଅଭିଯୋଗରେ ଏନ୍ଆଇଏ ଗତବର୍ଷ ନଭେମ୍ବର ୬ରେ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ପୂର୍ବରୁ ୬ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ତଦନ୍ତ ପରେ ଶିମଲାରେ ଏସ୍‌ପି ଭାବେ ପୋଷ୍ଟିଂ ହୋଇଥିବା ନେଗୀଙ୍କର ଦସ୍ତାବିଜ୍ ଲିକ୍‌ରେ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା ବୋଲି ଏନ୍ଆଇଏ ମୁଖପାତ୍ର କହିଛନ୍ତି।

### ୨୪ ଯାଏ ଇଡି ହାଜତରେ ରହିବେ ଦାଉଦ୍‌ଙ୍କ ଭାଇ

ନୂଆଦିଲ୍ଲୀ,୧୮।୨: ମନି ଲଣ୍ଡରିଂ ମାମଲାରେ ଗ୍ୟାଙ୍ଗଷ୍ଟର ଦାଉଦ୍ ଇବ୍ରାହିମଙ୍କ ଭାଇ ଇକ୍‌ବାଲ କାସ୍କରଙ୍କୁ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ଇଡି ପକ୍ଷରୁ ପିଏମ୍‌ଏଲ୍‌ଏ କୋର୍ଟରେ ଆବେଦନ କରାଯାଇଥିଲା। ଆସନ୍ତା ୨୪ ପର୍ଯ୍ୟନ୍ତ ଇକବାଲ ହାଜତରେ ରହିବେ। ମୁମ୍ବାଇ ସମେତ ଏକାଧିକ ସ୍ଥାନରେ ଇକ୍‌ବାଲ ନିଜର ବେଆଇନ କାରବାର ଚଳାଉଥିଲେ। ଜେରା ପାଇଁ ଶୁକ୍ରବାର ଇକବାଲଙ୍କୁ ମୁମ୍ବାଇସ୍ଥିତ ଇଡି କାର୍ଯ୍ୟାଳୟକୁ ଡକାଯାଇଥିଲା। ଏହାଛଡ଼ା ଗ୍ୟାଙ୍ଗଷ୍ଟର ଦାଉଦ୍ ଇବ୍ରାହିମଙ୍କ ଗୋଷ୍ଠୀରେ ରହି ବିଭିନ୍ନ ଆପରାଧିକ କାର୍ଯ୍ୟରେ ମଧ ଇକ୍‌ବାଲ ଲିପ୍ତ ଥିଲେ। ୨୦୧୭ରେ ଇକବାଲ ବିରୋଧରେ ୩ଟି ମାମଲା ରୁଜୁ କରିଥିଲା ଥାଣେ କ୍ରାଇମବ୍ରାଞ୍ଚ ପୋଲିସ।

# ଅହମଦାବାଦ ବିସ୍ଫୋରଣ ଅନ୍ତରାଳେ


ବିସ୍ଫୋରଣ ପର ଦୃଶ୍ୟ।

ଅହମଦାବାଦ,୧୮।୨

୨୦୦୮ ଜୁଲାଇ ୨୬ରେ ଗୁଜରାଟର ସାଂସ୍କୃତିକ ଓ ବ୍ୟବସାୟିକ କେନ୍ଦ୍ର ଅହମଦାବାଦ ସହରର ବିଭିନ୍ନ ସ୍ଥାନରେ ୭୦ ମିନିଟ ମଧ୍ୟରେ ଆତଙ୍କବାଦୀମାନେ ୨୧ଟି ବିସ୍ଫୋରଣ ଘଟାଇଥିଲେ। ଏଥିରେ ୫୬ ଜଣଙ୍କ ମୃତ୍ୟୁ ଘଟିବା ସହ ୨୪୬ ଜଣ ଆହତ ହୋଇଥିଲେ। ଏହି ଘଟଣା ସେତେବେଳେ ସାରା ଦେଶରେ ଆତଙ୍କ ଖେଳାଇ ଦେଇଥିଲା। ଇଣ୍ଡିଆନ ମୁଜାହିଦ୍ଦିନ ଆତଙ୍କବାଦୀ ସଂଗଠନ କେତେକ ଟିଭି ଚ୍ୟାନେଲକୁ ଇ-ମେଲ୍ ପଠାଇ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିଲା। ଏହା ବ୍ୟତୀତ ହର୍‌କତ-ଉଲ୍-ଜିହାଦ-ଅଲ୍-ଇସ୍‌ଲାମି ନାମକ ଅନ୍ୟ ଏକ ଆତଙ୍କବାଦୀ ସଂଗଠନ ମଧ୍ୟ ବିସ୍ଫୋରଣ ପାଇଁ ଦାୟୀ ବୋଲି କହିଥିଲା। ଗୁଜରାଟ ପୋଲିସ ଆକ୍ରମଣର ମାଷ୍ଟର ମାଇଣ୍ଡ ମୁଫ୍‌ତି ଅବୁ ବଶିର ଓ ଅନ୍ୟ ୯ ଜଣଙ୍କୁ ଗିରଫ କରିଥିଲା। ବେଙ୍ଗାଲୁରୁ ବିସ୍ଫୋରଣର ଦିନକ ପରେ ଅହମଦାବାଦରେ ସିରିଏଲ୍ ବିସ୍ଫୋରଣ ହୋଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଓ ସେତେବେଳର ଗୁଜରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି ଏକାଠି ବିସ୍ଫୋରଣ ସ୍ଥଳ ପରିଦର୍ଶନ କରିଥିଲେ।

- ୭୦ ମିନିଟ୍‌ରେ ହୋଇଥିଲା ୨୧ ବିସ୍ଫୋରଣ
- ୫୬ ଜଣଙ୍କ ଯାଇଥିଲା ଜୀବନ
- ଇଣ୍ଡିଆନ୍ ମୁଜାହିଦ୍ଦିନ ନିଜକୁ ଦାୟୀ କରିଥିଲା

ବୋମାଗୁଡ଼ିକୁ ଟିଫିନ୍ କ୍ୟାରିୟରରେ ଭର୍ତ୍ତି କରାଯାଇ ସହରର ବିଭିନ୍ନ ଗହଳି ସ୍ଥାନରେ ସାଇକେଲରେ ରଖାଯାଇଥିଲା। ଅଧିକାଂଶ ବୋମା ସିଟି ବସ୍ ସେବାକୁ ଟାର୍ଗେଟ କରାଯାଇ ଖଞ୍ଜାଯାଇଥିଲା। ଦୁଇଟି ବିସ୍ଫୋରଣ ୨ ପ୍ରମୁଖ ହସ୍ପିଟାଲ ପରିସରରେ ୪୦ ମିନିଟ ବ୍ୟବଧାନରେ ଘଟିଥିଲା। ମଣିନଗରରୁ ଦୁଇଟି ଅଫୁଟା ବୋମା ଜବତ କରାଯାଇ ଅକାମୀ କରାଯାଇଥିଲା। ସେହିପରି ଅହମଦାବାଦ ବିସ୍ଫୋରଣ ପରେ ସୁରଟରୁ ମଧ୍ୟ ଦୁଇଟି ଅଫୁଟା ବୋମା ମିଳିଥିଲା।

୨୦୦୮ ଜୁଲାଇ ୨୬ ସନ୍ଧ୍ୟା ୬ଟା ୪୧ରେ ବିସ୍ଫୋରଣ ହୋଇଥିବାବେଳେ ଏହାର କିଛି ସମୟ ପୂର୍ବରୁ ବିଭିନ୍ନ ନ୍ୟୁଜ୍ ସଂସ୍ଥାକୁ ୧୪ ପୃଷ୍ଠାର ଇ-ମେଲ୍ ଆସିଥିଲା। ‘ଗୁଜରାଟ ଦଙ୍ଗାର ପ୍ରତିଶୋଧ ପାଇଁ ୫ ମିନିଟ୍ ଅପେକ୍ଷା କର। ଆଲ୍ଲାଙ୍କ ନାମରେ ଇଣ୍ଡିଆନ ମୁଜାହିଦ୍ଦିନ ପୁଣିଥରେ ଆକ୍ରମଣ କରିବ! ଏବେଠାରୁ ୫ ମିନିଟ ମଧ୍ୟରେ ଯାହା କରୁଛ କର ଓ ମୃତ୍ୟୁର ଆତଙ୍କକୁ ଅନୁଭବ କର’ ବୋଲି ସେଥିରେ ଲେଖାଯାଇଥିଲା। ଇ-ମେଲ୍‌ରେ ତତ୍କାଳୀନ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ବିଳାସରାଓ ଦେଶମୁଖ, ଉପମୁଖ୍ୟମନ୍ତ୍ରୀ ଆର୍.ଆର୍. ପାଟିଲ, ଶିଳ୍ପପତି ମୁକେଶ ଅମ୍ବାନୀ ଓ କେତେଜଣ ବଲିଉଡ୍ ଅଭିନେତାଙ୍କୁ ମଧ୍ୟ ଧମକ ଦିଆଯାଇଥିଲା।

### ଅନୁତପ୍ତ ନୁହନ୍ତି ମୁଖ୍ୟ ଷଡ଼ଯନ୍ତ୍ରକାରୀ


ସଫଦା ନାଗୋରି

ଅହମଦାବାଦ ବିସ୍ଫୋରଣ ମାମଲାରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ୩୮ ଦୋଷୀଙ୍କ ମଧ୍ୟରୁ ସଫଦା ନାଗୋରି ମୁଖ୍ୟ ଷଡ଼ଯନ୍ତ୍ରକାରୀ। ୫୬ ଜଣଙ୍କୁ ବିସ୍ଫୋରଣରେ ହତ୍ୟା କରିବା ଘଟଣାରେ ମୃତ୍ୟୁଦଣ୍ଡ ପାଇଥିଲେ ମଧ୍ୟ ସେ ଅନୁତପ୍ତ ନ ଥିବା ଅନୁଭବ କରାଯାଉଛି। ତାଙ୍କ ପାଇଁ ସମ୍ବିଧାନର ମାନେ କିଛି ନାହିଁ, କୋରାନର ନିର୍ଦ୍ଦେଶ ସବୁ କିଛି ବୋଲି ସେ କହିଥିବା ଜଣାପଡ଼ିଛି। ୫୪ ବର୍ଷୀୟ ନାଗୋରି ମଧ୍ୟପ୍ରଦେଶ ବାସିନ୍ଦା। ସେ ଷ୍ଟୁଡେଣ୍ଟସ୍ ଇସ୍‌ଲାମିକ ମୁଭ୍‌ମେଣ୍ଟ ଅଫ୍ ଇଣ୍ଡିଆ (ସିମି) ସହ ସମ୍ପୃକ୍ତ ଥିଲେ। ସେ ବିସ୍ଫୋରଣର ସୂତ୍ରଧର ଥିଲେ ବୋଲି ତଦନ୍ତରୁ ଜଣାପଡ଼ିଥିଲା। ଏବେ ନାଗୋରି ଭୋପାଳ କେନ୍ଦ୍ରୀୟ ଜେଲ୍‌ରେ ରହିଛନ୍ତି, ଯେଉଁଠୁ ସେ ଭିଡିଓ କନ୍‌ଫରେନ୍ସ ଜରିଆରେ ଦଣ୍ଡ ଶୁଣାଣିରେ ଭାଗ ନେଇଥିଲେ। ଅହମଦାବାଦ ବିସ୍ଫୋରଣ ସମେତ ଅନ୍ୟାନ୍ୟ ବେଆଇନ କାର୍ଯ୍ୟ ପାଇଁ ନାଗୋରି ପାଣ୍ଠି ସଂଗ୍ରହ କରିବା ସହ ବିସ୍ଫୋରକ କିଣିଥିଲେ। ତାଙ୍କ ବିରୋଧରେ ପାଖାପାଖି ୧୦୦ ଆପରାଧିକ ମାମଲା ରହିଛି। ୧୯୯୭ରେ ଉଜ୍ଜୟିନୀର ମହାକାଳ ଥାନାରେ ତାଙ୍କ ବିରୋଧରେ ଅପରାଧ ମାମଲା ରୁଜୁ ହୋଇଥିଲା। ୨୦୦୦ ଡିସେମ୍ବରରେ ତାଙ୍କୁ ପଳାତକ ଘୋଷଣା କରାଯାଇଥିଲା। ୨୦୦୮ ମାର୍ଚ୍ଚ ୨୬ରେ ତାଙ୍କୁ ଇନ୍ଦୋରର ଏକ ଫ୍ଲାଟ୍‌ରୁ ଗିରଫ କରାଯାଇଥିଲା।

### ରାୟକୁ ମୃତକଙ୍କ ପରିବାରର ସ୍ୱାଗତ

ଅହମଦାବାଦ,୧୮।୨

ଅହମଦାବାଦ ସିରିଏଲ୍ ବିସ୍ଫୋରଣରୁ ବର୍ତ୍ତିଥିବା ବ୍ୟକ୍ତି ଏବଂ ମୃତକଙ୍କ ପରିବାର ସଦସ୍ୟ କୋର୍ଟଙ୍କ ରାୟକୁ ସ୍ୱାଗତ କରିଛନ୍ତି। ତେବେ ସମସ୍ତ ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ମିଳିବା ଆବଶ୍ୟକ ଥିଲା ବୋଲି କେତେଜଣ କହିଛନ୍ତି। କଲେଜରେ ପଢୁଥିବା ୟାଶ ବ୍ୟାସ କହିଛନ୍ତି, ବିସ୍ଫୋରଣ ସମୟରେ ତାଙ୍କୁ ୯ ବର୍ଷ ହୋଇଥିଲା। ସିଭିଲ୍ ହସ୍ପିଟାଲର ଟ୍ରମା ସେଣ୍ଟରରେ ସେ ଥିବାବେଳେ ବିସ୍ଫୋରଣ ହେବାରୁ ସେ ପୋଡ଼ିଯାଇ ଗୁରୁତର ହୋଇଥିଲେ। ବିସ୍ଫୋରଣରେ ତାଙ୍କ ବାପା ଓ ଭାଇ ପ୍ରାଣ ହରାଇଥିଲେ। ସେ ଓ ତାଙ୍କ ମାଆ ୧୩ ବର୍ଷ ହେଲା କୋର୍ଟ ରାୟ ଦିନକୁ ଅପେକ୍ଷା କରିଥିଲେ ବୋଲି କହିଛନ୍ତି। ଏଭଳି ଅପରାଧୀଙ୍କୁ କ୍ଷମା ମିଳିବା ଉଚିତ ନୁହେଁ ବୋଲି ବିଏସ୍‌ସି ଦ୍ୱିତୀୟ ବର୍ଷ ଛାତ୍ର ୟାସ କହିଛନ୍ତି। ୟାସଙ୍କ ବାପା ଦୁଶ୍ୟନ୍ତ କ୍ୟାନସର ହସ୍ପିଟାଲର ଲାବରେଟୋରି ଟେକ୍‌ନିସିଆନ ଥିଲେ। ସେ ଦୁଇ ପୁଅଙ୍କୁ ନେଇ ସିଭିଲ ହସ୍ପିଟାଲ କ୍ୟାମ୍ପସ୍‌ରେ ସାଇକେଲ ଶିଖାଉଥିଲେ। ଏହି ସମୟରେ ବିସ୍ଫୋରଣରେ ଆହତ କେତେଜଣଙ୍କୁ ଆମ୍ବୁଲାନ୍ସ ଯୋଗେ ଅଣାଯିବାରୁ ଦୁଶ୍ୟନ୍ତ ସେମାନଙ୍କୁ ସହାୟତା କରିବା ପାଇଁ ଯାଇଥିଲେ। ସେହି ସମୟରେ ହସ୍ପିଟାଲ ପରିସରରେ ବିସ୍ଫୋରଣ ଘଟିଥିଲା। ଏଥିରେ ହସ୍ପିଟାଲର ରୋଗୀ, ସେମାନଙ୍କ ସମ୍ପର୍କୀୟ, କର୍ମଚାରୀ ଓ ସେଠାରେ ଉପସ୍ଥିତ ଥିବା ଲୋକଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ଡାକ୍ତର ପ୍ରେରକ ଶାହା ଓ ତାଙ୍କ ଗର୍ଭବତୀ ସ୍ତ୍ରୀ କିଞ୍ଜଲ ଥିଲେ। ନ୍ୟାୟ ମିଳିଥିବାରୁ ଖୁସି ବୋଲି ପ୍ରେରକଙ୍କ ବାପା ରମେଶ ଶାହା କହିଛନ୍ତି। ତେବେ ସମସ୍ତ ୪୯ ଜଣଙ୍କୁ ଫାଶୀ ମିଳିବା ଉଚିତ ଥିଲା ବୋଲି ସେ କହିଛନ୍ତି।

**ସମସ୍ତଙ୍କୁ ମୃତ୍ୟୁଦଣ୍ଡ ଦିଆଯିବା ଆବଶ୍ୟକ ଥିଲା**

ରାୟପୁର ଚକ୍‌ଲା ଅଞ୍ଚଳରେ ସାଣ୍ଡୱିଚ୍ ବିକୁଥିବା ଜଗଦୀଶ କାଡ଼ିଆ ବିସ୍ଫୋରଣରେ ତାଙ୍କ ସ୍ତ୍ରୀ ହସୁମତିଙ୍କୁ ହରାଇଥିଲେ। ତାଙ୍କ ଠେଲାଗାଡ଼ି ନିକଟରେ ବିସ୍ଫୋରଣ ହୋଇଥିଲା। ସେବେଠାରୁ ସେ ଏକାକୀ ଜୀବନ ବଞ୍ଚୁଛନ୍ତି। ଆଜୀବନ ଜେଲ ଦଣ୍ଡ ପାଇଥିବା ୧୧ ଜଣଙ୍କୁ ଫାଶୀ ମିଳିବା ନେଇ ତାଙ୍କର ବିଶ୍ୱାସ ରହିଥିବା ଜଗଦୀଶ କହିଛନ୍ତି।


କୋର୍ଟ ରାୟ ପରେ ଅହମଦାବାଦରେ ଲୋକେ ଖୁସି ମନାଉଛନ୍ତି।

# ଚିତ୍ରାଙ୍କୁ ସିବିଆଇ ଜେରା

ମୁମ୍ବାଇ,୧୮।୨

ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ପୂର୍ବତନ ସିଇଓ ତଥା ଏମ୍‌ଡି ଚିତ୍ରା ରାମକ୍ରିଷ୍ଣାଙ୍କୁ ଶୁକ୍ରବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ଅଧିକାରୀମାନେ ଜେରା କରିଛନ୍ତି। ତାଙ୍କ ସମେତ ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ରବି ନାରାୟଣ ଏବଂ ମୁଖ୍ୟ ଅପରେଟିଂ ଅଫିସର ଆନନ୍ଦ ସୁବ୍ରମଣ୍ୟନ୍ ଯେପରି ଦେଶ ଛାଡ଼ି ପଳାଇଯାଇ ନ ପାରିବେ ସେଥିପାଇଁ ସେମାନଙ୍କ ବିରୋଧରେ ଲୁକ୍ ଆଉଟ୍ ନୋଟିସ ଜାରି ହୋଇଛି। ଗୁରୁବାର ଆୟକର ବିଭାଗର ଅଧିକାରୀମାନେ ଚିତ୍ରାଙ୍କ ମୁମ୍ବାଇ ବାସଭବନ ଏବଂ ସୁବ୍ରମଣ୍ୟନ୍‌ଙ୍କ ଚେନ୍ନାଇ ଘରେ ଚଢ଼ାଉ କରିଥିଲେ।

**ଲୁକ୍‌ଆଉଟ୍ ନୋଟିସ ଜାରି**



ନିଜ ଇଚ୍ଛାରେ ସୁବ୍ରମଣ୍ୟମଙ୍କୁ ଏନ୍ଏସ୍ଇର ମୁଖ୍ୟ ଷ୍ଟ୍ରାଟେଜିକ୍ ଅଫିସର ପଦରେ ୧.୩୮ କୋଟି ଟଙ୍କା ବେତନରେ ନିଯୁକ୍ତି ଦେବା ଓ ପରେ ତାଙ୍କ ବେତନ ୪ କୋଟି ଟଙ୍କାକୁ ବଢ଼ାଇବାକୁ ନେଇ ଚିତ୍ରା ପୂର୍ବରୁ ବିବାଦରେ ଥିଲେ। ଏହା ବ୍ୟତୀତ ସେ ଏନ୍ଏସ୍ଇର ଭିତିରି ତଥ୍ୟ ତାଙ୍କ ଆଧ୍ୟାତ୍ମିକ ଗୁରୁଙ୍କୁ ପ୍ରଦାନ କରିଥିବା ଜଣାପଡ଼ିବା ପରେ ତାଙ୍କ ଅଡୁଆ ବଢ଼ିଯାଇଛି। ହିମାଳୟରେ ରହୁଥିବା ଉକ୍ତ ଗୁରୁଙ୍କ ନିର୍ଦ୍ଦେଶରେ ଚିତ୍ରା କାର୍ଯ୍ୟ କରୁଥିଲେ ଓ ତାଙ୍କ ସହ ସିସେଲ୍ସ ଭ୍ରମଣରେ ଯାଇଥିଲେ। ଭାରତର ପ୍ରତିଭୂତି ବିନିମୟ ବୋର୍ଡ (ସେବି) ସମସ୍ତ ଅଭିଯୋଗର ତଦନ୍ତ କରିବା ପରେ ଆଧ୍ୟାତ୍ମିକ ଗୁରୁ ଏବଂ ଆନନ୍ଦ ସୁବ୍ରମଣ୍ୟନ୍ ଜଣେ ବ୍ୟକ୍ତି ବୋଲି ସୂଚନା ଦେଇଛି।

ପୂର୍ବରୁ ଏକ ଦୁର୍ନୀତି ମାମଲାରେ ଚିତ୍ରା ଏବଂ ଦିଲ୍ଲୀର ଓପିଜି ସିକ୍ୟୁରିଟିଜ୍ ପ୍ରା.ଲିଃର ମାଲିକ ସଞ୍ଜୟ ଗୁପ୍ତାଙ୍କ ବିରୋଧରେ ସିବିଆଇ ମାମଲା ରୁଜୁ କରିଥିଲା। ଏନ୍ଏସ୍ଇରେ କେତେଜଣ ବ୍ରୋକରଙ୍କୁ ଆଗୁଆ ସୂଚନା ଦିଆଯାଇ ଉପକୃତ କରାଯାଉଥିବାର ଅଭିଯୋଗ ହୋଇଥିଲା।

# ଜାହାଜରେ ନିଆଁ : ୧୦ ନିଖୋଜ

ଅଥେନ୍ସ,୧୮।୨




ଗ୍ରୀସ୍‌ରୁ ଇଟାଲି ଅଭିମୁଖେ ଆସୁଥିବା ୟୁରୋଫେରି ଅଲିମ୍ପିଆ ଜାହଜରେ ଶୁକ୍ରବାର ନିଆଁ ଲାଗିଯାଇଛି। ଫେରିରୁ ଶତାଧିକ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୩ ଜଣ ଆହତ ହୋଇଥିବା ଗ୍ରୀସ୍ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି। ୨୯୦ ଜଣ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ଜାହାଜରେ ଅଧିକାଂଶ ଇଟାଲିଆନ୍ ଯାତ୍ରୀ ଥିଲେ। ଉଦ୍ଧାର କାର୍ଯ୍ୟ ଶେଷ ହେଲା ବେଳକୁ ଜଣାପଡିଥିଲା ଯେ, ଫେରିରେ ଆଉ ଦୁଇଜଣ ଯାତ୍ରୀ ଫସି ରହିଛନ୍ତି। ସୁପର ପୁମା ହେଲିକପ୍ଟର ସାହାଯ୍ୟରେ ସେମାନଙ୍କୁ ଉଦ୍ଧାର କରାଯାଇଛି। ଏ ପ୍ରକାର ଆକସ୍ମିକ ଦୁର୍ଘଟଣା ପରେ ପାଖାପାଖି ୧୦ ଜଣ ନିଖୋଜ ଥିବା କୁହାଯାଉଛି। ସେମାନଙ୍କ ଉଦ୍ଧାର ପାଇଁ ଅପରେଶନ୍ ଜାରି ଥିବା କହିଛିକୋଷ୍ଟଗାର୍ଡ। ଇଟାଲିର ୟୁରୋଫେରି ଅଲିମ୍ପିଆ ଗ୍ରୀସ୍‌ର ସର୍ବବୃହତ ବନ୍ଦର ଇଗୋଉମେନିଟସରୁ ଶୁକ୍ରବାର ବାହାରିଥିଲା। ଫେରିରେ ନିଆଁ ଲାଗିବାର କାରଣ ବର୍ତ୍ତମାନ ଅସ୍ପଷ୍ଟ ଥିବାବେଳେ ଜାହାଜରେ ସ୍ପିକରରୁ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି।

# ସୁରକ୍ଷା ସମ୍ମିଳନୀକୁ ରୁଷିଆର ବର୍ଜନ

**ୟୁକ୍ରେନ୍ ସଙ୍କଟ ପରିପ୍ରେକ୍ଷୀରେ ବିଶ୍ୱର କୂଟନୀତିଜ୍ଞମାନେ ଜର୍ମାନୀର ମ୍ୟୁନିକ୍ ସହରରେ ନିରାପତ୍ତା ସମ୍ମିଳନୀ କରିଛନ୍ତି। ୧୯୯୯ ପରେ ରୁଷିଆ ଏହି କନ୍‌ଫରେନ୍ସରେ ପ୍ରଥମ ଥର ପାଇଁ ଯୋଗଦେଇ ନାହିଁ।**



ମ୍ୟୁନିକ୍,୧୮।୨

ୟୁକ୍ରେନ୍ ସୀମାରେ ବିପୁଳ ସୈନ୍ୟ ମୁତୟନ କରି ସାରା ବିଶ୍ୱର ମୁଣ୍ଡବ୍ୟଥା ବଢ଼ାଇ ଦେଇଥିବା ରୁଷିଆ ମ୍ୟୁନିକ୍ ସୁରକ୍ଷା ସମ୍ମିଳନୀ (ଏମ୍‌ଏସ୍‌ସି)କୁ ବର୍ଜନ କରିଛି। ଜର୍ମାନୀର ମ୍ୟୁନିକ୍ ସହରରେ ଶୁକ୍ରବାର ଆରମ୍ଭ ହୋଇଥିବା ଏହି ତିନିଦିନିଆ ସମ୍ମିଳନୀରେ ୟୁକ୍ରେନ୍ ସଙ୍କଟ ଉପରେ ସବୁ ଦେଶର ଫୋକସ୍ ରହିଛି। ଏଥିରେ ଶତାଧିକ ମନ୍ତ୍ରୀ ଓ ୩୦ରୁ ଅଧିକ ରାଷ୍ଟ୍ରମୁଖ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଜର୍ମାନୀ ଚାନ୍ସଲର ଓଲାଫ ସ୍କୋଲ୍ଜ ଏବଂ ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍ ମଧ୍ୟ ସମ୍ମିଳନୀରେ ସାମିଲ ହୋଇଛନ୍ତି। ତେବେ ରୁଷିଆର ଅନୁପସ୍ଥିତି ସମସ୍ତଙ୍କୁ ଚକିତ କରିଛି। ଏମ୍‌ଏସ୍‌ସିରେ ୧୪ ବର୍ଷ ଧରି ଅଧ୍ୟକ୍ଷତା କରିଆସୁଥିବା ଉଲ୍‌ଫଗେଙ୍ଗ୍ ଇସ୍କିଙ୍ଗେର ଏହାକୁ ଦୁର୍ଭାଗ୍ୟଜନକ ବୋଲି ଅଭିହିତ କରିଛନ୍ତି।


ୟୁକ୍ରେନ୍ ସେନାର ଜଣେ ଅଧିକାରୀଙ୍କ ମତରେ ରୁଷିଆ ସୈନ୍ୟଙ୍କ ଆକ୍ରମଣରେ ସୀମାନ୍ତ ଷ୍ଟାନିସିଆ ଲୁହାନ୍‌ସ୍କାସ୍ଥିତ ଏକ କିଣ୍ଡରଗାର୍ଟେନ୍ ସ୍କୁଲ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି।

### ବିପତ୍ତି ଆଣିବ ଯୁଦ୍ଧ: ଜାତିସଂଘ

ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଲାଗିରହିଥିବା ଉତ୍ତେଜନା ଯୁଦ୍ଧର ରୂପ ନେଲେ ବିପତ୍ତି ଆସିବ ବୋଲି ଶୁକ୍ରବାର ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ସତର୍କ କରାଇଛନ୍ତି। ମ୍ୟୁନିକ୍ ସମ୍ମିଳନୀକୁ ସମ୍ବୋଧନ କରି ଗୁଟେରେସ୍ କହିଛନ୍ତି, ୟୁକ୍ରେନ୍‌କୁ ରୁଷିଆ ସୈନ୍ୟ ଘେରିରହିଥିବା ସ୍ଥିତିକୁ ନେଇ ସେ ଚିନ୍ତିତ। ଏହା ୟୁରୋପରେ ସାମରିକ ସଂଘର୍ଷକୁ ଜନ୍ମ ଦେବା ଆଶଙ୍କା ଦେଖାଦେଇଛି। ଯଦି ତାହା ହୁଏ ତେବେ ବିପତ୍ତି ଆସିବ। କୂଟନୀତିର କିଛି ବିକଳ୍ପ ନାହିଁ ବୋଲି ଗୁଟେରେସ୍ ଚେତାଇ ଦେଇଛନ୍ତି।

- ୟୁକ୍ରେନ୍ ସୀମାରେ ରୁଷିଆ ପକ୍ଷରୁ ୧୯୦,୦୦୦ ସୈନ୍ୟ ମୁତୟନ କରାଯାଇଥିବା ଆମେରିକୀୟ ଅଧିକାରୀମାନେ କହିଛନ୍ତି। ସେମାନଙ୍କ ମତରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁରୋପରେ ଏହା ହେଉଛି ସର୍ବାଧିକ ସାମରିକ ମୁତୟନ।
- ଇତିମଧ୍ୟରେ ୟୁକ୍ରେନ୍ ପକ୍ଷରୁ ପୂର୍ବାଞ୍ଚଳରେ ସ୍ଥିତି ଖରାପ ହେବାରେ ଲାଗିଥିବା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଛନ୍ତି। ୨୦୧୪ ପରଠାରୁ ରୁଷିଆ ସମ୍ପୃକ୍ତ କ୍ଷେତ୍ରରେ ବିଚ୍ଛିନ୍ନତାବାଦୀମାନଙ୍କୁ ପ୍ରୋତ୍ସାହନ ଦେଇଆସୁଛି।
- ୟୁକ୍ରେନ୍ ଉପରେ ଆକ୍ରମଣ ଖବରକୁ ମସ୍କୋ ଲଗାତର ଖଣ୍ଡନ କରିବା ସହ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଯୁଦ୍ଧ ଉନ୍ମାଦ ସୃଷ୍ଟି କରୁଥିବା ଅଭିଯୋଗ ଆଣିଛି।

### ମାନବାଧିକାର ଉଲ୍ଲଂଘନ କରୁଛି ୟୁକ୍ରେନ୍: ପୁଟିନ୍

ମସ୍କୋ,୧୮।୨

ୟୁକ୍ରେନ୍‌ର ପୂର୍ବାଞ୍ଚଳରେ ସ୍ଥିତି ଅତି ଖରାପ ଆଡ଼କୁ ଗତି କରୁଥିବା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଶୁକ୍ରବାର ଅଭିଯୋଗ ଆଣିଛନ୍ତି। କ୍ରେମଲିନ୍‌ରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରି ପୁଟିନ୍ କହିଛନ୍ତି, ୟୁକ୍ରେନ୍‌ରେ ରୁଷୀୟ ଭାଷା କହୁଥିବା ଲୋକଙ୍କ ସହ ଭେଦଭାବ କରାଯାଉଛି। କିଭ୍ ସେମାନଙ୍କ ବିରୋଧରେ ମାନବାଧିକାର ଉଲ୍ଲଂଘନ କରୁଛି। ବିଚ୍ଛିନ୍ନତାବାଦୀ ନେତାମାନଙ୍କ ସହ କିଭ୍ ଆଲୋଚନା କରୁ ବୋଲି ପୁଟିନ୍ ପରାମର୍ଶ ଦେଇଛନ୍ତି।ଏହି ଅବସରରେ ୬୯ ବର୍ଷୀୟ ଷ୍ଟ୍ରଙ୍ଗ୍‌ମ୍ୟାନ୍ ପୁଟିନ୍ ଆହୁରି କହିଛନ୍ତି, ସେ ୟୁକ୍ରେନ୍ ସଙ୍କଟ ନେଇ ପାଶ୍ଚାତ୍ୟ ନେତାଙ୍କ ସହ ଆଲୋଚନା ପାଇଁ ପ୍ରସ୍ତୁତ। କିନ୍ତୁ ସେମାନେ ରୁଷିଆର ସୁରକ୍ଷାକୁ ଅଣଦେଖା କରୁଛନ୍ତି। କୌଣସି ପ୍ରକାର ଡିଲ୍ ହେଲେ ନାଟୋ ପୂର୍ବାଞ୍ଚଳକୁ ସାମରିକ ବିସ୍ତାର କରିବ ନାହିଁ ବୋଲି ତାହାର ପ୍ରଥମ ସର୍ତ୍ତ ହେବା ଆବଶ୍ୟକ।

**ନାଁ ନ ଥିବାରୁ ଭୋଟ ଦେଇପାରିଲେନି ଜିଲା ପରିଷଦ ପ୍ରାର୍ଥିନୀ**

**ବାରିପଦା ଅଫିସ:** ମୟୂରଭଞ୍ଜ ଜିଲା ସାରସକଣା ବ୍ଲକର ୫୬ ନଂ. ଜୋନ୍‌ର ସିପିଆଇର ଜିଲା ପରିଷଦ ପ୍ରାର୍ଥିନୀ କାପୁରା ସିଂ ମତଦାନରୁ ବଞ୍ଚିତ ହୋଇଛନ୍ତି। ତାଲିକାରେ ନାଁ ନ ଥିବାରୁ ପ୍ରିଜାଇଡିଂ ଅଫିସର ତାଙ୍କୁ ଭୋଟ ଦେବାକୁ ସୁଯୋଗ ଦେଇନାହାନ୍ତି। ସେ ଏନେଇ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀ ତଥା ବିଡିଓ, ତହସିଲଦାର, ଜିପିଇଓ ଏବଂ ଅତିରିକ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ତାଙ୍କୁ ମତଦାନ ପାଇଁ ଅନୁମତି ମିଳିପାରି ନାହିଁ। ଫଳରେ ଦଳ ପକ୍ଷରୁ ଏନେଇ ରାଜ୍ୟ କମିଟିର ଦୃଷ୍ଟି ଆକର୍ଷଣ କରି ନିର୍ବାଚନ କମିଶନରଙ୍କୁ ଜଣାଇଛନ୍ତି।



# ମୁଖ୍ୟମନ୍ତ୍ରୀ ହେବି, ନହେଲେ ଘରେ ବସିବି

**ଉତ୍ତରାଖଣ୍ଡ କଂଗ୍ରେସରେ କନ୍ଦଳ**

**ଡେରାଡୁନ,୧୮।୨**

ସଦ୍ୟ ଅନୁଷ୍ଠିତ ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନ ଫଳ ନ ଆସୁଣୁ ମୁଖ୍ୟମନ୍ତ୍ରୀ ଚୌକି ପାଇଁ କଂଗ୍ରେସରେ କନ୍ଦଳ ଆରମ୍ଭ ହୋଇଗଲାଣି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦଳର ବରିଷ୍ଠ ନେତା ହରିଶ୍ ରାୱତ୍ ଏନେଇ ପୂର୍ବତନ ପିସିସି ସଭାପତି ପ୍ରୀତମ୍ ସିଂଙ୍କ ସହ ମୁହାଁମୁହିଁ ହୋଇଛନ୍ତି।

ଉତ୍ତରାଖଣ୍ଡ ବିଧାନସଭାର ୭୦ ଆସନ ଲାଗି ଗତ ୧୪ରେ ମତଦାନ ହୋଇଥିଲା। ମାର୍ଚ୍ଚ ୧୦ରେ ଭୋଟ ଗଣତି ପରେ ଫଳାଫଳ ଆସିବ। ହେଲେ ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଆଶାୟୀଙ୍କ ମଧ୍ୟରେ ବିବାଦ ଦେଖାଦେଲାଣି। ରାଜ୍ୟରେ କଂଗ୍ରେସ କ୍ଷମତାକୁ ଆସିଲେ କିଏ ମୁଖ୍ୟମନ୍ତ୍ରୀ ହେବେ ବୋଲି ଶୁକ୍ରବାର ଖବରଦାତାମାନେ ହରିଶ ରାୱତ୍‌ଙ୍କୁ ପ୍ରଶ୍ନ କରିଥିଲେ। ରାୱତ୍ କହିଥିଲେ, ସେ ମୁଖ୍ୟମନ୍ତ୍ରୀ ହେବେ। ତାଙ୍କୁ ମୁଖ୍ୟମନ୍ତ୍ରୀ କରା ନ ଗଲେ ସେ ଘରେ ବସିରହିବାକୁ ଉଚିତ ମଣିବେ। ପ୍ରୀତମ୍ ସିଂ ଜବାବରେ କହିଛନ୍ତି, କିଏ ମୁଖ୍ୟମନ୍ତ୍ରୀ ହେବେ ତାହା ହାଇକମାଣ୍ଡ ସ୍ଥିର କରିବେ। ପରମ୍ପରା ଅନୁସାରେ ଦଳୀୟ ବିଧାୟକମାନେ ଜଣେ ବ୍ୟକ୍ତିଙ୍କ ସପକ୍ଷରେ ସହମତି ଦେବେ। ପରେ ଦଳୀୟ ନେତୃତ୍ୱ ସେହି ନାମ ଉପରେ ମୋହର ମାରିବେ।


ହରିଶ୍ ରାୱତ୍

# ଟିଏମ୍‌ସି ପୋଷ୍ଟର: ମମତା ଦୁର୍ଗା, ମୋଦି ମହିଷାସୁର

**କୋଲକାତା,୧୮।୨**

ପଶ୍ଚିମବଙ୍ଗର ମେଦିନୀପୁର ଜିଲାରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଏକ ପୋଷ୍ଟରକୁ ନେଇ ଝଡ଼ ସୃଷ୍ଟି ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କୁ ଦୁର୍ଗା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମହିଷାସୁର ଭାବେ ଦର୍ଶାଯାଇଛି। ଭାଜପା ଏହାକୁ ପ୍ରଧାନମନ୍ତ୍ରୀ ଓ ସନାତନ ଧର୍ମ ପ୍ରତି ଅପମାନ କହି ଏହି ପ୍ରସଙ୍ଗରେ ନିର୍ବାଚନ କମିଶନ (ଇସି)ଙ୍କ ଦ୍ୱାରସ୍ଥ ହେବାକୁ ଯାଉଛି।

ଫେବୃୟାରୀ ୨୭ରେ ପଶ୍ଚିମବଙ୍ଗର ୧୦୮ ପୌର ପରିଷଦରେ ନିର୍ବାଚନ ହେବ। ମେଦିନୀପୁର ଜିଲାର ୱାର୍ଡ ନମ୍ବର ୧ରୁ ଟିଏମ୍‌ସିର ଅନିମା ଶାହ ଦଳୀୟ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ପୋଷ୍ଟରରେ ମମତା ବାନାର୍ଜୀଙ୍କୁ ପୌରାଣିକ ଚରିତ୍ର ଦେବୀ ଦୁର୍ଗା ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ମହିଷାସୁର ଭାବେ ଦର୍ଶାଯାଇଛି। ସେହିପରି ବିରୋଧୀ ଦଳଗୁଡ଼ିକୁ ଛେଳି ରୂପେ ଚିତ୍ରିତ କରାଯାଇଛି। ଛେଳିଙ୍କ ନିକଟରେ ମେସେଜ୍ ରହିଛି, ଅନ୍ୟ କେହି ଜିତିଲେ ସେମାନଙ୍କୁ ବଳି ଦିଆଯିବ। ସ୍ଥାନୀୟ ଭାଜପା ନେତା ବିପୁଲ ଆଚାର୍ଯ୍ୟ ଏହାର କଡ଼ା ନିନ୍ଦା କରିବା ସହ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହେବେ ବୋଲି କହିଛନ୍ତି। ତେବେ ଅନିମା କହିଛନ୍ତି, କିଏ ସେହି ପୋଷ୍ଟର ଲଗାଇଛନ୍ତି ତାଙ୍କୁ ଜଣାନାହିଁ। ଏଭଳି ପୋଷ୍ଟରକୁ ସେ ଅନୁମତି ଦିଅନ୍ତି ନାହିଁ।




# ଶକ୍ତ ସରକାର କଡ଼ା ପଦକ୍ଷେପ ନିଅନ୍ତୁ

**୨୩,୦୦୦ କୋଟିର ବ୍ୟାଙ୍କ ଠକେଇକୁ ନେଇ ବରୁଣଙ୍କ ଟାର୍ଗେଟ**

**ନୂଆଦିଲ୍ଲୀ,୧୮।୨**

ଉତ୍ତର ପ୍ରଦେଶ ପିଲିଭିତ୍ ଆସନର ଭାଜପା ଏମ୍‌ପି ବରୁଣ ଗାନ୍ଧୀ ଶୁକ୍ରବାର ଏବିଜି ଶିପ୍‌ୟାର୍ଡର ୨୩,୦୦୦ କୋଟି ବ୍ୟାଙ୍କ ଠକେଇକୁ ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ବରୁଣ ଟୁଇଟ୍ କରି କହିଛନ୍ତି, ମଦ ବ୍ୟବସାୟୀ ବିଜୟ ମାଲ୍ୟା ୯,୦୦୦ କୋଟି ଓ ହୀରା ବେପାରୀ ନୀରବ ମୋଦି ୧୪,୦୦୦ କୋଟି ଟଙ୍କା ବ୍ୟାଙ୍କ ଠକେଇ କରି ଫେରାର ହୋଇଥିଲେ। ଏବେ ଗୁଜରାଟର ଋଷି ଅଗ୍ରୱାଲଙ୍କ ଏବିଜି ଶିପ୍‌ୟାର୍ଡ ୨୩,୦୦୦ କୋଟି ଟଙ୍କା ଋଣ ନେଇ ବ୍ୟାଙ୍କକୁ ଚୂନ ଲଗାଇଛି, ଯାହାକୁ ଅଦ୍ୟାବଧି ଦେଶର ସବୁଠୁ ବଡ଼ ବ୍ୟାଙ୍କ ଠକେଇ ବୋଲି କୁହାଯାଉଛି। ଦେଶରେ ପ୍ରତିଦିନ ଋଣ ବୋଝରେ ୧୪ ଜଣ ଆତ୍ମହତ୍ୟା କରୁଥିବାବେଳେ ଏଭଳି ଲୋକେ ବିଳାସପୂର୍ଣ୍ଣ ଜୀବନ ବିତାଉଛନ୍ତି। ଏକ ଶକ୍ତ ସରକାର ଏଭଳି ଦୁର୍ନୀତି ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଉଚିତ ବୋଲି ଆଶା କରାଯାଉଥିବା ବରୁଣ ଟୁଇଟ୍ କରିଛନ୍ତି। ପ୍ରକାଶ ଯେ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀଙ୍କ ପୁଅ ବରୁଣ ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ରକୁ ଟାର୍ଗେଟ କରିଆସିଛନ୍ତି।


ବରୁଣ ଗାନ୍ଧୀ

# ପୋଖରୀରେ ଫିଙ୍ଗିଲେ ଭୋଟ ବାକ୍ସ

- **ବାଲଟ ପେପର ଲୁଟ୍, ବୋମାମାଡ଼**
- **ପ୍ରୋତ୍ସାହିତ କରିଛି ପୋଲିସର ଦୁର୍ବଳ କାର୍ଯ୍ୟାନୁଷ୍ଠାନ**

**ଯାଜପୁର ଅଫିସ/ଦଶରଥପୁର (ଡି.ଏନ.ଏ.),୧୮।୨**

ଯାଜପୁର ଜିଲା ପଞ୍ଚାୟତ ନିର୍ବାଚନର ୨ୟ ପର୍ଯ୍ୟାୟ ମତଦାନରେ ପୁଣି ବୋମାମାଡ, ବାଲଟ ପେପର ଲୁଟ୍ ଓ ମାଡପିଟ ଘଟଣାର ପୁନରାବୃତ୍ତି ହୋଇଛି। ଶୁକ୍ରବାର ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତର ୨ ଓ ୩ ନମ୍ବର ବୁଥ୍‌ରେ ବାଲଟ ପେପର ଲୁଟ୍, ଦଶରଥପୁର ପଞ୍ଚାୟତର ୯ ନମ୍ବର ବୁଥ୍‌ରେ ଭୋଟ ବାକ୍ସକୁ ପୋଖରୀରେ ଫିଙ୍ଗିବା ଏବଂ ବଡଚଣା ବ୍ଲକ ନଳିପୁର ପଞ୍ଚାୟତର ୨ ନମ୍ବର ବୁଥ କ୍ୟାପଚରିଂ ଭଳି ଘଟଣା ଘଟିଛି। ନିର୍ବାଚନୀ ହିଂସାକୁ ବରଦାସ୍ତ କରାଯିବ ନାହିଁ ବୋଲି ପୋଲିସ ପଦାଧିକାରୀଙ୍କ ଚେତାବନୀ ଯାଜପୁର ଜିଲାରେ ପରାହତ ହୋଇଛି। ଅନ୍ୟପକ୍ଷେ ବୁଧବାର ରୁଦ୍ରପୁର ପଞ୍ଚାୟତରେ ବୁଥ୍ କ୍ୟାପଚରିଂ ଏବଂ ଏରବାଙ୍ଗ ପଞ୍ଚାୟତରେ ବୋମାମାଡ଼ ଓ ପୋଲିଂ କର୍ମଚାରୀ ସହ ଲୋକଙ୍କୁ ମାରପିଟ ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଯାଜପୁର ସଦର ଥାନା ପୋଲିସ ଏଯାଏ ବିଫଳ ହୋଇଛି। ଜାଣିଶୁଣି ଏହି ଘଟଣାରେ ପୋଲିସ ନୀରବଦ୍ରଷ୍ଟା ସାଜିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନରେ ଜିଲାରେ ଘଟିଥିବା ହିଂସାକାଣ୍ଡକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ପାଇଁ ଅଧିକ ଫୋର୍ସ ମୁତୟନ କରାଯାଇଥିଲା। କିନ୍ତୁ ହିଂସାକୁ ଆୟତ୍ତ କରାଯାଇପାରି ନ ଥିଲା। ଦଶରଥପୁର ବ୍ଲକ କାର୍ଯ୍ୟାଳୟ ନିକଟ ଈଶ୍ୱରପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ହୋଇଥିଲା ଦଶରଥପୁର ପଞ୍ଚାୟତର ୯ ନମ୍ବର ବୁଥ୍। ମତଦାନ ଶେଷ ହେବା ପରେ କର୍ମଚାରୀମାନେ ଭୋଟବାକ୍ସ ଧରି ଚାଲିଚାଲି ଷ୍ଟ୍ରଙ୍ଗରୁମ୍‌କୁ ଯାଉଥିଲେ। ଅପରାହ୍ନ ପ୍ରାୟ ୪ଟାରେ କେତେଜଣ ଦୁର୍ବୃତ୍ତ ପହଞ୍ଚି ଭୋଟବାକ୍ସଗୁଡିକୁ ପୋଲିଂ କର୍ମଚାରୀଙ୍କଠାରୁ ଛଡ଼ାଇ ନେଇ ପୋଖରୀରେ ଫିଙ୍ଗି ଦେଇଥିଲେ। ଫଳରେ ସେଠାରେ ଦୀର୍ଘ ସମୟ ଧରି ଉତ୍ତେଜନା ପ୍ରକାଶ ପାଇବା ସହ ଲୋକେ ରାସ୍ତା ଅବରୋଧ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଦୁର୍ବୃତ୍ତମାନେ ଗିରଫ ହୋଇ ପାରିନାହାନ୍ତି।

ଦଶରଥପୁର ବ୍ଲକର କନିକାପଡ଼ା ପଞ୍ଚାୟତର ୮ ନମ୍ବର ବୁଥ୍‌ରେ ରିଗିଂ ଅଭିଯୋଗ ହୋଇଛି। ଏହାବାଦ ୨ ଓ ୩ ନମ୍ବର ବୁଥ୍ ଭିତରକୁ ୧୦ରୁ ୧୫ ଜଣ ଦୁର୍ବୃତ୍ତ ପଶି ବାଲଟ ପେପର ଛଡେଇ ନେବା ସହ ଚିରି ଦେଇଥିଲେ। ଫଳରେ ସେଠାରେ ମତଦାନ ବନ୍ଦ ହୋଇଥିଲା। ସେହିପରି ବିରିପଟା ପଞ୍ଚାୟତର କେନ୍ଦୁଆକୁଳ ୫ ନଂ. ବୁଥ୍ ନିକଟରେ ଅପରାହ୍ନ ୧ଟାରେ ବୋମାମାଡ଼ ହୋଇଥିଲା। ଏଥିରେ କାହାରି କ୍ଷତି ହୋଇ ନ ଥିଲେ ହେଁ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି।

ବଡଚଣା ବ୍ଲକ ନଳିପୁର ପଞ୍ଚାୟତର ୨ ନଂ. ବୁଥ୍ କ୍ୟାପ୍‌ଚରିଂ ହୋଇଥିବା ଅଭିଯୋଗରେ ଉତ୍ତେଜନା ପ୍ରକାଶ ପାଇଛି। ସେଠାରେ ବିଜେଡି ଏବଂ ଅସନ୍ତୁଷ୍ଟ ବିଜେଡି, ଭାଜପା ଓ କଂଗ୍ରେସ ସମର୍ଥକଙ୍କ ମଧ୍ୟରେ ଟଣାଓଟରା ହୋଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକେ ଏହାର ପ୍ରତିବାଦରେ ଅପରାହ୍ନ ୨ଟାରୁ ନଳିପୁର ଛକଠାରେ ୫୩ ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ।

ପ୍ରଥମ ପର୍ଯ୍ୟାୟ ମତଦାନରେ ବିଶେଷକରି ଯାଜପୁର ବ୍ଲକ ରୁଦ୍ରପୁର ଓ ଏରବାଙ୍ଗ ପଞ୍ଚାୟତରେ ଘଟିଥିବା ନିର୍ବାଚନୀ ହିଂସାରେ ପୋଲିସର କୋହଳ କାର୍ଯ୍ୟାନୁଷ୍ଠାନ ଦ୍ୱିତୀୟ ପର୍ଯ୍ୟାୟ ମତଦାନରେ ଅସାମାଜିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିଛି ବୋଲି ମତପ୍ରକାଶ ପାଇଛି। ରୁଦ୍ରପୁର ପଞ୍ଚାୟତରେ ହୋଇଥିବା ବଳପୂର୍ବକ ବାଲଟ ପେପର ଷ୍ଟାମ୍ପିଂ ଘଟଣାରେ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ଲୋକଙ୍କ ସମ୍ପୃକ୍ତି ଥିବା ଭିଡିଓ କ୍ଲିପ୍‌ରେ ସ୍ପଷ୍ଟ ଭାବେ ଜଣାପଡ଼ିଛି। ହେଲେ ମାତ୍ର ୨ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଏରବାଙ୍ଗ ପଞ୍ଚାୟତରେ ବୋମାମାଡ଼ ଅଭିଯୋଗକୁ ପୋଲିସ ଏକପ୍ରକାର ଦବେଇ ଦେଇଥିବା କୁହାଯାଉଛି।


ଭୋଟ ବାକ୍ସ ପୋଖରୀରୁ ଉଦ୍ଧାର କରାଯାଉଛି।

# ଖୋର୍ଦ୍ଧା ଜିଲାପାଳଙ୍କ ବିରୋଧରେ ନିର୍ବାଚନ କମିଶନଙ୍କୁ ଭେଟିଲା ଭାଜପା


ନିର୍ବାଚନ କମିଶନଙ୍କୁ ଭେଟିବା ପରେ ଭାଜପା ପ୍ରତିନିଧି ଦଳ।

**ଭୁବନେଶ୍ୱର, ୧୮।୨(ବ୍ୟୁରୋ)**

ସରକାରୀ କଳକୁ ଅପବ୍ୟବହାର କରି ନିର୍ବାଚନ ବୈତରଣୀ ପାର ହେବାର ପ୍ରୟାସ ଶାସକ ବିଜେଡି ଜାରି ରଖିଛି। ଭୋଟ କେନ୍ଦ୍ରରେ ସରକାରୀ କଳ ଓ ପ୍ରିଜାଇଡିଂ ଅଫିସରମାନଙ୍କୁ ବ୍ୟବହାର କରାଯାଇ ଶାସକ ବିଜେଡି ସପକ୍ଷରେ ବ୍ୟାପକ ମାତ୍ରାରେ ଭୋଟ ଦାନକୁ ପ୍ରଭାବିତ କରାଯାଉଛି। କିନ୍ତୁ ନିର୍ବାଚନ ପରିଚାଳନା ଦାୟୀତ୍ୱରେ ଥିବା ବରିଷ୍ଠ ଅଧିକାରୀମାନେ ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଂଘନ କରି ଶାସକ ଦଳ ସପକ୍ଷରେ ଭୋଟ କରାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କେଉଁଠି ପ୍ରତ୍ୟକ୍ଷ ତ ଆଉ କେଉଁଠି ପରୋକ୍ଷ ଭାବେ ଶାସକ ଦଳ ପାଇଁ ସରକାରୀ ଅଧିକାରୀମାନେ କାର୍ଯ୍ୟ କରୁଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ଭାଜପା ପ୍ରତିନିଧି ଦଳ ଅଭିଯୋଗ କରିଛି ଯେ, ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟବ୍ୟାପୀ ରାଜ୍ୟ ନିର୍ବାଚନ କମିଶନ ନିର୍ବାଚନ ଆଚରଣ ବିଧି ଜାରୀ କରିଛନ୍ତି। ଏହି ସମୟରେ ନିର୍ବାଚନ କିମ୍ବା ଭୋଟରଙ୍କୁ ପ୍ରଭାବିତ କଲା ଭଳି କୌଣସି କାର୍ଯ୍ୟକ୍ରମ ଉପରେ ନିଷେଧାଦେଶ ବଳବତର ରହିଛି। ମାତ୍ର ନିର୍ବାଚନ କମିଶନଙ୍କ ଜିଲା ପ୍ରତିନିଧି ତଥା ଜିଲାପାଳମାନେ ଯଦି ଆଚଚରଣ ବିଧିକୁ ଉଲ୍ଲଂଘନ କରିବେ, ତେବେ ଏହା ଖୋଲାଖୋଲି ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ଏବଂ ଦଣ୍ଡନୀୟ ଅପରାଧ। ଖୋର୍ଦ୍ଧା ଜିଲାପାଳ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ସଭାର ଆୟୋଜନ କରି ବିଦ୍ୟାଳୟ ପଟ୍ଟା ବଣ୍ଟନ କରି ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଂଘନ କରିଛନ୍ତି। ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ ଭାଜପା ପ୍ରତିନିଧି ଦଳ କମିଶନଙ୍କ ନିକଟରେ ଦାବୀ କରିଛି।

# ପ୍ରିଜାଇଡିଂ ଅଫିସରଙ୍କ ଗାଡ଼ି ଭଙ୍ଗାରୁଜା

**ନୂଆପଡ଼ା ଅଫିସ,୧୮।୨**

ନୂଆପଡା ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶୁକ୍ରବାର ଶେଷ ହୋଇଛି। ଏହିକ୍ରମରେ କୋମନା ବ୍ଲକର ୩୨ଟି ପଞ୍ଚାୟତରେ ଭୋଟ ଗ୍ରହଣ ହୋଇଥିଲା। ହେଲେ କୋମନା ବ୍ଲକ ପୋଏଁର ପଞ୍ଚାୟତରେ ପୋଲିଂ ପାର୍ଟି ଭୋଟବାକ୍ସ ସରକାରୀ ଗାଡିରେ ନ ନେଇ ବ୍ୟକ୍ତିଗତ ଗାଡିରେ ବ୍ଲକକୁ ନେଉଥିଲେ। ଏହାକୁ ନେଇ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ପ୍ରିଜାଇଡିଂ ଅଫିସରଙ୍କ ଗାଡି ଭାଙ୍ଗି ଦେଇଥିବା ସୂଚନା ମିଳିଛି। ପ୍ରାପ୍ତ ସୂଚନାନୁସାରେ କୋମନା ବ୍ଲକ ପୋଏଁର ପଞ୍ଚାୟତର ବୁଥ ନମ୍ବର ୧ରେ ଶାନ୍ତିଶୃଙ୍ଖଳା ସହିତ ଭୋଟ ଗ୍ରହଣ ଶେଷ ହୋଇଥିଲା। ଏହା ପରେ କର୍ମଚାରୀମାନେ ଭୋଟବାକ୍ସ ଧରି ସରକାରଙ୍କ ଦ୍ୱାରା ବ୍ୟବସ୍ଥା କରାଯାଇଥିବା ଗାଡିରେ ନ ଯାଇ ପ୍ରିଜାଇଡିଂ ଅଫିସରଙ୍କ ନିଜସ୍ୱ କାରରେ ଭୋଟବାକ୍ସ ଧରି ବ୍ଲକ ଅଭିମୁଖେ ବାହାରିଥିଲେ। ବ୍ୟକ୍ତିଗତ ଗାଡିରେ ଭୋଟବାକ୍ସ କାହିଁକି ନିଆଯାଉଛି ବୋଲି ଅଟକାଇ ଉତ୍ତ୍ୟକ୍ତ ଲୋକେ କାର ଭଙ୍ଗାରୁଜା କରିଥିଲେ। ଖବର ପାଇ ପୋଲିସ ଓ ଅନ୍ୟାନ୍ୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ଭୋଟବାକ୍ସ ସୁରକ୍ଷିତ ଭାବେ ବ୍ଲକ କାର୍ଯ୍ୟାଳୟକୁ ଆଣିଥିବା ସୂଚନା ମିଳିଛି। ଏ ସଂକ୍ରାନ୍ତରେ ଜିଲାସ୍ତରୀୟ ଅଧିକାରୀମାନଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇନାହିଁ।


ପ୍ରିଜାଇଡିଂ ଅଫିସରଙ୍କ ଗାଡିକୁ ଗ୍ରାମବାସୀ ଘେରିଛନ୍ତି।

**ମତଦାନ ପାଇଁ ଉତ୍ସାହ**


ଦ୍ୱିତୀୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ଲାଗି ଶୁକ୍ରବାର ମାଲକାନଗିରି ଜିଲା ଖଇରପୁଟ ବ୍ଲକ ମୁଦୁଲିପଡ଼ା ପଞ୍ଚାୟତରେ ମତଦାନ କରିବାକୁ ବଣ୍ଡା ମହିଳାମାନେ ଧାଡ଼ିରେ ଅପେକ୍ଷା କରିଛନ୍ତି।

# ପଡ଼ିଲାନି ଭୋଟ୍, ଫେରିଲେ ପୋଲିଂ ପାର୍ଟି

**ଛେଣ୍ଡିପଦା,୧୮।୨(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକରେ ଶୁକ୍ରବାର ମତଦାନ ବେଳେ ବରପଦା ପଞ୍ଚାୟତର ୪ଟି ବୁଥ୍‌ରେ ଗୋଟିଏ ହେଲେ ଭୋଟ୍ ପଡ଼ିନାହିଁ। ଫଳରେ ଅପରାହ୍ନ ଯାଏ ଅପେକ୍ଷା କରି ବୁଥ୍‌ରେ ନିୟୋଜିତ ପୋଲିଂ କର୍ମଚାରୀମାନେ ଖାଲି ଭୋଟ ବାକ୍ସ ଧରି ଫେରିଥିବା ସୂଚନା ମିଳିଛି। ବରପଦା ପଞ୍ଚାୟତର ନାଣ୍ଡିଛୋଡ଼ ତଥା ଗୋପୀବଲ୍ଲଭପୁର ଗ୍ରାମରେ ଖଣି ଖନନ ସମସ୍ୟା ସମାଧାନ ହେଉ ନ ଥିବାରୁ ଏହାର ପ୍ରତିବାଦରେ ଗ୍ରାମବାସୀ ଭୋଟ୍‌ବର୍ଜନ ନିଷ୍ପତ୍ତି ନେଇଥିଲେ। ଫଳରେ ଗୋପୀବଲ୍ଲଭପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୭ ଓ ୮ନଂ. ବୁଥ୍ ଏବଂ ସରକାରୀ ପ୍ରାଥମିକ ବିଦ୍ୟାଳୟ ଗୋପୀବଲ୍ଲଭପୁରରେ ୯, ୧୦ ଓ ୧୧ନଂ ବୁଥ୍ କରାଯାଇଥିଲେ ମଧ୍ୟ କେବଳ ଗୋପୀନାଥପୁର ବସ୍ତିର ମତଦାତା ୭ନଂ ମତଦାନ କେନ୍ଦ୍ରରେ ମତଦାନ କରିଥିଲେ।

# ଭୋଟବେଳେ ପୋଲିସ ଗାଡ଼ିକୁ ୫ ଘଣ୍ଟା ଅଟକାଇଲେ

**ସାରସକଣା,୧୮।୨ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଖାରପୋଖରିଆ ପଞ୍ଚାୟତର ଗହଳାମୁଣ୍ଡା ସ୍ଥିତ ୧ ନଂ. ବୁଥ୍‌ରେ ପ୍ରଶାସନିକ କ୍ଷମତାର ଅପବ୍ୟବହାର ନେଇ ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଲୋକେ ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ପୋଲିସ ଗାଡ଼ିକୁ ଅଟକ ରଖିଥିଲେ। ଏନେଇ ଗ୍ରାମବାସୀ ସଦର ଏସ୍‌ଡିପିଓ କେ.କେ. ହରିପ୍ରସାଦଙ୍କ ଜରିଆରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗହଳାମୁଣ୍ଡା ବିଦ୍ୟାଳୟ ବୁଥ୍‌ରେ ଶାନ୍ତିଶୃଙ୍ଖଳାର ସହ ମତଦାନ ଚାଲିଥିଲା। ବୁଥ୍ ନିକଟସ୍ଥ ଗଛ ତଳେ ସ୍ଥାନୀୟ ଗ୍ରାମବାସୀ ଥିବା ସମୟରେ ଏକ ପୋଲିସ ଗାଡ଼ି ଆସି ବିଶ୍ୱନାଥ ମହାନ୍ତ(ସମିତିସଭ୍ୟା ପ୍ରାର୍ଥୀ ସସ୍ମିତା ମହାନ୍ତଙ୍କ ସ୍ୱାମୀ)ଙ୍କୁ ଜୋର ଜବରଦସ୍ତି ନେଇଯାଉଥିଲେ। ପୋଲିସର ଏଭଳି କାର୍ଯ୍ୟକଳାପରେ ମହିଳାମାନେ ପୋଲିସ ଗାଡ଼ିକୁ ୫ ଘଣ୍ଟା ଅଟକ ରଖିଥିଲେ। ସଦର ଏସ୍‌ଡିପିଓ ପହଞ୍ଚି ବୁଝାଶୁଝା କରିଥିଲେ।


ଲୋକେ ପୋଲିସ ଗାଡ଼ିକୁ ଅଟକ ରଖିଛନ୍ତି।

# ଅବହେଳାରୁ ପୁଣି ହିଂସା

- **ହିଂସାମୁକ୍ତ ନିର୍ବାଚନ ପାଇଁ ନିର୍ବାଚନ ଆୟୋଗକୁ ଭେଟିଲା କଂଗ୍ରେସ**
- **ହାତବାରିସି ସାଜିଥିବା ସରକାରୀ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉ**

**ଭୁବନେଶ୍ୱର,୧୮।୨(ବ୍ୟୁରୋ)**

ପ୍ରଥମ ପର୍ଯ୍ୟାୟ ମତଦାନବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ଆଚରଣବିଧିର ଖୋଲାଖୋଲି ଉଲ୍ଲଂଘନ ସହ ବୁଥ୍ ଜବରଦଖଲ, ଭୋଟ ବାକ୍ସ ଲୁଟ୍, ପ୍ରିଜାଇଡିଂ ଅଫିସର, ଖବରଦାତାଙ୍କୁ ଆକ୍ରମଣ ଭଳି ଘଟଣା ଘଟିଥିଲା। ଏ ସମ୍ପର୍କରେ ରାଜ୍ୟ ନିର୍ବାଚନ କମିଶନରଙ୍କୁ ଭେଟି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ଏହାସତ୍ତ୍ୱେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ମତଦାନରେ ଏହାର ପୁନରାବୃତ୍ତି ଘଟିଛି। ସରକାରୀ ତଥା ପ୍ରଶାସନିକ ଅବହେଳାରୁ ଏପରି ହିଂସାକାଣ୍ଡ ଘଟୁଥିବା କଂଗ୍ରେସ ଅଭିଯୋଗ କରିଛି।

କଂଗ୍ରେସ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ଅଭିଯୋଗ କରିଛନ୍ତି, ପୋଲିସ ଉପସ୍ଥିତିରେ ବି ହିଂସାକାଣ୍ଡ ଘଟୁଛି। ବାଲେଶ୍ୱର ଜିଲା ଅନ୍ତର୍ଗତ ବସ୍ତା ବ୍ଲକର ବିଭିନ୍ନ ପଞ୍ଚାୟତରେ ମତଦାନବେଳେ ବ୍ୟାପକ ଜାଲିଆତି, ବୁଥ୍ ଦଖଲ ଆଦି ଘଟଣାରେ ସରକାରୀ ଅଫିସରମାନେ ସହଯୋଗ କରିଥିବା ପ୍ରମାଣ ରହିଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ଏଠାରେ ବ୍ୟାପକ ହିଂସାକାଣ୍ଡ ଓ ପୋଡ଼ାଜଳା ହୋଇଥିଲା। ୨୦୧୯ ସାଧାରଣ ନିର୍ବାଚନରେ ମଧ ବୁଥ୍ ଦଖଲ ଓ ରିଗିଂ ଯୋଗୁ ପୁନଃନିର୍ବାଚନ ହୋଇଥିଲା। ଏହା ସତ୍ତ୍ୱେ ଚଳିତ ନିର୍ବାଚନକୁ ଶୃଙ୍ଖଳିତ ତଥା ସୁରକ୍ଷିତ କରିବା ପାଇଁ କୌଣସି ପ୍ରତିକାର କରାଯାଇ ନ ଥିଲା। ଯେଉଁସବୁ ପଞ୍ଚାୟତର ବୁଥ୍‌ଗୁଡ଼ିକରେ ଏଭଳି ଅଭିଯୋଗ ଆସିଛି, ତା'ର ବିହିତ ତଦନ୍ତ ସହିତ ସେହି ସ୍ଥାନଗୁଡ଼ିକରେ ପୁନଃ ମତଦାନ ସହ କର୍ତ୍ତବ୍ୟରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସର ଏକ ପ୍ରତିନିଧି ଦଳ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଉକ୍ତ ସ୍ମାରକପତ୍ରରେ ଶୁକ୍ରବାର ବିଭିନ୍ନ ସ୍ଥାନରେ ଘଟିଥିବା ନିର୍ବାଚନୀ ହିଂସା ଓ ପ୍ରଶାସନର ଅବହେଳା ସମ୍ପର୍କରେ ଉଲ୍ଲେଖ କରାଯିବା ସହ ଅଭିଯୁକ୍ତଙ୍କୁ ଗିରଫ ଓ ପୁନଃ ନିର୍ବାଚନ ଘୋଷଣା ପାଇଁ କଂଗ୍ରେସ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ପ୍ରତିନିଧି ଦଳରେ କଂଗ୍ରେସର ନିର୍ବାଚନ ଗଣମାଧ୍ୟମ ମୁଖ୍ୟ ମନୋଜ ମହାପାତ୍ର, ଏଆଇସିସି ସଭ୍ୟ ଶାନ୍ତନୁ ସାହୁ ଓ ସିର୍ଦ୍ଧାଥ ମହାନ୍ତି ପ୍ରମୁଖ ଥିଲେ।


ନିର୍ବାଚନ କମିଶନଙ୍କୁ ଭେଟିବାକୁ ଆସିଥିବା କଂଗ୍ରେସ ପ୍ରତିନିଧି ଦଳ।

# ୨ ଭଉଣୀଙ୍କ ଲଢ଼େଇ

**କଣ୍ଟାପଡ଼ା,୧୮।୨(ଡି.ଏନ୍.ଏ.)**

କଟକ ଜିଲା କଣ୍ଟାପଡ଼ା ବ୍ଲକ ଝାରପଡ଼ା ପଞ୍ଚାୟତ ବଡଓ୍ୱାଉବରାଇ ଗ୍ରାମର ପଦ୍ମାବତୀ ବେହେରା ଓ ଇତିଶ୍ରୀ ବେହେରା। ୨ ଭଉଣୀ ଏବେ ୨ ଯାଆ। ହେଲେ ସରପଞ୍ଚ ପଦବୀ ପାଇଁ ଉଭୟ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସୂଚନା ଅନୁଯାୟୀ, ପଦ୍ମାବତୀ ଓ ସାନଭଉଣୀ ଇତିଶ୍ରୀ ପୂର୍ବରୁ ଗୋଟିଏ ଗୋଷ୍ଠୀରେ ଥିବାବେଳେ ଉଭୟ ସରପଞ୍ଚ ପଦବୀ ପାଇଁ ଆଶାୟୀ ଥିଲେ। ତେବେ ଜଣଙ୍କୁ ଗୋଷ୍ଠୀ ସମର୍ଥନ ନ ମିଳିବାରୁ ଉଭୟ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଏ ସମ୍ପର୍କରେ ପଦ୍ମାବତୀ କହିଛନ୍ତି, ସେ ପ୍ରଥମେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହାପରେ ତାଙ୍କ ସାନଭଉଣୀ କ'ଣ ପାଇଁ ନିର୍ବାଚନ ଲଢୁଛନ୍ତି ସେ ସମ୍ପର୍କରେ ଜାଣିନାହାନ୍ତି।

## ସଂକ୍ଷେପରେ

### ଶେଷ ହେଲା ତୃତୀୟ ପର୍ଯ୍ୟାୟ ପ୍ରଚାର

୧୭୧ ଜିଲା ପରିଷଦ ଜୋନ, ୧୩୪୨ ପଞ୍ଚାୟତରେ ହେବ ମତଦାନ

**ଭୁବନେଶ୍ୱର,୧୮।୨(ବ୍ୟୁରୋ):** ଚଳିତ ପଞ୍ଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟ ପ୍ରଚାର କାର୍ଯ୍ୟ ଶୁକ୍ରବାର ଶେଷ ହୋଇଛି। ତୃତୀୟ ପର୍ଯ୍ୟାୟ ମତଦାନ ଆସନ୍ତା ରବିବାର ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ୨୯ ଜିଲାର ୬୩ ବ୍ଲକର ୧୭୧ ଜିଲା ପରିଷଦ ଜୋନର ୧୩୪୨ ପଞ୍ଚାୟତରେ ନିର୍ବାଚନ ହେବ। ୧୮,୪୯୫ ବୁଥ୍‌ରେ ୫୬.୫୩ଲକ୍ଷ ଭୋଟର ନିଜର ମତଦାନ ଅଧିକାର ସାବ୍ୟସ୍ତ କରିବେ। ନିର୍ବାଚନ ହେବାକୁ ଥିବା ଅଞ୍ଚଳରୁ ପ୍ରଚାର କାର୍ଯ୍ୟରେ ଯୋଗ ଦେଇଥିବା ନେତା ଓ କର୍ମୀମାନଙ୍କୁ ସନ୍ଧ୍ୟା ୭ଟା ସୁଦ୍ଧା ସମ୍ପୃକ୍ତ ଅଞ୍ଚଳ ଛାଡ଼ିବାକୁ ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ବାଚନ ପ୍ରଚାର ଶେଷ ହୋଇଥିବାରୁ ଭୋଟରଙ୍କୁ ପ୍ରଲୋଭନ ଦେବା ଭଳି ବିଭିନ୍ନ ପ୍ରକାର ବେଆଇନ କାର୍ଯ୍ୟକଳାପ ବୃଦ୍ଧି ପାଇବା ଆଶଙ୍କା ରହିଛି। ଏପରିକି ନିର୍ବାଚନ ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ହେବା ସମ୍ଭାବନା ରହିଛି। ବେଆଇନ କାର୍ଯ୍ୟକୁ ପ୍ରତିହତ କରିବାକୁ ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



ପ୍ରଦର୍ଶନୀରେ ସାମିଲ ହୋଇଥିବା ବେଲଜିଆନ ମାଲିନୋଇସ।

# ଡଗ୍ ସ୍କ୍ୱାଡ୍ କେ-୯ରେ ୫ ବେଲ୍‌ଜିଆନ ମାଲିନୋଇସ

**କଟକ ଅଫିସ,୧୮।୨**

ବେଲ୍‌ଜିଆନ ମାଲିନୋଇସ ପ୍ରଜାତିର ୫ କୁକୁର ଶୁକ୍ରବାର ଓଡ଼ିଶା ପୋଲିସର ଡଗ୍ ସ୍କ୍ୱାଡ୍ କେ-୯ରେ ସାମିଲ ହୋଇଛନ୍ତି। କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ପଡିଆରେ ସେମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଉକ୍ତ କୁକୁରମାନେ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା, ଏଡିଜି(ଆଇନଶୃଙ୍ଖଳା) ଆର୍. କେ. ଶର୍ମା, କ୍ରାଇମବ୍ରାଞ୍ଚ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା ଓ ଆଇଜି(ପର୍ସୋନେଲ) ଏସ୍. ପ୍ରବୀଣ କୁମାରଙ୍କ ସମେତ ବରିଷ୍ଠ ଆଇପିଏସ୍ ଅଧିକାରୀମାନେ ଉପସ୍ଥିତ ଥିଲେ।

ଡଗ୍ ସ୍କ୍ୱାଡ୍ କେ-୯ ଓଡ଼ିଶା ପୋଲିସର ଏକ ଅଭିନ୍ନ ଅଙ୍ଗ। ପ୍ରଥମ ପର୍ଯ୍ୟାୟରେ ଏହି ପ୍ରଜାତିର ୫ କୁକୁରଙ୍କୁ ଉକ୍ତ ସ୍କ୍ୱାଡ୍‌ରେ ସାମିଲ କରାଯାଇଥିବାବେଳେ ଆଗାମୀ ଦିନରେ ଆଉ ୧୩ କୁକୁରଙ୍କୁ ସାମିଲ କରାଯିବ। ଏହାଦ୍ୱାରା ଉକ୍ତ ସ୍କ୍ୱାଡ୍ ଶକ୍ତିଶାଳୀ ହେବ। ଏହି କୁକୁରଙ୍କୁ ରାଜସ୍ଥାନର ସଶସ୍ତ୍ର ସୀମା ବଳ(ଏସ୍‌ଏସ୍‌ବି)ରେ ୯ ମାସ ତାଲିମ ଦିଆଯିବା ପରେ ଅଣାଯାଇଛି। ସେମାନେ ଚୋରି, ହତ୍ୟାକାଣ୍ଡ ଭଳି ଆପରାଧିକ କାର୍ଯ୍ୟର ତଦନ୍ତରେ ସହାୟକ ହେବେ। ସେମାନଙ୍କର ଘ୍ରାଣଶକ୍ତି ପ୍ରଖର ଥିବାରୁ ଅପରାଧୀଙ୍କ ନିକଟରେ ପହଞ୍ଚିବାରେ ସକ୍ଷମ ହୋଇପାରିବେ। ତାଲିମପ୍ରାପ୍ତ ଏହି କୁକୁରଙ୍କ ଶରୀରରେ ମାଇକ୍ରୋ ଚିପ୍ ଖଞ୍ଜାଯାଇଛି। ଏହି କୁକୁରର ମୂଲ୍ୟ ୭୫ରୁ ୮୦ହଜାର ଟଙ୍କା ହୋଇଥିବାବେଳେ ଗୃହ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟକୁ ୩୫ ହଜାର ଟଙ୍କାରେ ଏହାକୁ ଯୋଗାଇ ଦିଆଯାଇଛି ବୋଲି କ୍ରାଇମବ୍ରାଞ୍ଚ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା କହିଛନ୍ତି।

ଏହି କୁକୁର ପ୍ରଥମେ ୧୮୦୦ ମସିହାରେ ବେଲଜିୟମର ମାଲାଇନ ସହରରେ ଜନ୍ମ ହୋଇଥିବାରୁ ଏଭଳି ନାମକରଣ କରାଯାଇଛି। ଏହି କୁକୁରମାନେ ବେଶ୍ ଚତୁର, ବୁଦ୍ଧିମାନ ଓ ଆତ୍ମବିଶ୍ୱାସୀ ହୋଇଥାନ୍ତି। ଏମାନଙ୍କ ଉଚ୍ଚତା ୬୦ରୁ ୬୬ ସେ.ମି., ଓଜନ ୨୫ରୁ ୩୦ କେଜି ଓ ଜୀବନକାଳ ୧୨ରୁ ୧୫ ବର୍ଷ। ତେଣୁ ଏହି ପ୍ରଜାତିର କୁକୁରଗୁଡ଼ିକୁ ସୈନ୍ୟବାହିନୀ, ନୌବାହିନୀ, ଇଣ୍ଡୋ-ଟିବେଟାନ୍ ବର୍ଡର ପୋଲିସ(ଆଇଟିବିପି) ଓ ବିଏସ୍‌ଏଫରେ ସାମିଲ କରାଯାଇଥାଏ ବୋଲି ସିଆଇଡି କ୍ରାଇମବ୍ରାଞ୍ଚ କେ-୯ ସ୍କ୍ୱାଡ୍‌ର ଡିଏସ୍‌ପି ନିଗମାନନ୍ଦ ବରାଳ କହିଛନ୍ତି।

# ଭୋଟ ବାକ୍ସ ବାଇକ୍‌ରେ ନେଇ ପ୍ରିଜାଇଡିଂ ଅଫିସର ଅଡୁଆରେ

**ଫୁଲନଖରା, ୧୮।୨(ଡି.ଏନ୍.ଏ.)**

କଟକ ସଦର ଥାନା ବାରଙ୍ଗ ବ୍ଲକ କୁରାଙ୍ଗପ୍ରଧାନ ପଞ୍ଚାୟତ ଅଧୀନ ବୁଥ୍ ନମ୍ବର ୧୧ରେ ଶୁକ୍ରବାର ୨ୟ ପର୍ଯ୍ୟାୟ ମତଦାନ ଶେଷ ପରେ ପ୍ରିଜାଇଡିଂ ଅଫିସର ପ୍ରଭାତ କୁମାର ରଥ ନିଜ ବାଇକ୍‌ରେ ଭୋଟ ବାକ୍ସ ନେଇଯିବାକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ଖବରପାଇ କଟକ ଡିସିପି ପ୍ରତୀକ ସିଂ ଅଧାବାଟରୁ ସମ୍ପୃକ୍ତ ପ୍ରିଜାଇଡିଂ ଅଫିସରଙ୍କୁ ଅଟକାଇବା ସହ ତାଙ୍କଠାରୁ ଭୋଟ ବାକ୍ସ ଉଦ୍ଧାର କରିବା ସହ ବୁଥ୍‌ରେ ଯାଞ୍ଚ ପରେ ବ୍ଲକ କାର୍ଯ୍ୟାଳୟରେ ଦାଖଲ କରାଯାଇଛି। ପ୍ରିଜାଇଡିଂ ଅଫିସର କ'ଣ ପାଇଁ ନିର୍ଦ୍ଧାରିତ ଗାଡ଼ିରେ ନ ନେଇ ଭୋଟ ବାକ୍ସକୁ ନିଜ ବାଇକ୍‌ରେ ନେଉଥିଲେ ତାହା ସ୍ପଷ୍ଟ ହୋଇପାରିନାହିଁ। ଅପରପକ୍ଷରେ ଏନେଇ ବାରଙ୍ଗ ବିଡିଓ ପ୍ରଭାକର ପଣ୍ଡାଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ମତାମତ ମିଳିପାରିନାହିଁ।

ମିଳିଥିବା ସୂଚନା ଅନୁସାରେ, କଟକ ଜିଲା ବାରଙ୍ଗ ବ୍ଲକ କୁରାଙ୍ଗପ୍ରଧାନ ପଞ୍ଚାୟତ ଅନ୍ତର୍ଗତ କୁରୁଣ୍ଟି ଗ୍ରାମ ରାଧାମାଧବ ବିଦ୍ୟାଳୟରେ ୧୧ ନମ୍ବର ବୁଥ୍‌ରେ ମତଦାନ ହୋଇଥିଲା। ଏହି ବୁଥରେ ସମୁଦାୟ ୨୫୪ ଭୋଟରଙ୍କ ମଧ୍ୟରୁ ୨୧୧ଜଣ ମତଦାତା ଭୋଟ ଦେଇଥିଲେ। ମତଦାନ ଶେଷ ପରେ ପ୍ରିଜାଇଡିଂ ଅଫିସର ୪ଜଣ ପୋଲିଂ ଏଜେଣ୍ଟଙ୍କ ସମ୍ମୁଖରେ ଭୋଟ ବାକ୍ସକୁ ସିଲ୍ କରିଥିଲେ। ପରେ ଉକ୍ତ ଭୋଟ ବାକ୍ସକୁ ଜଣେ ପୋଲିସ କର୍ମଚାରୀଙ୍କ ସହାୟତାରେ ନିଜ ବାଇକ୍‌ରେ ନେଇଯାଇଥିଲେ। ମତଦାନ ଶେଷ ପରେ ପୂର୍ବରୁ ନିୟୋଜିତ ଗାଡ଼ିରେ ଭୋଟ ବାକ୍ସକୁ ପ୍ରିଜାଇଡିଂ ଅଫିସର ବ୍ଲକ କାର୍ଯ୍ୟାଳୟରେ ଦାଖଲ କରିବାକୁ ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ରହିଛି। ହେଲେ ପ୍ରିଜାଇଡିଂ ଅଫିସର ଏହାକୁ ନ ମାନି ନିଜ ବାଇକ୍‌ରେ ନେବା ଘଟଣାକୁ ନେଇ ସ୍ଥାନୀୟ କୁରୁଣ୍ଟି ଗ୍ରାମର ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ କଟକ ସଦର ଆଇଆଇସି ସୁଧାଂଶୁ ଭୂଷଣ ଜେନା, ଅତିରିକ୍ତ ଡିସିପି ପ୍ରମୋଦ ରଥ ଏବଂ ଅନିଲ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ଶାନ୍ତ କରିବା ସହ କଟକ ଡିସିପି ପ୍ରତୀକ ସିଂଙ୍କୁ ଖବର ଦେଇଥିଲେ। ଡିସିପି ସିଂ ନଖରା ଆଉଟପୋଷ୍ଟ କ ନିକଟରେ ପ୍ରିଜାଇଡିଂ ଅଫିସରଙ୍କୁ ଅଟକାଇବା ସହ ଭୋଟ ବାକ୍ସକୁ ଉଦ୍ଧାର କରିଥିଲେ। ପରେ ପୋଲିସ ଭ୍ୟାନ୍‌ରେ ଭୋଟ ବାକ୍ସ, ପ୍ରିଜାଇଡିଂ ଅଫିସରଙ୍କୁ ୧୧ନମ୍ବର ବୁଥ୍‌କୁ ନେଇ ପୋଲିଂ ଏଜେଣ୍ଟଙ୍କ ସମ୍ମୁଖରେ ଭୋଟ ବାକ୍ସ ଯାଞ୍ଚ କରାଯାଇଥିଲା। ଭୋଟ ବାକ୍ସର ସିଲ୍ ଠିକ୍ ଥିବା ଜଣାପଡ଼ିବା ପରେ ଉକ୍ତ ବାକ୍ସକୁ ପୋଲିସ ସୁରକ୍ଷା ମଧ୍ୟରେ ବାରଙ୍ଗ ବ୍ଲକକୁ ନିଆଯାଇଥିଲା। ଭୋଟ ବାକ୍ସକୁ ନିଜ ବାଇକ୍‌ରେ କାହିଁକି ନେଲେ ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରୁଥିବାବେଳେ ପ୍ରିଜାଇଡିଂ ଅଫିସରଙ୍କ କୌଣସି ମତାମତ ମିଳିପାରିନାହିଁ। ସ୍ଥାନୀୟ ଲୋକେ ଉକ୍ତ ବୁଥରେ ସାନି ମତଦାନ ଦାବି କରିଛନ୍ତି।

# ୨ ବୁଥ୍‌ରେ ହିଂସା, ମତଦାନ ବନ୍ଦ

**ଜଗତ୍‌ସିଂହପୁର ଅଫିସ, ୧୮।୨**

ଜଗତ୍‌ସିଂହପୁର ଜିଲାରେ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ସମୟରେ ହିଂସା ପୋଲିସ ଓ ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି। ନିର୍ବାଚନ ବେଳେ ଜଗତ୍‌ସିଂହପୁର ଥାନା ପଟସରା ପଞ୍ଚାୟତ ଅନ୍ତର୍ଗତ ଡିଅପଟସରା ପ୍ରାଥମିକ ବିଦ୍ୟାଳୟ ୧ନଂ. ଓ ଢୋଲବନ୍ଧ ପ୍ରାଥମିକ ବିଦ୍ୟାଳୟର ୨ନଂ. ବୁଥ୍‌ରେ ମାରପିଟ୍ ହୋଇଛି। ଭଙ୍ଗାରୁଜା ସାଙ୍ଗକୁ ବାଲଟ୍ ପେପର ଚିରି ଦିଆଯାଇଛି। ଏପରି କି ୧ ନଂ. ବୁଥ୍‌ରୁ ଦୁର୍ବୃତ୍ତମାନେ ବାଲ୍‌ଟ ବାକ୍ସ ନେଇଯାଇଛନ୍ତି। ଗଣ୍ଡଗୋଳରେ ୨ଜଣ ଗୁରୁତର ହେବା ସହ ମୋଟ ୫ ଜଣ ଆହତ ହୋଇଛନ୍ତି । ପରିସ୍ଥିତିକୁ ଦେଖି ନିର୍ବାଚନକୁ ଅସ୍ଥାୟୀ ଭାବେ ସ୍ଥଗିତ ରଖାଯାଇଛି। ଏ ସମ୍ପର୍କରେ ରାଜ୍ୟ ନିର୍ବାଚନ କମିଶନଙ୍କୁ ଅବଗତ କରାଯିବ। କମିଶନଙ୍କ ନିଷ୍ପତ୍ତି ଅନୁସାରେ ପରବର୍ତ୍ତୀ ତାରିଖରେ କଡା ସୁରକ୍ଷା ବଳୟ ମଧ୍ୟରେ ନିର୍ବାଚନ କରାଯିବ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ସଚ୍ଚିଦାନନ୍ଦ ସାହୁ ସୂଚନା ଦେଇଛନ୍ତି।

ପୂର୍ବ ନିଷ୍ପତ୍ତି ଅନୁଯାୟୀ, ସକାଳ ୭ଟାରୁ ଢ଼ୋଲବନ୍ଧ ପ୍ରାଥମିକ ବିଦ୍ୟାଳୟ ୨ନଂ. ବୁଥରେ ନିର୍ବାଚନ ଆରମ୍ଭ ହୋଇଥିଲା। ପ୍ରଥମେ ସବୁକିଛି ଠିକଠାକ୍ ଚାଲିଥିଲା। ଏହାର ଅଧ ଘଣ୍ଟା ପରେ ପରିସ୍ଥିତି ବିଗିଡ଼ି ଯାଇଥିଲା। ଏ ସମ୍ପର୍କରେ ପ୍ରିଜାଇଡିଂ ଅଫିସର ତ୍ରିଲୋଚନା ସ୍ୱାଇଁ ଓ ପ୍ରଥମ ପୋଲିଂ ଅଧିକାରୀ ଦେବେନ୍ଦ୍ର ପଣ୍ଡା କହିଛନ୍ତି, ସକାଳ ପ୍ରାୟ ୭ଟା୩୫ରେ ହଠାତ୍ ୨୦ରୁ ୨୫ ଜଣ ହାତରେ ରଡ, ଶାବଳ ଆଦି ମାରଣାସ୍ତ୍ର ଧରି ବୁଥ୍ ମୁହାଁ ହେବା ସେମାନେ ଦେଖିଥିଲେ। ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ସେମାନେ ମତଦାନ ସ୍ଥଗିତ ରଖିବା ସହ ଭିତରପଟୁ କବାଟ ବନ୍ଦ କରି ଦେଇଥିଲେ। କିନ୍ତୁ ଆକ୍ରମଣକାରୀମାନେ କବାଟ ତାଡିବା ପାଇଁ ବଳ ପ୍ରୟୋଗ କରିବାରୁ ସେମାନେ ବାଧହୋଇ କବାଟ ଖୋଲି ଦେଇଥିଲେ। ତା'ପରେ ଆକ୍ରମଣକାରୀମାନେ ସେମାନଙ୍କ ସାମ୍ନାରେ ଯାହା ପଡିଥିଲା ବାଡେଇ ଭାଙ୍ଗି ଦେଇଥିଲେ। ବୁଥ୍‌ରେ ୨୪୫ ଜଣ ଭୋଟର ଥିବାବେଳେ ସେମାନଙ୍କ ମଧ୍ୟରୁ ବାକ୍ସରେ ୩୩ ଜଣଙ୍କ ବାଲଟ୍ ପଡ଼ିଥିଲା। ଅଭିଯୁକ୍ତମାନେ ଶେଷରେ ବାଲଟ୍ ବାକ୍ସ ନେଇ ପଳାଇଯାଇଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ବିରୋଧ କରିବାରୁ ଉଭୟ ପକ୍ଷ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସୌଭାଗ୍ୟବଶତଃ ଦୁର୍ବୃତ୍ତମାନଙ୍କ କବଳରୁ ସେମାନେ ବର୍ତ୍ତି ଯାଇଥିଲେ। ଅବଶିଷ୍ଟ ବାଲଟ୍ ଓ ଅନ୍ୟ କାଗଜପତ୍ର ସୁରକ୍ଷିତ ଅଛି ବୋଲି ପ୍ରିଜାଇଡିଂ ଅଫିସର ସ୍ୱାଇଁ କହିଛନ୍ତି। ଏହି ଗଣ୍ଡଗୋଳରେ ୨ ଜଣ ଗୁରୁତରଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏମାନଙ୍କୁ ମିଶାଇ ଉଭୟ ପକ୍ଷର ୫ ଜଣ ଆହତ ହୋଇଥିବା କୁହାଯାଇଛି। ଗଣ୍ଡଗୋଳର କାରଣ ସ୍ପଷ୍ଟ ହୋଇ ନ ଥିଲେ ସୁଦ୍ଧା ଗୋଟିଏ ରାଜନୈତିକ ଦଳ ସମର୍ଥିତ ୨ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ସେହିପରି ଡ଼ିଅପଟସରା ୧ନଂ. ବୁଥ୍‌ରେ ମଧ୍ୟ ଉପରୋକ୍ତ ଅଭିଯୁକ୍ତମାନେ ଗଣ୍ଡଗୋଳ କରିଥିଲେ। ଏ ସମ୍ପର୍କରେ ପ୍ରିଜାଇଡିଂ ଅଫିସର ଅଶୋକ କୁମାର କୁଣ୍ଡୁ କହିଛନ୍ତି, ବୁଥ୍‌ରେ ୨୧୧ ଜଣ ଭୋଟର ଅଛନ୍ତି। ସକାଳ ପ୍ରାୟ ୮ଟା ସୁଦ୍ଧା ୨୪ ଜଣ ଭୋଟ ଦେଇଥିଲେ। ତା'ପରେ ଆକ୍ରମଣକାରୀମାନେ ପହଞ୍ଚି ତାଙ୍କ ସହ ଅନ୍ୟମାନଙ୍କୁ ମାଡ ମାରିଥିଲେ। ବାଲାଟ ବାକ୍ସ ବାଡେଇ ଚେପା କରି ଦେଇଥିଲେ। କିଛି ବାଲଟ ସହ ଅନ୍ୟ କାଗଜପତ୍ର ଚିରି ଦେଇଥିଲେ। ଜଣେ ବ୍ୟକ୍ତି ଏଜେଣ୍ଟ ବୋଲି ପରିଚୟ ଦେଇ ବିଳମ୍ବରେ ପହଞ୍ଚି ବାଲଟ ବାକ୍ସ ଖୋଲିବା ପାଇଁ ବାଧ କରିଥିଲେ। ଯେହେତୁ ୬ଟା୩୦ ସୁଦ୍ଧା ପ୍ରାର୍ଥୀଙ୍କ ଏଜେଣ୍ଟମାନେ ଉପସ୍ଥିତ ରହିବା କଥା ଏବଂ ସମ୍ପୃକ୍ତ ବ୍ୟକ୍ତି ପହଞ୍ଚି ନ ଥିବାରୁ ଅନ୍ୟମାନଙ୍କ ଉପସ୍ଥିତିରେ ବାକ୍ସ ସିଲ୍ କରି ଦିଆଯାଇଥିଲା। କିନ୍ତୁ ସମ୍ପୃକ୍ତ ବ୍ୟକ୍ତି ଏଥିରେ ପ୍ରତିକ୍ରିୟାଶୀଳ ହୋଇ ପାଟିତୁଣ୍ଡ କରିଥିଲେ। ତା'ପରେ ତାଙ୍କର ଅନ୍ୟ ସହଯୋଗୀମାନେ ପହଞ୍ଚି ଗଣ୍ଡଗୋଳ କରିଥିଲେ ବୋଲି ପ୍ରିଜାଇଡିଂ ଅଫିସର କୁଣ୍ଡୁ କହିଛନ୍ତି। ଏହାପରେ ଘଟଣାସ୍ଥଳରେ ଏସ୍‌ପି ଅଖିଳେଶ୍ୱର ସିଂ, ଅତିରିକ୍ତ ଜିଲାପାଳ ସାହୁ, ଜଗତ୍‌ସିଂହପୁର ତହସିଲଦାର, ବିଡିଓ, ବରିଷ୍ଠ ପୋଲିସ ଅଧିକାରୀମାନେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି।



ଡିଅପଟସରା ବୁଥ୍‌ରେ ଭଙ୍ଗାରୁଜା। ଚିରିଯାଇଥିବା ବାଲଟ ପେପର।

**ଜଗତ୍‌ସିଂହପୁର ଜିଲା**

- ଭଙ୍ଗାରୁଜା ସାଙ୍ଗକୁ ବାଲଟ ବାକ୍ସ ନେଇଗଲେ
- ୨ ଗୁରୁତର ସହ ୫ ଆହତ

### ୩ ବୁଥ୍‌ରେ ସାନି ମତଦାନ ପାଇଁ ସୁପାରିସ

ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ପଟସରାର ୨ ଓ ମଣ୍ଡାସାହି ପଞ୍ଚାୟତର ଗୋଟିଏ ମିଶାଇ ମୋଟ ୩ଟି ବୁଥ୍‌ରେ ସାନି ନିର୍ବାଚନ କରିବା ନିମନ୍ତେ ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ରାଜ୍ୟ ନିର୍ବାଚନ କମିଶନଙ୍କୁ ସୁପାରିଶ କରାଯାଇଛି। ଗତ ୧୬ ତାରିଖରେ ବାଲିକୁଦା ବ୍ଲକ ଅଞ୍ଚଳରେ ନିର୍ବାଚନ ହୋଇଥିଲା। କିନ୍ତୁ ଏହି ବ୍ଲକରେ ଜିଲାପରିଷଦ ପ୍ରାର୍ଥୀମାନଙ୍କ ପାଇଁ ଥିବା ବାଲ୍‌ଟ ପେପରଗୁଡ଼ିକ ମଧ୍ୟରୁ ପ୍ରାୟ୧୬ଟି କୌଣସି କାରଣବଶତଃ ଶୁକ୍ରବାର ମଣ୍ଡାସାହି ୧୩ନଂ. ବୁଥ୍‌ରେ ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ଜଣେ ଭୋଟର ପୋଲିଂ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସତ୍ୟତା ଜଣାପଡିବା ପରେ କେବଳ ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ପୁନଃ ନିର୍ବାଚନ କରିବାକୁ ରାଜ୍ୟ ନିର୍ବାଚନ କମିଶନଙ୍କୁ ସୁପାରିଶ କରାଯାଇଥିବା ଜିଲା ପଞ୍ଚାୟତ ଅଧିକାରୀ ଚକ୍ରଧର ମାହାଳି ସୂଚନା ଦେଇଛନ୍ତି।

# 'ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ବିଜେଡି ରାଜନୀତି କରୁଛି'

**ଭୁବନେଶ୍ୱର,୧୮।୨(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ଅସୁସ୍ଥ ହେବା ଗୁଜବ ଓ ଏହାର କିଛି ଘଣ୍ଟା ପରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିବା ଘଟଣାକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଛି କଂଗ୍ରେସ ଓ ଭାଜପା। କଂଗ୍ରେସର ରାଜ୍ୟ ମୁଖପାତ୍ର ସୁଦର୍ଶନ ଦାସ କହିଛନ୍ତି, କିଛି ଦିନର ଅଜ୍ଞାତବାସ ପରେ ମୁଖ୍ୟମନ୍ତ୍ରୀ ଆଜି ପଦାକୁ ଆସିଲେ, ଲିଙ୍ଗରାଜଙ୍କୁ ଦର୍ଶନ କଲେ ଓ ଗଣମାଧ୍ୟମ ସାମନାରେ ନିଜେ ସୁସ୍ଥ ଅଛନ୍ତି ବୋଲି କହିଲେ। ସେ ସୁସ୍ଥ ଅଛନ୍ତି ଜାଣି ଆମେ ଖୁସି ଓ ସୁସ୍ଥ ରହନ୍ତୁ ବୋଲି ଆମର ଲିଙ୍ଗରାଜଙ୍କ ପାଖରେ ପ୍ରାର୍ଥନା। କିନ୍ତୁ ନିଜେ ସୁସ୍ଥ ଅଛନ୍ତି ବୋଲି କହିବାବେଳେ ତାଙ୍କ ସ୍ୱାସ୍ଥ୍ୟକୁ ନେଇ ଗୁଜବ ଚାଲିଛି ବୋଲି ଯେଉଁ ଟିପ୍ପଣୀ ଦେଲେ ତାହା ଆମକୁ ରହସ୍ୟମୟ ଲାଗୁଛି। ଏହା ପୂର୍ବରୁ ଜାନୁଆରୀ ୨୬ରେ ଏହିଭଳି ଏକ ଗୁଜବକୁ ସେ ଖଣ୍ଡନ କରିବାକୁ ଯାଇ ଭୁବନେଶ୍ୱର ରାଜରାସ୍ତାରେ ଚାଲୁଥିବାର ଆମେ ଦେଖିଥିଲୁ। ଏଭଳି ଗୁଜବ ଯେପରି ରହସ୍ୟମୟ ତାକୁ ଖଣ୍ଡନ କରିବା ପାଇଁ କାର୍ଯ୍ୟ ପଦ୍ଧତି ସେହିପରି ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟିକରେ। ପ୍ରଶ୍ନଆସେ ଏସବୁ ନିଜ ଦଳର ପ୍ରାୟୋଜିତ କାର୍ଯ୍ୟ ନୁହେଁତ। ପୁଣି ମୁଖ୍ୟମନ୍ତ୍ରୀଙ୍କ ଚାଲି ଚଳଣୀରୁ ସେ ସମ୍ପୂର୍ଣ୍ଣ ସୁସ୍ଥ ପ୍ରତିତ ହେଉ ନ ଥିଲେ ଓ ଏଭଳି ସମୟରେ ସେ ଭଲ ଅଛନ୍ତି ବୋଲି ଦେଖାଇବା ପାଇଁ ତାଙ୍କୁ ଚଲାଇ ଚଲାଇ ନେବା ଦୁଃଖଦାୟକ। ତାଙ୍କ ସ୍ୱାସ୍ଥ୍ୟକୁ ନେଇ କୌଣସି ରାଜନୀତି ହେବା ଉଚିତ ନୁହେଁ ବୋଲି ଦାସ କହିଛନ୍ତି।

ଅନ୍ୟପକ୍ଷରେ ଭାଜପା ନେତା ଯତୀନ ମହାନ୍ତି କହିଛନ୍ତି, 'ଗୁଜବ ହେଲେ ବିଜେଡି ଭଲ କରେ' ବୋଲି ମୁଖ୍ୟମନ୍ତ୍ରୀ ନିଜେ ଗଣମାଧ୍ୟମକୁ କହିଛନ୍ତି, ଏଥିରୁ କିଏ ଏହି ଗୁଜବ ସୃଷ୍ଟି କରିଛି ସ୍ପଷ୍ଟ ଅନୁମେୟ। ଏହା ଭୂତ ହୋଇ ଲାଗିବା ଓ ଗୁଣିଆ ହୋଇ ଛଡେଇବା ସଦୃଶ। ନିର୍ବାଚନରେ ସହାନୁଭୂତି ସାଉଣ୍ଟିବା ପାଇଁ ବିଜେଡି ଓ ଏହାର କାର୍ଯ୍ୟକର୍ତ୍ତା ଏହିଭଳି ଗୁଜବ ସୃଷ୍ଟି କରିଛନ୍ତି। ପୂର୍ବରୁ ବି ଏହିଭଳି ଗୁଜବ ସୃଷ୍ଟି କରିଥିଲେ। ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ଆଳ ଦେଖାଇ ୨ ବର୍ଷ ହେବ ବିଧାନସଭା ମାଟି ମାଡ଼ିନାହାନ୍ତି। ଏପରିସ୍ଥଳେ ଗୁଜବ ଆଳରେ ଲିଙ୍ଗରାଜଙ୍କ ଦର୍ଶନ କରି ଗଣମାଧ୍ୟମକୁ ଆସିବା ରାଜନୀତି ଛଡ଼ା ଆଉ କିଛି ନୁହେଁ ବୋଲି ମହାନ୍ତି କହିଛନ୍ତି। ସେହିଭଳି ଦିଲୀପ ମହାନ୍ତି କହିଛନ୍ତି, ଯଦି ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କ ଗୁହାରି ନ ଶୁଣିବେ, ବିଧାନସଭାକୁ ନ ଯିବେ, ମନ୍ତ୍ରୀ ପରିଷଦ ବୈଠକ ନ କରିବେ, ଜିଲାସ୍ତରୀୟ ସମୀକ୍ଷା କରିବେନି, ତେବେ ତାଙ୍କ ଅନୁପସ୍ଥିତିକୁ ଲୋକମାନେ ଏଭଳି କିଛି ବୁଝୁଛନ୍ତି। ମୁଖ୍ୟମନ୍ତ୍ରୀ ମଧ୍ୟ ମଝିରେ ମଝିରେ ଗଣମାଧ୍ୟମରେ ବାହାରି ମ୍ୟାଜିକ୍ କରିବାରେ ଲାଗିଛନ୍ତି।

# ସରିଲା କୋଟିଆରେ ମତଦାନ

**ପଟ୍ଟାଙ୍ଗୀ,୧୮।୨(ଡି.ଏନ.ଏ.)**

ଦ୍ୱିତୀୟ ପର୍ଯ୍ୟାୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶୁକ୍ରବାର କୋରାପୁଟ ଜିଲା ଜଲା ପଟ୍ଟାଙ୍ଗୀ ବ୍ଲକରେ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ଏହି ନିର୍ବାଚନରେ କୋଟିଆ ପଞ୍ଚାୟତ ଉପରେ ସମସ୍ତଙ୍କ ନଜର ରହିଥିଲା। ବ୍ଲକ ଅଧୀନରେ ୨ଟି ଜିଲା ପରିଷଦ ଜୋନ ମଧ୍ୟରୁ ୧ନମ୍ବର ଜିଲା ପରିଷଦ ଜୋନର କୋଟିଆ ପଞ୍ଚାୟତ ଚର୍ଚ୍ଚାରେ ରହିଥିଲା। ଉକ୍ତ ପଞ୍ଚାୟତ ଅଧୀନରେ ଥିବା ୧୩ଟି ୱାର୍ଡର ୫୧୯୭ ଭୋଟରଙ୍କ ମଧ୍ୟରୁ ୩୯୬୬ ଭୋଟର ନିଜ ମତଦାନ ସାବ୍ୟସ୍ତ କରିଥିଲେ। ଏମାନଙ୍କ ମଧ୍ୟରେ ୨୦୧୦ ମହିଳା ମତଦାତା ଓ ୧୯୫୬ ପୁରୁଷ ମତଦାତା ରହିଥିବା ଜଣାପଡିଛି। କୋଟିଆରେ ମତଦାନ ହାର ୭୬.୦୩ ପ୍ରତିଶତ ରହିଥିବା ବେଳେ ବ୍ଲକରେ ମୋଟ ମତଦାନ ହାର ୭୯.୮୫ ପ୍ରତିଶତ ରହିଛି। ଏମାନଙ୍କ ମଧ୍ୟରେ ମହିଳା ମତଦାତା ୨୮ହଜାର ୯୨୪ ଓ ପୁରୁଷ ମତଦାତା ୧୮୨୦୬ ରହିଛନ୍ତି।

କୋଟିଆ ପଞ୍ଚାୟତ ଆନ୍ଧ୍ର ସୀମାନ୍ତରେ ଥିବାରୁ ପୋଲିସ ପ୍ରଶାସନ ପକ୍ଷରୁ ୧୩ ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଥିଲେ। ୭ଜଣଙ୍କୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ନିୟୋଜିତ କରାଯାଇଥିଲା। ଉପଜିଲାପାଳ ଲଳିତ କୁଅଁର, ଏଡିଏମ୍ ରାମେଶ୍ୱର ପ୍ରଧାନ, ଜିଲା ପୋଲିସର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉତ୍କଳ କେଶରୀ ଦାଶ, ସୁନାବେଡା ଏସ୍‌ଡିପିଓ ମନୋଜ ବେହେରା ପ୍ରମୁଖ ସୁରକ୍ଷା ବ୍ୟବସ୍ଥାରେ ଥିଲେ। ସେହିପରି ବ୍ଲକର ଅନ୍ୟତମ ପଞ୍ଚାୟତ ପୁକାଳି ପଞ୍ଚାୟତର ୧୦ନଂ.ବୁଥ୍‌ରେ କେତେକ ରାଜନୈତିକ ଦଳର କର୍ମୀ ପହଞ୍ଚି ଭୋଟରଙ୍କୁ ଏକ ନିର୍ଦ୍ଦିଷ୍ଟ ଦଳର ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଚାପ ପକାଇବାରୁ ସେଠାରେ ଏହାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଖବର ପାଇ ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲା। ସ୍ଥିତି ନ ସୁଧୁରିବାରୁ ପୋଲିସକୁ ଲାଠି ଚାଳନା କରିବାକୁ ପଡିଥିଲା। ବ୍ଲକର ପେଟୁରୁ ପଞ୍ଚାୟତର ୬ ନମ୍ବର ବୁଥ୍‌ରେ ଭୋଟରମାନେ ଭୋଟ ଦେବାରେ ବିଳମ୍ବ ହୋଇଥିବାରୁ ସେଠାରୁ ପୋଲିଂ ପାର୍ଟି ଖବର ଲେଖା ହେବାଯାଏ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିପାରିନାହାନ୍ତି। ଫଳରେ ସେଠାକାର ସ୍ପଷ୍ଟଚିତ୍ର ହସ୍ତଗତ ହୋଇପାରିନାହିଁ। ଅନ୍ୟପକ୍ଷରେ ବ୍ଲକର ମାଳିପୁଟ ପଞ୍ଚାୟତର ୬ନଂ ବୁଥ୍ ବଡାବାଲସା ଗ୍ରାମରେ ୧୦୦ ପ୍ରତିଶତ ଭୋଟର ସେମାନଙ୍କ ମତଦାନ କରିଛନ୍ତି। ସେହିପରି ୮ନଂ. ବୁଥ୍ ଚମ୍ପାଖେନ୍ଦାରେ ମତଦାନ ହାର ୯୩% ହୋଇଛି।





ଗଞ୍ଜେଇପଦରର ଏକ ବୁଥ୍‌ରେ ମହିଳାମାନେ ଭୋଟ ଦେବାକୁ ଧାଡିରେ ଛିଡା ହୋଇଛନ୍ତି।

### ପୁକାଳି ପଞ୍ଚାୟତରେ ଗଣ୍ଡଗୋଳ, ଲାଠିଚାଳନା

ପ୍ରଥମ ପୃଷ୍ଠାରୁ...

### ଅମୁନି ଭୋଟ...

ଦେଖିବାକୁ ମିଳିଥିଲା। ବିଭିନ୍ନ ସ୍ଥାନରେ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ସକାଳୁ ମତଦାନ ସାମାନ୍ୟ ମାନ୍ଦା ଥିଲେ ମଧ୍ୟ ୧୦ଟା ବେଳକୁ ଭୋଟଗ୍ରହଣ କେନ୍ଦ୍ରଗୁଡ଼ିକରେ ଭିଡ଼ ଦେଖିବାକୁ ମିଳିଥିଲା। ତେବେ କେତେକ ସ୍ଥାନରେ କାଁ ଭାଁ ଗଣ୍ଡଗୋଳକୁ ବାଦ୍ ଦେଲେ ମତଦାନ ଶାନ୍ତିପୂର୍ଣ୍ଣ ହୋଇଛି ବୋଲି ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ କହିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାଥମିକ ସୂଚନା ଅନୁଯାୟୀ ୭୧ ପ୍ରତିଶତ ମତଦାନ ହୋଇଥିବା ସେ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ହୋଇଥିବା ବିଶୃଙ୍ଖଳାକୁ କମିଶନର ଗମ୍ଭୀରତାର ସହ ବିଚାରକୁ ନେଇ ପରବର୍ତ୍ତୀ ପର୍ଯ୍ୟାୟରେ ଆଇନଶୃଙ୍ଖଳା ନିୟନ୍ତ୍ରଣ କରିବା ସହ ଶାନ୍ତିପୂର୍ଣ୍ଣ ଭାବେ ପଞ୍ଚାୟତ ନିର୍ବାଚନ ଶେଷ କରିବା ପାଇଁ ପୋଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଆଇନଶୃଙ୍ଖଳାରେ ଉନ୍ନତି ପରିଲକ୍ଷିତ ହୋଇଛି ବୋଲି କମିଶନର କହିଛନ୍ତି। କେତେକ ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ନିର୍ବାଚନ କାର୍ଯ୍ୟରେ ଅସୁବିଧା ସୃଷ୍ଟି ହେବା ଯୋଗୁ ଭୋଟଗ୍ରହଣ ବାଧାପ୍ରାପ୍ତ ହୋଇଛି। ପ୍ରାଥମିକ ରିପୋର୍ଟ ଅନୁଯାୟୀ ଯାଜପୁର ଓ ଜଗତ୍‌ସିଂହପୁର ଜିଲାର କିଛି ବୁଥ୍‌ରେ ନିର୍ବାଚନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି। ଏହାଛଡ଼ା ବାଲଟ ପେପର ତ୍ରୁଟି ପାଇଁ ଦୁଇ ତିନୋଟି ସ୍ଥାନରେ ପୁନଃ ମତଦାନ ହୋଇପାରେ ବୋଲି ନିର୍ବାଚନ କମିଶନର କହିଛନ୍ତି। ଆଗାମୀ ପର୍ଯ୍ୟାୟ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ କରିବା ନେଇ ନିର୍ବାଚନରେ ଭାଗ ନେଇଥିବା ସମସ୍ତ ଅଧିକାରୀ, ପୋଲିସ କର୍ତ୍ତୃପକ୍ଷ ଓ ଜନସାଧାରଣଙ୍କ ସହଯୋଗ ଲୋଡ଼ିଛନ୍ତି।

### ୩ ପୋଲିସ...

ଆଦିତ୍ୟ ସେନ୍ ପାପଡ଼ାହାଣ୍ଡି ଡାକ୍ତରଖାନାରେ ପହଞ୍ଚିଛନ୍ତି। ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ସଦର ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଛି। ସେଠାରେ ଜିଲାପାଳ କମଳଲୋଚନ ମିଶ୍ର, ଏସ୍‌ପି ପି.ଏସ୍.ପରଷୋତ୍ତମ ଦାସ, ନବରଙ୍ଗପୁର ଏସ୍‌ଡିପିଓ ନିହାର ରଞ୍ଜନ ପଟ୍ଟନାୟକ, ଥାନାଧିକାରୀ ତାରକ ଅହମ୍ମଦ, ଏଏସ୍‌ଆଇ ଅଶୋକ ଦେଓ ଉପସ୍ଥିତ ଅଛନ୍ତି।



# ସଅଳ ବୁଡ଼ିଲା ସଞ୍ଜ

## ପ୍ରଦକ୍ଷିଣ



ଡ. ପ୍ରସନ୍ନ କୁମାର ମହାନ୍ତି

ଡିସେମ୍ବର ୨୮ ତାରିଖରୁ ଅର୍ଥାତ୍ ଦେଢ଼ମାସରୁ ଉର୍ଦ୍ଧ୍ୱକାଳ ଧରି ସେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ଆରୋଗ୍ୟ ଲାଗି ସମସ୍ତଙ୍କ ପ୍ରାର୍ଥନା ସତ୍ତ୍ୱେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ଘଟୁ ନ ଥିଲା, ବରଂ ଶଙ୍କା ଓ ସଙ୍କଟ ବଢ଼ି ଚାଲିଥିଲା। ଦୁଇ ପୁଅ ଶ୍ୱେତପଦ୍ମ ଓ ଶ୍ୱେତସ୍ୱପ୍ନ ଯଥାକ୍ରମେ ଯୁକ୍ତରାଷ୍ଟ୍ର ଆମେରିକାର ସିକାଗୋ ଓ ଡେଲାୱାର୍‌ରୁ ଆସି ପାଖରେ ପହଞ୍ଚି ସାରିଥିଲେ। ବ୍ରେନ୍ ଷ୍ଟ୍ରୋକ୍ ଦ୍ୱାରା ଶରୀର ଆଂଶିକ ଭାବେ ପକ୍ଷାଘାତଗ୍ରସ୍ତ ହୋଇପଡ଼ିଥିଲା। ତା'ପରେ କରୋନା ସଂକ୍ରମଣ, ନିଉମୋନିଆ ଓ ଫୁସ୍‌ଫୁସ୍ ସଂକ୍ରମଣ। ଏତେ ଏତେ ସଶସ୍ତ୍ର ଶତ୍ରୁଙ୍କ ଅତି ନୃଶଂସ ଓ ନିଷ୍ଠୁର ସମବେତ ଆକ୍ରମଣକୁ ସାମ୍ନା କରିବାକୁ ଆବେଗସର୍ବସ୍ୱ, ସମ୍ବେଦନଶୀଳ, ଜୀବନବାଦୀ ସ୍ୱପ୍ନାତୁର କବିର ଅସ୍ତ୍ରଶସ୍ତ୍ର ଥିଲା ଅତି ସୀମିତ।

ଫେବୃୟାରୀ ୧୬ ତାରିଖ ଅପରାହ୍ଣ ୩ଟା ୪୫ ମିନିଟ୍। ସୂର୍ଯ୍ୟାସ୍ତ ଆହୁରି ଡେରିଥାଏ; କିନ୍ତୁ ଓଡ଼ିଆ କବିତାର ଆକାଶରୁ ଏକ ଉଜ୍ଜ୍ୱଳ ନକ୍ଷତ୍ର ଅକାଳରେ ଅସ୍ତ ହୋଇଗଲା।

୪୫ ବର୍ଷ ତଳେ ତାଙ୍କ ସହ ପ୍ରଥମ ସାକ୍ଷାତରୁ ହିଁ ସେ ହୋଇଯାଇଥିଲେ 'ହରଭାଇ'। ସେ ସମ୍ପର୍କ ବନ୍ଧୁତାରେ ପରିଣତ ହୋଇ କ୍ରମଶଃ ନିବିଡ଼ତର ହୋଇ ଚାଲିଥିଲା। ସାହିତ୍ୟିକ ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, ହରଭାଇ ଓ ମୋ' ସ୍ତ୍ରୀ– ତିନି ଜଣଙ୍କ ନାଁ– ଜ୍ୟୋତ୍ସ୍ନା। ପ୍ରଫୁଲ୍ଲ ବାବୁ ଏମାନଙ୍କୁ ନାଁ ଦେଇଥିଲେ: ହର ଜ୍ୟୋତ୍ସ୍ନା, ପର (ପ୍ରସନ୍ନ) ଜ୍ୟୋତ୍ସ୍ନା ଓ ଘର (ନିଜ ଘରର) ଜ୍ୟୋତ୍ସ୍ନା।

୨୦୧୯ ମସିହାରେ ଯେତେବେଳେ ଭୁବନେଶ୍ୱର ଗ୍ୟାରେଜ୍ ଛକରେ ହରଭାଇଙ୍କ ପଡ଼ୋଶୀ ହୋଇ ଘର କଲି, ଭାଉଜ ମୋ' ସ୍ତ୍ରୀକୁ କହିଲେ– ଏଥର ସବୁଦିନ ସାଙ୍ଗ ହୋଇ ତାସ୍ ଖେଳିବା; ଦିନେ ତମ ଘରେ ତ' ଦିନେ ଆମ ଘରେ।

ଗଭୀର ଆବେଗ ଓ ଜୀବନବୋଧକୁ କଳାତ୍ମକ ରୂପ ଦେବା ଥିଲା ତାଙ୍କ କବିତାର ବୈଶିଷ୍ଟ୍ୟ। ତାଙ୍କର କବିତା ସଂକଳନ 'ଏକା ଏକା ସନ୍ୟାସୀ', 'ଅଥୟ ସୂର୍ଯ୍ୟ', 'ଆୟୁଷ୍ମାନ୍ ସମୟ', 'ସବୁ ଅନ୍ଧାର ଆଜି ରାତିରେ', 'ଜୀବନଜଂଘା', 'ଅରଣ୍ୟରେ ଯେତେଦିନ', 'ମନେ ଅଛି ମନେ ନାହିଁ', 'ନଷ୍ଟ ହୋଇଯିବାର ମୋହ' (୨୦୧୨ ମସିହା ଲାଗି ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ) ବ୍ୟତୀତ ଗ୍ରୀକ୍ କବିତାର ଓଡ଼ିଆ ଅନୁବାଦ ଗ୍ରନ୍ଥ 'ନୀରବତାର ସ୍ୱର', କବି ରମାକାନ୍ତ ରଥଙ୍କ କବିତାର ଇଂଲିଶ୍ ଅନୁବାଦ ଗ୍ରନ୍ଥ 'ସୋଲ୍‌ଜର ଇନ୍ ଏକ୍‌ଜାଇଲ୍', କଥାକାର ହୃଷୀକେଶ ପଣ୍ଡାଙ୍କ ଗଳ୍ପର ଇଂଲିଶ୍ ଅନୁବାଦ ଗ୍ରନ୍ଥ 'ହକ୍ସ ଏଣ୍ଡ ଅଦର୍ ଷ୍ଟୋରିଜ୍' ପ୍ରଭୃତି ତାଙ୍କ ସାହିତ୍ୟିକ ଉତ୍ସର୍ଗ ଓ ଉତ୍କର୍ଷର ସାକ୍ଷ୍ୟ ବହନ କରନ୍ତି। 'ପ୍ରୋବିଟାସ୍' ଓ 'ଭର୍ଟେକ୍ସ' ନାମକ ଦୁଇଟି ଇଂରାଜୀ ସାହିତ୍ୟ ପତ୍ରିକା ଓ 'ଆବର୍ତ୍ତ' ନାମକ ଓଡ଼ିଆ ସାହିତ୍ୟ ପତ୍ରିକାର ସେ ଥିଲେ ସଫଳ ସମ୍ପାଦକ। ଦୁଇ ଦୁଇ ଥର ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଭାବେ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳସଚିବ ଭାବେ ଏବଂ ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ସଂସ୍ଥାର ନିର୍ଦ୍ଦେଶକ ଭାବେ ସଫଳତାର ସହ ଦାୟିତ୍ୱ ନିର୍ବାହ କରି ସେ ନିଜ ପ୍ରଶାସନିକ ଦକ୍ଷତାର ପରିଚୟ ଦେଇଥିଲେ। ୨୦୧୧ରେ ସରକାରୀ ବୃତ୍ତି-ବିରତ ହେବା ପରେ ଅକ୍ଟୋବର ୨୦୧୪ରୁ ଶେଷଜୀବନ ପର୍ଯ୍ୟନ୍ତ 'ସର୍ବସାଧାରଣ'ର ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ଆତ୍ମସର୍ଜନଶୀଳତାର ପ୍ରଥମ ଗବେଷକ ଭାବେ ସେ ନିଜ କବିତାବଳୀକୁ ଗବେଷଣାର ବିଷୟବସ୍ତୁ କରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଉପାଧି ପାଇଥିଲେ। ତାଙ୍କ ସନ୍ଦର୍ଭର ଶୀର୍ଷକ ଥିଲା 'ଡଷ୍ଟ ଆଟ୍ ଏ ଡିଷ୍ଟାନ୍ସ'।



**ହରପ୍ରସାଦ ପରିଚ୍ଛା ପଟନାୟକଙ୍କ** ଜନ୍ମ ୧୯ ଅକ୍ଟୋବର ୧୯୫୩ରେ ଗଞ୍ଜାମ ଜିଲା ଖଲ୍ଲିକୋଟର ବିକ୍ରମପୁର ଗାଁରେ। ବୃତ୍ତି ଜୀବନରେ ଅଧାପନା ଓ ପ୍ରଶାସନ-ଉଭୟ କ୍ଷେତ୍ରରେ ସେ ଥିଲେ ସଫଳତାର ଏକ ଉଦାହରଣ। 'ଧରିତ୍ରୀ' ସାହିତ୍ୟ ପୃଷ୍ଠାରେ ତାଙ୍କର ବହୁ କବିତା ପ୍ରକାଶିତ ଓ କବିତା ପାଇଁ ସେ ଧରିତ୍ରୀ କବିତା ପୁରସ୍କାରପ୍ରାପ୍ତ। ସମ୍ଭବତଃ ଜଣେ ଭିନ୍ନ ଧାତୁର କବି ଭାବେ ଲୋକଲୋଚନରେ ଏହା ହିଁ ଥିଲା ତାଙ୍କର ଅନନ୍ୟ ଦୃଶ୍ୟମାନ ଛବି। ବହୁ ସଫଳ କବିତା, ଅନୁବାଦ ଓ ଗଦ୍ୟ ରଚନାର ସ୍ରଷ୍ଟା ଏହି ସମୟୋତ୍ତୀର୍ଣ୍ଣ କବି ନିଜର ଉଲ୍ଲେଖନୀୟ କୃତି ପାଇଁ ବହୁ ପୁରସ୍କାର ସହ ତାଙ୍କର 'ନଷ୍ଟ ହୋଇଯିବାର ମୋହ' କବିତାଗ୍ରନ୍ଥ ପାଇଁ ୨୦୧୨ରେ ପାଇଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର। ତାଙ୍କ ଦୁଃଖଦ ବିୟୋଗରେ ତାଙ୍କ ସ୍ମୃତି ପ୍ରତି ସମ୍ମାନ ଜଣାଇ ଏଠାରେ ପତ୍ରସ୍ଥ ଏହି ଶୋକାଲେଖ୍ୟ...



ବୟସ ବା କେତେ ହୋଇଥିଲା; ମାତ୍ର ୬୯ ବର୍ଷ। ତାଙ୍କ ନିସ୍ପନ୍ଦ ଶରୀର ପାଖରେ ନିର୍ବାକ୍ ହୋଇ ଛିଡ଼ା ହୋଇ ଚୁପ୍‌ଚାପ୍ ଭାବି ଚାଲିଥିଲି: ମାତ୍ର ଦୁଇମାସ ତଳେ ଥରେ ଫୋନ୍‌ରେ କଥା ହେଲାବେଳେ ସେ କହିଲେ– ମୁଁ ମରିଗଲେ, ପ୍ରସନ୍ନ ଆଉ କିଏ ଆସୁ ନ ଆସୁ, ତୁ ତ' ନିଶ୍ଚେ ଆସି ପହଞ୍ଚିବୁ! ମୁଁ କହିଲି– ସେ ଦିନ କେବେ ଆସିବ କିଏ କହିବ? ସେତେବେଳକୁ ମୁଁ କ'ଣ ଆଉ ଥିବି ହରଭାଇ!

ସବୁ ପରିକଳ୍ପନା ସ୍ୱପ୍ନ ହୋଇ ରହିଗଲା। ମାତ୍ର ଦୁଇ ମାସରେ ନ ଘଟିବା କଥା ଘଟିଗଲା। ତାଙ୍କ ଆତ୍ମୀୟତାର ଋଣ ପରିଶୋଧ କରିବାକୁ ଅଦୃଷ୍ଟର ମଞ୍ଜୁରୀ ମିଳିଲାନି। ଆଜି ମୁଁ ସିନା ଅଛି, କିନ୍ତୁ ମୋତେ ଲାଗୁଛି ମୁଁ ଅଳ୍ପ ମରିସାରିଛି; ଆଉ ଅଳ୍ପ କିଛି ମାତ୍ର ବାକି ଅଛି।

ଅବସରପ୍ରାପ୍ତ ଅଧ୍ୟକ୍ଷ
ବିଜେବି କଲେଜ, ଭୁବନେଶ୍ୱର

## କବିତା

### ଦର୍ପଣ ସେପାଖେ ମୁହଁ

ଚକ୍ରପାଣି ପରିଚ୍ଛା

ଦର୍ପଣ ସେପାଖେ ମୁହଁ

ସେ ମୁହଁ
ଯଦି ତମର ନୁହଁ
ତେବେ କାହାର
ଈଶ୍ୱରଙ୍କର କି ଆଉ

ନିଜର ବୋଲି ତ ଦାବି
ହୋଇପାରେନା
ମୁହଁର ରେଖାସବୁ
ଲାଗନ୍ତି ବେଶ୍ ବୟସ୍କ
ନିଜଠୁ ବି।

ଦର୍ପଣ ସେପାଖେ ଥାଇ
ଯେଉଁ ମୁହଁ ଉଙ୍କିମାରୁଥାଏ
ତା' ଆଖି ବି
ଦର୍ପଣ ପରି ଇ ଲାଗେ

ଆଖି ଅଥବା ଦର୍ପଣ
ଲାଗେ ଯେମିତି ଶୂନ୍ୟ ଇଲାକା
ଯୋଉଠି ସୂର୍ଯ୍ୟ ନ ଥାଏ
ଜହ୍ନ ନ ଥାଏ
ତାରାମାନଙ୍କ ଭିଡ଼ ବି

ତଥାପି ସେଠି ଥାଏ ତ,
କେହି ଜଣେ
ଯିଏ ନିଜ ଉପରୁ
ବିଶ୍ୱାସ ହରେଇ ସାରିଥାଏ

ଏବଂ ମରିଯାଇଛି ସେ
ପରାର୍ଦ୍ଧ ଯୁଗ ତଳୁ,
ଯେବେ ଆକାଶ ନ ଥିଲା
ପୃଥିବୀ କି ଗଛବୃଚ୍ଛ

ଝୁଲୁରାଏ ମାଂସ
କେଇଖଣ୍ଡ ହାଡ଼ର ଯୋଡ଼େଇ
ଧାରେ ପବନର ଆତଯାତ
ଗୋଟେ ଦେହ
ଏମିତି ବଞ୍ଚିବା ଗୋଟେ ଅଜବ ବାହାନା
ଅନିଚ୍ଛାକୃତ ସଉକ

ଦର୍ପଣ ଭାଙ୍ଗି
ଚୂର୍‌ମାର ହେବା ପରେ ବି
ପ୍ରତି ଭଗ୍ନାଂଶରେ ସେଇ ମୁହଁ
ଯାହା ତମର ନୁହଁ
ବୋଧେ ନିଜର।

ମୋ: ୯୧୭୮୬୪୭୧୩୭

### ପୁଞ୍ଜିପତିଙ୍କ ଦେଶ

ନିରାକାର ଦାସ

ରାଜାଙ୍କ ଗୋଇଠା
ଜମିଦାରଙ୍କ ଛାଟ, ବସି ବସି
ଏତେ ହେଲା ଯେ, ଏ ଦେହ ଶକ୍ତ
ସବୁ ଅତ୍ୟାଚାରକୁ ମୁଣ୍ଡେଇବାକୁ
ହୋଇଲୁ ପ୍ରସ୍ତୁତ।

ଯବନଙ୍କ ପ୍ରହାର
ଇଂରେଜଙ୍କ ଲାଠିମାଡ଼, ସହି ସହି
ଆମ ରକ୍ତରେ ଏମିତି
ଚରିଗଲା ନପୁଂସକତ୍ୱ
ଏବେ ଦେଖି ବି ଦେଖିପାରୁନୁ
ଆମ ପେଟରେ ବସୁଥିବା
ପୁଞ୍ଜିପତିଙ୍କ ଲାତ,
ମୁଣ୍ଡ ଉପରେ ସବାର
ସାଆନ୍ତିଆ ସଂସ୍କୃତିର ଭୂତ।

ଏବେ ଶୁଣି ବି ଶୁଣିପାରୁନୁ
ସାତସିଁଆ ଶାଢ଼ି ପିନ୍ଧି,
ରାଜଦାଣ୍ଡେ ଶୋଇ ଶୋଇ
ସଭ୍ୟତା କେମିତି ବିଳିବିଳଉଛି
ଦେଖି ଦେଖି ଆଉ ଏକ
ମହାଭାରତ ଯୁଦ୍ଧର
ମାରାତ୍ମକ ସ୍ୱପ୍ନ।

ଏବେ ଜାଣି ବି ଜାଣିପାରୁନୁ
ଜହ୍ନ ଆଖିରୁ ଲୁହ ଗଡ଼ି ଗଡ଼ି
ଭିଜେଇ ସାରିଲାଣି ଧରଣୀର ବକ୍ଷ।
ତାରାମାନଙ୍କ ତାଣ୍ଡବ ନୃତ୍ୟରେ
ଥରହର ଆମ ଅନ୍ତରୀକ୍ଷ।

ଆମେ ଜାଣି ବି ଅଜଣା
ଏହା ଏକ ପୁଞ୍ଜିପତିଙ୍କ ଦେଶ,
ମାଲିକ, ମଉଡ଼ମଣିମାନେ ପିନ୍ଧିଛନ୍ତି
ପ୍ରାଚୁର୍ଯ୍ୟ କବଚ।

ତଥାପି, ଆମେ ବଳଦ ପରି ଚଷିଚାଲିଛୁ
ତାଙ୍କ ବାଉନବାଟି ଚାଷ।
ଏବେ ବି ଗଧ ପରି କାନ୍ଧେଇ ଚାଲିଛୁ
ତାଙ୍କ ପଣ୍ୟ ଆଉ ଶସ୍ୟ।

କେଜାଣି କେବେ ଆମ ଅନ୍ଧକାର ମନ
ହେବ ଆଲୋକିତ,
ଆମ ଜ୍ଞାନରେ ଗଜୁରିବ
ସର୍ବହରା ସଂସ୍କୃତିର ବୀଜ।
ଆମ ଚେତନା ଚଉହଦିରେ
ଶୁଭିବ ସାମ୍ୟବାଦ ଶଂଖନାଦ।

ମୋ: ୯୪୩୭୦୧୩୧୩୯

## ପୁସ୍ତକ ପରିଚୟ

### ଗାଆଁର ପଣତକାନି



**କବି:** ହୃଦାନନ୍ଦ ପାଣିଗ୍ରାହୀ
**ପ୍ରକାଶକ:** ବିଜୟିନୀ ପବ୍ଲିକେଶନ୍ସ, କଟକ-୧୨
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୧୨୦/-

ମୋଟ ୫୩ଟି କବିତାର ଏକ କମନୀୟ ପରିକଳ୍ପନା ଏ ବହିଟି। 'ନାଂଦିମୁଖ'ରେ ହୃଦାନନ୍ଦ କହନ୍ତି: ''ଭୋଗି ଚାଲିଥିବା ସମୟ ଓ ଜୀବନର କଥାକୁ କହି ନ ଦେଲେ ତା'ର (କବିର) ମୁକ୍ତି କାହିଁ? x x ଆତ୍ମା ପରି କବିତା ତ ସବୁବେଳେ ଅଜର, ଅମର।'' ବହିର ପ୍ରତ୍ୟେକଟି କବିତା କବିଙ୍କର ଅଙ୍ଗେନିଭା ଅନୁଭୂତି, ସବୁ ସତ, ମିଛ କେବଳ କବିତାଗୁଡ଼ିକର କାରିଗରି। ଏ 'ମିଛ' କଳ୍ପନା ଓ କଳ୍ପନାକୁ ଶବ୍ଦର ମଧୁରିମା ଓ ଚମତ୍କାରିତାରେ ଫୁଟାଇବା। ହୃଦାନନ୍ଦଙ୍କ କବିଦୃଷ୍ଟି ଓ କବିକୌଶଳକୁ ପାଠକଙ୍କ ନିକଟରେ ତୋଳିଧରିବା ଲକ୍ଷ୍ୟରେ ଦୁଇଟି ଉଦ୍ଧୃତିର ଉଲ୍ଲେଖ କରାଯାଇପାରେ: ୧. ''ଯଉଁ ଜମିକି କରିଥିଲି ଷୋଳ ମୁହାଁସ/ ସେଇ କ୍ଷେତର ଗୋଟେ କଣରେ/ ମୁହଁମାଡ଼ି ପଡ଼ିଚଂତି/ ଚଢ଼େଇଗୋଡ଼ିଆ ମାରି ଯାଇଥିବା/ କିଛି ଧାନଗଛ।'' ('ଧାନ ପାଚୁଚି' ପୃ:୮୧), ୨. ''ରାତିର କାଳି ଅଂଧାରରେ/ ପେଚାଟିଏ ଗଛର ଅଗ ଛତିରିରେ ବସି/ ଆଗତ ଭବିଷ୍ୟ ଗୁଣିହୁଏ/ ମା' ତାକୁ 'ଅଲକ୍ଷଣି' କହି/ 'ଦେଢ଼ଶୁର ଅଇଁଠା ଖା' ବୋଲି/ ଛଟାଟିଏ ମେଲେ।'' ('ଖଳାରେ ସଜନାଗଛ'- ପୃ:୧୧୯)। -ଏହିପରି ବହିସାରା ଶବ୍ଦ, ସଂସ୍କୃତି ଓ ସ୍ମୃତିର ଉତ୍ସବ ଲାଗି ରହିଥାଏ ହୃଦାନନ୍ଦଙ୍କ କବିତାରେ। ପାଠକ ଏଥିରୁ ପାଏ ନିଜ ଜୀବନର କଥା ନିଜ ବାଗରେ। ବହିଟି ଓଡ଼ିଆ ପାଠିକାପାଠକଙ୍କ ଦ୍ୱାରା ବହୁ ଭାବେ ଆଦୃତ ହେବ, ଏହା ନିଃସନ୍ଦେହ।

### ରଙ୍ଗ ତୂଳୀର ଜୀବନ



**ଲେଖକ:** ଶ୍ରୁତକୀର୍ତ୍ତି ତ୍ରିପାଠୀ
**ପ୍ରକାଶକ:** ଇଭେଣ୍ଟ୍ସ ପବ୍ଲିକେଶନ୍, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୫୦/-

ମୋଟ ୨୯ଟି ଗଳ୍ପ ବହିଟିରେ, ୨୯ଟି ଛୋଟ ସ୍ୱପ୍ନ ପରି ମନୋରମ। ବହିର ଆରମ୍ଭରେ ଗାଳ୍ପିକା ହିରଣ୍ମୟୀ ମିଶ୍ର ଲେଖିଛନ୍ତି: ''ବାମାଚରଣ ମିତ୍ରଙ୍କ ଭାଷାରେ 'ତତ୍ତ୍ୱକୁ ଲୀଳାୟିତ କରିବା ହିଁ ଗପର ମୂଳକଥା। x x ଶ୍ରୁତକୀର୍ତ୍ତିଙ୍କର ଗପ ସବୁ ପଢ଼ିବା ବେଳେ ମତେ ଖୁବ୍ ସୁନ୍ଦର ଭାବେ ରଚିତ ସେଇ ଲୀଳା ହିଁ ସ୍ପଷ୍ଟ ଦିଶିଲା। ସବୁଠୁ ଭଲ ଲାଗିଲା ଏ ସବୁ ଗପରେ କାହାଣୀ ଓ ଚରିତ୍ର ଚୟନର ବିବିଧତା x x।'' 'ପରଘର ଝିଅ' ବହିର ଛବିଶ ନମ୍ବର ଗପ। ଶ୍ରୀ ଗପର କେନ୍ଦ୍ରବିନ୍ଦୁରେ, ଯାହାର ଅନୁଭୂତି ଦେଇ ଝିଅର ସ୍ୱରୂପ ଆଙ୍କିଛନ୍ତି ଗାଳ୍ପିକା। ବାପଘର ହେଉ କି ଶାଶୁଘର– ଝିଅ ପାଇଁ ଦି'ଟି ଯାକ ପରଘର– ଏକଥା କହିବା ମଝିରେ ଶ୍ରୁତକୀର୍ତ୍ତିଙ୍କ ନିର୍ଣ୍ଣୟ ହେଲା– ''ବୋଧହୁଏ ଏହା ହିଁ ଝିଅଟିଏର ବଡ଼ପଣ, ଯେ ପ୍ରତି ମୁହୂର୍ତ୍ତରେ ଅନାୟାସରେ ସତ ସବୁକୁ ସେ ଲୁଚେଇ ଦେଇପାରେ। ତା' ମନକଥା ଘର ଲୋକଙ୍କ ପାଇଁ ଏକ ଅବୁଝା ଭାଷା ବ୍ୟତୀତ ଆଉ କିଛି ନୁହେଁ।'' (ପୃ. ୧୩୦)। ଗପଟିର ସୁଠାମ ଗଠନ ସତ୍ତ୍ୱେ ଏହାର ଅପରିପକ୍ୱ ଅଂଶଟି ହେଲା ଗପର ଉପସଂହାର, ଯାହା ଏକ ଘୋଷଣାନାମା ପାଲଟିଗଲା। ଗଳ୍ପକୁ ଅବାଞ୍ଛିତ ଡାକପକାରୁ ସୁରକ୍ଷା ଦେବା ହେଉଛି ଗାଳ୍ପିକର ସବୁଠୁଁ ବଡ଼ ଦାୟିତ୍ୱ। ଜୀବନକୁ ଚିହ୍ନି ଆସୁଥିବା ଶ୍ରୁତକୀର୍ତ୍ତି ଗଳ୍ପକଳାରେ ଊଣାଅଧିକେ ହାତ ପାକଳ କଲେଣି। 'ଶେଷସ୍ପର୍ଶ'ର ତରିକାଟି ବି କ୍ରମେ ତାଙ୍କ ଆୟତ୍ତକୁ ଆସିଯିବ– ଏ ବିଶ୍ୱାସ ଆଲୋଚ୍ୟ ବହିଟି ପାଠକର ମନରେ ବାରବାର ଉଦ୍ରେକ କରେ।

## ମିନି ଗଳ୍ପ

### ହାତପେଡ଼ି

ଶିବ ମିଶ୍ର

ବିଧବା ହେବା ପରେ ସେ ବଦଳି ଯାଇଥିଲେ। ଅନର୍ଗଳ କଥା କହୁଥିବା ମଣିଷଟି ଏବେ ପୂରା ମୂକ ପାଲଟି ଯାଇଥିଲେ। କାହା ସାଙ୍ଗରେ କଥା ନାହିଁ, ବାର୍ତ୍ତା ନାହିଁ। ସାଇ ପଡ଼ିଶା ତ ଦୂରରେ, ଘର ଭିତରେ, ତାଙ୍କ ପାଖରେ ରହୁଥିବା ପୁଅ ବୋହୂଙ୍କୁ ବି ଭଲକରି ପଦେ କଥା କହୁ ନ ଥିଲେ। ତାଙ୍କ ଶୋଇଲା ବଖରାଟିରେ ତୁନି ହୋଇ ବସି ରହୁଥିଲେ। ଆଉ ସିଏ ବାହାହୋଇ ଆସିଲାବେଳେ ସାଙ୍ଗରେ ଆଣିଥିବା ସେହି ଛୋଟିଆ କାଠ ପେଡ଼ିଟିକୁ ଥରକୁ ଥର ଖୋଲି ଦେଖୁଥିଲେ। ସେଥିରେ ସିଏ କ'ଣ ରଖିଥିଲେ କେଜାଣି? ଆଉ କେହି ସେଇଆଡ଼କୁ ଆସୁଥିବାର ଦେଖିଲେ ଚଟ୍‌କିନା ପେଡ଼ିଟାକୁ ମୁଦି ଦେଉଥିଲେ। ଅନେକ ଥର ଚେଷ୍ଟା କରି ବି ତାଙ୍କ ବୋହୂ ଜାଣିପାରି ନ ଥିଲେ ସେ ପେଡ଼ିରେ ଶାଶୁ କ'ଣ ରଖିଛନ୍ତି।



ମନ ଭାଙ୍ଗି ଯାଇଥିବା ମଣିଷର ଦେହ ଭୁଶୁଡ଼ିବାକୁ ବେଶି ସମୟ ଲାଗେ ନାହିଁ। ଦିନ ଦି'ଚାରିଟା ଦେହ ଅସୁଖରେ ପଡ଼ି ଏଇ ସକାଳୁ ସକାଳୁ ଆରପୁରକୁ ଚାଲିଗଲେ ସିଏ। ବନ୍ଧୁ ପରିଜନମାନେ ରୁଣ୍ଡ ହୋଇଗଲେ। ଦାଣ୍ଡଦୁଆରେ କୋକେଇ ବନ୍ଧା ହେଉଥିଲା। ପୁଅ ଅଗଣାରେ ମୁହଁ ପୋତି ବସିଥିଲେ। ବୋହୂ ତରତର ହୋଇ ଆସି ତାଙ୍କ ହାତକୁ ଲଫାପାଟିଏ ବଢ଼ାଇ ଦେଇ କହିଲେ—ବୋଉଙ୍କର ସେ ହାତପେଡ଼ିରେ ଖାଲି ଏଇଟା ଥିଲା ଆଉ କିଛି ନାହିଁ। ଏଇଟାକୁ ସିଏ ଦିନରେ ଶହେଥର କାହିଁକି ଦେଖୁଥିଲେ କେଜାଣି! ବୋହୂଙ୍କ ହାତରୁ ଲଫାପାଟି ନେଇ ଦେଖିଲା ପରେ ପୁଅ କହିଲେ– ବାପା ତାଙ୍କ ଜୀବନକାଳରେ ଥରଟିଏ ପାଇଁ ବୋଉକୁ ଏକୁଟିଆ ଛାଡ଼ି କଟକ ଯାଇଥିଲେ ଦିନ କେତେଟା ପାଇଁ। ସେତେବେଳେ ସିଏ ଏଇ ଚିଠିଟି ଡାକରେ ପଠାଇଥିଲେ, ଯାହାକୁ ବୋଉ ସାଇତି ରଖିଥିଲା ତା'ର ହାତପେଡ଼ିରେ।

ମୋ: ୯୮୫୩୦୭୦୦୧୮

## କାଳକାଳକୁ



''ରୋମାଣ୍ଟିକ୍ ପ୍ରେମ ଏକ ମରୀଚିକା, ଏହା ଜଣାପଡ଼େ ପ୍ରେମ ସରିଯିବା ପରେ ବା ବିବାହର ରୂପ ନେଇ ଫିକା ହେବା ପରେ।''
– ଥୋମାସ୍ ମୁରେ

**ଥୋମାସ୍ ମୁରେଙ୍କ** ଜନ୍ମ ୨୮ ମେ ୧୭୭୯ରେ, ଆୟର୍ଲାଣ୍ଡର ଡବ୍‌ଲିନ୍‌ରେ ଓ ପରଲୋକ ୨୫ ଫେବୃୟାରୀ ୧୮୫୨ରେ ଇଂଲଣ୍ଡର ବ୍ରୋମ୍‌ହାମ୍‌ରେ। ଏକାଧାରରେ କବି, ବ୍ୟଙ୍ଗକାର ଓ ସଙ୍ଗୀତ-ଶିଳ୍ପୀ। ପ୍ରମୁଖ କୃତି: 'Irish Melodies' (୧୮୦୭-୩୪) ଓ 'Lalla Rookh' (୧୮୧୭)। ପ୍ରଥମଟିରେ କବିତା ଓ ସଙ୍ଗୀତ ସମନ୍ୱିତ, ଯାହା ଅଭିଜାତ ଶ୍ରୋତା-ମହଲରେ ପରିବେଷିତ ତଥା ଅର୍ଥକରୀ। ଦ୍ୱିତୀୟଟି ବହୁଳ ଭାବେ ଅନୂଦିତ। ଇଂଲିଶ୍ ଓ ଆଇରିଶ୍ କବିତାର ବିଶ୍ୱସ୍ତ ସେତୁ ଥିଲେ ମୁରେ।

## ଗଳ୍ପ

### ଗ୍ରହ

ଶରତ କୁମାର ଦାସ

ପ୍ରତିଦିନ ସକାଳୁ ସକାଳୁ ସେ ମୁଢ଼ିବାଲିଟି ଆମ ସାହିକୁ ମୁଢ଼ି ବିକ୍ରି କରିବାକୁ ଆସେ। ସପ୍ତାହରେ ଥରେ ମୁଁ ତା'ଠାରୁ ପଇଁତିରିଶ ଟଙ୍କାର ମୁଢ଼ି କିଣେ। କିନ୍ତୁ ସେ ପ୍ରତିଦିନ ଆମ ଦୁଆର ଖଟ୍‌ଖଟ୍ କରେ। ମୁଢ଼ି କିଣିବା ପାଇଁ ଅନୁରୋଧ କରେ। ଦିନେ ମୁଁ କହିଲି, ସପ୍ତାହରେ ଥରେ ତ ମୁଁ ତମଠାରୁ ମୁଢ଼ି କିଣୁଛି, ତମେ ପ୍ରତିଦିନ ସକାଳୁ ଆସି ଅଯଥାରେ ମତେ କାହିଁକି ହଇରାଣ କରୁଛ? ସେ ଛଳଛଳ ଆଖିରେ କହିଲା, ବାବୁ! ତମ ହାତ ଖୁବ୍ ଶୁଭ। ସକାଳୁ ସକାଳୁ ତମ ହାତ ପଡ଼ିଲେ ସେଦିନ ବେପାରଟା ଭଲହୁଏ। ତେଣୁ ପ୍ରତିଦିନ ତମ ହାତରୁ ବଇନି କରିବା ପାଇଁ ମୁଁ ଏତେ ବାଟ ଧାଇଁ ଆସେ। ମୁଁ କହିଲି, ପ୍ରତିଦିନ ତ ମୁଁ ମୁଢ଼ି କିଣି ପାରିବି ନାହିଁ। ତା'ଛଡ଼ା ମୋର ମଧ ଏତେ ମୁଢ଼ିର ଆବଶ୍ୟକତା ନାହିଁ। ସେ ସଙ୍ଗେ ସଙ୍ଗେ ଚତୁରତାର ସହ କହିଲା, ବାବୁ! ତମେ ଗୋଟିଏ କାମ କର ପ୍ରତିଦିନ ତୁମେ ମୋ'ଠାରୁ ପାଞ୍ଚ ଟଙ୍କାର ମୁଢ଼ି ରଖ। ଏ ଗରିବ ମୁଢ଼ିବାଲି ଅନ୍ତତଃ ଦି' ପଇସା କମେଇ ପାରିବ। ମୁଁ ତା' କଥା ଭାଙ୍ଗି ନ ପାରି ହଁ ଭରିଲି। ସେହିଦିନଠାରୁ ସେ ପ୍ରତିଦିନ ବଡ଼ିଭୋଅରୁ ଆମ ଦରଜା ଖଟ୍‌ଖଟ୍ କରେ ଓ ପାଞ୍ଚ ଟଙ୍କାର ମୁଢ଼ି ଦେଇ ଚାଲିଯାଏ।

ଏହା ମଧ୍ୟରେ ପ୍ରାୟ ଚାରି ପାଞ୍ଚ ମାସ ବିତିଯାଇଥାଏ। ମୋର ମୁଢ଼ି କିଣା ସେମିତି ଅପରିବର୍ତ୍ତିତ ଥାଏ। ଦିନେ ଉଦୁଉଦିଆ ଖରାବେଳଟାରେ ମୁଁ ଦେଖିଲି ମୁଢ଼ିବାଲିଟି ବସ୍ତାଏ ମୁଢ଼ି ମୁଣ୍ଡରେ ଲଦି ରାସ୍ତାରେ ଚାଲିଛି। ମୁଁ ଭାବିଲି ବୋଧହୁଏ ଏ ଖରାଦିନେ ତା'ର ବେପାର ହଉନାହିଁ। ମୁଢ଼ି ଧରି ଘରକୁ ଫେରିଯାଉଛି। ହେଲେ, ଉତ୍କଣ୍ଠାର ସହ ତାକୁ ଡାକି ପଚାରିଲି, ଏତେବେଳ ହେଲାଣି, ମୁଢ଼ି କ'ଣ ଆଉରି ବିକ୍ରି ହୋଇନାହିଁ? ସେ ମୁଢ଼ି ବସ୍ତାଟି ଥୋଇଦେଇ ଟିକିଏ ହାଲିଆ ମାରି କହିଲା, କେଡ଼େ କଥାଟିଏ କହିଲେ ଆଜ୍ଞା! ତମ ହାତ ବାଜିଲେ ପୁଣି ବେପାର ହେବ ନାହିଁ? ଦୁଇବସ୍ତା ବିକ୍ରି କରି ସାରିଲିଣି ଆଜ୍ଞା। ଏଇଟା ତୃତୀୟ ବସ୍ତା। ଅନଉ ଅନଉ ସରିଯିବ। ତା' କଥା ଶୁଣି ମୁଁ ବୁଝିନେଲି ତା' ବେପାର ତା' ଆଶାଠାରୁ ଖୁବ୍ ବଢ଼ିଯାଇଛି।

ଘରକୁ ଆସି ପତ୍ନୀଙ୍କୁ ମୁଢ଼ିବାଲି ବିଷୟରେ ସମସ୍ତ କଥା ଅବଗତ କଲି। ମୋ' ହାତ କେତେ ଶୁଭଙ୍କର ବୋଲି ଲମ୍ବା ସଫେଇ ଦେଲି। ହେଲେ ପତ୍ନୀ ବିରକ୍ତ ପ୍ରକଟକରି କହିଲେ, ମୁଁ ଦେଖୁଛି ତମ ହାତ ବାଜିଲା ଦିନରୁ ସେ ମୁଢ଼ିବାଲିର ବେପାର ଖୁବ୍ ବଢ଼ିଯାଇଛି। ତା'ର ଖୁବ୍ ଉନ୍ନତି ଘଟୁଛି। କିନ୍ତୁ ତମର ସବୁଥିରେ ଅବନତି ଘଟିବାରେ ଲାଗିଛି। ତମ ହବା ପ୍ରମୋସନ ଅଟକି ରହୁଛି। ଦେହ ପା' ଜମା ଭଲରହୁ ନାହିଁ। ବନ୍ଧୁବାନ୍ଧବଙ୍କ ସହ ସମ୍ପର୍କରେ ଭଙ୍ଗା ପଡ଼ିଛି। ପତ୍ନୀଙ୍କଠାରୁ ଯୁକ୍ତିଯୁକ୍ତ କଥା ଶୁଣି ଭାବିଲି ସତରେ ଏଇ ଚାରି ପାଞ୍ଚ ମାସ ଜମା ଭଲରେ କଟିନି। ସବୁ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହବାକୁ ପଡ଼ିଛି। ତେବେ କ'ଣ କରାଯାଇପାରେ? ପଚାରିବାରୁ ପତ୍ନୀ ସଫେଇ ଦେଲେ, କାଲିଠୁ ତା'ଠାରୁ ମୁଢ଼ି ରଖିବା ବନ୍ଦ କର। କୁହ, ଆମେ ଆଉ କେହି ମୁଢ଼ି ଖାଇବାକୁ ଭଲ ପାଉନୁ। ତୋ'ଠାରୁ ଆଉ ରଖିବାର ନାହିଁ। ପତ୍ନୀଙ୍କଠାରୁ ଏ କଥା ଶୁଣି ମୁଢ଼ିବାଲିକୁ କେମିତି ନିରାଶାର ବାଣୀ ଶୁଣେଇବି ମନେମନେ ଚିନ୍ତା ପ୍ରକଟିଲି। ଶେଷରେ ମୁଢ଼ି ନ କିଣିବାର ଦୃଢ଼ ନିଷ୍ପତ୍ତି ନେଇ କାଲି ସକାଳୁ ତାକୁ ଯେମିତି ହେଲେ ଏ ବିଷୟରେ ଜଣେଇ ଦେବି ବୋଲି ନିଶ୍ଚିତ ହେଲି।

ହେଲେ ଆଶ୍ଚର୍ଯ୍ୟ! ତା' ପରଦିନ ସକାଳୁ ମୁଢ଼ିବାଲିର ଦେଖା ନ ଥିଲା। ମୋ' ମନରେ ସନ୍ଦେହ ଆସିଲା। ଭାବିଲି ପ୍ରତିଦିନ ଆସୁଥିବା ମୁଢ଼ିବାଲିଟି ଆଜି କ'ଣ ପାଇଁ ଆସିଲାନି? ତା' ଦେହ ପା' ଖରାପ ହେଲାକି? ନା ସିଏ କୌଣସି ସୂତ୍ରରୁ ଜାଣିପାରିଲାକି ମୁଁ ତା'ଠାରୁ ମୁଢ଼ି ନ କିଣିବାକୁ ନିଷ୍ପତ୍ତି ନେଇଛି ବୋଲି? ଏମିତି ଭାବନା ଭିତରେ କିଛି ଦିନ ବିତିଗଲା। କିନ୍ତୁ ବିଚାରି ମୁଢ଼ିବାଲିଟିର ଆଉ ଦେଖାଦର୍ଶନ ମିଳିଲା ନାହିଁ।

ଦିନେ ସକାଳୁ ସକାଳୁ ପତ୍ନୀ କହିଲେ, ଏଇ କେଇ ଦିନ ହେଲା ତମେ କାହିଁକି ଭାରି ଉଦାସ ଦିଶୁଛ। ମୁଁ ଖୁବ୍ ଧୀରେ କହିଲି, ସେ ମୁଢ଼ିବାଲିର କାହିଁକି ଆଜିକାଲି...? ସେ ଏତିକିରେ ମୋ'ଠାରୁ କଥା ଛଡ଼େଇ ନେଇ କହିଲେ, ଛାଡ଼! ଛାଡ଼! ସେ ବାୟାଣୀ ମୁଢ଼ିବାଲି କଥା। ଯାହା ହେଲା ଭଲ ହେଲା। ଗୋଟିଏ ଗ୍ରହ ଗଲା। ଜମା ଚିନ୍ତା କରନି। ସେଦିନଠୁ ତମର ଶୁଭଦିନ ଆସିଯାଇଛି ବୋଲି ଜାଣ।

ପତ୍ନୀଙ୍କଠାରୁ ଏ ପ୍ରକାର ଅଭୟ ବଚନ ଶୁଣି ମୁଁ ସାମାନ୍ୟ ହସିଦେଇ ମନେମନେ ଭାବିଲି ମୁଢ଼ିବାଲିଠାରୁ ମୁଢ଼ି ନ ରଖିବା ଦିନରୁ ମୋର ଯେ ଅବନତି ଭିତରେ ଭିତରେ ଆହୁରି ବଢ଼ିଯାଉଛି ଏ କଥା ବୋଧହୁଏ ପତ୍ନୀ ଏ ଯାଏ ଜାଣିପାରି ନାହାନ୍ତି!

ମୋ: ୯୪୩୭୪୨୩୯୮୫



## ଏଣ୍ଡୁଲାପୁର ଗାଁରୁ ୨ ହରିଣ ଉଦ୍ଧାର

ରାଜନଗର, (ଡି.ଏନ.ଏ.): ରାଜନଗର ବ୍ଲକ ହାତିନା ପଞ୍ଚାୟତର ଏଣ୍ଡୁଲାପୁର ଗାଁରୁ ଶୁକ୍ରବାର ୨ଟି ହରିଣ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ଦୁଇ ହରିଣକୁ ଭିତରକନିକା ଜାତୀୟ ଉଦ୍ୟାନର ବରୁଣେଇ-ଗହୀରମଥା ଜଙ୍ଗଲରେ ଛାଡ଼ି ଦିଆଯାଇଛି। ସକାଳେ ଗାଁ ଦାଣ୍ଡରେ ଏକ ହରିଣ ଦୌଡୁଥିବା ଲୋକେ ଦେଖି ବାନ୍ଧି ରଖିବା ସହ ବନ ବିଭାଗକୁ ଖବର ଦେଇଥିଲେ। ରେଞ୍ଜ୍ ଅଫିସର ଧନେଶ୍ୱର ରଥଙ୍କ ନିର୍ଦ୍ଦେଶକ୍ରମେ ବନ କର୍ମଚାରୀ ଗାଁରେ ପହଞ୍ଚି ହରିଣକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଥିଲେ। କିଛି ସମୟ ପରେ ଗାଁର ଏକ ନାଳ ପାର ବେଳେ ହରିଣଟି କାଦୁଅରେ ପଡି ଯାଇଥିଲା। ଖବରପାଇ ବନ କର୍ମଚାରୀ ପହଞ୍ଚି କାଦୁଅ ମଧ୍ୟରୁ ହରିଣଟିକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଛନ୍ତି।

# ରାଜକନିକା ୭୨.୫୪, ମାର୍ଶାଘାଇରେ ୭୭% ମତଦାନ

କେନ୍ଦ୍ରାପଡ଼ା ଅଫିସ/ ରାଜକନିକା/ ମାର୍ଶାଘାଇ, ୧୮।୨ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶୁକ୍ରବାର ସରିଛି। ଏହି ପର୍ଯ୍ୟାୟରେ ରାଜକନିକା ଓ ମାର୍ଶାଘାଇ ବ୍ଲକର ୩ଟି ଲେଖାଏ ଜୋନ୍ ଅଞ୍ଚଳରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଅଳ୍ପ କେତୋଟି ସ୍ଥାନରେ ରାଜନୈତିକ ଉତ୍ତେଜନା ସୃଷ୍ଟି ହୋଇଥିଲେ ମଧ୍ୟ ଭୋଟ ଗ୍ରହଣ ଚାଲୁ ରହିଥିଲା। ରାଜକନିକା ବ୍ଲକରେ ୭୨.୫୪ ପ୍ରତିଶତ ଓ ମାର୍ଶାଘାଇ ବ୍ଲକ ଅଞ୍ଚଳରେ ୭୭ ପ୍ରତିଶତ ଭୋଟ ସଂଗ୍ରହ ହୋଇଛି।

ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ରାଜକନିକା ବ୍ଲକ ଅଞ୍ଚଳରେ ପୁରୁଷଙ୍କ ଅପେକ୍ଷା ମହିଳା ଅଧିକ ମତଦାନ କରିଛନ୍ତି। ରାଜକନିକା ବ୍ଲକର ମୋଟ୍ ଭୋଟର ସଂଖ୍ୟା ୧,୨୩,୫୦୬। ଚଳିତ ନିର୍ବାଚନରେ ପୁରୁଷ ଭୋଟର ୬୭.୨୮ ପ୍ରତିଶତ ଭୋଟ ଦେଇଥିବା ବେଳେ ୭୮.୩୦ ମହିଳା ଭୋଟର ଗଣତାନ୍ତ୍ରିକ ଅଧିକାର ସିଦ୍ଧ କରିଛନ୍ତି। ରାଜକନିକା ବ୍ଲକର ୨୭ନଂ. ଜୋନ୍‌ରେ ମୋଟ ୩୯,୦୫୮ ଭୋଟରଙ୍କ ମଧ୍ୟରୁ ୧୩,୧୮୩ ପୁରୁଷ ଓ ୧୪,୨୨୮ ମହିଳା ଭୋଟ ଦେଇଥିଲେ। ସେହିପରି ୨୮ ନଂ. ଜୋନ୍‌ରେ ମୋଟ ୪୨,୯୦୩ ଭୋଟରଙ୍କ ମଧ୍ୟରୁ ୧୫,୧୮୪ ପୁରୁଷ ଓ ୧୫,୭୧୫ ମହିଳା, ୨୯ ନଂ. ଜୋନ୍‌ରେ ମୋଟ ୪୧,୫୪୫ ଭୋଟରଙ୍କ ମଧ୍ୟରୁ ୧୫,୦୭୧ ପୁରୁଷ ଓ ୧୬,୨୦୮ ମହିଳା ନିର୍ବାଚନରେ ମତସାବ୍ୟସ୍ତ କରିଛନ୍ତି। ମାର୍ଶାଘାଇ ବ୍ଲକରେ ମୋଟ୍ ଭୋଟରଙ୍କ ସଂଖ୍ୟା ୧,୦୬,୯୩୦। ଏଥିମଧ୍ୟରୁ ନିର୍ବାଚନରେ ୪୨,୨୭୯ ପୁରୁଷ ଓ ୪୦,୬୭୫ ମହିଳା ମତଦାନ କରିଥିଲେ। ଏହି ବ୍ଲକର ୨୪ନଂ. ଜୋନ୍‌ରେ ମୋଟ ୩୭,୨୬୪ ଭୋଟରଙ୍କ ମଧ୍ୟରୁ ୧୪,୨୩୪ ପୁରୁଷ ଓ ୧୪,୧୯୨ ମହିଳା ଭୋଟ ଦେଇଛନ୍ତି। ସେହିପରି ୨୫ନଂ. ଜୋନ୍‌ରେ ମୋଟ୍ ୩୬,୪୦୮ ଭୋଟରଙ୍କ ମଧ୍ୟରୁ ୧୫,୦୨୦ ପୁରୁଷ ଓ ୧୩,୯୫୮ ମହିଳା, ୨୬ନଂ. ଜୋନ୍‌ରେ ମୋଟ୍ ୩୩,୨୫୮ ଭୋଟରଙ୍କ ମଧ୍ୟରୁ ୧୩,୦୨୫ ପୁରୁଷ ଓ ୧୨,୫୨୫ ମହିଳା ନିର୍ବାଚନରେ ଅଂଶଗ୍ରହଣ କରିଛନ୍ତି। ରାଜକନିକାର ଗିରିଆଠାରେ ନିର୍ବାଚନୀ ଉତ୍ତେଜନା ଦେଖାଦେଇଥିଲା। ଏଥିସହ ହାବଳଗଣ୍ଡ ପଞ୍ଚାୟତର ୧ରୁ ୧୧ ନଂ. ବୁଥ କ୍ୟାପ୍‌ଚରିଂ ହୋଇଥିବା ଓ ସାନି ମତଦାନ ଦାବି କରି ୨୮ ନଂ. ଜୋନ ଜିଲା ପରିଷଦ ପ୍ରାର୍ଥୀ କ୍ଷୀରୋଦ ବେହୁରିଆ ବ୍ଲକ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପୂର୍ବତନ ଆଳି ବିଧାୟକ ତଥା କଂଗ୍ରେସ ନେତା ଦେବେନ୍ଦ୍ର ଶର୍ମା ଏ ସମ୍ପର୍କରେ ରାଜ୍ୟ ନିର୍ବାଚନ କମିଶନଙ୍କୁ ମଧ୍ୟ ଅଭିଯୋଗ କରିଛନ୍ତି। ମାର୍ଶାଘାଇର କରିଲୋପାଟଣାରେ ଦୁଇ ଏଜେଣ୍ଟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ନିର୍ବାଚନ ପ୍ରକ୍ରିୟା ଶାନ୍ତିଶୃଙ୍ଖଳାରେ ସରିଥିବା ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ନିର୍ବାଚନ କମିଶନରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି।





ରାଜକନିକା ବ୍ଲକ ଅବଦୁଲପୁର ବୁଥ୍ ନଂ. ୧୧ରେ ଭୋଟରଙ୍କ ଲମ୍ବା ଧାଡି। ଜଣେ ବୃଦ୍ଧଙ୍କ ନାଁ ଭୋଟର ତାଲିକାରେ ନ ଥିବାରୁ ସେ ଫେରି ଯାଉଛନ୍ତି। ମାର୍ଶାଘାଇର ଏକ ବୁଥ୍‌ରେ ଭୋଟରମାନେ ଭୋଟଦେବାକୁ ଠିଆ ହୋଇଛନ୍ତି।

**ସରିଲା ଦ୍ୱିତୀୟ ପର୍ଯ୍ୟାୟ ମତଦାନ**

- ରାଜକନିକାରେ ମହିଳାଙ୍କ ଉପସ୍ଥିତି ହାର ଅଧିକ
- ଅଳ୍ପ କେତୋଟି ସ୍ଥାନରେ ସାମାନ୍ୟ ଉତ୍ତେଜନା

## ସଂକ୍ଷେପରେ

### ୧୩ ବୁଥ୍‌ରେ ସାନି ନିର୍ବାଚନ ସୁପାରିସ

**ଯାଜପୁର ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ**

ଯାଜପୁର ଅଫିସ,୧୮।୨: ଯାଜପୁର ଜିଲାରେ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବେଳେ ପୁଣି ବ୍ୟାପକ ବିଭ୍ରାଟ ଦେଖାଦେଇଛି। ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ୧୩ଟି ବୁଥ୍‌ରେ ସାନି ନିର୍ବାଚନ କରିବାକୁ ନିର୍ବାଚନ କମିଶନଙ୍କୁ ପ୍ରସ୍ତାବ ଦେଇଛନ୍ତି। ଏଥିରେ ଦଶରଥପୁର ବ୍ଲକର କନିକାପଡ଼ା ପଞ୍ଚାୟତର ବୁଥ୍ ନମ୍ବର ୨, ୩, ୭, ୮ ଓ ୧୪, ବିରିପଟା ପଞ୍ଚାୟତର ବୁଥ୍ ନଂ. ୧୪ ଓ ୧୫, ଦଶରଥପୁର ପଞ୍ଚାୟତର ବୁଥ୍ ନଂ. ୩ ଓ ୯ ଏବଂ ଅକରପଡ଼ା ପଞ୍ଚାୟତର ୭ ନମ୍ବର ବୁଥ୍ ରହିଛି। ସେହିପରି ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ପଞ୍ଚାୟତର ୧୦ ନଂ., ରାୟପୁର ପଞ୍ଚାୟତ ୫ ନଂ. ଓ ନଳିପୁର ପଞ୍ଚାୟତର ୨ ନଂ. ବୁଥକୁ ସାନି ନିର୍ବାଚନ ତାଲିକାରେ ସାମିଲ କରାଯାଇଛି। ଏହାସହ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ସୁଦ୍ଧା ଜିଲାରେ ମୋଟ ୨୨ଟି ବୁଥ୍‌ରେ ସାନି ନିର୍ବାଚନ ହେବା ନିଶ୍ଚିତ ହୋଇଛି।

### ପୂର୍ବତନ ସରପଞ୍ଚଙ୍କୁ ମାରଣାସ୍ତ୍ରରେ ଆକ୍ରମଣ

ପାରାଦୀପ ୧୮।୨(ସ୍ୱ.ପ୍ର.): ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ପାରାଦୀପ ଗଡପଞ୍ଚାୟତରେ ଶୁକ୍ରବାର ନିର୍ବାଚନୀ ହିଂସା ଘଟିଛି। ଦୁର୍ବୃତ୍ତଙ୍କ ଆକ୍ରମଣରେ ପୂର୍ବତନ ସରପଞ୍ଚ ମିହିର ରଞ୍ଜନ ସାହୁ ଆହତ ହୋଇଛନ୍ତି। ଏ ନେଇ ସାହୁ ଲକ୍ ଥାନାରେ ଅଭିଯୋଗ କ୍ରମେ ନଂ. ୪୬/୨୨ରେ ମାମଲା ରୁଜୁ ହୋଇଛି। ଅପରାହ୍ନରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ଏମ୍‌ପି ରାଜଶ୍ରୀ ମଲ୍ଲିକ ଓ ବିଜେଡି ସମର୍ଥକମାନେ ନିର୍ବାଚନ ପ୍ରଚାରରେ କରୁଥିଲେ। ସ୍ୱାଗତ କରିବାକୁ ଗଡ଼ ପଞ୍ଚାୟତରେ କର୍ମୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଲୋକଙ୍କ ଭିଡଠାରୁ କିଛି ଦୂରରେ ସାହୁ ଠିଆ ହୋଇଥିଲେ। ସେତେବେଳେ ବିରୋଧୀ ଦଳର ସମର୍ଥକମାନେ ପ୍ରଚାରରେ ଯାଉଥିଲେ। ଏହି ସମୟରେ ବିରୋଧୀ ଦଳରେ ଥିବା ଜଣେ ଯୁବକ ଏକ ମାରଣାସ୍ତ୍ରରେ ସାହୁଙ୍କୁ ଆକ୍ରମଣ କରିବାରୁ ସେ ଆହତ ହୋଇଛନ୍ତି।

### ଏଏମ୍‌ଏନ୍‌ଏସ୍‌ର ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ପାରାଦୀପ,୧୮।୨(ସ୍ୱ.ପ୍ର.): ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆ ପକ୍ଷରୁ ପାରାଦୀପଠାରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜାରି ରହିଛି। ଯାହାକୁ କମ୍ପାନୀ ଆଜିବିକା କାର୍ଯ୍ୟକ୍ରମ ବୋଲି ସୂଚନା ଦେଇଛି। ପାରାଦୀପଠାରେ ଲୋକ ବିକାଶ କେନ୍ଦ୍ର କରାଯାଇ ମହିଳା ଓ ଯୁବତୀମାନଙ୍କୁ ଧନ୍ଦାମୂଳକ ପ୍ରଶିକ୍ଷଣ ଦିଆଯାଉଛି। ଏହାବ୍ୟତୀତ ମାଇକ୍ରୋ ଫାଇନାନ୍ସ ଜରିଆରେ ବୀମା, ପାରିବାରିକ ପରାମର୍ଶ କେନ୍ଦ୍ର, ବାଲ୍ୟ ବିବାହ, ଶିକ୍ଷା ଆଦି କ୍ଷେତ୍ରରେ ସଚେତନତା କର୍ମଶାଳା କରାଯାଇଛି ବୋଲି କମ୍ପାନୀର ସିଏସ୍‌ଆର ମୁଖ୍ୟ ବିକାଶ ଯାଦଭେନ୍ଦୁ ସୂଚନା ଦେଇଛନ୍ତି।

# ଭୋଜିରେ ଉତ୍ପାତ: ପୋଲିସ ଗାଡିକୁ ଢେଲାପଥର ମାଡ଼

ଜଗତ୍‌ସିଂହପୁର ଅଫିସ, ୧୮।୨

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ପଲ୍ଲୀ ମହାକାଳେଶ୍ୱର ନାଥସାହିରେ ଗୁରୁବାର ରାତିରେ ପୋଲିସ ଉପରେ ଆକ୍ରମଣ ହୋଇଛି। ପୋଲିସ ଗାଡ଼ି ଭାଙ୍ଗିବା ସହ ୨ ଜଣ କନ୍‌ଷ୍ଟେବଲ ଆହତ ହୋଇଛନ୍ତି। ଭୋଜି ଓ ମଦ୍ୟପାନ ବେଳେ ପାଟ୍ରୋଲିଂ ଗାଡ଼ି ପହଞ୍ଚିବାରୁ ଏହି ଘଟଣା ଘଟିଥିବା ପୋଲିସ କହିଛି। ଏହା ଉପରେ ମାମଲା ରୁଜୁ କରାଯାଇଥିଲେ ସୁଦ୍ଧା ଶୁକ୍ରବାର ନିର୍ବାଚନ ଥିବାରୁ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରି ନାହିଁ ବୋଲି ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିରିଡ଼ି ଥାନାରେ କାର୍ଯ୍ୟରତ ସବ୍‌ଇନ୍ସପେକ୍ଟର ବିନୋଦ ପରିଡ଼ା ନିର୍ବାଚନ ପାଇଁ ଜଗତ୍‌ସିଂହପୁର ବ୍ଲକରେ ଥିଲେ। ତାଙ୍କୁ ଗତ ୧୭ ତାରିଖରେ ୨୨ ନଂ. ମୋବାଇଲ ଦଳର ପାଟ୍ରୋଲିଂ ଦାୟିତ୍ୱ ଦିଆଯାଇଥିଲା। ତାଙ୍କ ସହ ୨ ଜଣ କନ୍‌ଷ୍ଟେବଲ ବିକ୍ରମ କେଶରୀ ମହାନ୍ତି ଓ ଜେ. କେ. ସାହୁ ପାଟ୍ରୋଲିଂ କରୁଥିଲେ। ରାତିରେ ନାଥସାହିରେ ଅଭିଯୁକ୍ତମାନେ ମଦ୍ୟପାନ ସହ ଭୋଜି କରି ଗାଳିଗୁଲଜ କରୁଥିବା ନେଇ ପରିଡାଙ୍କ ପାଟ୍ରୋଲିଂ ଟିମ୍‌କୁ ଖବର ମିଳିଥିଲା। ରାତି ପ୍ରାୟ ୧୧ଟା ୪୫ରେ ତାଙ୍କ ପାଟ୍ରୋଲିଂ ଦଳ ସେଠାରେ ପହଞ୍ଚିଥିଲେ। ଏହି ସମୟରେ ଅଭିଯୁକ୍ତମାନେ ପାଟ୍ରୋଲିଂ ଗାଡି (ନଂ. ଓଡି ୦୫ଏଫ୍ ୧୭୬୬)କୁ ଟେକା ଓ ପଥର ମାଡ଼ କରିବା ସହ ୩ ପୋଲିସ କର୍ମଚାରୀଙ୍କୁ ଅଟକ ରଖିଥିଲେ। ଏହି ଆକ୍ରମଣରେ ଗାଡ଼ିର କାଚ ଭାଙ୍ଗି କନ୍‌ଷ୍ଟେବଲ ମହାନ୍ତି ଓ ସାହୁଙ୍କ ଆଖିରେ ବାଜି କ୍ଷତ ସୃଷ୍ଟି ହୋଇଥିଲା। ଏବେ ସେମାନେ ଚିକିତ୍ସାଧୀନ ଅଛନ୍ତି ବୋଲି ଆଇଆଇସି ସାହୁ କହିଛନ୍ତି। ସୌଭାଗ୍ୟବଶତଃ ଏହି ଗାଁର ଜଣେ ସେନା କର୍ମଚାରୀ ପହଞ୍ଚି ପୋଲିସ କର୍ମଚାରୀଙ୍କୁ ମୁକ୍ତ କରିବାରେ ପ୍ରମୁଖ ଭୂମିକା ନିଭାଇଥିଲେ। ଅପରପକ୍ଷେ ଗ୍ରାମର କେତେଜଣ ଲୋକ ପୋଲିସ ଉପରକୁ ଆଙ୍ଗୁଠି ଉଠାଇଛନ୍ତି। ସେମାନେ କହିଛନ୍ତି, ଏକ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ପୋଲିସ ରାତିରେ ପହଞ୍ଚି ସେମାନଙ୍କୁ ପ୍ରବର୍ତ୍ତାଇଥିଲା। ଏପରିକି ଗାଡ଼ିରେ ସମ୍ପୃକ୍ତ ପ୍ରାର୍ଥୀ ଓ ସମର୍ଥିତ ଦଳର ପୋଷ୍ଟର ରଖିଥିଲା। ପୋଲିସ ପ୍ରଥମେ ସେମାନଙ୍କୁ ଆକ୍ରମଣ କରିଥିଲା। ଆଇଆଇସି ସାହୁ ଏହାକୁ ଖଣ୍ଡନ କରିବା ସହ ନିଜକୁ ସୁରକ୍ଷା ଦେବାକୁ ଯାଇ ଅଭିଯୁକ୍ତଙ୍କ ସମ୍ପର୍କୀୟମାନେ ମିଥ୍ୟା ଅଭିଯୋଗ କରିଛନ୍ତି ବୋଲି କହିଛନ୍ତି।



ଭଙ୍ଗା ଯାଇଥିବା ପୋଲିସ ଗାଡି ସହ ଗ୍ରାମବାସୀ।

- ୨ କନ୍‌ଷ୍ଟେବଲଙ୍କ ଆଖିରେ ଆଘାତ
- ପୋଲିସ ଉପରକୁ ଅଙ୍ଗୁଳି ଉଠାଇଲେ ଲୋକେ

## ଜଗତ୍‌ସିଂହପୁର ବିଧାୟକଙ୍କ ଗାଡ଼ିକୁ ଭଙ୍ଗାରୁଜା

ନାଉଗାଁ,୧୮।୨(ସ୍ୱ.ପ୍ର)

ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନା ଅନ୍ତର୍ଗତ କୋରୁଅ ପଞ୍ଚାୟତରେ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ଗାଡ଼ିକୁ ଗୁରୁବାର ବିଳମ୍ବିତ ରାତିରେ ଭଙ୍ଗାରୁଜା କରାଯାଇଛି। ଏସଂକ୍ରାନ୍ତରେ ଥାନାରେ ବିଧାୟକଙ୍କ ଗାଡି ଚାଳକ ଶୁଶାନ୍ତ କୁମାର ନାୟକ ଲିଖିତ ଅଭିଯୋଗ କରିଛନ୍ତି। ବିଧାୟକଙ୍କ ଗାଡି (ନଂ-ଓଡି୨୧ଜି୦୦୦୭)କୁ ବିଳମ୍ବିତ ରାତିରେ କୋରୁଅ ପଞ୍ଚାୟତ ଦେଖି ଅନ୍ୟ ଦଳର କର୍ମୀମାନେ ଘେରି ଯାଇଥିଲେ। ଏତେ ରାତିରେ କାହିଁକି ଆସିଛ ବୋଲି ସେମାନେ ପଚାରିବା ସହ ଗାଡିକୁ ଭଙ୍ଗାରୁଜା କରିଥିଲେ। ଏହି ସମୟରେ ବିଧାୟକ ଗାଡ଼ିରେ ଉପସ୍ଥିତ ନ ଥିଲେ। ଖବରପାଇ ପୋଲିସ ଗାଡିକୁ ଉଦ୍ଧାର କରିଛି। ଏସମ୍ପର୍କରେ ଗାଡ଼ି ଚାଳକ ନାୟକ କହିଛନ୍ତି, ସେ ବିଧାୟକଙ୍କ ଗାଡ଼ି ନେଇ ଗାଁକୁ ଫେରୁଥିବା ବେଳେ ଏହି ପଞ୍ଚାୟତର କେତେଜଣ ଲୋକ ତାଙ୍କୁ ଅଟକାଇଥିଲେ। ଏହାକୁ ଭିତ୍ତିକରି ମାମଲା (ନଂ.୩୬/୨୨)ରୁଜୁ କରାଯାଇଛି ବୋଲି ଆଇଆଇସି ସୁଭ୍ରାଂଶୁ ଶେଖର ପରିଡା ସୂଚନା ଦେଇଛନ୍ତି।

## ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

ବରୀ,୧୮।୨(ଡି.ଏନ.ଏ.)

ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ଅନ୍ୟାସୀପୁର ଗ୍ରାମର ଜଣେ ଯୁବତୀଙ୍କ ଶୁକ୍ରବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ଅକ୍ଷୟ ରଣାଙ୍କ ଝିଅ ଜ୍ୟୋତି(୨୦)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୩/୨୨ ରୁଜୁ ହୋଇଛି। ଅନ୍ୟପକ୍ଷରେ ଯୁବତୀଙ୍କ ବାପା ଓ ତାଙ୍କ ଭଉଣୀଙ୍କ କଥାରେ ତାଳମେଳ ରହୁ ନ ଥିବାରୁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଯୁବତୀଙ୍କ ବାପାଙ୍କ ଅଭିଯୋଗ ଅନୁସାରେ, ଜ୍ୟୋତି ଗୁରୁବାର ସନ୍ଧ୍ୟାରେ ଘର ପାଖ ବ୍ରାହ୍ମଣୀ ନଦୀକୂଳକୁ ବାସନ ମାଜିବାକୁ ଯାଇଥିଲେ। ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ନିରାଶ ହୋଇଥିଲେ। ହେଲେ ଶୁକ୍ରବାର ସକାଳେ ତାଙ୍କ ମୃତଦେହ ଅନ୍ୟାସୀପୁର ଖର୍ଦ୍ଦା ସାହିର ବ୍ରାହ୍ମଣୀ ନଦୀ ପଠାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ରହିଛି। ଅପରପକ୍ଷରେ ମୃତ ଯୁବତୀଙ୍କ ଭଉଣୀ ଉକ୍ତ ଘଟଣା ଉପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଭିନ୍ନ ମନ୍ତବ୍ୟ ଦେଇଛନ୍ତି। ଭଉଣୀଙ୍କୁ ହତ୍ୟା କରାଯାଇଥିବା ସେ କହିଛନ୍ତି। ତେବେ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ଏହା ଏକ ହତ୍ୟାକାଣ୍ଡ ବୋଲି ଚର୍ଚ୍ଚା ହେଉଛି। ତେଣୁ ଏସବୁ ଦିଗଗୁଡ଼ିକୁ ଗୁରୁତ୍ୱ ଦେଇ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ନାରଣ ପ୍ରସାଦ ବେହେରା କହିଛନ୍ତି, ମୃତ ଯୁବତୀଙ୍କ ବାପାଙ୍କ ଲିଖିତ ଅଭିଯୋଗକ୍ରମେ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ।

## ଜିଲା ପରିଷଦ ପ୍ରାର୍ଥିନୀଙ୍କ ପାଇଁ ରୋଡ ଶୋ’



ଜିଲା ପରିଷଦ ବିଜେଡି ପ୍ରାର୍ଥିନୀ ଅମିତା ସ୍ୱାଇଁ, ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ରୋଡ ଶୋ ।

ନାଉଗାଁ,୧୮।୨(ସ୍ୱ.ପ୍ର.)

ନାଉଗାଁ ବ୍ଲକରେ ଆସନ୍ତା ୨୪ତାରିଖରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ ପାଇଁ ସବୁ ଦଳର ପ୍ରାର୍ଥୀ ପ୍ରଚାର ଜାରି ରଖିଛନ୍ତି। ଶୁକ୍ରବାର ବିଜେଡି ପକ୍ଷରୁ ଜିଲା ପରିଷଦ ୧ନଂ. ଜୋନର ପ୍ରାର୍ଥିନୀ ଅମିତା ସ୍ୱାଇଁଙ୍କ ପାଇଁ ବିଧାୟକ ପ୍ରଶାନ୍ତ ମୁଦୁଲି ରୋଡ ଶୋ ମାଧ୍ୟମରେ ପ୍ରଚାର କରିଥିଲେ। ଅଲଣାହାଟସ୍ଥିତ ନୂଆପାଟଣା ଛକଠାରୁ କର୍ମୀମାନେ ବାଇକରେ ଆସି ରୋଡ୍ ଶୋ’ରେ ଯୋଗ ଦେଇଥିଲେ। ନୂଆପାଟଣାରୁ ଅଲଣା, ନୂଆଗାଁ, ଗଜରାଜପୁର, ଗଳଦାରୀ ଆଦି ପଞ୍ଚାୟତ ବୁଲି ନିବେଦନ କରିଛନ୍ତି। ଏହି ଶୋରେ ବିଧାୟକଙ୍କ ସମେତ ଜିଲା ପରିଷଦ ପ୍ରାର୍ଥିନୀ ସ୍ୱାଇଁ, ଅଲଣା, ନୂଆଗାଁ, ଗଜରାଜପୁର, ଗଳଦାରୀ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀମାନେ ଯୋଗ ଦେଇଥିଲେ।

## ପାରାଦୀପରେ ସବୀର ବକ୍ସ, ଡ୍ରାଏଡକ୍‌ରେ ବୁଲିଲେ

ପାରାଦୀପ ୧୮।୨(ସ୍ୱ.ପ୍ର.): ଆନ୍ତର୍ଜାତିକ ସ୍କୁବା ଡାଇଭର ସବୀର ବକ୍ସ ଶୁକ୍ରବାର ପାରାଦୀପ ବନ୍ଦର ପୋତାଶ୍ରୟଠାରେ ଥିବା ଡ୍ରାଏଡକ ଅଞ୍ଚଳ ବୁଲିଥିଲେ। ରିପୋର୍ଟ ଅନୁସାରେ, ଡ୍ରାଏଡକରୁ ପାଣି ଖଲାସ କରାଯାଏ। ଉକ୍ତ କାମ ପରିଚାଳନା ପାଇଁ ଏକ କମ୍ପାନୀ ଅଗ୍ରାଧିକାର ପାଇଛି। ସେଥିରେ ବକ୍ସ ପ୍ରାଥମିକସ୍ଥିତି ଦେଖିବା ପରେ ଡାଇଭର ଯୋଗାଇ ଦେବେ ବୋଲି କହିଛନ୍ତି। ଏହି ଗସ୍ତ ସମୟରେ ନୌସେନାର ପୂର୍ବତନ ମାର୍ସେଶ ପୀତବାସ ସାସମଲ, ଡାଇଭର ନରେନ୍ଦ୍ର ବେହେରା ଥିଲେ।

# କଂଗ୍ରେସ, ବିଜେଡି ପାଇଁ ସମ୍ମାନର ପ୍ରଶ୍ନ

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ- ୨୨**

- ୭ ନଂ. ଜିଲା ପରିଷଦ ଜୋନ୍‌ରେ ୩ ପ୍ରାର୍ଥୀ
- ଦଳୀୟ ଅସନ୍ତୋଷ ଭାଜପାକୁ ଫାଇଦା ଦେଇପାରେ

କେନ୍ଦ୍ରାପଡ଼ା ଅଫିସ, ୧୮।୨

କେନ୍ଦ୍ରାପଡ଼ା ବ୍ଲକର ୭ ନଂ. ଜିଲା ପରିଷଦ ଜୋନ୍‌ରେ ଆସନ୍ତା ୨୨ ତାରିଖରେ ନିର୍ବାଚନ ହେବ। ଏଥିପାଇଁ ପ୍ରାର୍ଥୀମାନେ ପ୍ରଚାରକୁ ଜୋରଦାର କଲେଣି। କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ଏହି ଜୋନ୍ ଉଭୟ ବିଜେଡି ଓ କଂଗ୍ରେସ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ଦଳୀୟ ଅସନ୍ତୋଷ ଭୋଟ ବିଭାଜନର କାରଣ ହେଲେ ଭାଜପାକୁ ଫାଇଦା ଦେଇପାରେ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ଜୋନ୍ ଅନ୍ତର୍ଗତ ବାରୋ ପଞ୍ଚାୟତର ୨୧ ୱାର୍ଡରେ ୬୮୧୬ ଭୋଟର ଅଛନ୍ତି। ସେହିପରି ଚନ୍ଦନପୁର ପଞ୍ଚାୟତର ୧୪ ୱାର୍ଡରେ ୬୨୨୧, ଗାଙ୍ଗପଡାର ୧୫ ୱାର୍ଡରେ ୪୯୦୦, ପଳସିଙ୍ଗାର ୧୨ ୱାର୍ଡରେ ୪୧୫୮, ସାନମାଣଡିଆର ୧୨ ୱାର୍ଡରେ ୩୯୪୬ ଓ କେଶପୁର ପଞ୍ଚାୟତର ୧୧ ୱାର୍ଡରେ ଥିବା ୩୧୭୪ ଭୋଟର ଚଳିତ ଥର ମତଦାନ କରିବେ। ମହିଳାଙ୍କ ପାଇଁ ସଂରକ୍ଷିତ ଏହି ଜୋନରେ ବିଜେଡିରୁ ମଧୁଛନ୍ଦା ମହାନ୍ତି, ଭାଜପାରୁ ସଂଘମିତ୍ରା ମଲ୍ଲିକ, କଂଗ୍ରେସରୁ ସୁଜାତା ଦାସ ପ୍ରାର୍ଥୀ ଅଛନ୍ତି।

ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ରାଜନୈତିକ ବିଶେଷଜ୍ଞ ଅମରବର ବିଶ୍ୱାଳ, ମୀର ଅବୁ ଓବେଦା, ବିଜୟ କୁମାର ପରିଡା ପ୍ରମୁଖ କହିଛନ୍ତି, ଏହି ଜୋନ୍‌ରୁ ଜିତିଥିବା ବିଜେଡି ପ୍ରାର୍ଥୀ ମାନସ କୁମାର ପରିଡା ପରବର୍ତ୍ତୀ ସମୟରେ ପରିଷଦର ଅଧ୍ୟକ୍ଷ ପଦ ହାତେଇଥିଲେ। ସେହିପରି କେନ୍ଦ୍ରାପଡ଼ା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତିଙ୍କ ଭାଉଜ ମଧୁଛନ୍ଦା ଚଳିତ ଥର ପ୍ରାର୍ଥୀ ହୋଇଛନ୍ତି। ବିଜେଡି ପାଇଁ ଏହି ଜୋନ୍ ସମ୍ମାନର ପ୍ରଶ୍ନ ହୋଇଥିବା ବେଳେ କଂଗ୍ରେସ ଏଠାରୁ ସ୍ୱାଧୀନତା ସଂଗ୍ରାମୀ ଦେଶବନ୍ଧୁ ଦାସଙ୍କ ବୋହୂ ସୁଜାତାଙ୍କୁ ପ୍ରାର୍ଥୀ କରିଛି। ପରିବାରର ରାଜନୈତିକ ଅଭିଜ୍ଞତା ଓ ସ୍ୱାଧୀନତା ସଂଗ୍ରାମକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏଥିସହ ଆଞ୍ଚଳିକ ସମସ୍ୟା ସହ ଦଳୀୟ କନ୍ଦଳ ଏହି ଜୋନ୍‌ର ଭୋଟ ଫଳାଫଳକୁ ପ୍ରଭାବିତ କରିବ। କେନ୍ଦ୍ରାପଡ଼ା ବ୍ଲକର ଉତ୍ତରପାର୍ଶ୍ୱରେ ଥିବା ଏହି ଜୋନ୍ ବିଭିନ୍ନ ସମସ୍ୟା ମଧ୍ୟରେ ଛନ୍ଦି ହୋଇଛି। ପ୍ରତ୍ୟେକ ପଞ୍ଚାୟତରେ ପାନୀୟ ଜଳ, ରାସ୍ତା, କ୍ଷେତକୁ ଜଳ ପରିଚାଳନା ସମସ୍ୟା ରହିଛି। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପରିଷଦ ଅଧ୍ୟକ୍ଷ ପଦ ବିଜେଡି ପ୍ରାର୍ଥୀଙ୍କୁ ଯାଇଥିଲେ ମଧ୍ୟ ତୃଣମୂଳସ୍ତରର ଉନ୍ନୟନ ଯୋଜନା ପ୍ରତି ଗ୍ରାମରେ ପହଞ୍ଚି ପାରିନାହିଁ। କ୍ଷେତକୁ ଜଳ ପରିଚାଳନା ସ୍ଥାନୀୟ କୃଷିଜୀବୀଙ୍କ ମୁଖ୍ୟ ପ୍ରସଙ୍ଗ ହୋଇଛି। ବିଭିନ୍ନ ପାଟ ଜମିରୁ ଜଳ ନିଷ୍କାସନ ସମ୍ପର୍କରେ ପ୍ରାର୍ଥୀଙ୍କ ପାଇଁ ପ୍ରଶ୍ନ ହୋଇଛି। ତେବେ ଅଭିଜ୍ଞତାସମ୍ପନ୍ନ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମହାନ୍ତି ଲୋକ ସମ୍ପର୍କକୁ ଆୟୁଧ କରିଛନ୍ତି। ଅପରପକ୍ଷରେ କଂଗ୍ରେସ ପ୍ରାର୍ଥୀ ଦାସ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ସଦସ୍ୟ ହୋଇଥିବାରୁ ଭୋଟରଙ୍କ ଭଲ ନଜରରେ ଅଛନ୍ତି। ଉଭୟ ବିଜେଡି ଓ କଂଗ୍ରେସ ପ୍ରାର୍ଥୀ ସ୍ନାତକଧାରୀ ହୋଇଥିବା ବେଳେ ଭାଜପା ଏଠାରେ ମାଟ୍ରିକ ପାସ୍ କରିଥିବା ମଲ୍ଲିକଙ୍କୁ ପ୍ରାର୍ଥୀ ଭାବେ ଉପସ୍ଥାପିତ କରିଛି। ଭାଜପା ପାଇଁ ପ୍ରତିପକ୍ଷଙ୍କ ଦଳୀୟ କନ୍ଦଳ ଭୋଟ ସଂଗ୍ରହକୁ ପ୍ରଭାବିତ କରିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ତେବେ ଦେଖିବାକୁ ବାକି ରହିଲା ଭୋଟର କେଉଁ ପ୍ରାର୍ଥୀଙ୍କ ନିଜର ମୂଲ୍ୟବାନ ଭୋଟ ଦେଇ ଜୟଯୁକ୍ତ କରୁଛନ୍ତି।

# ଜଗତ୍‌ସିଂହପୁର ବ୍ଲକରେ ୭୮.୯୨% ମତଦାନ



ଜଗତ୍‌ସିଂହପୁର ଏକ ବୁଥ୍‌ରେ ଭୋଟ ଦେବାକୁ ଆସିଥିବା ଭୋଟର।



ପୋଲିଂ ଅଧିକାରୀମାନେ ବାଲାଟ୍ ବାକ୍ସ ଏସ୍‌ଭିଏମ୍ କଲେଜ ଷ୍ଟ୍ରଙ୍ଗ୍ ରୁମ୍‌ରେ ଜମା କରିବାକୁ ଠିଆ ହୋଇଛନ୍ତି।

ଜଗତ୍‌ସିଂହପୁର ଅଫିସ, ୧୮।୨

- ଜିଲା ପରିଷଦ ୧ନଂ. ଜୋନରେ ସର୍ବାଧିକ ଭୋଟ୍
- ଅଳସୁଧାର ୧ଟି ବୁଥରେ ପୋଲିଂ କର୍ମଚାରୀଙ୍କୁ ଛାଡିଲେନି
- ଭୋଟ ବର୍ଜନ କଲେ ଓଡ଼ିଶୋ କେଳାସାହି ଲୋକେ

୨ୟ ପର୍ଯ୍ୟାୟ ନିର୍ବାଚନରେ ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳର ୪ଟି ଜିଲା ପରିଷଦ ଜୋନ ପାଇଁ ଶୁକ୍ରବାର ମତଦାନ ହୋଇଛି। ଏହି ଅବସରରେ ୭୮.୯୨% ମତଦାନ ହୋଇଛି। ସେଥିମଧ୍ୟରୁ ୧ନଂ.ରେ ସର୍ବାଧିକ ୮୧.୯୫%, ୨ନଂ.ରେ ୭୮.୭୯%, ୩ନଂ.ରେ ୭୭.୭୭% ଓ ୪ନଂ. ଜୋନରେ ସର୍ବନିମ୍ନ ୭୬.୭୨% ମତଦାନ ହୋଇଛି। ଭୋଟ ସମୟରେ କେତେକ ସ୍ଥାନରେ ଉତ୍ତେଜନା ସାଙ୍ଗକୁ ବିଳମ୍ବ ହୋଇଥିଲା। ପଟସରା ପଞ୍ଚାୟତର ୨ଟି ବୁଥରେ ଗଣ୍ଡଗୋଳ କାରଣରୁ ନିର୍ବାଚନ ସ୍ଥଗିତ ରଖାଯାଇଛି । ଅଳସୁଧା ପଞ୍ଚାୟତର ଗୋଟିଏ ବୁଥରେ ମତଦାନ ପରେ ଲୋକେ ପୋଲିଂ ଦଳକୁ ପ୍ରଥମେ ଛାଡି ନ ଥିଲେ । ପରେ ପ୍ରଶାସନିକ ହସ୍ତକ୍ଷେପ ଯୋଗୁ ଛାଡିଥିଲେ । ଓଡ଼ିଶୋ ପଞ୍ଚାୟତ କେଳାସାହିର ଲୋକେ ଭୋଟ ବର୍ଜନ କରିଛନ୍ତି। ଏହି ପର୍ଯ୍ୟାୟରେ ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ୩୦ଟି ପଞ୍ଚାୟତର ୧୦୭୫ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ବାଲଟ ବକ୍ସରେ ସିଲ୍ ହୋଇଯାଇଛି । ସେମାନଙ୍କ ମଧ୍ୟରୁ ୧୬ଜଣ ଜିଲା ପରିଷଦ ପ୍ରାର୍ଥୀ, ୧୧୫ ସରପଞ୍ଚ, ୯୮ ସମିତି ସଭ୍ୟ ଓ ୮୬୮ ଜଣ ୱାର୍ଡ ସଭ୍ୟ ପ୍ରାର୍ଥୀ ରହିଛନ୍ତି। ଭୋଟ ସମୟରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ପାରୁଲ ପଟୱାରୀ କିଛି ବୁଥ ପରିଦର୍ଶନ କରି ବ୍ୟବସ୍ଥାର ତଦାରଖ କରିଥିଲେ । ମତଦାନ ସରିବା ପରେ ପୋଲିଂ କର୍ମଚାରୀମାନେ ବାଲଟ ବକ୍ସ ସହ ନିର୍ବାଚନ ସାମଗ୍ରୀ ଧରି ସ୍ଥାନୀୟ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ପହଞ୍ଚିଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ସଚ୍ଚିଦାନନ୍ଦ ସାହୁ, ଜଗତ୍‌ସିଂହପୁର ବିଡିଓ ଓ ତହସିଲଦାର ପ୍ରମୁଖ ନିୟୋଜିତ ପୋଲିଂ କର୍ମଚାରୀଙ୍କୁ ବୁଥ୍‌ରେ ପହଞ୍ଚାଇବାରେ ସହଯୋଗ କରିଥିଲେ।

ଏ ସମ୍ପର୍କରେ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବ୍ଲକର ୪୮୭ଟି ୱାର୍ଡରେ ୧,୨୦,୬୭୪ ଜଣ ଭୋଟର ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ ପାଇଁ ସୁଯୋଗ ଥିଲା । ତେବେ ୧୪୬୧ ଜଣ ପୋଲିଂ ଅଧିକାରୀ, ୪୮୭ ଜଣ ପୋଲିସ କର୍ମଚାରୀ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳରେ ୧୧୨ଟି ମହିଳା ପୋଲିଂ ବୁଥ ସମେତ ମଧୁସୂଦନପୁରସ୍ଥିତ ଜଗନ୍ନାଥ ହାଇସ୍କୁଲ ପରିସରରେ ଆଦର୍ଶ ମହିଳା ବୁଥ କରାଯାଇଥିଲା। ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ସହ ୩୦ଟି ମୋବାଇଲ ଦଳ ପାଟ୍ରୋଲିଂ କାର୍ଯ୍ୟରେ ନିୟୋଜିତ ଥିଲେ। ଗଣତି ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ କରାଯିବ। ୨୬ରେ ୧ନଂ. ଜୋନ, ୨୭ରେ ୨ନଂ. ଓ ୨୮ରେ ୩ ଓ ୪ନଂ. ଜୋନର ଗଣତି ହେବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଫେବୃୟାରୀ ୧୯/୨୦୨୨ Bhubaneswar, Saturday, February 19/ 2022

# ଓଡ଼ିଶା ମହିଳା ଦଳକୁ ବ୍ରୋଞ୍ଜ



ଓଡ଼ିଶା ଭଲିବଲ ଆସୋସିଏଶନ କର୍ମକର୍ତ୍ତାଙ୍କ ସହ ମହିଳା ଭଲିବଲ ଦଳର ଖେଳାଳିମାନେ।

## ଫେଡେରେଶନ କପ୍ ଭଲିବଲ

**ଭୁବନେଶ୍ୱର, ୧୮।୨ (କ୍ରୀଡ଼ା ପ୍ରତିନିଧି):** ଫେଡେରେଶନ କପ୍ ଏବଂ ଜାତୀୟ ଭଲିବଲ ଇତିହାସରେ ଓଡ଼ିଶା ମହିଳା ଦଳ ପ୍ରଥମଥର ପାଇଁ ବ୍ରୋଞ୍ଜ ପଦକ ଜିତି ଇତିହାସ ରଚିଛି। ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ) ଆନୁକୂଲ୍ୟରେ କିଟ୍ର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଫେଡେରେଶନ୍ କପ୍ ଭଲିବଲ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ହିମାଚଳ ପ୍ରଦେଶକୁ ୩-୦ (୨୫-୧୬, ୨୫-୨୨, ୨୫-୧୫) ସେଟ୍‌ରେ ହରାଇ ଓଡ଼ିଶା ଏହି ସଫଳତା ପାଇଛି। ପୂର୍ବରୁ ଓଡ଼ିଶା ମହିଳା ଦଳ କେବେହେଲେ ପଦକ ଜିତିବାର ସ୍ୱାଦ ପାଇ ନ ଥିଲା। ହିମାଚଳ ପ୍ରଦେଶ ବିପକ୍ଷ ମ୍ୟାଚରେ ଓଡ଼ିଶାର ମୋନାଲିସା (ଲିବେରୋ), ଚେତନା (ଆଟାକର) ଓ ଜୋସେଫ (ବ୍ଲକର) ଚମତ୍କାର ପ୍ରଦର୍ଶନ କରି ଉଭୟ ରକ୍ଷଣାତ୍ମକ ଓ ଆକ୍ରମଣାତ୍ମକ କ୍ଷେତ୍ରରେ ଦକ୍ଷତା ପ୍ରତିପାଦନ କରିଥିଲେ। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍ଆଇ) ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଓଡ଼ିଶା ମହିଳା ଦଳକୁ ଅଭିନନ୍ଦନ ଜଣାଇବା ସହ ସ୍ୱତନ୍ତ୍ର ପୁରସ୍କାର ଘୋଷଣା କରିଛନ୍ତି। ଫେବୃୟାରୀ ୨୧ରେ ଉଦ୍‌ଯାପନୀ ସମାରୋହରେ ଓଡ଼ିଶା ଦଳକୁ ପୁରସ୍କୃତ କରାଯିବ।

### ପୁରୁଷ ଦଳ ଗ୍ରୁପ୍ ଚାମ୍ପିୟନ

ପୁରୁଷ ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ଓଡ଼ିଶା ୩-୨ (୨୩-୨୫, ୩୦-୨୮, ୨୫-୧୯, ୧୮-୨୫, ୧୫-୯) ସେଟ୍‌ରେ ରାଜସ୍ଥାନକୁ ହରାଇ ଗ୍ରୁପ୍ ଚାମ୍ପିୟନ ହୋଇଛି। ଅନ୍ୟ ୨ଟି ମ୍ୟାଚରେ ରେଲୱେ ୩-୦ ସେଟ୍‌ରେ ତାମିଲନାଡୁ ଏବଂ କେରଳ ୩-୨ ସେଟ୍‌ରେ ଆସାମକୁ ପରାସ୍ତ କରିଛି।

# ଧୂପରଙ୍କ ଅର୍ଦ୍ଧଶତକ: ଓଡ଼ିଶା ଅଗ୍ରଣୀ

## ରଣଜୀ ଟ୍ରଫି

**ଭୁବନେଶ୍ୱର, ୧୮।୨ (କ୍ରୀଡ଼ା ପ୍ରତିନିଧି)** ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ (ଗ୍ରାଉଣ୍ଡ 'ବି')ରେ ଚାଲିଥିବା ଗୋଆ ବିପକ୍ଷ ଏଲିଟ ଗ୍ରୁପ୍ 'ଡି' ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ସାମାନ୍ୟ ଅଗ୍ରଣୀ ନେବାରେ ସକ୍ଷମ ହୋଇଛି। ଅଧିକାଂଶ ବ୍ୟାଟର ପ୍ରଭାବୀ ପ୍ରଦର୍ଶନରେ ବିଫଳ ହୋଇଥିବାବେଳେ ଉଇକେଟକିପର ରାଜେଶ ଧୂପରଙ୍କ ଅର୍ଦ୍ଧଶତକ ସହାୟତାରେ ଏହା ସମ୍ଭବ ହୋଇଛି। ଗୋଆର ପ୍ରଥମ ଇନିଂସ ସ୍କୋର ୧୮୧ ରନ ଜବାବରେ ଓଡ଼ିଶା ୧୮୯ ରନ କରିଥିଲା। ଫଳରେ ଦଳ ୮ ରନରେ ଆଗୁଆ ରହିଥିଲା। ଶୁକ୍ରବାର ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଗୋଆ ଦ୍ୱିତୀୟ ଇନିଂସରେ ୨ ଉଇକେଟ ହରାଇ ୮୭ ରନ କରିଛି। ଫଳରେ ହାତରେ ୮ ଉଇକେଟ ଥାଇ ଗୋଆ ଓଭରଅଲ୍ ୭୯ ରନରେ ଅଗ୍ରଣୀ ହାସଲ କରିଛି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୩/୩ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଅଳ୍ପ ରନ ବ୍ୟବଧାନରେ ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର ଓ ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ଉଇକେଟ ହରାଇଥିଲା। ପୋଦ୍ଦାର ୮ ଓ ଶୁଭ୍ରାଂଶୁ ୨୯ ରନ କରିଥିଲେ। ଫଳରେ ୫୪ ରନରେ ଓଡ଼ିଶା ୫ମ ଉଇକେଟ ହରାଇ ବିପଦରେ ପଡ଼ିଥିଲା। ତେବେ ରାଜେଶ ଧୂପର ଓ ଅଭିଷେକ ରାଉତ ୬ଷ୍ଠ ଉଇକେଟରେ ୪୭ ରନ ଯୋଗ କରି ଇନିଂସ ସୁଧାରିଥିଲେ। ଭଲ ଆରମ୍ଭ କରିଥିବା ଅଭିଷେକ ୩୪ ବଲ୍‌ରୁ ୨୯ (୩ ଚୌକା, ୧ ଛକା) ରନ କରିଥିଲେ। ଗୋଟିଏ ପଟରେ ଧୂପର ଆତ୍ମବିଶ୍ୱାସର ସହ ଗୋଆ ବୋଲରଙ୍କୁ ମୁକାବିଲା କରିଥିବାବେଳେ ଅନ୍ୟପକ୍ଷରେ କ୍ରମାଗତ ବ୍ୟବଧାନରେ ଉଇକେଟ ପଡ଼ିଥିଲା। ଫଳରେ ୫୬ ଓଭରରେ ଓଡ଼ିଶା ପ୍ରଥମ ଇନିଂସ ୧୮୯ ରନରେ ଶେଷ ହୋଇ ଯାଇଥିଲା। ୧୦୭ ବଲ୍‌ର ସମ୍ମୁଖୀନ ହୋଇଥିବା ଧୂପର ୮ ଚୌକା ଓ ୧ ଛକା ସହ ୭୧ ରନରେ ଅପରାଜିତ ରହିଥିଲେ। ପ୍ରଥମଶ୍ରେଣୀ କ୍ରିକେଟରେ ଏହା ଥିଲା ତାଙ୍କର ୪ର୍ଥ ଅର୍ଦ୍ଧଶତକ। ଲୋୟର ଅର୍ଡରରେ ଦେବବ୍ରତ ପ୍ରଧାନ ୧୩ ଓ ରାଜେଶ ମହାନ୍ତି ୧୮ ରନର ଯୋଗଦାନ ଦେଇଥିଲେ। ଫଳରେ ଧୂପର ଓ ରାଜେଶଙ୍କ ୮ମ ଉଇକେଟରେ ମୂଲ୍ୟବାନ ୪୪ ରନର ପାର୍ଟନରଶିପ୍ ସମ୍ଭବ ହୋଇଥିଲା। ଗୋଆ ବୋଲରଙ୍କ ମଧ୍ୟରେ ଶୁଭମ୍ ରଞ୍ଜନେ ୪୯ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ଲକ୍ଷ ଗର୍ଗଙ୍କୁ ୨ଟି ଉଇକେଟ ମିଳିଥିଲା।





ଦ୍ୱିତୀୟ ଇନିଂସ ଆରମ୍ଭ କରି ଗୋଆ ଓପନିଂ ଯୋଡ଼ିରେ ୭୬ ରନ ସଂଗ୍ରହ କରିଥିଲା। ୭୯ ବଲ୍‌ରୁ ୪୨ (୭ ଚୌକା) ରନ କରିଥିବା ଅମୋଘ ଦେଶାଇଙ୍କୁ ଅନୁରାଗ ଷଡ଼ଙ୍ଗୀଙ୍କ ହାତରେ କ୍ୟାଚ କରାଇ ଓଡ଼ିଶାକୁ ବ୍ରେକ୍ ଥ୍ରୁ ଦେଇଥିଲେ ଅଭିଜ୍ଞ ପେସର ବସନ୍ତ ମହାନ୍ତି। ସ୍କୋର ସେହି ୭୬ ଥିବାବେଳେ ଅନ୍ୟତମ ଓପନର ସୁମିରଣ ଅମୋନକର (୩୩ ରନ, ୩ ଚୌକା, ୧ ଛକା) ଅଭିଷେକ ରାଉତଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ଦ୍ୱିତୀୟ ଦିବସ ଶେଷ ପୂର୍ବରୁ ଉଭୟ ଦଳର ପ୍ରଥମ ଇନିଂସ ଶେଷ ହୋଇଯାଇଥିବାରୁ ମ୍ୟାଚରୁ ଫଳାଫଳ ମିଳିବା ଆଶା କରାଯାଉଛି।

### ସଂକ୍ଷିପ୍ତ ସ୍କୋର

ଗୋଆ ପ୍ରଥମ ଇନିଂସ: ୧୮୧। ଓଡ଼ିଶା ପ୍ରଥମ ଇନିଂସ: ୧୮୯/ଅଲଆଉଟ (ରାଜେଶ ଧୂପର-୭୧*, ଶୁଭ୍ରାଂଶୁ ସେନାପତି-୨୯, ଅଭିଷେକ ରାଉତ-୨୯, ଶୁଭମ୍ ରଞ୍ଜନେ-୫/୪୯, ଲକ୍ଷ ଗର୍ଗ-୨/୪୮)। ଗୋଆ ଦ୍ୱିତୀୟ ଇନିଂସ: ୮୭/୨।

# ମନନ ଭୋରାଙ୍କ ଶତକ

**ଭୁବନେଶ୍ୱର, ୧୮।୨ (କ୍ରୀଡ଼ା ପ୍ରତିନିଧି)** ସ୍ଥାନୀୟ ବିକାଶ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ହାଇଦ୍ରାବାଦ ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଶତକ ହାସଲ କରିଛନ୍ତି ଚଣ୍ଡିଗଡ଼ ଦଳ ଅଧିନାୟକ ମନନ ଭୋରା। ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ଚଣ୍ଡିଗଡ଼ ୬ ଉଇକେଟ ହରାଇ ୨୦୦ ରନ ସଂଗ୍ରହ କରିଛି। ଭୋରା ୧୬୭ ବଲ୍‌ରୁ ୧୩ ଚୌକା ଓ ୧ ଛକା ସହାୟତାରେ ସର୍ବାଧିକ ୧୧୦ ରନ କରି ଆଉଟ ହୋଇଥିବାବେଳେ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ ଚାମ୍ପିୟନ ଭାରତୀୟ ଦଳର ଅନ୍ୟତମ ହିରୋ ରାଜ ଅଙ୍ଗଦ ବାୱା ୩୯ (୯୯ ବଲ, ୪ ଚୌକା) ରନରେ ଅପରାଜିତ ଅଛନ୍ତି। ଉଇକେଟ କିପର ଅରଜିତ ସିଂ ୩୧ ରନ କରିଛନ୍ତି। ହାଇଦ୍ରାବାଦ ପକ୍ଷରୁ ରକ୍ଷଣ ରେଡ୍ଡୀ ୪ଟି ଓ ତନୟ ତ୍ୟାଗରାଜନ ୨ଟି ଉଇକେଟ ନେଇଛନ୍ତି। ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୭୦/୭ରୁ ଖେଳ ଆରମ୍ଭ କରିଥିବା ହାଇଦ୍ରାବାଦ ୩୪୭ ରନକରି ସମସ୍ତ ଉଇକେଟ ହରାଇଥିଲା। ଚଣ୍ଡିଗଡ଼ ପକ୍ଷରୁ ଜଗଜିତ ସିଂ ୪ଟି ଏବଂ ରାଜ ବାୱା ଓ ଗୌରବ ଗମ୍ଭୀର ୨ଟି ଲେଖାଏ ଉଇକେଟ ନେଇଥିଲେ।

# ବରୋଦା ବିପକ୍ଷରେ ବେଙ୍ଗଲ ୮୮ରେ ଅଲ୍‌ଆଉଟ



ଉଇକେଟ ନେବାପରେ ଅତୀତ ସେଠ୍ (ଡାହାଣ)।

**ଭୁବନେଶ୍ୱର, ୧୮।୨ (କ୍ରୀଡ଼ା ପ୍ରତିନିଧି):** କଟକର ବାରବାଟୀ ଷ୍ଟାଡିୟମରେ ଗୁରୁବାର ଏଲିଟ ଗ୍ରୁପ୍ 'ବି' ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ବରୋଦା ବୋଲରଙ୍କୁ ମୁକାବିଲା କରି ନ ପାରି ବେଙ୍ଗଲ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଫଳରେ ଦଳ ପ୍ରଥମ ଇନିଂସରେ ମାତ୍ର ୮୮ ରନରେ ଅଲ୍‌ଆଉଟ ହୋଇଛି। ଓପନର ସୁଦୀପ କୁମାର ଚରମି ସର୍ବାଧିକ ୨୧ ରନ କରିଥିବାବେଳେ ବେଙ୍ଗଲ କ୍ରୀଡ଼ାମନ୍ତ୍ରୀ ମନୋଜ ତିୱାରୀଙ୍କ ସହ ୫ ଜଣ ଗୋଲ୍ଡେନ୍ ଡକ୍ (୦)ରେ ଆଉଟ ହୋଇଛନ୍ତି ଏବଂ ୨ ଜଣ ଦୁଇଅଙ୍କ ସ୍ପର୍ଶ କରିନାହାନ୍ତି। ବରୋଦା ପକ୍ଷରୁ ଅତୀତ୍ ସେଠ୍ ୪୪ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଛନ୍ତି। ଲୁକମାନ ମେରିୱାଲାଙ୍କୁ ୨ଟି ଉଇକେଟ ମିଳିଛି। ପ୍ରଥମ ଇନିଂସରେ ୧୮୧ ରନ କରିଥିବା ବରୋଦା ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ଦ୍ୱିତୀୟ ଇନିଂସରେ ୫ ଉଇକେଟ ହରାଇ ୧୪୪ ରନ କରିଛି। ଅଧିନାୟକ କେଦାର ଦେବଧର ୪୧ ଓ ପ୍ରତ୍ୟୁଷ କୁମାର ୩୯* ରନ କରିଛନ୍ତି। ବେଙ୍ଗଲ ପକ୍ଷରୁ ଇଶାନ ପୋରେଲ ୨ଟି ଉଇକେଟ ନେଇଛନ୍ତି। ୫ ଉଇକେଟ ସୁରକ୍ଷିତ ଥାଇ ବରୋଦା ୨୩୭ ରନରେ ଅଗ୍ରଣୀଲାଭ କରିଛି।







Stylish and spacious interiors



2nd Row - one touch tip tumble captain & split seats



Bose premium sound system (8 speakers)



Voice enabled smart panoramic sunroof



Surround view monitor with 360° camera

25 years of Hyundai

**Powertrain options :** 1.5 l diesel CRDi & 2.0 l petrol MPi with 6MT & 6AT
**Fuel economy:** diesel (20.4~ kmpl – MT) & petrol (14.5~ kmpl – MT)
Bluelink connected car technology comes with Over The Air (OTA) map updates. 16 map updates in 8 years.

HYUNDAI

To know more, give a missed call on 8884709630 | 3 Unlimited Kilometer Warranty | 3 Years road side assistance (RSA) 3 Years free Bluelink subscription | Lowest cost of maintenance## | Hyundai Mobility Membership | Hyundai Click to Buy | Up to 100% on - road funding.* Lowest rate of interest starting @ 7.25%.* Minimal processing fee - as low as nil.*

**FOR INFORMATION CONTACT:** TOLL FREE: 1800114645; **ANGUL: BINOD HYUNDAI**, PH: 9438151108, BALANGIR, PH: 9437166042; **BHUBANESWAR: ADITYA HYUNDAI**, TAMANDO, PH: 7873999645, NAYAGARH, PH: 9348726259; SACHIVALAYA MARG, UNIT IV, PH: 7873999988, LEWIS ROAD, PH: 7873999523; **BERHAMPUR: UTKAL HYUNDAI**, PH: 9437091721; **BALASORE: PREMIER HYUNDAI**, PH: 9938449806; BHADRAK, PH: 9938449806; **BARIPADA: PREMIER HYUNDAI**, PH: 9938449811; **CUTTACK: OSL HYUNDAI**, PH: 9338104597; PARADEEP, PH: 7978931504; JAGATSINGHPUR, PH: 9437844440; **UTKAL HYUNDAI**, PH: 9437063221; KEONJHAR, PH: 9937117471, JAJPUR, PH: 9937047631; **ROURKELA: KOSHALA HYUNDAI**, PH: 7440022333; RAJGANGPUR, PH: 8093598037; **SAMBALPUR: AAKASHDEEP HYUNDAI**, PH: 9437070126; **BARGARH: SAKAMBARI HYUNDAI**, PH: 6370101797; **JHARSUGUDA: INFINITY HYUNDAI**, PH: 7077011114; SUNDERGARH, PH: 7606003303; **JEYPORE: HSPL HYUNDAI**, PH: 8480330001; SIMILIGUDA, PH: 8480330001; RAYAGADA, PH: 8480330001; BHAWANIPATNA, PH: 8480330040; **PATIA: UTKAL HYUNDAI**, PH: 7064278721; **UTTARA: ADITYA HYUNDAI**, PH: 7873999545, PURI, PH: 9777119350;

*Terms & Conditions apply. Features & specifications shown may not be part of standard fitment & are subject to change without prior notice. Functionality of Bluelink depends on adequate power supply and uninterrupted network connectivity to infotainment system. The Bluelink system is designed in such a way that it makes vehicle theft difficult if its circuit and battery connection is uninterrupted. ##Hyundai ALCAZAR (Petrol) has lowest average yearly periodic maintenance service cost of ₹3 156 for 5 years in Delhi. Source: Cardekho.com. ~As per ARAI test result. Loan is at the sole discretion of financier. Visit your nearest Hyundai dealership for more details. Hyundai urges you to follow traffic rules – these are meant to keep you safe on roads.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଏବିଭିପିର ବିକ୍ଷୋଭ ପ୍ରଦର୍ଶନ

**ଫୁଲବାଣୀ ଅଫିସ, ୧୮।୨:** କନ୍ଧମାଳ ଜିଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ତାମିଲନାଡୁର ତାଞ୍ଜାବୁରଠାରେ ଘଟିଥିବା ଛାତ୍ରୀ ଲାବନ୍ୟା ଆତ୍ମହତ୍ୟା ଘଟଣାରେ ତାଙ୍କୁ ନ୍ୟାୟ ଦେବା ଏବଂ ଗିରଫ କରାଯାଇଥିବା ରାଷ୍ଟ୍ରୀୟ ସାଧାରଣ ସମ୍ପାଦିକା ସୁଶ୍ରୀ ନିଧି ତ୍ରିପାଠୀ ଓ ଅନ୍ୟ କାର୍ଯ୍ୟକର୍ତ୍ତାଙ୍କୁ ମୁକ୍ତ କରିବା ଦାବିରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ମିଶନାରୀ ପରିଚାଳିତ ଶିକ୍ଷାନୁଷ୍ଠାନ ଗୁଡିକରେ ଶିକ୍ଷା ନାଁରେ ହେଉଥିବା ଧର୍ମାନ୍ତୀକରଣକୁ ବନ୍ଦ କରିବା ସହ ଅନେକ ଦାବି ନେଇ ଏବିଭିପି ଜିଲା ପ୍ରମୁଖ ଶିବାଶିଷ ପଣ୍ଡାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏବିଭିପି ଜିଲା ସଂଯୋଜକ ଦିବ୍ୟରଂଜନ ଡାକୁଆ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅହଲ୍ୟା ମାଝି, ଗଂଜାମ ବିଭାଗ ପ୍ରମୁଖ ରାଜନନ୍ଦିନୀ ସାହାଣୀ, ରଜତ ବେହେରା, ଗୋବିନ୍ଦ ସାହୁ ପ୍ରମୁଖ ସାମିଲ ଥିଲେ ।

### ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ବୁଗୁଡ଼ା,୧୮।୨(ଡି.ଏନ.ଏ.):** ବୁଗୁଡ଼ା ଥାନା ଅନ୍ତର୍ଗତ ତାକରଡ଼ା ଗ୍ରାମର ଜଣେ ଯୁବକ ଶୁକ୍ରବାର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ତାକରଡ଼ା ଗ୍ରାମର ମୁଖ୍ୟ ସଡ଼କରେ ରହୁଥିବା ନାରାୟଣ ପ୍ରଧାନ (୪୫)। ଶୁକ୍ରବାର ଘରେ କାହାକୁ କିଛି ନ ଜଣାଇ ନାରାୟଣ ଘରୁ ବାହାରି ଯାଇଥିଲେ। ତେବେ ସକାଳ ପ୍ରାୟ ସାଢ଼େ ୧୦ଟାରେ ନିକଟସ୍ଥ ବାଘୁଆ କେନାଲ ହୁଡ଼ାରେ ଥିବା ଏକ ବରଗଛରେ ନାରାୟଣଙ୍କ ମୃତଦେହ ଝୁଲି ରହିଥିବାର ପ୍ରଚାର ହୋଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇଛି। ନାରାୟଣ ବଢ଼େଇ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ତେବେ ପାରିବାରିକ ଅଶାନ୍ତିକୁ ନେଇ ସେ ଆତ୍ମହତ୍ୟା କରିଥିବା ଶୁଣିବାକୁ ମିଳୁଛି। ଏ ନେଇ ନଂ ୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି।

# ରଣପୁର ବ୍ଲକ୍‌ରେ ୭୭.୯୫ % ମତଦାନ



ରଣପୁର ବ୍ଲକର ଏକ ଭୋଟ ଗ୍ରହଣ କେନ୍ଦ୍ରରେ ଭୋଟରଙ୍କ ଲମ୍ବା ଧାଡ଼ି।



ଜଣେ ମହିଳା ଭୋଟ ଦେଉଛନ୍ତି।

## ୧୩୨୨ ପ୍ରାର୍ଥୀଙ୍କ ଭାଗ୍ୟ ବାଲଟ୍ ବକ୍ସରେ ବନ୍ଦ

**ନୟାଗଡ଼ ଅଫିସ,୧୮।୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ରଣପୁର ବ୍ଲକର ୭୭.୯୫ ପ୍ରତିଶତ ମତଦାନ ହୋଇଛି। ବ୍ଲକର ୩୭ ଗୋଟି ପଞ୍ଚାୟତରେ ୪ଟି ଜିଲାପରିଷଦ ଜୋନର ୫୧୭ଟି ୱାର୍ଡ ରହିଛି। ବାଲାଟ୍ ବକ୍ସରେ ୧୦୦୫ ୱାର୍ଡ ମେମ୍ବର, ୧୬୧ ସରପଞ୍ଚ, ୧୩୭ ସମିତି ସଭ୍ୟ ଓ ୧୯ ଜିଲା ପରିଷଦ ସଭ୍ୟ ଏପରି ମୋଟରେ ୧୩୨୨ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍ ହୋଇଯାଇଛି। ଜିଲାପାଳ ପୋମା ଟୁଡୁ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଏସ୍‌ପି ସିଦ୍ଧାର୍ଥ କଟାରିଆ, ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତ, ଜିଲା ପଞ୍ଚାୟତ ଅଧିକାରୀ ମନୋରଞ୍ଜନ ମହାନ୍ତି ବିଭିନ୍ନ ବୁଥ୍ ପରିଦର୍ଶନ କରିଥିଲେ।

### ମତଦାନ କେନ୍ଦ୍ର ସମ୍ମୁଖରେ ପ୍ରାର୍ଥୀଙ୍କୁ ମାଡ଼

ନରେନ୍ଦ୍ରପୁର ମତଦାନ କେନ୍ଦ୍ର ୧୨ ନଂ. ୱାର୍ଡ ସମ୍ମୁଖରେ ସରପଞ୍ଚ ପ୍ରାର୍ଥୀ ତ୍ରିନାଥ ରାଉତ ଓ ତାଙ୍କର କିଛି ସମର୍ଥକଙ୍କୁ ଶୁକ୍ରବାର ମାରପିଟ୍ କରାଯାଇଛି। ଏ ନେଇ ରଣପୁର ଥାନାରେ ଅଭିଯୋଗ ହୋଇଛି। ଅନ୍ୟଜଣେ ସରପଞ୍ଚ ପ୍ରାର୍ଥୀ ନିଜର କିଛି ସହଯୋଗୀଙ୍କୁ ନେଇ ନରେନ୍ଦ୍ରପୁରରେ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଥିଲେ। ଏହି ଘଟଣାକୁ ନେଇ ଉତ୍ତେଜନା ଦେଖା ଦେଇଥିଲା।

### ବାଲିଆରେ ମାରପିଟ

ଖଇରପଲ୍ଲୀ ପଞ୍ଚାୟତର ବାଲିଆ ମତଦାନ କେନ୍ଦ୍ର ସମ୍ମୁଖରେ ଭୋଟ ଦେବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇଛି। ଜଣେ ଭୋଟରଙ୍କୁ ଦେଖାଯାଉ ନ ଥିବାରୁ ପାଖରେ ଥିବା ଜଣେ ବ୍ୟକ୍ତିଙ୍କୁ ଭୋଟ ଦେବାକୁ କହିଥିଲେ। ତେବେ ଭୋଟର ଜଣେ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ କହିଥିବାବେଳେ ସହଯୋଗୀ ବ୍ୟକ୍ତି ନିଜ ପସନ୍ଦ ମୁତାବକ ଭୋଟ ଦେଇଥିଲେ। ଏ ଘଟଣା ଜଣାପଡିବା ପରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା।

### ଭୋଟ ଗଣତିକୁ ଅପେକ୍ଷା

ରଣପୁର ନିର୍ବାଚନ ମଣ୍ଡଳୀରେ ରଣପୁର ବ୍ଲକର ୨୧, ୨୨, ୨୩ ଓ ୨୪ ନଂ. ଜୋନ ଏବଂ ଓଡ଼ଗାଁ ବ୍ଲକର ୩ ଓ ୪ ନଂ. ଜୋନ ଆଦି ୬ଟି ଜୋନ ରହିଛି। ୬ଟି ଜୋନ ମଧ୍ୟରୁ ଓଡ଼ଗାଁ ବ୍ଲକର ୩ ଓ ୪ ନଂ. ଜୋନ ନିର୍ବାଚନ ପ୍ରଥମ ପର୍ଯ୍ୟାୟରେ ଗତ ୧୬ ତାରିଖରେ ହୋଇଥିଲା। ୨ୟ ପର୍ଯ୍ୟାୟ ଭୋଟ ଶୁକକ୍ରବାର ୨୧, ୨୨, ୨୩ ଓ ୨୪ ନଂ. ଜୋନରେ ହୋଇଯାଇଛି। ୬ଟି ଜୋନରୁ ୩, ୪, ୨୨ ଓ ୨୩ ନଂ. ଜୋନ ୨୦୧୭ ନିର୍ବାଚନରେ ଭାଜପା ଦଖଲରେ ଥିଲା। ୨ ପର୍ଯ୍ୟାୟ ଭୋଟ ଶେଷ ପରେ ୬ଟି ଜୋନକୁ ଭାଜପା ଓ ବିଜେଡି ଦଖଲ କରିବେ ବୋଲି କହୁଛନ୍ତି। ଏଭଳିସ୍ଥଳେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ଭୋଟ ପ୍ରଚାରର ଟେନଶନ ଦୂର ହୋଇଯାଇଛି। କିନ୍ତୁ ଫଳାଫଳ ଘୋଷଣା ହୃତସ୍ପନ୍ଦନକୁ ବଢ଼ାଇ ଦେଇଛି। ତେବେ କାହା ସପକ୍ଷରେ ଭୋଟ ଯିବ ତାହା ଗଣତି ପରେ ଜଣାପଡିବ।

## ଘୁଞ୍ଚିଲା ଦଶପଲ୍ଲା ପ୍ଲାଟିନମ୍ ଜୁବିଲି ଉତ୍ସବ

**ଦଶପଲ୍ଲା,୧୮।୨(ଡି.ଏନ.ଏ.):**

ଦଶପଲ୍ଲା ହାଇସ୍କୁଲର ୭୫ ବର୍ଷ ପୂର୍ତ୍ତି ଅବସରରେ ପ୍ଲାଟିନମ୍ ଜୁବୁଲି ଉତ୍ସବ ପାଳନ କରିବା ପାଇଁ ପୁରାତନ ଛାତ୍ରୀଛାତ୍ରମାନଙ୍କୁ ନେଇ ଡିସେମ୍ବରରୁ ଆରମ୍ଭ ହୋଇଥିବା ପ୍ରସ୍ତୁତି କାର୍ଯ୍ୟକ୍ରମ ଏବେ ସ୍ଥଗିତ ରଖାଯାଇଛି। ଦୀର୍ଘଦିନ ପରେ ଏଭଳି ଏକ ବନ୍ଧୁ ମିଳନ ସହ ୩ ଦିନ ଧରି ଚାଲିବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥଗିତ ରଖାଯାଇଛି। ପୂର୍ବତନ ଛାତ୍ରୀଛାତ୍ରଙ୍କୁ ନିରାଶ କରିଥିଲେ ହେଁ କରୋନା କଟକଣାର ସାର୍ବଜନୀନ ସୁରକ୍ଷା ଦୃଷ୍ଟିରୁ ଏହାକୁ ଗ୍ରହଣ କରାଯାଇଛି। ପୂର୍ବରୁ ଫେବୃୟାରୀ ୨୫,୨୬,୨୭ ତାରିଖ ୩ ଦିନ ଧରି ହେବାକୁ ଥିବା ଜୁବୁଲି ଉତ୍ସବ ପରବର୍ତ୍ତୀ ସମୟରେ କମିଟି ନିଷ୍ପତ୍ତି ଅନୁଯାୟୀ ଏପ୍ରିଲରେ କରାଯିବ ବୋଲି ଜୁବୁଲି କମିଟି ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ଜଣାଇଛନ୍ତି।

# ଶ୍ରୀରଘୁନାଥ ଜୀଉଙ୍କ ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତ ଗିରଫ

## ସୁନାକଳସ ଉପରେ ନଜର ହେଲା କାଳ

**ଓଡ଼ଗାଁ,୧୮।୨(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥ ଜୀଉଙ୍କ ଦକ୍ଷିଣ ଦ୍ୱାର ହନୁମାନ ମନ୍ଦିର ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତ ଧରା ପଡିଛି। ହେଲେ ସେ କୁଆଡେ ମନ୍ଦିର ଚୁଡାରେ ଶୋଭା ପାଉଥିବା ୩ ସୁନା କଳସ ଉପରେ ନଜର ପକାଇବା କାଳ ହେଲା ବୋଲି ନେଇ ଚର୍ଚ୍ଚା ଜୋର ଧରିଛି। ସୂଚନା ଅନୁସାରେ, ଗୁରୁବାର ବିଳମ୍ବିତ ରାତି ୨ ଟାରେ ଜଣେ ଦୁର୍ବୃତ୍ତ କଟର ସାହାଯ୍ୟରେ ୫ ଟି ତାଲା କାଟି ହୁଣ୍ଡି ଖୋଲିବାକୁ ଉଦ୍ୟମ କରୁଥିଲେ। ଏତିକି ବେଳକୁ ମନ୍ଦିର ୱାଚର ପହଞ୍ଚି ଯାଇଥିଲେ। ଫଳରେ ଦୁର୍ବୃତ୍ତ ପଳାଇ ଯାଇଥିବା ବେଳେ ସେ ଏକ ବାଇକ୍ ଛାଡି ଯାଇଥିଲେ। ହେଲେ ହୁଣ୍ଡିରୁ ସେ ଟଙ୍କାଟିଏ ମଧ୍ୟ ନେଇ ନ ଥିବା ଜଣାଯାଇଛି। ଦୁର୍ବୃତ୍ତ ଜଣକ ଚୋରିରେ ବିଫଳ ହୋଇଥିଲେ ସୁଦ୍ଧା ବାଇକ୍ ଛାଡି ଯାଇଥିବାରୁ ନେବାକୁ ଚେଷ୍ଟା କରି ସ୍ଥାନୀୟ ଲୋକଙ୍କ ଦ୍ୱାରା ଧରାପଡି ପୋଲିସ ହେପାଜତକୁ ଯାଇଥିଲେ। ପୋଲିସ ତଦନ୍ତ ସମୟରେ ସେ ସୁନା କଳସ ଚୋରି କରିବାକୁ ଆସିଥିବା କହିଥିଲେ। ଗତ ସପ୍ତାହରେ ନିକଟସ୍ଥ ପେଟେଇ ଚଣ୍ଡୀ ମନ୍ଦିର ହୁଣ୍ଡି ଭାଙ୍ଗିଥିବା ମଧ୍ୟ ସ୍ୱୀକାର କରିଛନ୍ତି। ଚୋରି ସମୟର ଦୃଶ୍ୟ ମନ୍ଦିର ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଗିରଫ ଯୁବକ ଗୁରୁବାର ରାତିରେ ପେଟେଇ ଚଣ୍ଡି ମନ୍ଦିର ସିସିଟିଭି କ୍ୟାମେରା ଭାଙ୍ଗିବା ସହ ଲାଗିଥିବା ମନିଟର ଟିଭିକୁ ଉଠାଇ ନେଇଥିଲେ। ସେ ବୌଦ୍ଧ, କଟକ ଓ ଅନ୍ୟ ଜିଲାରେ ସହଯୋଗୀଙ୍କ ସହ ମନ୍ଦିରରୁ ଚୋରି କରିଥିବା କହୁଛନ୍ତି। ସ୍ଥାନୀୟ ପୋଲିସ ମନ୍ଦିର ପରିଚାଳକଙ୍କଠାରୁ ଅଭିଯୋଗ ପାଇବା ପରେ ଏକ ମାମଲା ରୁଜୁ କରିଛନ୍ତି। ହେଲେ ତଦନ୍ତ କରୁଥିବା ପୋଲିସ ଏସ୍‌ଆଇ ସ୍ନେହଲତା ପ୍ରଧାନଙ୍କ କହିବା ଅନୁସାରେ, ଗିରଫ ଯୁବକ ନୟାଗଡ଼ ଟାଉନ ଥାନା ଅନ୍ତର୍ଗତ ହାଟଦୁଆର ଗ୍ରାମର ଜିତୁ ନାୟକ ଓ ତାଙ୍କର ଅନ୍ୟ ସହଯୋଗୀଙ୍କ ନାମ ମଧ୍ୟ ଜିତୁ ନାୟକ ବୋଲି ସେ ପ୍ରକାଶ କରିଛନ୍ତି। ହେଲେ ପୋଲିସ ଦିନତମାମ ଜିତୁଙ୍କୁ ନେଇ ଖୋଜାଖୋଜି କରିବାରେ ସେ ଲୁଚାଇ ରଖିଥିବା ମନିଟର, କେତେକ ବାସନ କୁସନ ଜବତ କରାଯାଇଛି। ଅନ୍ୟପକ୍ଷେ ପୋଲିସ ଜିତୁଙ୍କୁ ଅଧିକ ପଚରା ଉଚୁରା କରିବା ପରେ ଏକ ବଡ଼ ଧରଣର ଗ୍ୟାଙ୍ଗର ପର୍ଦ୍ଦାଫାସ ହେବାରୁ ସମ୍ଭାବନା ରହିଛି।




ମନ୍ଦିରର ଏକ ହୁଣ୍ଡିକୁ ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି। ଦୁର୍ବୃତ୍ତ ଛାଡି ଯାଇଥିବା ବାଇକ୍।



# ୩ୟ ପର୍ଯ୍ୟାୟରେ ୪ ଜୋନ୍‌ରେ ନିର୍ବାଚନ

ନୟାଗଡ଼ ଅଫିସ,୧୮।୨

ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଥିବାବେଳେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ନୟାଗଡ଼ ବ୍ଲକରେ ୨୦ ତାରିଖରେ ହେବ। ଏଥିପାଇଁ ଶୁକ୍ରବାର ପ୍ରଚାର ଶେଷ ହୋଇଛି। ଏହି ବ୍ଲକର ୪ଟି ଜିଲା ପରିଷଦ ଜୋନ୍‌ର ୨୯ ପଞ୍ଚାୟତରେ ୪୩୫ ୱାର୍ଡ ରହିଛି। ୪୩୫ ୱାର୍ଡ ପାଇଁ ଗୋଟିଏ ଲେଖାଏ ବୁଥ୍ ହୋଇଛି। ଏଠାରେ ୧ଲକ୍ଷ ୨୭ ହଜାର ୯୯୩ ଭୋଟର ୮୧୪ ୱାର୍ଡ ମେମ୍ବର, ୧୨୧ ସରପଞ୍ଚ, ୧୦୨ ସମିତିସଭ୍ୟ ଓ ୧୬ ଜିଲା ପରିଷଦ ସଭ୍ୟ ଏପରି ମୋଟରେ ୧୦୬୧ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। କ୍ରୀଦାଶପୁର ପଞ୍ଚାୟତରେ ସରପଞ୍ଚ, ସମିତି ସଭ୍ୟ ଓ ନଡିଆଳି ପଞ୍ଚାୟତରେ ସରପଞ୍ଚ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାରୁ ଏଠାରେ ନିର୍ବାଚନ ହେବନାହିଁ।

ନୟାଗଡ ବ୍ଲକ ୧୨ ନଂ. ଜିଲା ପରିଷଦ ଜୋନରେ ୭ଟି ପଞ୍ଚାୟତ ରହିଛି। ବାଲୁଗାଁ ପଞ୍ଚାୟତରେ ୫,୬୩୯, ଚମ୍ପତିପୁରରେ ୩,୬୯୨, ଗଦାଧରପ୍ରସାଦରେ ୪,୩୨୨, କ୍ରୀଦାଶପୁରରେ ୪,୧୯୩, ନାଟୁଗାଁରେ ୩,୯୭୦, ଲକ୍ଷ୍ମୀପ୍ରସାଦରେ ୫,୪୦୪, ଶରଧାପୁର ପଞ୍ଚାୟତରେ ୩,୬୧୧ ଭୋଟର ଏପରି ମୋଟରେ ୩୦,୮୩୧ ଭୋଟର ଅଛନ୍ତି। ଏହି ଜୋନ୍‌ରେ ଭାଜପାରୁ ସନ୍ତୋଷ ପ୍ରଧାନ, କଂଗ୍ରେସରୁ ବୃନ୍ଦାବନ ନାୟକ ଓ ବିଜେଡିରୁ ସୁବାସ ଚନ୍ଦ୍ର କଅଁର ନିର୍ବାଚନ ଲଢୁଛନ୍ତି। ୧୩ ନଂ. ଜୋନରେ ରହିଛି ୧୦ ପଞ୍ଚାୟତ। ଭାଟସାହି ପଞ୍ଚାୟତରେ ୨,୯୮୨ ଭୋଟର, ଲେଙ୍କୁଡିପଡାରେ ୩,୧୬୫, ଖୁଣ୍ଟୁବନ୍ଧରେ ୬,୧୯୭, ସିନ୍ଦୂରିଆରେ ୪,୦୧୮, ନବଘନପୁରରେ ୩,୨୬୫, ନଡଡିଆଳିରେ ୩,୨୫୦, ଘଡୁଆଳରେ ୩,୨୪୦, ଚଣ୍ଡିବସ୍ତ୍ରରେ ୩,୧୫୯, ମୁଆଗାଡିଆରେ ୩,୪୮୩, ମାଛିପଡା ପଞ୍ଚାୟତରେ ୩,୩୮୭ଭୋଟର ଏପରି ମୋଟରେ ୩୬,୧୪୬ ଭୋଟର ଅଛନ୍ତି। ଏଠାରେ ନସିର ଅହମ୍ମଦ (ଭାଜପା), ହୋସେନ ଖାଁ (କଂଗ୍ରେସ), କ୍ଷୀରୋଦ କୁମାର ମହାପାତ୍ର (ବିଜେଡି), ଅହଲ୍ୟା କୁମାରୀ ସାହୁ (କଳିଙ୍ଗସେନା), ସ୍ୱାଧୀନ ଭାବେ ଗିରିଧାରୀ ରାଉତ ଓ ଦିଲୀପ କୁମାର ବେହେରା ନିର୍ବାଚନ ଲଢୁଛନ୍ତି। ୧୪ ନଂ. ଜିଲା ପରିଷଦ ଜୋନ ୫ ପଞ୍ଚାୟତକୁ ନେଇ ଗଠିତ। ବାଉଁଶିଆପଡା ପଞ୍ଚାୟତରେ ୫,୦୩୮, ବିରୁଡାରେ ୪,୩୭୪, ଇଟାମାଟିରେ ୯,୯୧୮, ବଡପଣ୍ଡୁସରରେ ୭,୦୫୬, ଶରଣକୁଳ (ଜହ୍ନିପଦା) ପଞ୍ଚାୟତରେ ୨, ୭୩୬ ଭୋଟର ଏପରି ମୋଟରେ ୨୯,୮୨୨ ଭୋଟର ଅଛନ୍ତି। ଏହି ଜୋନରେ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ଲଢ଼େଇ ଘମାଘୋଟ ଚାଲିଛି। ଏଠାରେ ବୀରେନ୍ଦ୍ର କୁମାର ନାୟକ (ଭାଜପା), ପୂର୍ଣ୍ଣଚନ୍ଦ୍ର ଶାନ୍ତ (କଂଗ୍ରେସ), ଆଶିଷ କୁମାର ଅଗ୍ରୱାଲ (ବିଜେଡି)ରୁ ପ୍ରାର୍ଥୀ ହୋଇ ନିର୍ବାଚନ ଲଢୁଛନ୍ତି। ୧୫ ନଂ. ଜୋନ୍‌ରେ ୭ ପଞ୍ଚାୟତ ରହିଛି। ଗମ୍ଭାରୀଡିହି ପଞ୍ଚାୟତରେ ୩,୪୬୯, ଇଟିରିରେ ୩, ୮୫୧, କାଳିକାପ୍ରସାଦରେ ୬,୮୪୮, କେନ୍ଦୁଡ଼ିପିରେ ୨,୬୦୨, ଜେମାଦେଇପୁରପାଟଣାରେ ୩,୯୩୦, ଲାଠିପଡାରେ ୬,୪୧୯, ନୋତର ପଞ୍ଚାୟତରେ ୪,୦୭୫ ଭୋଟର ଏପରି ମୋଟରେ ୩୧,୧୯୪ଭୋଟର ଅଛନ୍ତି। ସୌମ୍ୟ ରଞ୍ଜନ ପ୍ରଧାନ (ଭାଜପା), ଆଦିତ୍ୟ ପ୍ରସାଦ ପରିଡା (କଂଗ୍ରେସ) ଓ ସରୋଜ କୁମାର ରଣସିଂହ (ବିଜେଡି) ନିର୍ବାଚନ ମଇଦାନରେ ଅଛନ୍ତି।

**ନୟାଗଡ଼ ବ୍ଲକ**
- ୧ଲକ୍ଷ ୨୭ ହଜାର ଭୋଟର ବାଛିବେ ନେତା



ମହିଳାପୁରୁଷମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

## ସଂକ୍ଷେପରେ

### କେଶପୁର ପଞ୍ଚାୟତରେ ନିର୍ବାଚନ ପ୍ରଚାର

ଖଲ୍ଲିକୋଟ,୧୮।୨(ଡି.ଏନ.ଏ.)ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ୧୩ ନମ୍ବର ଜିଲା ପରିଷଦ ଜୋନ କେଶପୁର ପଞ୍ଚାୟତରେ ପ୍ରାର୍ଥୀ ବିଭିନ୍ନ ଗ୍ରାମକୁ ଯାଇ ଭୋଟ ଭିକ୍ଷା କରିଥିଲେ। କେଶପୁର ସରପଞ୍ଚ ପ୍ରାର୍ଥୀ ବିଚିତ୍ର ଜାଲୀ, ସମିତି ସଭ୍ୟ ପ୍ରାର୍ଥୀ ଉଲ୍ଲାସ ପରିଡା (ହୁଲୁ) ସାହି ସାହି ବୁଲି ରୋଡ୍ ଶୋରେ ଭୋଟଭିକ୍ଷା କରିଥିଲେ। ଏହି ନିର୍ବାଚନୀ ପ୍ରଚାରରେ ଟିଭି ସିରିୟଲର ଦୁଇ ଜଣ ମହିଳା କଳାକାର ସାମିଲ ରହି ଉଭୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଥିଲେ। ଏହି ନିର୍ବାଚନ ପ୍ରଚାର ରାଲିରେ ପ୍ରାର୍ଥୀଙ୍କ ସହ ବିଧାୟିକା ବିରୋଧୀ ନେତା ବିଜୟ ଜାଲୀ, ସୁରେନ୍ଦ୍ର ପ୍ରଧାନ, ତାପସ କୁମାର ଆଚାର୍ଯ୍ୟ, କେଶବ ଜାଲି, ପୂର୍ବତନ ଜିଲା ପରିଷଦ ସଭ୍ୟ ନିରଞ୍ଜନ ନାଏକ, ମିଟୁ ପରିଡ଼ାଙ୍କ ସମେତ ବହୁ ସଂଖ୍ୟକ ମହିଳା ପୁରୁଷ ସମର୍ଥକ ସାମିଲ ଥିଲେ।

### ରାସ୍ତା, ନାଳ ନିର୍ମାଣ ନେଇ ଦାବିପତ୍ର

**ପାରଳାଖେମୁଣ୍ଡି,୧୮।୨(ଡି.ଏନ୍.ଏ.):** ପାରଳାଖେମୁଣ୍ଡି ପୌର ପରିଷଦର ୱାର୍ଡ ନଂ ୧ ଅନ୍ତର୍ଗତ ରେଲିପାପୁଡୁ ସାହିରେ ମଞ୍ଜୁରପ୍ରାପ୍ତ ସିସି ରାସ୍ତା ଓ ନାଳ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ନେଇ ଶୁକ୍ରବାର ସମ୍ପୃକ୍ତ ସାହିବାସୀ କେ.ଯୁବରାଜଙ୍କ ନେତୃତ୍ୱରେ ପୌର ପରିଷଦ ଅଧିକାରୀ ଜ୍ଞାନ ରଞ୍ଜନ ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରେଲିପାପୁଡୁ ସାହିର ରାସ୍ତା ଓ ନାଳ ନ ଥିବା ଯୋଗୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେବା ପରେ ସାହିର ଅଧା ରାସ୍ତା ଓ ନାଳ ପାରଳାଖେମୁଣ୍ଡି ବିଧାୟକଙ୍କ ଅନୁଦାନ ପାଣ୍ଠିରେ ନିର୍ମାଣ ହୋଇଥିଲା। ଆଉ ବାକି ରହି ଯାଇଥିବା ଅଧା କାମ ସମ୍ପୂର୍ଣ୍ଣ ପାଇଁ ପୌର ପରିଷଦଠାରେ ବାରମ୍ବାର ଦାବି ହୋଇଥିଲା। ଫଳରେ ପୌର ପରିଷଦ ପକ୍ଷରୁ ସରକାରଙ୍କ ଉନ୍ନତି ଯୋଜନାରେ ନିର୍ମାଣ ହେବାପାଇଁ ଏଷ୍ଟିମେଟ କରାଯାଇ ୩ ଲକ୍ଷ ୫୭ ହଜାର ୧୬୦ ଟଙ୍କାର ବ୍ୟୟ ଅଟକଳ କରାଯିବା ସହ ମଞ୍ଜୁର ହୋଇଥିଲା। ତେବେ ଏହା ହୋଇ ଦୀର୍ଘ ମାସ ବିତି ଯାଇଥିଲେ ମଧ ପୌର ପରିଷଦ କର୍ତ୍ତୃପକ୍ଷଙ୍କ ଉଦାସୀନତା ଓ ଅବହେଳା ଯୋଗୁ ଆଜିସୁଦ୍ଧା ସେହି ରାସ୍ତା ଓ ନାଳ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଉନି। ବର୍ଷା ହେଲେ ନାଳରୁ ପାଣି ଆସି ରାସ୍ତାରେ ଜମିରହୁଛି। ତେଣୁ ତୁରନ୍ତ ରେଲିପାପୁଡୁ ସାହିର ଅଧା ରହିଯାଇଥିବା ସିସି ରାସ୍ତା ଓ ନାଳ ନିର୍ମାଣ କରିବା ପାଇଁ ସାହିବାସୀ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଦାବି କରିଛନ୍ତି।

### ପାତ୍ରପୁର ବ୍ଲକରେ ନିର୍ବାଚନୀ ହିଂସା, ୨ ବାଇକ୍ ପୋଡ଼ିଲେ

ପାତ୍ରପୁର,୧୮।୨(ଡି.ଏନ.ଏ.) : ପାତ୍ରପୁର ବ୍ଲକରେ ଶୁକ୍ରବାର ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ସୁରଙ୍ଗୀ ମନ୍ଦରଡ଼ା ରାସ୍ତା ଲୁହୁରୁଣୀ ବଟଠାରେ ବିଜେଡି ଓ ଭାଜପା କର୍ମୀ ମଧ୍ୟରେ ହାତାହାତି ହେବାସହ ୨ଟି ବାଇକ୍ ପୋଡ଼ି ଦେଇଛନ୍ତି। ଏଥିରେ ଉଭୟ ଗୋଷ୍ଠୀର ୬ରୁ ଊର୍ଦ୍ଧ୍ୱ କର୍ମୀ ଆହତ ହୋଇଛନ୍ତି। ସୁରଙ୍ଗୀ ପଞ୍ଚାୟତର ବିଜେଡି କର୍ମୀମାନେ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବାଇକ ରାଲି କରି ଲୁହୁରୁଣୀ ବଟ ନିକଟରେ ପହଞ୍ଚିଥିଲେ। ଏହି ସମୟରେ ମନ୍ଦରଡା ପଞ୍ଚାୟତର ଭାଜପା କର୍ମୀମାନେ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପ୍ରଚାର ପାଇଁ ବାଇକରେ ବୁଲିବା ପରେ ଏହି ରାସ୍ତା ଦେଇ ହରଡମରା ଯାଉଥିଲେ। ଏହି ସମୟରେ କୌଣସି କଥାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଦୁଇ ଗୋଷ୍ଠୀର କିଛି ସମର୍ଥକ ବୁଝାଶୁଝା କରିବା ବେଳେ କିଛି କର୍ମୀ ପାହାଡ଼ରୁ ପଥର ମାଡ଼ କରିଥିଲେ। ଉଭୟ ଗୋଷ୍ଠୀର ଆହତଙ୍କୁ ସୁରଙ୍ଗୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ପହଞ୍ଚି ଦୁଇଗୋଷ୍ଠୀଙ୍କୁ ବୁଝାଶୁଝା କରିଛି।

### ଛତୁଚାଷ ତାଲିମ କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି,୧୮।୨(ଡି.ଏନ୍.ଏ.):** ଗଜପତି ଜିଲା ୟୁନିୟନ ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଦ୍ୱାରା ଖଜୁରିପଦା ଗ୍ରାମରେ ସ୍ୱୟଂ ସହାୟକ ମହିଳାମାନଙ୍କର ଛତୁ ଚାଷ ତାଲିମ କାର୍ଯ୍ୟକ୍ରମ ଗତ ୧୨ରୁ ଚାଲୁଛି। ଏହି ୧୦ ଦିନିଆ ତାଲିମ କାର୍ଯ୍ୟକ୍ରମରେ ଖଜୁରିପଦା ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମରୁ ମୋଟ ୩୫ ଜଣ ସ୍ୱୟଂ ସହାୟକ ଗ୍ରୁପ ସଦସ୍ୟା ଏବଂ ସେମାନଙ୍କର ପରିବାରର ମହିଳା ସଭ୍ୟା ତାଲିମ ନେଉଛନ୍ତି । ଗତ ୧୭ରେ ଏହି ପ୍ରଶିକ୍ଷାର୍ଥୀମାନେ ଆର.ଉଦୟଗିରିରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନରେ ଯାଇଥିଲେ। କେନ୍ଦ୍ର ମୁଖ୍ୟ ସଂଗ୍ରାମ ପରମଗୁରୁ ଏବଂ ଅନ୍ୟ ବୈଜ୍ଞାନିକମାନେ ପ୍ରଶିକ୍ଷାର୍ଥୀମାନଙ୍କୁ ଛତୁ ଚାଷ ସହିତ ଅନ୍ୟାନ୍ୟ କୃଷି ସମ୍ବନ୍ଧୀୟ ସୂଚନା ଦେଇଥିଲେ।

## ମୁଣ୍ଡିଆ ହନୁମାନ ପୀଠରେ ଶ୍ରୀରାମଚରିତ ମାନସ

ଖଣ୍ଡପଡ଼ା,୧୮।୨(ସ୍ୱ.ପ୍ର)

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ମର୍ଦ୍ଦରାଜପୁର ପଞ୍ଚାୟତସ୍ଥ ମୁଣ୍ଡିଆ ହନୁମାନ ପୀଠ ମୁକ୍ତି କ୍ଷେତ୍ରରେ ଶୁକ୍ରବାରଠାରୁ ୯ ଦିନ ବ୍ୟାପୀ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଆରମ୍ଭ ହୋଇଛି। ଅଧିବାସ ଅବସରରେ ଗ୍ରାମର ଶତାଧିକ ମହିଳାପୁରୁଷ ନିକଟସ୍ଥ ରଥିଆବନ୍ଧଠାରୁ ହନୁମାନ ଜୀଉଙ୍କ ଫଟୋଚିତ୍ରକୁ ଧରି ୧୮୦ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ପାହାଡ଼ ଉପରେ ବିରାଜିତ ମୁଣ୍ଡିଆ ହନୁମାନ ପୀଠକୁ ଆସିଥିଲେ। ପରେ ହନୁମାନ ଚାଳିଶା, ଅଙ୍କୁରା ରୋପଣ ଓ ଯଜ୍ଞାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଜ୍ଞପୀଠରେ ବିଭିନ୍ନ ପ୍ରବଚକଙ୍କ ଦ୍ୱାରା ପ୍ରଭୁ ଶ୍ରୀରାମଙ୍କ କଥାବସ୍ତୁ ଉପରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବିଶେଷକରି ଯଜ୍ଞ ପୁରୋଧା ଭାବେ ଗୋବର୍ଦ୍ଧନ ଷଡ଼ଙ୍ଗୀ ଓ ବ୍ୟାସ ଭାବେ ଶ୍ୟାମସୁନ୍ଦର ଦାସମହାରାଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରବକ୍ତା ପଣ୍ଡିତ ଶୁକଦେବ ମହାରଣା, ପଣ୍ଡିତ ବସନ୍ତ ବିଶୋଇ, ସୁଦାମ ଚରଣ ଦାସ ଓ ପଣ୍ଡିତ ବାବୁଲି କୋଠାଳଙ୍କ ଦ୍ୱାରା ଶ୍ରୀରାମ ନାମ ମାହାତ୍ମ୍ୟ, ସତୀ ମୋହ ଓ ଶିବ ବିବାହ, ରାମଜନ୍ମ, ସୀତା ବିବାହ, ପର୍ଶୁରାମ ଭେଟ, ମନ୍ଥରା ପ୍ରସଙ୍ଗ, ବନ ଗମନ, କୈବର୍ତ୍ତ ପ୍ରସଙ୍ଗ, ଭରତଙ୍କ ଚିତ୍ରକୂଟ ଯାତ୍ରା, ରାମ ଭରତ ମିଳନ, ସୀତା ଚୋରି, ବାଳି ବଧ, ଲକ୍ଷ୍ମଣଙ୍କ ଶକ୍ତିଭେଦ ଆଦି ବିଭିନ୍ନ ପ୍ରସଙ୍ଗ ପରିବେଷିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି।

## ମହିଳା ପ୍ରାର୍ଥୀଙ୍କ ପ୍ରଚାରରେ ମହିଳା ଯାଉଛନ୍ତି

ଖଣ୍ଡପଡ଼ା,୧୮।୨(ସ୍ୱ.ପ୍ର)

ଖଣ୍ଡପଡ଼ା ବ୍ଲକର କିଆଝର, କୋସକା, କଣ୍ଟିଲୋ ସମେତ ବିଭିନ୍ନ ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ମହିଳା ପ୍ରାର୍ଥୀଙ୍କ ପାଇଁ ମହିଳାମାନେ ଅଣ୍ଟା ଭିଡ଼ି ପ୍ରଚାର କାର୍ଯ୍ୟକୁ ଜୋର୍‌ଦାର କରିଥିବା ପରିଲକ୍ଷିତ ହେଉଛି। ଗାଁକୁ ଗାଁ ବୁଲି ମହିଳାମାନେ ଶୋଭାଯାତ୍ରାରେ ସାମିଲ ହେବା ସହ ଭୋଟରଙ୍କୁ ଭେଟି ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି। ମହିଳାମାନଙ୍କ ପ୍ରଚାରଶୈଳୀ ଭୋଟରଙ୍କୁ ଆକୃଷ୍ଟ କରୁଛି। ତେବେ କେତେଜଣ ମହିଳାଙ୍କ କହିବାର ଦକ୍ଷତା ନ ଥିବାରୁ ଭୋଟରମାନେ ତାଙ୍କ ପ୍ରତି ବିମୁଖ ହେଉଛନ୍ତି।




ଜଣେ ମହିଳା ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଚାଲିଛି।

## ସ୍କୁଟି ଦୁର୍ଘଟଣା, ୪ ଛାତ୍ରୀ ଗୁରୁତର

ବାଲିଗୁଡ଼ା/କ.ନୂଆଗାଁ,୧୮।୨(ଡି.ଏନ.ଏ.)

ବାଲିଗୁଡ଼ା ଥାନା ସୀତାପଡ଼ି ନିକଟ ବୁଲାଣି ରାସ୍ତାରେ ଶୁକ୍ରବାର ଏକ ସ୍କୁଟି ଦୁର୍ଘଟଣାରେ ଆଦିବାସୀ ମହାବିଦ୍ୟାଳୟର ୪ ଯୁକ୍ତ ୨ ଛାତ୍ରୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସର୍ତ୍ତିଗୁଡ଼ାର କାମିନୀ ପ୍ରଧାନ, ଗ୍ରେସି ଦିଗାଳ, ବାରଖମାର ଆରତି ଘଡ଼େଇ ଓ ସିନ୍ଧିପାଙ୍ଗାର ଆଥେଲିନ୍ ପ୍ରଧାନ। କ୍ଲାସ୍ ସରିବା ପରେ ବାଲିଗୁଡ଼ାରୁ ସୀତାପଡ଼ିକୁ ସ୍କୁଟିରେ ୪ ସାଙ୍ଗ ବୁଲିବାକୁ ଯାଇଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ।

## ବ୍ୟାନର ହଟାଇବାକୁ ଯାଇ ତହସିଲଦାର ହଟହଟା

ଜଗନ୍ନାଥପ୍ରସାଦ,୧୮।୨(ଡି.ଏନ.ଏ.)

ଜଗନ୍ନାଥପ୍ରସାଦ ତହସିଲଦାର ମନୋଜ କୁମାର ତ୍ରିପାଠୀ ଶୁକ୍ରବାର ଗଣ୍ଡାଧରଠାରେ ଭାଜପା ପୋଷ୍ଟର ଚିରି ହଟହଟା ହୋଇଛନ୍ତି। ତହସିଲଦାର ଗଣ୍ଡାଧର ଗ୍ରାମର ମୁଖ୍ୟ ୨୧ନମ୍ବର ରାଜ୍ୟ ରାଜପଥ ରାସ୍ତା ଉଭୟ ପାର୍ଶ୍ୱରେ ଲାଗିଥିବା ଭାଜପା ବ୍ୟାନର ଓ ପୋଷ୍ଟରକୁ ହଟାଉଥିଲେ। ଏହି ସମୟରେ ଭାଜପା କର୍ମୀମାନେ ଉକ୍ତ ସ୍ଥାନରେ ପହଞ୍ଚି ପ୍ରତିବାଦ କରିଥିଲେ। ଖବର ପାଇ ଗଣ୍ଡାଧରର ପୂର୍ବତନ ସରପଞ୍ଚ ସୂର୍ଯ୍ୟ ନାରାୟଣ ନାୟକ ସେଠାରେ ପହଞ୍ଚି ଏହାର ପ୍ରତିବାଦ କରିବାକୁ ଯାଇ ବିଜେଡିର ବ୍ୟାନର ପୋଷ୍ଟର କାଢିବା ପାଇଁ ଦାବି କରିବା ସହ ତହସିଲଦାରଙ୍କ ଗାଡ଼ି ସମ୍ମୁଖରେ ବସି ରହିଥିଲେ। ଏ ନେଇ ଉକ୍ତ ସ୍ଥାନରେ ହୋହାଲ୍ଲା ହୋଇଥିଲା। କୌଣସି ଅଘଟଣ ଘଟିବା ଆଶଙ୍କାକୁ ଲକ୍ଷ୍ୟ କରି ସ୍ଥାନୀୟ ପୋଲିସ ପହଞ୍ଚି ଆଲୋଚନା ପରେ ଶେଷରେ ବାଧହୋଇ ସମସ୍ତ ଦଳର ବ୍ୟାନର ପୋଷ୍ଟର ହଟାଇବା ପାଇଁ ନିଷ୍ପତ୍ତି ନିଆଯାଇ ରାସ୍ତାରେ ଲାଗିଥିବା ସବୁ ପୋଷ୍ଟର ବାହାର କରାଯାଇଥିଲା।



ବ୍ୟାନର ହଟାଇବାକୁ ବିରୋଧ କରାଯାଉଛି।

## ପ୍ରାର୍ଥୀଙ୍କ ଦକ୍ଷତା, ବ୍ୟକ୍ତିତ୍ୱ ଉପରେ ଭୋଟରଙ୍କ ନଜର

ଖଣ୍ଡପଡା,୧୮।୨(ସ୍ୱ.ପ୍ର.)

**କୁମ୍ଭାରପଡ଼ା ପଞ୍ଚାୟତ ନିର୍ବାଚନ**

ଖଣ୍ଡପଡ଼ା ବ୍ଲକର ୫ନଂ. ଜିଲା ପରିଷଦ ଜୋନ୍ ଅଧୀନରେ ଥିବା ୧୪ ୱାର୍ଡବିଶିଷ୍ଟ କୁମ୍ଭାରପଡ଼ା ପଞ୍ଚାୟତର ଭୋଟର ସଂଖ୍ୟା ୨୬୨୫। ପଞ୍ଚାୟତରେ ୧୧ନଂ. ଓ ୧୪ ନଂ. ୱାର୍ଡମେମ୍ବର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି। ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ୩ ଜଣ ଓ ସମିତିସଭ୍ୟ ପଦବୀ ନିମନ୍ତେ ୪ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀ ଗାଁକୁ ଗାଁ ବୁଲି ଭୋଟ ଭିକ୍ଷା କରୁଛନ୍ତି। ହେଲେ ଭୋଟର ପ୍ରାର୍ଥୀଙ୍କ ଦକ୍ଷତା ଓ ବ୍ୟକ୍ତିତ୍ୱ ଉପରେ ନଜର ରଖିଥିବା ଜଣାପଡ଼ିଛି। ଉଭୟ ପଦବୀ ନିମନ୍ତେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ରାଜନୈତିକ ବିଶ୍ଳେଷକମାନେ ମତବ୍ୟକ୍ତ କରିଛନ୍ତି। ଉଭୟ ପଦବୀ ଅସଂରକ୍ଷିତ ରହିଥିବା ବେଳେ ସରପଞ୍ଚ ପଦବୀ ପାଇଁ ଚିନ୍ମୟ ପଣ୍ଡା ଓ ଶକ୍ତିକାନ୍ତ ସାହୁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ସେହିପରି ସମିତିସଭ୍ୟ ପଦବୀ ପାଇଁ ୪ ଜଣ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରୁ ପୂର୍ବତନ ସମିତିସଭ୍ୟ ସୂର୍ଯ୍ୟନାରାୟଣ ପ୍ରଧାନ ଓ ନରେନ୍ଦ୍ରନାଥ ଦାସଙ୍କ ମଧ୍ୟରେ ଦ୍ୱିମୁଖୀ ଲଢ଼େଇ ହେଉଛି। ଉଭୟ ପ୍ରାର୍ଥୀଙ୍କ ମଧ୍ୟରୁ ଜଣେ ବିଜେଡି ସମର୍ଥିତ ଓ ଅନ୍ୟ ଜଣେ ଅସନ୍ତୁଷ୍ଟ ବିଜେଡି ହୋଇଥିବାରୁ ଗୋଷ୍ଠୀକନ୍ଦଳ ପଦାରେ ପଡ଼ିଛି।

## ପାନୀୟ ଜଳ ଯୋଗାଣ ବନ୍ଦ, ଲୋକ ହଇରାଣ

ଦଶପଲ୍ଲା, ୧୮।୨( ଡି.ଏନ.ଏ.)

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକରା ପଞ୍ଚାୟତ ଅନ୍ତର୍ଗତ ବୁଗୁଡାରେ ପାନୀୟ ଜଳଯୋଗାଣ ପ୍ରକଳ୍ପଟି ୩ ଦିନ ହେବ ଯାନ୍ତ୍ରୀକ ତ୍ରୁଟି ଯୋଗୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇ ପଡିଛି। ଫଳରେ ଉକ୍ତ ଅଞ୍ଚଳର ଲୋକ ପାନୀୟ ଜଳ ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଗ୍ରାମରେ ଥିବା ନଳକୂପଗୁଡ଼ିକରୁ ଫ୍ଲୋରାଇଡ୍ ଯୁକ୍ତ ଅନୁପଯୋଗୀ ପାନୀୟ ଜଳ ବାହାରୁଛି। ଗ୍ରାମବାସୀ ସମ୍ପୂର୍ଣ୍ଣ ଭାବେରେ ପାନୀୟ ଜଳ ପ୍ରକଳ୍ପ ଉପରେ ନୀର୍ଭର କରିଥାନ୍ତି। ବୁଗୁଡା ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବସୁଧା ଯୋଜନାରେ ଏକ ଉଚ୍ଚ କ୍ଷମତା ସମ୍ପୂର୍ଣ୍ଣ ପାଣିଟାଙ୍କି ସ୍ଥାପନ କରି ପ୍ରତି ପରିବାରକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ବାରମ୍ବାର ଦାବି ହେଉଛି। ହେଲେ ବିଭାଗୀୟ ଅଧିକାରୀ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଅତୀତରେ ବୁଗୁଡା ଅଙ୍ଗନୱାଡି କେନ୍ଦ୍ର ନିକଟରେ ଏକ ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ପାଣି ଟାଙ୍କି ନିର୍ମାଣ ପାଇଁ ସ୍ଥାନ ନିରୂପଣ କରି କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବିଭାଗୀୟ ଉଦାସୀନତା ଯୋଗୁ, ତାହା ଅଦ୍ୟାବଧି ନିର୍ମାଣ ହୋଇପାରିନାହିଁ। ବୁଗୁଡା ପାନୀୟ ଜଳ ପ୍ରକଳ୍ପଟି ମାସର ଅଧିକାଂଶ ସମୟ ବିଭିନ୍ନ କାରଣରୁ ବନ୍ଦ ରହୁଥିବାରୁ ପାନୀୟ ଜଳଯୋଗାଣ ବାଧାପ୍ରାପ୍ତ ହେଉଛି। ବୁଗୁଡା ଗ୍ରାମ ସମେତ ବୁଗୁଡା କଲୋନୀ, ବାଲିସାହିର ପ୍ରାୟ ୨୦୦ ପରିବାର ଏହା ଉପରେ ନିର୍ଭର କରୁଥିବା ବେଳେ ପ୍ରାୟ ୪ ଦିନ ହେବ ଲୋକେ ମୁନ୍ଦାଏ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି।




ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇ ପଡିଛି।

## ଘାଟିରେ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ, ୨ ମୃତ

ଆର.ଉଦୟଗିରି,ଛତ୍ରପୁର,୧୮।୨ (ଡି.ଏନ୍.ଏ.)

ଗଜପତି ଜିଲା ଆର.ଉଦୟଗିରି ଥାନା କାନକଟା ଘାଟିରେ ଏକ ପିକ୍ଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୨ ଜଣ ଆହତ ହୋଇଛନ୍ତି। ଅବସ୍ଥା ଗୁରୁତର ଥିବାରୁ ୭ ଜଣଙ୍କୁ ଚନ୍ଦ୍ରଗିରି ସ୍ୱାସ୍ଥ୍ୟକେନ୍ଦ୍ରରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମୋହନା ଥାନା ଉରାବ ଗାଁର ଏକ ଭୋଜି ସାରି ପରିବାର ଲୋକେ ଝିଅକୁ ଗଞ୍ଜାମ ଜିଲା ପଙ୍କାଳ ଗାଁକୁ ମାଉସୀ ଘରେ ଛାଡି ଆସିବାକୁ ପିକ୍ଅପ୍ ଭ୍ୟାନ ଯୋଗେ ଯାଉଥିଲେ। ତେବେ ବାଟରେ ଘାଟି ରାସ୍ତାରେ ଗାଡି ଦୁର୍ଘଟଣାଗ୍ରସ୍ତ ହେବାରୁ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଥିବା ଅନ୍ୟମାନେ ଗୁରୁତର ହୋଇଥିଲେ। ମୃତକଙ୍କ ପରିଚୟ ମିଳିପାରିନି। ଆହତମାନଙ୍କୁ ଚନ୍ଦ୍ରଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ୭ ଜଣଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଘନଶ୍ୟାମ ବେହେରଦଳାଇଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି।

## ଟାଟା ଏସିଇ-ବାଇକ୍ ମୁହାଁମୁହିଁ ଧକ୍କା, ୨ ମୃତ

ଶେରଗଡ଼,୧୮।୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ସ୍ଥାନୀୟ ତହସିଲ କ୍ୱାର୍ଟର୍ସ ଆଗରେ ଗତ ଗୁରୁବାର ରାତିରେ ଶେରଗଡ଼ରୁ ଧବଳପୁର ଯାଉଥିବା ଟାଟା ଏସିଇକୁ ତାକରଡା ଗ୍ରାମ ପଟୁ ଆସୁଥିବା ଏକ ବାଇକ୍ ଧକ୍କା ଦେଇଥିଲା। ଏଥିରେ ୩ ଜଣ ଗୁରୁତର ହୋଇଥିଲେ। ସେମାନେ ହେଲେ ଟାଟା ଏସିଇ ଚାଳକ କୁନା ମଲିକ, ବାଇକ୍ ଆରୋହୀ ତାକରଡ଼ାର ମିଟୁ ଗୌଡ଼ ଓ ତ୍ରିଲୋଚନ ଗୌଡ଼। ସମସ୍ତଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ମିଟୁ ଓ ତ୍ରିଲୋଚନଙ୍କ ମୃତ୍ୟୁ ଘଟିଛି। କୁନାଙ୍କ ଅବସ୍ଥା ଗୁରୁତର ହେବାରୁ ବିଶାଖାପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି। ଏ ନେଇ ଶେରଗଡ଼ ଥାନାରେ ନଂ.୩୯/୨୨ରେ ମାମଲା ରୁଜୁ ହୋଇଛି।

## ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର

ଖଲ୍ଲିକୋଟ,୧୮।୨(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ୧୩ନଂ ଜିଲା ପରିଷଦ ଜୋନ ଆଲପୁର ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀ ଆଲପୁର ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ନିର୍ବାଚନ ପ୍ରଚାର କରିଥିଲେ। ଆଲପୁର ପଞ୍ଚାୟତର ଉଚ୍ଚ ଶିକ୍ଷିତା ମହିଳା ରଶ୍ମିତା ପାତ୍ର ସରପଞ୍ଚ ଏବଂ ନବଘନ ପ୍ରଧାନ ସମିତିସଭ୍ୟ ପ୍ରାର୍ଥୀ ଘର ଘର ବୁଲି ଭୋଟ ଭିକ୍ଷା କରିଥିଲେ। ଆଲପୁର ପଞ୍ଚାୟତର ସର୍ବାଙ୍ଗିନ ଉନ୍ନତି, ସାଧାରଣ ଲୋକଙ୍କ ସମସ୍ୟା ଦୂର କରିବା ପ୍ରଧାନ ଲକ୍ଷ୍ୟ ବୋଲି ରଶ୍ମିତା ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ। ଏହି ନିର୍ବାଚନ ପ୍ରଚାର ରାଲିରେ ଶକଳେଶ୍ୱର ଦାସ, ଘନ ପାତ୍ରଙ୍କ ସମେତ ଆଲପୁର ପଞ୍ଚାୟତର ପାଞ୍ଚଶହରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ସମର୍ଥକ ସାମିଲ ଥିଲେ।

# ବିକଳ୍ପ ଖୋଜୁଛନ୍ତି ଭୋଟର

ନୟାଗଡ଼ ଅଫିସ,୧୮।୨

**ନୟାଗଡ଼ ବ୍ଲକ**
- ଗଡ଼ ରକ୍ଷା କଷ୍ଟକର ହୋଇପାରେ
- ୧୫ନଂ. ଜିଲା ପରିଷଦ ଜୋନ୍

ନୟାଗଡ଼ ବ୍ଲକ ୧୫ନଂ. ଜିଲା ପରିଷଦ ଜୋନ୍ ଗମ୍ଭାରିଡିହି, ଇଟିରି, କାଳିକାପ୍ରସାଦ, କେନ୍ଦୁଡ଼ିପି, ଜେମାଦେଇପୁରପାଟଣା, ଲାଠିପଡା, ନୋତର ଆଦି ୭ ପଞ୍ଚାୟତକୁ ନେଇ ଗଠିତ। ଏହି ଜୋନ୍‌ରେ ବିଜେଡିର ବିକଳ୍ପ ଖୋଜୁଛନ୍ତି ଭୋଟର ବୋଲି ରାଜନୈତିକ ବିଶ୍ଳେଷକମାନେ କହିଛନ୍ତି। ଏଣୁ ବିଜେଡିକୁ ଗଡ଼ରକ୍ଷା କରିବା କଷ୍ଟକର ହୋଇପାରେ। ଏଠାରେ ଅନ୍ୟ କେହି ପ୍ରାର୍ଥୀ ନ ଥିବାରୁ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ସୌମ୍ୟରଞ୍ଜନ ପ୍ରଧାନ ଭାଜପାରୁ, ଆଦିତ୍ୟ ପ୍ରସାଦ ପରିଡ଼ା କଂଗ୍ରେସରୁ ଓ ବିଜେଡିର ସରୋଜ କୁମାର ରଣସିଂହ ନିର୍ବାଚନ ଲଢୁଛନ୍ତି। ଏହି ଜୋନ୍‌ଟି ଏବେ ବିଜେଡି ଦଖଲରେ ରହିଛି। ଏଠାରେ କଂଗ୍ରେସ ଓ ଭାଜପା ବିଜେଡିକୁ ଟକ୍କର ଦେଉଛନ୍ତି। ଭାଜପା ପ୍ରାର୍ଥୀ ସୌମ୍ୟରଞ୍ଜନ ଜଣେ ଇଞ୍ଜିନିୟର। ସେ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ସରପଞ୍ଚ ଥିଲେ। ନୟାଗଡ଼ ବିଧାୟକ ଅରୁଣ ସାହୁଙ୍କର ଖାସ୍ ଲୋକ। ଯଦୁପୁରର ପରୀ ହତ୍ୟାକାଣ୍ଡକୁ ଲୋକଲୋଚନକୁ ଆଣିବାରୁ ବିଧାୟକଙ୍କ ସହ ଆଉ ପଡ଼ି ନ ଥିଲା। ସେତେବେଳେ ପରୀ ଘଟଣା ରାଜ୍ୟରେ ଝଡ଼ ସୃଷ୍ଟି କରିଥିଲା। ଏଥିପାଇଁ ସୌମ୍ୟଙ୍କୁ ଅନାସ୍ଥା ଭୋଟରେ ବିଦା କରାଯାଇଥିଲା। ପରେ ଭାଜପା ସୌମ୍ୟଙ୍କୁ ପ୍ରାର୍ଥୀ କରିଛି। ବିଜେଡିକୁ ହରାଇବାକୁ ସେ ରଣନୀତି ପ୍ରସ୍ତୁତ କରିଛନ୍ତି। ସୌମ୍ୟ ବିଭିନ୍ନ ଗାଁ, ୱାର୍ଡକୁ ଯାଇ ବିଜେଡି ସରକାରର ବିଭିନ୍ନ ଗୁମର ଖୋଲି ଭୋଟ ଭିକ୍ଷା କରିଛନ୍ତି। ସୌମ୍ୟ କୁହନ୍ତି, ସେ ବିଧାୟକଙ୍କ ସହ ଲଢ଼େଇ କରୁଛନ୍ତି। ପରୀ କିପରି ନ୍ୟାୟ ପାଇବ ସେନେଇ ତାଙ୍କ ଲଢ଼େଇ ଜାରି ରହିଛି। ତାଙ୍କ ସହ ଭୋଟର ଥିବାବେଳେ ପରିବର୍ତ୍ତନର ଝଡ଼ ଏଥର ତାଙ୍କ ବିଜୟରେ ସହାୟକ ହେବ ବୋଲି କହିଛନ୍ତି। ବିଜେଡି ପ୍ରାର୍ଥୀ ସରୋଜ କୁମାର ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ନେଇ ଲୋକଙ୍କ ପାଖକୁ ଯାଉଛନ୍ତି। ଏଥିରେ ତାଙ୍କୁ ନୟାଗଡ଼ ବିଧାୟକ ସହଯୋଗ କରୁଛନ୍ତି। କିନ୍ତୁ କଂଗ୍ରେସ ପ୍ରାର୍ଥୀ ଆଦିତ୍ୟ ନିର୍ମଳ ଭାବମୂର୍ତ୍ତି ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଦୁର୍ନୀତି ଲୋକଲୋଚନକୁ ଆଣି ଭୋଟରଙ୍କୁ ଭେଟୁଛନ୍ତି। ତାଙ୍କୁ କଂଗ୍ରେସର ଜିଲା ସଭାପତି ରଣଜିତ୍ ଦାଶ ସହଯୋଗ କରୁଛନ୍ତି। ଏସବୁ ସତ୍ତ୍ୱେ ବିଜେଡିର ଭଲ ସଙ୍ଗଠନ ରହିଛି। ହେଲେ ବହୁ ପୁରୁଣା ନେତା ଅଣଦେଖା ହୋଇ ରହୁଥିବାରୁ ଦଳଠାରୁ ଦୂରେଇ ଯାଇଛନ୍ତି। ପୁଣି କେତେଜଣ ଆଶାୟୀ କ୍ଷେତ୍ର ପ୍ରସ୍ତୁତ କରି ନିରାଶ ହେବା ପରେ ମେଳି ହୋଇ ଦଳୀୟ ପ୍ରାର୍ଥୀଙ୍କ ପରାଜୟ ପାଇଁ ଗୋଟିଚାଳନା କରୁଛନ୍ତି, ଯାହା ସରପଞ୍ଚ, ସମିତିସଭ୍ୟ ଓ ଜିଲା ପରିଷଦ ପ୍ରାର୍ଥୀଙ୍କ ଭୋଟ ବିଭାଜନ କରିବ। ଦଳୀୟ କନ୍ଦଳ ଏଠାରେ ବିଜେଡି ପାଇଁ ମହଙ୍ଗା ପଡ଼ିପାରେ।

ଏ ନେଇ ବିଜେଡିର ଜଣେ କର୍ମୀ ନାମ ଗୋପନ ରଖି କହିଛନ୍ତି, ପ୍ରତିଦିନ ବିଜେଡିରେ ନୂଆ ନେତା, କର୍ମୀ ସମର୍ଥକ ମିଶୁଛନ୍ତି। ହେଲେ ପୁରୁଣା କର୍ମୀ, ସମର୍ଥକ, ଆଞ୍ଚଳିକ ନେତାଙ୍କୁ ଅଣଦେଖା କରାଯାଉଛି। ଦଳରେ ଗଣତନ୍ତ୍ର ଆଉ ନାହିଁ। ଏକଛତ୍ରବାଦ୍ ଶାସନ ଚାଲିଛି। ଲୋକଙ୍କୁ ବିକାଶ ନାଁରେ ଭୁଆଁ ବୁଲାଯାଉଛି। କଂଗ୍ରେସ ଯେପରି ଆତ୍ମଗର୍ବ କରି ଭୋଟରଙ୍କଠାରୁ ଦୂରେଇଗଲା, ବିଜେଡିକୁ ମଧ୍ୟ ସେହି ଦଶା ଭୋଗିବାକୁ ପଡ଼ିବ। ସେହି ସମୟ ନିକଟତର ହେଲାଣି। ବିଜେଡି ମୁଖ୍ୟମନ୍ତ୍ରୀଙ୍କ ଚେହେରାକୁ ନେଇ ବଢୁଛି। ଏଥର ନିର୍ବାଚନରେ ଭୋଟର ବିକଳ୍ପ ଖୋଜିବା ଆରମ୍ଭ କଲେଣି। ଭୋଟର ଅସନ୍ତୁଷ୍ଟ ହୋଇ ଅନ୍ୟ ଦଳକୁ ଭୋଟ ଦେବା ପାଇଁ ବଦଳି ଗଲେଣି ବୋଲି କହିଥିଲେ। କଂଗ୍ରେସର ଜଣେ ସମର୍ଥକ କହିଛନ୍ତି ଯେ, ବିକାଶର ନାରା ଦିଆଯାଉଥିବାବେଳେ ଦୁର୍ନୀତିରେ ଲୋକ କିପରି ଚିନ୍ତିତ ହୋଇପଡୁଛନ୍ତି ସେନେଇ ଶାସକ ଦଳ ବୁଝିବାକୁ ପ୍ରସ୍ତୁତ ନୁହେଁ। ଧାନର ଅଭାବୀ ବିକ୍ରି, ଚାଷୀ ଆଖି ପ୍ରାପ୍ୟ ପାଇଲେନି, ଚିଟ୍‌ଫଣ୍ଡ ଟଙ୍କାରେ କେଳେଙ୍କାରି, ଆବାସ ଯୋଜନାରେ ଘର ମିଳୁନି, ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ନ ମିଳିବା ପରି ଅନେକ ଅସୁବିଧା ରହିଛି। ଏହାର ସମାଧାନ ନ ଥିବାରୁ ପ୍ରଭାବ ଭୋଟ୍‌ରେ ପଡ଼ିବ ବୋଲି କହିଛନ୍ତି। ଏଥର ଶାସକ ଦଳକୁ ଜିତିବା କାଠିକର ହେବ ବୋଲି ସେ କହିଛନ୍ତି।